# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜୁନ୍ ୧୯/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) | Sambalpur, Sunday, June 19/2022 | Page 14 | ₹ 7.00 | ★★

୪୮ଶ ଭାଗ ୧୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



75 Azadi Ka Amrit Mahotsav

PATANJALI® wellness

Yoga, Ayurveda & Naturopathy

Patanjali Yogpeeth, Haridwar

ରାଷ୍ଟ୍ରହିତରେ ଏହି ବାର୍ତ୍ତାକୁ କୋଟି କୋଟି ଲୋକଙ୍କ ପର୍ଯ୍ୟନ୍ତ ପହଞ୍ଚାନ୍ତୁ ।

# ଅନ୍ତର୍ଜାତୀୟ ଯୋଗ ଦିବସ

**ଜୁନ୍ 21, 2022 ତାରିଖର ଏହି ପବିତ୍ର କାର୍ଯ୍ୟକ୍ରମରେ, ଆସନ୍ତୁ ଆମେ ସମସ୍ତେ ପ୍ରତିଦିନ ଯୋଗଋଷି ସ୍ୱାମୀ ରାମଦେବଜୀଙ୍କ ସହିତ ବୈଦିକ ଆସ୍ଥା ଚ୍ୟାନେଲରେ ପ୍ରାତଃ 5 ଘଟିକାରୁ 7.30 ଘଟିକା ପର୍ଯ୍ୟନ୍ତ ପ୍ରସାରିତ ହେଉଥିବା ଲାଇଭ୍ ଯୋଗ ଅଧିବେଶନ ମାଧ୍ୟମରେ ଯୋଗ କରିବାର ସଂକଳ୍ପ ନେବା । ଯୋଗ ଦିବସରେ ଅନ୍ୟାନ୍ୟ ରାଷ୍ଟ୍ରୀୟ ଏବଂ ଆଞ୍ଚଳିକ ନ୍ୟୁଜ୍ ଚ୍ୟାନେଲରେ ତାଙ୍କୁ ଲାଇଭ୍ ଦେଖନ୍ତୁ ।**

ଆସନ୍ତୁ, ''ଆଜାଦୀ କା ଅମୃତ ମହୋତ୍ସବ''ର ମହାନ୍ ଅବସରରେ ଦୈନିକ ଯୋଗାଭ୍ୟାସ କରି ନିଜକୁ ସବୁ ପ୍ରକାର ରୋଗ ଏବଂ ନିଶା, ହିଂସା, ନକାରାତ୍ମକ ଚିନ୍ତା କିମ୍ବା ଭାବାବେଗ ତଥା ସବୁ ପ୍ରକାର ଅମାନବିକ ପ୍ରବୃତ୍ତିରୁ ମୁକ୍ତ କରିବାର ଶପଥ ନେବା ଏବଂ ଆତ୍ମନିର୍ଭରତାର ଲକ୍ଷ୍ୟକୁ ହାସଲ କରିବା ପାଇଁ ନିଜର ଚିନ୍ତାଧାରା ଓ ଆବେଗରେ ''ସ୍ୱଦେଶୀ''କୁ ଆପଣାଇବା ପାଇଁ ପ୍ରତିବଦ୍ଧ ହେବା ।

ରାଷ୍ଟ୍ର ତଥା ସମର୍ପିତ ପତଞ୍ଜଳି ସ୍ୱେଚ୍ଛାସେବୀଙ୍କ ସହଯୋଗ ସହିତ, ଆମେ ସାରା ଦେଶରେ ପାଖାପାଖି 500 ବ୍ଲକ୍ ଓ 500 ଜିଲ୍ଲାରେ 75ଟି ଐତିହାସିକ ତଥା ସାଂସ୍କୃତିକ ଦୃଷ୍ଟିରୁ ବିଶିଷ୍ଟ ସ୍ଥାନଗୁଡ଼ିକରେ ଯୋଗ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛୁ । ନିଜର ଶାରୀରିକ ଏବଂ ମାନସିକ ଶକ୍ତିକୁ ପୁନରୁଜ୍ଜୀବିତ କରିବା ଏବଂ ପାରମ୍ପରିକ ଯୋଗାଭ୍ୟାସ ଓ ଭାରତୀୟ ସଂସ୍କୃତିର ଐତିହ୍ୟରେ ଅଂଶବିଶେଷ ହୋଇ ଗର୍ବିତ ଅନୁଭବ କରିବା ପାଇଁ ଏହି ''ଯୋଗ ମହୋତ୍ସବ''ରେ ଅଂଶଗ୍ରହଣ କରିବା ଲାଗି ଆମେ ଆପଣଙ୍କୁ ଉତ୍ସାହିତ କରୁଛୁ ।

**ପତଞ୍ଜଳି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍:** ପତଞ୍ଜଳି ମୂଳଭୁତ ରୂପେ ପ୍ରମାଣ-ଭିତ୍ତିକ ଗବେଷଣା ଏବଂ ସମକାଳୀନ ବିଜ୍ଞାନ ଉପରେ ଆଧାରିତ ଅଟେ । 500ରୁ ଅଧିକ ଗବେଷଣା ବିଷୟ ଉପରେ ପତଞ୍ଜଳିର ଉନ୍ନତ ଗବେଷଣା ଏବଂ ଅନ୍ତର୍ଜାତୀୟ ଗବେଷଣା ପ୍ରକାଶନ ତଥା ପୁସ୍ତକ ବିଷୟରେ ପଢ଼ିବା ଓ ଜାଣିବା ପାଇଁ ଦୟାକରି ପତଞ୍ଜଳି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ୱେବ୍‌ସାଇଟ୍: **www.patanjali.res.in** ପରିଦର୍ଶନ କରନ୍ତୁ ।




ଏଲୋପାଥିକ୍ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀଗୁଡ଼ିକ ଏକ ସାମୂହିକ ମିଥ୍ୟା ଓ ଭ୍ରାନ୍ତି ବ୍ୟାପ୍ତ କରିଛନ୍ତି ଯେ ଖରାପ ଜୀବନଶୈଳୀ, ଦୀର୍ଘସ୍ଥାୟୀ ଅସୁସ୍ଥତା, ଜେନେଟିକ୍ ବିକାର ଆଦିରୁ ଜାତ ରୋଗଗୁଡ଼ିକ ପାଇଁ କୌଣସି ସ୍ଥାୟୀ ସମାଧାନ ନାହିଁ ଏବଂ ସେଗୁଡ଼ିକୁ ଦୁଃସାଧ୍ୟ ରୋଗ ଭାବେ ଘୋଷଣା କରିଦେଇଛନ୍ତି । କିନ୍ତୁ ବିଗତ ତିନି ଦଶନ୍ଧି ଧରି ଆମେ ଯୋଗ ମାଧ୍ୟମରେ ଲକ୍ଷ ଲକ୍ଷ ଲୋକଙ୍କୁ ସେମାନଙ୍କର ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ସ୍ତରରେ ସର୍ବାଙ୍ଗୀନ ସ୍ୱାସ୍ଥ୍ୟ ସମାଧାନ ଯୋଗାଇଆସିଛୁ । ଆମେ ବିପି, ଡାଇବେଟିସ୍, ଥାଇରଏଡ୍, ଶ୍ୱାସରୋଗ, ଗଣ୍ଠିବାତ, ସନ୍ତାନହୀତା, ଆଙ୍କିଲୁଜିଂ ସ୍ପଣ୍ଡିଲାଇଟିସ୍, ଟାଇପ୍ I ଡାଇବେଟିସ୍, ପାର୍କିନ୍‌ସନ୍ସ, କ୍ରୋନିକ୍ କିଡ୍‌ନୀ ଓ ଲିଭର ରୋଗ ଯେପରିକି ଫ୍ୟାଟି ଲିଭର, ଲିଭର୍ ସିରୋସିସ୍; ଦୀର୍ଘସ୍ଥାୟୀ ଚର୍ମ ସମସ୍ୟା ଯେପରିକି ସୋରିଆସିସ୍, ଏକ୍‌ଜିମା, ଲ୍ୟୁକୋଡର୍ମା ଆଦି ଭଳି ଅନେକ ରୋଗକୁ ଆରୋଗ୍ୟ କରିବା ପାଇଁ ଗବେଷଣା ଏବଂ ପ୍ରମାଣ-ଭିତ୍ତିକ ଚିକିତ୍ସା ସେବା ପ୍ରଦାନ କରିଆସୁଛୁ । ଏଲୋପାଥିକ୍ ଔଷଧ ଉଦ୍ୟୋଗଗୁଡ଼ିକର ଭ୍ରାନ୍ତିକର ବିଜ୍ଞାପନ ଜନସାଧାରଣଙ୍କ ମନରେ ଏହି ଭୁଲ୍ ଧାରଣା ସୃଷ୍ଟି କରାଇଦେଇଛି ଯେ ଏହିସବୁ ରୋଗ ପାଇଁ କୌଣସି ସ୍ଥାୟୀ ସମାଧାନ ନାହିଁ ଏବଂ ସେମାନେ ଏହି ସିଦ୍ଧାନ୍ତକୁ ବିଶ୍ୱାସ କରୁଛନ୍ତି । ଯଦି ଆପଣଙ୍କ ପରିବାରର କେହି ଏପରି ରୋଗରେ ପୀଡ଼ିତ ଅଛନ୍ତି, ଦୟାକରି ନିଃସଙ୍କୋଚରେ ପତଞ୍ଜଳି ୱେଲନେସ୍, ପତଞ୍ଜଳି ଯୋଗପୀଠ ଫେଜ୍-IIରେ ଅତିକମ୍‌ରେ ଏକରୁ ଦୁଇ ସପ୍ତାହ ପାଇଁ ଚିକିତ୍ସା କରନ୍ତୁ ଏବଂ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଆସୁଥିବା ଉନ୍ନତିକୁ ଦେଖନ୍ତୁ ଏବଂ ଉକ୍ତ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକୁ ସବୁଦିନ ପାଇଁ ଦୂର କରନ୍ତୁ ।

ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ

**Patanjali Wellness** 8954890210

**Patanjali Yog Gram** 8954890120

**Patanjali Niramayam** 7456004597

Email: booking@patanjaliwellness.com | Website: www.patanjaliwellness.com

ବୁକିଂ ପାଇଁ ସ୍କାନ୍ କରନ୍ତୁ:-

ଯୋଗ, ଆୟୁର୍ବେଦ, ନେଚୁରୋପାଥି, ବ୍ୟାକରଣ ଏବଂ ଭାଷାଶାସ୍ତ୍ର, ଦର୍ଶନଶାସ୍ତ୍ର'ଏବଂ ଭାରତୀୟ ପ୍ରାଚୀନ ଜ୍ଞାନ ଶିଖିବା ପାଇଁ ଖ୍ୟାତନାମା ଆଦର୍ଶ ବିଶ୍ୱବିଦ୍ୟାଳୟ । ପ୍ରତିବର୍ଷ ଟ.1 ଲକ୍ଷ ମୂଲ୍ୟର ପୁରସ୍କାର ଏବଂ ଅଧ୍ୟୟନ ଶେଷରେ ପ୍ଲେସ୍‌ମେଣ୍ଟର ଗ୍ୟାରେଣ୍ଟି । ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ-

9520984212 | Website: www.universityofpatanjali.com

BHARTIYA SHIKSHA BOARD

ଶିକ୍ଷାର ରାଷ୍ଟ୍ରୀୟକରଣ ସହିତ ଆଧୁନିକ ଶିକ୍ଷାର ସମ୍ମିଶ୍ରଣ । ଗୁରୁକୁଳ ଏବଂ ଗୁରୁ-ଶିଷ୍ୟ ସମ୍ପର୍କରେ ପ୍ରାଚୀନ ପରମ୍ପରାକୁ ପୁନରୁଦ୍ଧାର କରିବା ସହ ଦିବ୍ୟ ବ୍ୟକ୍ତିତ୍ୱ ଏବଂ ଦିବ୍ୟ ନେତୃତ୍ୱ ଗଢ଼ିବାର ଏକ ଅଭିଯାନ ।

Website: www.acharyakulam.org

PATANJALI® Ayurved Limited

ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ଦାସତ୍ୱରୁ ନିଜକୁ ମୁକ୍ତ କରିବାର ଶପଥ ଏବଂ ସ୍ୱଦେଶୀ ମାର୍ଗ ଆପଣାଇ ଆତ୍ମନିର୍ଭର ହେବାର ପ୍ରତିବଦ୍ଧତା ।

PRF

**ଯୋଗ, ଆୟୁର୍ବେଦ ଏବଂ ନେଚୁରୋପାଥି ମାଧ୍ୟମରେ ସମସ୍ତ ରୋଗର ସ୍ଥାୟୀ ସମାଧାନ** ପାଇବା ପାଇଁ ଦୟାକରି ଯୋଗଋଷି ସ୍ୱାମୀ ରାମଦେବଜୀଙ୍କ ସହିତ 'ଇଣ୍ଟିଗ୍ରେଟେଡ୍ ଯୋଗ' ଅଭ୍ୟାସ କରନ୍ତୁ ଏବଂ ଇଣ୍ଟିଗ୍ରେଟେଡ୍ ଚିକିତ୍ସା ବିଷୟରେ ପ୍ରାମାଣିକ ଜ୍ଞାନ ପ୍ରାପ୍ତ କରନ୍ତୁ ଏବଂ ଦୁଃସାଧ୍ୟ ରୋଗରୁ ମୁକ୍ତିର ପ୍ରମାଣ ପ୍ରତିଦିନ ଆସ୍ଥା ଚ୍ୟାନେଲ୍‌ରେ ଲାଇଭ୍ ଦେଖନ୍ତୁ

ଆସ୍ଥା LIVE — ଦୈନିକ ପ୍ରାତଃ 5.00 ଘଟିକାରୁ 7.30 ଘଟିକା ଏବଂ ରାତ୍ରି ୫.00 ଘଟିକା

ସଂସ୍କାର — ଦୈନିକ ପ୍ରାତଃ ୨.00 ଘଟିକା

INDIA TV — ଦୈନିକ ପ୍ରାତଃ ୫.00 ଘଟିକା

ଏମ୍‌ଏନ୍‌ସିଗୁଡ଼ିକ ଭାରତରୁ 1000 ଲକ୍ଷ କୋଟିରୁ ଅଧିକ ଟଙ୍କା ଲୁଟୁଥିବାର ପ୍ରମାଣ ଦେଖନ୍ତୁ ।

shorturl.at/gnxB5

ଧରିତ୍ରୀ
DHARITRI
ରବିବାର, ୧୯ ଜୁନ୍, ୨୦୨୨



**ସତ୍ୟେନ୍ଦ୍ର ଜୈନଙ୍କୁ ଜାମିନ ମିଳିଲାନି**

ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇଥିବା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ଜାମିନ ଆବେଦନକୁ ସ୍ଥାନୀୟ କୋର୍ଟ ଶନିବାର ଖାରଜ କରିଦେଇଛନ୍ତି। ଜୈନ ନିଦ୍ରାହୀନତା ଜନିତ ସ୍ୱାସ୍ଥ୍ୟସମସ୍ୟା ଦର୍ଶାଇ ଜାମିନ ଆବେଦନ କରିଥଲେ। ହେଲେ ବିନା କୌଣସି ମେଡିକାଲ ପ୍ରମାଣରେ ତାଙ୍କୁ ଜାମିନ ମିଳିପାରିବ ନାହିଁ ବୋଲି ସ୍ୱତନ୍ତ୍ର ଜଜ୍ ଗୀତାଞ୍ଜଳି ଗୋଏଲ କହିଛନ୍ତି। ଏହାସହ ଜୈନ୍ ଏକ ପ୍ରଭାବଶାଳୀ ପଦରେ ଥିବାରୁ ଜେଲରୁ ମୁକୁଳିଲେ ତାଙ୍କ ବିରୋଧରେ ଥିବା ପ୍ରମାଣ ନଷ୍ଟ କରିବାର ଆଶଙ୍କା ଥିବା କୋର୍ଟ କହିଛନ୍ତି।

# ଅଗ୍ନିପଥକୁ ବିରୋଧ: ୩୬୯ ଟ୍ରେନ୍ ବାତିଲ



ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବିରେ ନୂଆଦିଲ୍ଲୀରେ ଯୁବ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା।

- ■ବିହାରରେ ବନ୍ଦବେଳେ ପୋଡ଼ାଜଳା
- ■ପଞ୍ଜାବରେ ରେଳଷ୍ଟେଶନ ଭଙ୍ଗାରୁଜା
- ■କର୍ଣ୍ଣାଟକରେ ପୋଲିସର ଲାଠିଚାର୍ଜ
- ■ଠିକା ନିଯୁକ୍ତି ଯୋଜନା ପ୍ରତ୍ୟାହାର ଦାବିରେ ରାଜସ୍ଥାନ ମନ୍ତ୍ରୀ ପରିଷଦରେ ପ୍ରସ୍ତାବ ଗୃହୀତ

**ନୂଆଦିଲ୍ଲୀ/ପାଟନା/ଧରୱାଦ/ଥିରୁଭାନନ୍ତପୁରମ,୧୮।୬**

ସେନାରେ ଚୁକ୍ତିଭିତ୍ତିକ ନିଯୁକ୍ତି ଲାଗି କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ବିଭିନ୍ନ ରାଜ୍ୟରେ ବିରୋଧ ଜାରି ରହିଛି। ଫଳରେ ରେଲୱେ ୩୬୯ ଟ୍ରେନ୍ ବାତିଲ କରିଦେଇଛି। ୨୧୦ ମେଲ୍ ଓ ୧୫୯ ଲୋକାଲ ଟ୍ରେନ୍ ବାତିଲ ହୋଇଥିବାବେଳେ ଅନ୍ୟ କେତେକ ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନ୍‌କୁ ଆଂଶିକ ବାତିଲ କରାଯାଇଛି। ଠିକା ନିଯୁକ୍ତି ଯୋଜନା ପ୍ରତ୍ୟାହାର ଦାବିରେ ବିଭିନ୍ନ ରାଜ୍ୟରେ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। ବିକ୍ଷୋଭକାରୀମାନେ ରେଳ ଓ ରାଜପଥ ଅବରୋଧ କରିବା ସହ କେତେକ କୋଚ୍‌ରେ ନିଆଁ ଲଗାଇଦେଇଥିଲେ। ଆନ୍ଦୋଳନ ସମର୍ଥନରେ ଶନିବାର ବିହାର ବନ୍ଦ ରହିଥିଲା। ବନ୍ଦ ସମର୍ଥକମାନେ ପାଟନା ଜିଲାର ତାରେଗନା ଷ୍ଟେଶନରେ ନିଆଁ ଲଗାଇଦେଇଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ୩୨ ଟ୍ରେନ୍ ବାତିଲ ହୋଇଥିବା ପୂର୍ବତନ ରେଳପଥ ହାଜିପୁର ଜୋନ୍ ପକ୍ଷରୁ କୁହାଯାଇଛି। ଉକ୍ତ ଟ୍ରେନ୍‌ଗୁଡ଼ିକୁ ଶନିବାର ରାତି ୮ରୁ ରବିବାର ଭୋର ୪ଟା ପର୍ଯ୍ୟନ୍ତ ଚାଲିବ ବୋଲି ପୂର୍ବତନ ରେଳପଥ ମୁଖ୍ୟ ଜନସମ୍ପର୍କ ଅଧିକାରୀ ବୀରେନ୍ଦ୍ର କୁମାର କହିଛନ୍ତି। ୩ ଦିନ ମଧ୍ୟରେ ୬୨୦ ଆନ୍ଦୋଳନକାରୀଙ୍କୁ ଗିରଫ କରାଯିବା ସହ ୧୩୦ ଏତଲା ଦାଏର ହୋଇଛି। ଶନିବାର ୧୪୦ ଜଣଙ୍କୁ ଗିରଫ କରାଯାଇଥିବା ବିହାର ଏଡିଜି ସଞ୍ଜୟ ସିଂ କହିଛନ୍ତି।

କର୍ଣ୍ଣାଟକରେ ଅଗ୍ନିପଥ ବିରୋଧରେ ଆନ୍ଦୋଳନ ଚଳାଇଥିବା ନିଯୁକ୍ତି ଆଶାୟୀମାନଙ୍କୁ ଘଉଡ଼ାଇବାକୁ ପୋଲିସ ମୃଦୁ ଲାଠିଚାଳନା କରିଥିଲା। ଜିଲାର ବିଭିନ୍ନ ଭାଗରୁ ଆସିଥିବା ନିଯୁକ୍ତି ଆଶାୟୀମାନେ କଳା ଭବନ ନିକଟରେ ରୁଣ୍ଡ ହୋଇ ଅତିରିକ୍ତ ଡେପୁଟୀ କମିଶନରଙ୍କୁ ସ୍ମାରକପତ୍ର ଦେଇଥିଲେ। ସେମାନଙ୍କୁ କମିଶନରଙ୍କ କାର୍ଯ୍ୟାଳୟକୁ ଯିବାକୁ ଦିଆ ନ ଯିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। କେତେଜଣ ବିକ୍ଷୋଭକାରୀ ଟେକାମାଡ଼ କରିବାରୁ ଏକ ବସ୍ କ୍ଷତିଗ୍ରସ୍ତ ହୋଇଥିଲା। ସେମାନଙ୍କୁ ଘଉଡ଼ାଇବାକୁ ପୋଲିସ ଲାଠିଚାଳନା କରିଥିଲା। କେତେଜଣଙ୍କୁ ଅଟକ ରଖାଯାଇଥିବାବେଳେ ଅନ୍ୟମାନେ ସ୍ଥାନ ଛାଡ଼ି ପଳାଇଥିଲେ। ବେଲାଗାଭି ଜିଲାର କେତେକ ସ୍ଥାନରେ ମଧ ବିକ୍ଷୋଭ ହୋଇଥିଲା। ସେହିପରି କେରଳରେ ଶତାଧିକ ଯୁବଗୋଷ୍ଠୀ ଅଗ୍ନିପଥ ଯୋଜନା ବିରୋଧରେ ରାସ୍ତାକୁ ଓହ୍ଲାଇଥିଲେ। ଥିରୁଭାନନ୍ତପୁରମ ଏବଂ କୋଝିକୋଡେରେ ବିଶାଳ ବିକ୍ଷୋଭ ରାଲି କରାଯାଇଥିଲା। ସେନାରେ ନିଯୁକ୍ତି ଲାଗି ବନ୍ଦ ଥିବା ଲିଖିତ ପରୀକ୍ଷା ତୁରନ୍ତ କରାଇବାକୁ ସେମାନେ ଦାବି କରିଥିଲେ। ଶାରୀରିକ ଓ ମେଡିକାଲ ଫିଟ୍‌ନେସ ପରୀକ୍ଷା ପରେ ଦୁଇବର୍ଷ ହେଲା ଲିଖିତ ପରୀକ୍ଷା ରହିଛି। ଅଗ୍ନିପଥ ଯୋଜନା କାର୍ଯ୍ୟକାରୀ ହେଲେ ଆଶାୟୀମାନଙ୍କୁ ସେନାରେ ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ ନାହିଁ ବୋଲି ସେମାନେ ଆଶଙ୍କା କରୁଛନ୍ତି। ନିଯୁକ୍ତି ଆଶାୟୀମାନେ ରାଜଭବନକୁ ଶୋଭାଯାତ୍ରାରେ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ସେମାନେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ନ୍ୟାୟ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜଣେ ନିଯୁକ୍ତି ଆଶାୟୀ କହିଛନ୍ତି।

ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବିରେ ରାଜସ୍ଥାନ ମନ୍ତ୍ରୀ ପରିଷଦରେ ଶନିବାର ଏକ ପ୍ରସ୍ତାବ ଗୃହୀତ ହୋଇଛି। ଜମ୍ମୁ-କଶ୍ମୀରରେ ନ୍ୟାଶନାଲ କନ୍‌ଫରେନ୍ସ, ଅପ୍‌ନି ପାର୍ଟି, ଏଏପି ଅଗ୍ନିପଥ ଯୋଜନା ତୁରନ୍ତ ପ୍ରତ୍ୟାହାର ଲାଗି ଦାବି କରିଛନ୍ତି। ହରିୟାଣାରେ ପ୍ରତିବାଦ ଜୋର୍‌ଦାର ହୋଇଥିବାବେଳେ ପଞ୍ଜାବରେ ରେଳଷ୍ଟେଶନ ଭଙ୍ଗାରୁଜା ହୋଇଛି। ହରିୟାଣାର ମହେନ୍ଦ୍ରଗଡ଼ରେ କେତେକ ଗାଡ଼ି ଏବଂ ଏକ ଶୋ'ରୁମ୍‌ର କାଚ ଭାଙ୍ଗିଦିଆଯାଇଛି। ଯୁବକମାନେ ରୋହତକ-ପାନିପଥ ଜାତୀୟ ରାଜପଥକୁ ସୋନିପତ୍‌ଠାରେ ଅବରୋଧ କରିଥିଲେ। ଏହା ବ୍ୟତୀତ କୈଥାଲ, ଫତେହବାଦ, ଜିନ୍ଦ ଜିଲାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଇଣ୍ଟରନେଟ ଏବଂ ଏସ୍‌ଏମ୍‌ଏସ୍ ସେବା ବନ୍ଦ କରିଦିଆଯାଇଛି। ସେହିପରି ପଞ୍ଜାବର ଜଳନ୍ଧରଠାରେ ଜାତୀୟ ରାଜପଥ ଅବରୋଧ କରାଯିବା ସହ ଲୁଧିଆନା ରେଳଷ୍ଟେଶନରେ ଭଙ୍ଗାରୁଜା କରାଯାଇଥିଲା।



କେରଳ ସଚିବାଳୟ ସମ୍ମୁଖରେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରୁଛି।



ଗୁଜରାଟର ଗାନ୍ଧୀନଗରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମା' ହୀରାବାଇଙ୍କ ୧୦୦ତମ ଜନ୍ମଦିନରେ ଆଶୀର୍ବାଦ ନେଉଛନ୍ତି।

## ସଂକ୍ଷେପରେ

### ବାଂଲାଦେଶରେ ବର୍ଷା ବିପ୍ୱାତ: ୨୫ ମୃତ

**ଢାକା,୧୮।୬:** ବାଂଲାଦେଶରେ ବର୍ଷା ବିପ୍ୱାତ ଯୋଗୁ ବନ୍ୟା ହୋଇଛି। ଅନ୍ୟୁନ ୨୫ ଜଣଙ୍କ ଜୀବନ ଯାଇଥିବା ଶନିବାର ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମୌସୁମୀର ଆଗମନ ପରେ ଗତ ସପ୍ତାହରୁ ଏଠାରେ ବର୍ଷା ଲାଗି ରହିଛି। ପ୍ରାୟ ୪୦ ଲକ୍ଷ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସ୍କୁଲଗୁଡ଼ିକୁ ଆଶ୍ରୟସ୍ଥଳୀ କରାଯାଇଛି। ସିଲ୍‌ହେଟରେ ଥିବା ବାଂଲାଦେଶର ପ୍ରମୁଖ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଅସ୍ଥାୟୀ ଭାବେ ବନ୍ଦ କରାଯାଇଛି। ଶୁକ୍ରବାର ଅପରାହ୍ନରୁ କେବଳ ବଜ୍ରପାତରେ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ଭୂସ୍ଖଳନ ଯୋଗୁ ଆଉ ୪ ଜଣଙ୍କ ଜୀବନ ଯାଇଛି। ସ୍ଥିତି ବେଶ୍ ଗମ୍ଭୀର ଥିବା ସିଲ୍‌ହେଟ୍‌ର ପ୍ରଶାସନିକ ଅଧିକାରୀ ମୋଶାରଫ୍ ହୁସେନ୍ କହିଛନ୍ତି। ସିଲ୍‌ହେଟ୍‌ରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଗତ ମାସରେ ହୋଇଥିବା ବନ୍ୟାଜନିତ କ୍ଷୟକ୍ଷତିରୁ ବାଂଲାଦେଶ ମୁକୁଳି ପାରି ନ ଥିବାବେଳେ ଏବେ ପୁଣି ବର୍ଷାବିପ୍ୱାତ ଯୋଗୁ ସ୍ଥିତି ଆହୁରି ଖରାପ ହୋଇଛି।

### କାବୁଲ ଗୁରୁଦ୍ୱାରାରେ ବିସ୍ଫୋରଣ: ୨ ମୃତ



**କାବୁଲ,୧୮।୬:** ଆଫଗାନିସ୍ତାନ ରାଜଧାନୀ କାବୁଲସ୍ଥିତ ଏକ ଗୁରୁଦ୍ୱାରାରେ ଶନିବାର ସକାଳେ ବିସ୍ଫୋରଣ ଘଟି ୨ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଛନ୍ତି। ଗୁରୁଦ୍ୱାରା ଦଶମେଶ ପିଟ ସାହିବଜୀ ଫାଟକ ନିକଟରେ ଦୁଇଟି ବିସ୍ଫୋରଣ ଘଟିବା ସହ ଏକାଧିକ ଗୁଳିମାଡ଼ ହୋଇଥିଲା। ମୃତକଙ୍କ ମଧ୍ୟରୁ ଜଣେ ଶିଖ୍ ଶ୍ରଦ୍ଧାଳୁ ହୋଇଥିବାବେଳେ ଅନ୍ୟ ଜଣେ ଆଫଗାନ ସୁରକ୍ଷା କର୍ମୀ। ବିସ୍ଫୋରଣ ବେଳେ ଗୁରୁଦ୍ୱାରାରେ ଅନେକ ଶ୍ରଦ୍ଧାଳୁ ଥିଲେ। କେତେଜଣ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁଦ୍ୱାରା ମଧ୍ୟରେ ୭-୮ ଜଣ ଫସିରହିଥିବା ବିଶ୍ୱାସ କରାଯାଉଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ଗୁଳିମାଡ଼ ଜାରି ରହିଥିଲା ବୋଲି ଭାଜପା ନେତା ମଞ୍ଜିନ୍ଦର ସିଂ ସିର୍ସା ଗଣମାଧ୍ୟମକୁ କହିଛନ୍ତି।

### ପୋଲିସ ଅଫିସରଙ୍କୁ ଗୁଳିକରି ହତ୍ୟା

**ଶ୍ରୀନଗର,୧୮।୬:** ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ଜଣେ ପୋଲିସ ଅଧିକାରୀଙ୍କୁ ଆତଙ୍କବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି। ସବ୍‌ଇନ୍ସପେକ୍ଟର ଫାରୁକ୍ ଅହମଦ ମୀର୍ ତାଙ୍କ ଘର ନିକଟ ଧାନ ବିଲରେ କାମ କରୁଥିବାବେଳେ ଆତଙ୍କବାଦୀ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଧାନକ୍ଷେତରୁ ମୃତଦେହ ମିଳିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୀର୍‌ଙ୍କ ଘର ପାମ୍ପୋରେ ଅଞ୍ଚଳର ସମ୍ବୁରାରେ। ସେ ଆଇଆର୍‌ପି ୨୩ ବାଟାଲିୟନରେ ନିଯୁକ୍ତ ହୋଇଥିଲେ।

## ଆନ୍ଦୋଳନକୁ ସମର୍ଥନ ଜଣାଇଲେ ସୋନିଆ



**ନୂଆଦିଲ୍ଲୀ,୧୮।୬**

କେନ୍ଦ୍ର ସରକାରଙ୍କ ନୂଆ ନିଯୁକ୍ତି ଯୋଜନାକୁ ବିରୋଧ କରି ଆନ୍ଦୋଳନ ବଢ଼ିବାରେ ଲାଗିଛି। କଂଗ୍ରେସ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଦେବ ବୋଲି ଦଳ ଅଧକ୍ଷା ସୋନିଆ ଗାନ୍ଧୀ ଶନିବାର ହସ୍ପିଟାଲରୁ ନିଯୁକ୍ତି ଆଶାୟୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସୈନ୍ୟବାହିନୀରେ ନୂଆ ନିଯୁକ୍ତି ଯୋଜନା ଦିଶାହୀନ। ନିଯୁକ୍ତି ଆଶାୟୀଙ୍କ ସ୍ୱାର୍ଥକୁ ଧ୍ୟାନ ଦିଆ ନ ଯାଇ ଏଭଳି ଯୋଜନା ଘୋଷଣା କରାଯାଇଛି ବୋଲି କଂଗ୍ରେସ ଅଧକ୍ଷା କହିଛନ୍ତି। ଆନ୍ଦୋଳନକାରୀଙ୍କ ପ୍ରତିବାଦକୁ ଅଣଦେଖା କରି ସରକାର ଉକ୍ତ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଅନେକ ପୂର୍ବତନ ସେନା ଅଧିକାରୀ ମଧ ଅଗ୍ନିପଥ ଯୋଜନାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ନିଯୁକ୍ତି ଆଶାୟୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କଂଗ୍ରେସ ସେମାନଙ୍କ ସହ ଛିଡ଼ା ହେବ। ଅହିଂସା ଉପାୟରେ ଧୈର୍ଯ୍ୟ ଓ ଶାନ୍ତିର ସହ ଆମେ ଯୋଜନା ବିରୋଧରେ ସ୍ୱର ଉଠାଇବୁ ବୋଲି ସୋନିଆ କହିଛନ୍ତି। ଆନ୍ଦୋଳନ ସମର୍ଥନରେ କଂଗ୍ରେସ ଏମ୍‌ପି ଓ ନେତାମାନେ ରବିବାର ସକାଳେ ନୂଆଦିଲ୍ଲୀର ଜନ୍ତରମନ୍ତରରେ ସତ୍ୟଗ୍ରହରେ ବସିବେ। ଆନ୍ଦୋଳନକାରୀଙ୍କ ସହ ଛିଡ଼ାହେବା ଆମ ଦାୟିତ୍ୱ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ଦିନକରେ ୧୩,୨୧୬ ପଜିଟିଭ୍

**ନୂଆଦିଲ୍ଲୀ,୧୮।୬**

କୋଭିଡ୍-୧୯ ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଶନିବାର ଅଧିକ ୧୩,୨୧୬ ଜଣ ପଜିଟିଭ୍ ଚିହ୍ନଟ ହେବା ଫଳରେ ଦେଶରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪,୩୨,୮୩,୭୯୩ରେ ପହଞ୍ଚିଛି। ସେହିପରି ସକ୍ରିୟ ମାମଲା ସଂଖ୍ୟା ୬୮,୧୦୮କୁ ବୃଦ୍ଧି ପାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଦୈନିକ ସଂକ୍ରମଣ ୧୩ ହଜାର ଅତିକ୍ରମ କରିବା ୧୧୩ ଦିନ ମଧ୍ୟରେ ପ୍ରଥମ। ଶନିବାର ୨୩ ଜଣଙ୍କ ମୃତ୍ୟୁକୁ ମିଶାଇ ମୋଟ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୫,୨୪,୮୪୦ରେ ପହଞ୍ଚିଛି। ୨୪ ଘଣ୍ଟାରେ ସକ୍ରିୟ ମାମଲା ସଂଖ୍ୟା ୫,୦୪୫ ବୃଦ୍ଧି ପାଇଥିବାବେଳେ ଦୈନିକ ପଜିଟିଭିଟି ହାର ୨.୭୩ ପ୍ରତିଶତରେ ପହଞ୍ଚିଛି।

ସଂକ୍ରମଣ ବଢୁଥିବା ଜିଲା ଓ ଅଞ୍ଚଳରୁ ଅଧିକରୁ ଅଧିକ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ଲାବରେଟୋରି ପଠାଇବା ନିମନ୍ତେ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଆଇଏନ୍‌ଏସ୍‌ଏସିଓଜି ବୈଠକ ବସି କୋଭିଡ୍ ତଥ୍ୟର ସମୀକ୍ଷା କରାଯାଇଥିଲା। କୋଭିଡ୍‌ର କେଉଁ ଭାରିଆଣ୍ଟ ବା ସବ୍‌ଭାରିଆଣ୍ଟ ଯୋଗୁ ସଂକ୍ରମଣ ବଢୁଛି ତାହା ଚିହ୍ନଟ କରିବାକୁ ହେଲେ ଅଧିକ ନମୁନାର ଜିନୋମ ସିକ୍ୱେନ୍ସ କରାଯିବା ଆବଶ୍ୟକ। ଏବେ ମହାରାଷ୍ଟ୍ର, କେରଳ, ଦିଲ୍ଲୀ, କର୍ଣ୍ଣାଟକ, ତାମିଲନାଡୁ, ହରିୟାଣା, ଉତ୍ତରପ୍ରଦେଶ, ତେଲଙ୍ଗାନା, ପଶ୍ଚିମବଙ୍ଗ ଏବଂ ଗୁଜରାଟରେ ମାମଲା ସଂଖ୍ୟା ୧,୦୦୦ରୁ ଅଧିକ ରହିଛି। ଭାରତରେ ଏବେ ଓମିକ୍ରନ ଭାରିଆଣ୍ଟର ବିଏ.୪, ବିଏ.୫ ଏବଂ ବିଏ.୨ ଦେଖାଦେଇଛି। କେରଳର ୧୧ ଜିଲା ସମେତ ମୋଟ ୩୨ ଜିଲାରେ ପଜିଟିଭିଟିହାର ୧୦ ପ୍ରତିଶତରୁ ଅଧିକ ରହିଛି। ଏହା ବ୍ୟତୀତ ଦିଲ୍ଲୀର ୯ ଜିଲା ସମେତ ୩୫ ଜିଲାରେ ସଂକ୍ରମଣ ହାର ୫ରୁ ୧୦ ପ୍ରତିଶତ ରହିଛି।

**ଜିନୋମ ସିକ୍ୱେନ୍ସିଂ ପାଇଁ ଅଧିକ ନମୁନା ପଠାଇବାକୁ ରାଜ୍ୟକୁ ନିର୍ଦ୍ଦେଶ**

## କୋଭିଡ୍ ପ୍ରଥମ ବର୍ଷରେ ଅବସାଦ, ବ୍ୟଗ୍ରତା ୨୫% ବଢ଼ିଛି: ଡବ୍ଲ୍ୟୁଏଚ୍‌ଓ

**ବେଙ୍ଗାଲୁରୁ,୧୮।୬**

କୋଭିଡ୍ ମହାମାରୀର ପ୍ରଥମ ବର୍ଷରେ ସାରା ବିଶ୍ୱରେ ଅବସାଦ ଓ ବ୍ୟଗ୍ରତା ୨୫ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି। ଏହ ସଂସ୍ଥା ପକ୍ଷରୁ ଶୁକ୍ରବାର ପ୍ରକାଶିତ ମାନସିକ ସ୍ୱାସ୍ଥ୍ୟ ରିପୋର୍ଟ ଅନୁଯାୟୀ କୋଭିଡ୍ ମହାମାରୀ ବିଶ୍ୱର ସବୁଠୁ ବଡ଼ ସଙ୍କଟ। ଏହା କେବଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିନାହିଁ, ଅର୍ଥନୀତି ଓ ସମାଜକୁ ଗୁରୁତର ପ୍ରଭାବିତ କରିଛି। ୨୦୧୯ରେ ପ୍ରାୟ ୧୦୦ କୋଟି ଲୋକ ମାନସିକ ବ୍ୟାଧିର ସମ୍ମୁଖୀନ ହୋଇଥିଲେ। ସେଥିରୁ କିଶୋର କିଶୋରୀଙ୍କ ସଂଖ୍ୟା ୧୪ ପ୍ରତିଶତ। ପ୍ରତି ୧୦୦ ମୃତ୍ୟୁରେ ୧ରୁ ଅଧିକ ଆତ୍ମହତ୍ୟା ରହୁଥିବାବେଳେ ୫୮ ପ୍ରତିଶତ ଆତ୍ମହତ୍ୟା ୫୦ ବର୍ଷରୁ କମ୍ ବୟସର ଲୋକଙ୍କ କ୍ଷେତ୍ରରେ ଘଟୁଛି। ମାନସିକ ବିକାରଗ୍ରସ୍ତ ଯୋଗୁ ଅକ୍ଷମତା ଦେଖାଦେଉଛି। ମାନସିକ ରୋଗୀ ଅନ୍ୟ ଲୋକଙ୍କ ତୁଳନାରେ ୧୦ରୁ ୨୦ ବର୍ଷ କମ୍ ବୟସରେ ମୃତ୍ୟୁମୁଖରେ ପଡୁଛନ୍ତି। ଅବସାଦର ସବୁଠୁ ବଡ଼ କାରଣ ଶୈଶବାବସ୍ଥାରେ ଯୌନ ଶୋଷଣ ବୋଲି ଜଣାପଡ଼ିଛି।

# ଅଣୁଅସ୍ତ୍ର ବ୍ୟବହାର କରିବ ରୁଷିଆ

**ମସ୍କୋ,୧୮।୬**

ରୁଷିଆ କେବେ ବିଶ୍ୱ ପାଇଁ ବିପଦ ନ ଥିଲା। ହେଲେ ଏଣିକି ନିଜ ସାର୍ବଭୌମତ୍ୱ ରକ୍ଷା ନିମନ୍ତେ ମସ୍କୋ ଅଣୁଅସ୍ତ୍ର ବ୍ୟବହାର କରିବ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଚେତାବନୀ ଦେଇଛନ୍ତି। ନ୍ୟୁକ୍ଲିୟର ଅସ୍ତ୍ର ବ୍ୟବହାର କରି ରୁଷିଆ ତୃତୀୟ ବିଶ୍ୱଯୁଦ୍ଧକୁ ଆମନ୍ତ୍ରଣ କରିପାରେ ବୋଲି ପାଶ୍ଚାତ୍ୟ ଦେଶ ବାରମ୍ବାର ଅଭିଯୋଗ ଆଣିବାକୁ ନେଇ ଶୁକ୍ରବାର ସେଣ୍ଟ ପିଟର୍ସବର୍ଗ ଇଣ୍ଟରନ୍ୟାଶନାଲ ଇକୋନୋମିକ ଫୋରମ୍‌ରେ ପୁଟିନ୍‌ଙ୍କୁ ପ୍ରଶ୍ନ କରାଯାଇଥିଲା। ପ୍ରତିକ୍ରିୟା ରଖି ପୁଟିନ୍ କହିଛନ୍ତି, ଏହା ସେମାନଙ୍କ ନିଜ ବିବୃତି। କ୍ରମାଗତ ଭାବେ ରାଜନେତାମାନେ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେଇ ଆସୁଛନ୍ତି। ରୁଷିଆକୁ ଉସୁକାଇବା ଭଳି କାର୍ଯ୍ୟ କରାଯାଉଛି। କିନ୍ତୁ ସେହି ଅନୁସାରେ ଆମେ ମଧ ଚୁପ୍ ନ ରହି ତାହାର ଜବାବ ଦେଉଛୁ। ସେମାନେ କେବଳ ଆମ କଥାକୁ ପ୍ରଚାର କରି ରୁଷିଆ ସେମାନଙ୍କୁ ଧମକ ଦେଉଥିବା କହୁଛନ୍ତି। ରୁଷିଆ କାହା ପ୍ରତି ବିପଦ ହେବାକୁ ଚାହେଁ ନାହିଁ। କିନ୍ତୁ ସମସ୍ତେ ଜାଣି ରଖିବା ଉଚିତ ଯେ, ସାର୍ବଭୌମତ୍ୱ ରକ୍ଷା କରିବା ପାଇଁ ରୁଷିଆ ନ୍ୟୁକ୍ଲିୟର ୱିପନ୍ ଭଳି ଘାତକ ଅସ୍ତ୍ର ବ୍ୟବହାର କରିବ। ଏଥିସହ ୟୁକ୍ରେନ୍‌ରେ 'ସ୍ୱତନ୍ତ୍ର ସାମରିକ ଅଭିଯାନ'କୁ ସେ ଯୁକ୍ତିଯୁକ୍ତ ବୋଲି ଦର୍ଶାଇବା ସହ ଏହା ସମ୍ପୂର୍ଣ୍ଣ ଭାବେ ଆଇନଗତ ବୋଲି ପୁଟିନ୍ କହିଛନ୍ତି।



ୟୁକ୍ରେନ୍‌ର ଚେର୍ନିହିଭ୍‌ଠାରେ ଛାତ୍ରୀଛାତ୍ରମାନେ ଗ୍ରାଜୁଏଶନ୍ ଫଟୋଶୁଟ୍ ପାଇଁ ନଷ୍ଟ ହୋଇଯାଇଥିବା ଏକ ଯୁଦ୍ଧବାହାନ ନିକଟରେ ପୋଜ୍ ଦେଉଛନ୍ତି।

ପୂର୍ବ ୟୁକ୍ରେନ୍‌ର ଡୋନବାସ୍ କ୍ଷେତ୍ରରେ ଥିବା ଡୋନେସ୍କ୍ ଏବଂ ଲୁହାନ୍‌ସ୍କକୁ ସ୍ୱାଧୀନ ଘୋଷଣା କରିବା ଉପରେ ପୁଟିନ୍ କହିଛନ୍ତି, ରିପବ୍ଲିକ୍ ଅଫ୍ ଡୋନ୍‌ବାସ୍ ନିଜକୁ ସ୍ୱାଧୀନ କରିବା ପାଇଁ କିଭ୍‌ରୁ ଅନୁମତି ଲୋଡ଼ି ନ ଥିଲେ। ସେମାନେ ନିଜେ ନିଜର ସ୍ୱାଧୀନତା ଘୋଷଣା କରିଥିଲେ। ତାହାକୁ ମାନ୍ୟତା ଦେବା ଆମ ଅଧିକାର ଥିଲା। ତେଣୁ ରିପବ୍ଲିକ୍ ଅଫ୍ ଡୋନ୍‌ବାସ ଲିଡରଙ୍କ ସହ ରୁଷିଆ ଦ୍ୱିପାକ୍ଷିକ ଚୁକ୍ତି କରିଥିଲା। ଜାତିସଂଘ ଚାର୍ଟରର ଅନୁଚ୍ଛେଦ ୧୫୧ ଅନୁସାରେ ମସ୍କୋ ସେମାନଙ୍କୁ ସାମରିକ ସହାୟତା ଯୋଗାଇଛି। ଏପରି କରି ରୁଷିଆ ଉଦାହରଣ ସୃଷ୍ଟି କରିଛି ଏବଂ ସମସ୍ତ କାର୍ଯ୍ୟ ଆଇନ ଅନୁସାରେ ହୋଇଛି। ୟୁକ୍ରେନ୍ ଅଭିଯାନ ଅତ୍ୟାବଶ୍ୟକ ଥିଲା ବୋଲି ସେ ଦୋହରାଇଛନ୍ତି। ଆମେରିକା ଓ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷିଆ ଉପରେ କଟକଣା ଲଗାଇବାକୁ ପୁଟିନ୍ ନିନ୍ଦା କରିଛନ୍ତି। ଶୀତଳ ଯୁଦ୍ଧରେ ଆମେରିକା ନିଜକୁ ବିଜୟୀ ଘୋଷଣା କରିବା ପରେ ପୃଥିବୀରେ ଈଶ୍ୱର ଦୂତ ବୋଲି ମନେକରୁଛି। ରୁଷିଆର ଅର୍ଥନୀତିକୁ ଦୁର୍ବଳ କରିବାକୁ ଆମେରିକା ବିଫଳ ଉଦ୍ୟମ କରିଛି। ମସ୍କୋ ଖୁବଶୀଘ୍ର ଏଭଳି ପାଗଳାମୀ ଏବଂ ବେପରୁଆ କଟକଣାକୁ ପ୍ରତିହତ କରି ଆଗକୁ ବଢ଼ିବ। ରୁଷିଆ ଉପରେ କଟକଣା ଯୋଗୁ ୟୁରୋପରେ ମୁଦ୍ରାସ୍ଫୀତି ରେକର୍ଡ ସ୍ତରରେ ପହଞ୍ଚିଛି। ସାଧାରଣ ଲୋକଙ୍କ ଆବଶ୍ୟକତାକୁ ଅଣଦେଖା କରାଯାଇଛି। କଟକଣା ଫଳରେ ୟୁରୋପୀୟ ସଂଘ ୪୦୦ ବିଲିୟନ୍ ଡଲାରରୁ ଅଧିକ କ୍ଷତି ସହିବ ବୋଲି ପୁଟିନ୍ କହିଛନ୍ତି।

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ୧୧୫ ଦିନ ପୂରିଛି। ପୂର୍ବ ୟୁକ୍ରେନ୍‌ର ଅଧିକ ସହର କବ୍‌ଜା କରିବାକୁ ରୁଷିଆ ସେଲ୍, ମିଶାଇଲ ମାଡ଼ ଜାରି ରଖିଛି। ଏହାର ଇଜିୟମ୍ ସହର ଦଖଲ କରିବା ନିମନ୍ତେ ମସ୍କୋ ବଡ଼ ଧରଣର ପ୍ରସ୍ତୁତି କରୁଥିବା ବ୍ରିଟେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

**ଆମେରିକା ନିଜକୁ ଈଶ୍ୱରଙ୍କ ଦୂତ ଭାବୁଛି: ପୁଟିନ୍**



## ନାଟୋ ଜଳସୀମାରେ ରୁଷୀୟ ଯୁଦ୍ଧଜାହାଜ

**କୋପେନହାଗେନ୍,୧୮।୬**

ରୁଷିଆ ନିଜର ସାର୍ବଭୌମତ୍ୱ ରକ୍ଷା ପାଇଁ ନ୍ୟୁକ୍ଲିୟର ଅସ୍ତ୍ର ବ୍ୟବହାର ନେଇ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଚେତାବନୀ ଦେବା ପରେ ରୁଷୀୟ ଯୁଦ୍ଧଜାହାଜ ଶୁକ୍ରବାର ନାଟୋ ଜଳସୀମା ମଧ୍ୟରେ ପ୍ରବେଶ କରିଛି। ବର୍ନହୋମ୍ ବାଲ୍‌ଟିକ୍ ସାଗର ଦ୍ୱୀପର ଦକ୍ଷିଣରେ ରୁଷୀୟ ଯୁଦ୍ଧଜାହାଜ ୨ ଥର ସୀମା ଉଲ୍ଲଂଘନ କରିଥିବା ଡେନ୍‌ମାର୍କ ସଶସ୍ତ୍ର ବଳ ପକ୍ଷରୁ କୁହାଯାଇଛି। ରୁଷିଆର ଏଭଳି ଉତ୍ତେଜନା ସୃଷ୍ଟିକାରୀ ଓ ଉସୁକାଇବା ଭଳି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ଡେନ୍‌ମାର୍କ ବହିର୍ବ୍ୟାପାର ମନ୍ତ୍ରୀ ଜେପି କୋଫୋଡ୍ କହିଛନ୍ତି। ସ୍ଥାନୀୟ ସମୟ ରାତି ପ୍ରାୟ ସାଢ଼େ ୧୨ଟାରେ ରୁଷିଆର ଏକ ଯୁଦ୍ଧଜାହାଜ ପ୍ରବେଶ କରିଥିଲା। ଏହାର କିଛି ଘଣ୍ଟା ପରେ ପୁଣି ଜାହାଜଟି ସେଠାକୁ ଯାଇଥିବା ଜଣାପଡ଼ିଛି। ଡାନିଶ୍ ନୌସେନା ରେଡିଓ କଣ୍ଟାକ୍ଟ ସ୍ଥାପନ କରିବା ପରେ ଯୁଦ୍ଧଜାହାଜ ଫେରିଯାଇଥିଲା। ରୁଷିଆର ଏଭଳି କାର୍ଯ୍ୟ ସମ୍ପୂର୍ଣ୍ଣ ଦାୟିତ୍ୱହୀନ ଏବଂ ଉତ୍ତେଜନା ସୃଷ୍ଟିକାରୀ ବୋଲି ଜେପି ଟୁଇଟ୍ କରିଛନ୍ତି। ତେବେ ଏହାର କୌଣସି ଠୋସ୍ ପ୍ରମାଣ ଡେନ୍‌ମାର୍କ ଦେଇପାରି ନ ଥିବା କ୍ରେମ୍‌ଲିନ୍ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।



# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜୁନ୍ ୧୯/୨୦୨୨ (୧୪ ପୃଷ୍ଠା) Sambalpur, Sunday, June 19/2022 Page 14





## ଗଭୀର ସମୁଦ୍ରରେ ପରିଣୀତି

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ସ୍କୁବା ଡାଇଭିଙ୍ଗ୍ କରୁଥିବାବେଳେ ଗଭୀର ସମୁଦ୍ର ଭିତରୁ ଆବର୍ଜନା ସଂଗ୍ରହ କରୁଥିବାର ଦେଖିବାକୁ ମିଳିଛି।

୧୦

୧୨

## ଗୁରଜିତ କୌରଙ୍କ ଡବଲ ଗୋଲ୍

ଆର୍ଜେଣ୍ଟିନା ବିପକ୍ଷ ଏଫ୍ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚରେ ଭାରତୀୟ ମହିଳା ଦଳର ଗୁରଜିତ କୌର ଡବଲ ଗୋଲ୍ ସ୍କୋର କରିଛନ୍ତି।





**ବିପଦରେ ହାତୀକୁଳ:** ସମ୍ବଲପୁର ବନଖଣ୍ଡ ପଡିଆବାହାଲ ରେଞ୍ଜ ସାପଲହରା ଗ୍ରାମ ପୋଖରୀ ପଙ୍କରେ ୩ ଦିନ ଧରି ଫସିଥିବା ଦନ୍ତା ହାତୀ ମୃତ୍ୟୁ ସହ ସଂଗ୍ରାମ କରୁଛି।

# ମୃତ୍ୟୁ ସହ ସଂଗ୍ରାମ

ସମ୍ବଲପୁର,୧୮।୬(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ପଡିଆବାହାଲ ରେଞ୍ଜ ଅନ୍ତର୍ଗତ ସାପଲହରା ଗ୍ରାମର ଏକ ପୋଖରୀରେ ୩ ଦିନ ହେଲା ପଙ୍କରେ ଫସି ରହିଥିବା ଏକ ଆହତ ଦନ୍ତା ହାତୀ ଜୀବନ ସହ ସଂଗ୍ରାମ ଚଳାଇଛି। ହାତୀଟି କେତେବେଳେ କିଛି ସମୟ ଛିଡା ହୋଇ ରହୁଛି ତ କେତେବେଳେ ପୋଖରୀ ପାଣି ଓ କାଦୁଅରେ ଶୋଇପଡୁଛି। ଗୋଡ଼ରେ କ୍ଷତ ହୋଇ ଫୁଲି ଯାଇଥିବାରୁ ଠିକ୍ ଭାବେ ଛିଡା ହୋଇ ପାରୁନାହିଁ। ଅତ୍ୟଧିକ ଯନ୍ତ୍ରଣା ସହି ନ ପାରିଲେ ଗର୍ଜନ କରୁଛି। ହଜାର ହଜାର ଲୋକଙ୍କ ସହ ବନ ବଭାଗର କର୍ମଚାରୀ ଉପସ୍ଥିତ ରହି କେବଳ ଦେଖଣାହାରି ସାଜିଛନ୍ତି।

ଅପରପକ୍ଷରେ ହାତୀକୁ ଉଦ୍ଧାର ପାଇଁ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପଡିଆବାହାଲ ରେଞ୍ଜର ପବିତ୍ରମୋହନ ମାଝୀ କହିଛନ୍ତି ଯେ, ବନ ବିଭାଗ ପକ୍ଷରୁ ଉଦ୍ଧାର କରିବା ପାଇଁ ସମସ୍ତ ପ୍ରକ୍ରିୟା ଜାରି ରହିଛି। ହାତୀ ପୋଖରୀରୁ ବାହାରିବା ପାଇଁ ଚେଷ୍ଟା କରି କିଛି ଦୂର ଆସିବା ପରେ ପୁଣି ଫେରିଯାଉଛି। ଭୁବନେଶ୍ୱରରୁ ଡାକ୍ତରୀ ଟିମ୍ ଶନିବାର ସନ୍ଧ୍ୟାରେ ଆସି ଚିକିତ୍ସା କରିବେ ବୋଲି କହିଛନ୍ତି। ଅନ୍ୟପଟେ ନିଜ ଭାଗ୍ୟକୁ ଆଦରି ଏହି ଗଜରାଜ ଏବେ ଏକରକମ ଅସହାୟ ଅବସ୍ଥାରେ ରହିଛି। ଉତ୍ତମ ଚିକିତ୍ସା ନ ପାଇ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଛି।

ସୂଚନାଯୋଗ୍ୟ, ମେ ୨୯ ତାରିଖରେ ଏହି ଦନ୍ତା ହାତୀକୁ ଆହତ ଅବସ୍ଥାରେ ମୁର୍ଗାବାରୀ ଗ୍ରାମଜଙ୍ଗଲରେ ବନ ବିଭାଗ ପକ୍ଷରୁ ଠାବ କରାଯାଇଥିଲା। ଜଙ୍ଗଲରେ ପ୍ରଥମେ ହାତୀକୁ ଚିକିତ୍ସା କରାଯାଇଥିଲା। ଓୟୁଏଟି ପ୍ରଫେସର ଇନ୍ଦ୍ରମଣି ନାଥ, ସମ୍ବଲପୁର ବୁର୍ଲା ଭିଏସ ସତ୍ୟଜିତ ପଣ୍ଡା, ଯୁଯୁମୁରା ଭିଏସ ଅମ୍ରିତ ସାହୁ ଚିକିତ୍ସା କରିଥିଲେ। ଦନ୍ତାର ଗୋଡ ପାଖରେ ଗଭୀର କ୍ଷତ ରହିଥିଲା। ଦନ୍ତାକୁ ଟ୍ରାଙ୍କୁଲାଇଜର ଦେଇ ଆବଶ୍ୟକ ଇଞ୍ଜେକଶନ ଓ ଔଷଧ ଦିଆଯାଇଥିଲା। ପ୍ରାୟ ଏକ ମାସ ଭିତରେ ହାତୀ ସୁସ୍ଥ ହୋଇଯିବ ବୋଲି ଆଶା କରାଯାଇଥିଲା। ହେଲେ ୧୫ ଦିନରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଦନ୍ତା ସୁସ୍ଥ ହୋଇ ପାରିଲା ନାହିଁ। ଏବେ ସାପଲହରା ଗ୍ରାମ ପୋଖରୀରେ ଫସି ରହିଛି। ସମ୍ବଲପୁର ବନଖଣ୍ଡ ଅଧିକାରୀ ବିଶ୍ୱନାଥ ନିଲାମ୍ବର ଘଟଣାସ୍ଥଳକୁ ଯାଇ ଦନ୍ତାର ସ୍ଥିତି ଓ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରୁଛନ୍ତି।

# ବିପଦରେ ୪୮ ସ୍ଥାନର ବାସିନ୍ଦା

**ପରୀକ୍ଷା ହୋଇଥିବା ୯୧ ସ୍ଥାନ ମଧ୍ୟରୁ ୫୦%ରୁ ଉର୍ଦ୍ଧ୍ୱ ଅଞ୍ଚଳର ଭୂତଳ ଜଳ ବିଷ ପାଲଟିଛି। ସେହି ପାଣି ବ୍ୟବହାର ଅନୁପଯୋଗୀ। ଫଳରେ ରାଜଧାନୀ ଭୁବନେଶ୍ୱର ସମେତ ପ୍ରମୁଖ ସହରାଞ୍ଚଳର ୪୮ ସ୍ଥାନର ଲୋକଙ୍କ ଜୀବନ ପ୍ରତି ବିପଦ ଘନେଇଛି। ଏହି ୫୦% ସ୍ଥାନକୁ ଦୃଷ୍ଟିରେ ରଖି ସାରା ରାଜ୍ୟ କଥା ଅନୁଧ୍ୟାନ କଲେ ସ୍ଥିତି ସାଂଘାତିକ ମନେହେଉଛି। କିନ୍ତୁ ପରୀକ୍ଷଣ ରିପୋର୍ଟ ଅନୁଯାୟୀ ପ୍ରତିକାର ବ୍ୟବସ୍ଥା ହୋଇ ନ ପାରିବା ମାନବ ସ୍ୱାସ୍ଥ୍ୟ ପ୍ରତି ବିରାଟ ସଙ୍କଟ ସୃଷ୍ଟି କରୁଛି।**

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୧୮।୬



## ଭୂତଳ ଜଳ ବିଷାକ୍ତ

- ଖଣି ଅଞ୍ଚଳରେ ଆଇରନ୍, ପିଏଚ୍ ମାତ୍ରା ଅଧିକ
- ବଢ଼ୁଛି କିଡ୍‌ନୀ ରୋଗୀଙ୍କ ସଂଖ୍ୟା

ପାନୀୟ ଜଳ ପାଇଁ ଉଦ୍ଦିଷ୍ଟ 'ଆଇଏସ୍: ୧୦୫୦୦-୨୦୧୨' ମାପଦଣ୍ଡ ଅନୁଯାୟୀ ରାଜ୍ୟର ୨୫ ଜିଲାର ୪୮ ସ୍ଥାନର ଭୂତଳ ଜଳ ବ୍ୟବହାର ଅନୁପଯୋଗୀ। ଏହିସବୁ ସ୍ଥାନର ଭୂତଳ ଜଳରେ ପୋଟେନ୍‌ସିଆଲ ଅଫ୍ ହାଇଡ୍ରୋଜେନ(ପିଏଚ୍), ନାଇଟ୍ରେଟ୍, ଫ୍ଲୋରାଇଡ, ଆଇରନ୍, ଟୋଟଲ କୋଲିଫର୍ମ (ଟିସି) ଓ ଫେକାଲ କୋଲିଫର୍ମ (ଏଫ୍‌ସି) ଭଳି ବିଷାକ୍ତ ରାସାୟନିକ ପଦାର୍ଥ ଆଇଏସ୍ ମାପଦଣ୍ଡଠାରୁ ବହୁଗୁଣ ଅଧିକ ରହିଛି। ବିଶେଷକରି ଖଣିଖାଦାନ ଅଞ୍ଚଳର ଭୂତଳ ଜଳରେ ପିଏଚ୍ ଏବଂ ଆଇରନ୍ ମାତ୍ରା ଚିନ୍ତାଜନକ ଥିବା ରିପୋର୍ଟରୁ ଜଣାପଡ଼ିଛି। ୨୦୨୧ ଏପ୍ରିଲ ଏବଂ ଅକ୍ଟୋବରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ୩୦ ଜିଲାର ୯୧ ସ୍ଥାନର ଭୂତଳ ଜଳ ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଛି। ଏନେଇ ଏସ୍‌ପିସିବି ସଦସ୍ୟ ସଚିବ କେ. ମୁରୁଗେଶନ ଗତ ମେ ୨୩ରେ ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବଙ୍କୁ ଅବଗତ କରାଇଛନ୍ତି। ଏହି ରିପୋର୍ଟ ସଂକ୍ରାନ୍ତରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଅନୀଲ କୁମାର ପଟ୍ଟନାୟକ ଗତ ଜୁନ୍ ୩ରେ ରାଜ୍ୟ ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗୃହ ଓ ନଗର ଉନ୍ନୟନ, ଭୂତଳ ଜଳ ଉନ୍ନୟନ ବିଭାଗକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚିଠି କରିଛନ୍ତି। ତେବେ ଗତ ପ୍ରାୟ ୫ ବର୍ଷ ହେଲା ଭୂତଳ ଜଳ ପରୀକ୍ଷା ଏବଂ କାଗଜପତ୍ରରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଥିବାରୁ ସମ୍ପୃକ୍ତ ଅଞ୍ଚଳରେ କିଡ୍‌ନୀ ଜନିତ ଏବଂ ଅନ୍ୟାନ୍ୟ ଜଳବାହିତ ରୋଗ ବୃଦ୍ଧି ପାଉଥିବା ମତପ୍ରକାଶ ପାଇଛି। ରାଜ୍ୟରେ କେବଳ ନଦୀଜଳ କିମ୍ବା ଭୂପୃଷ୍ଠ ଜଳ ନୁହେଁ, ଭୂତଳ ଜଳ ମଧ୍ୟ ବିଷାକ୍ତ ହୋଇପଡ଼ିଲାଣି। ରିପୋର୍ଟକୁ ଅବଲୋକନ କଲେ ଆଗାମୀ ଦିନରେ ସ୍ୱଚ୍ଛ ପାନୀୟ ଜଳ ମିଳିବା ନେଇ ଆଶଙ୍କା ଉପୁଜିଛି। ଶିଳ୍ପ ଓ ଖଣି ଆଖପାଖ ଅଞ୍ଚଳରେ ଶତାଧିକ ଲୋକ କିଡ୍‌ନୀ ରୋଗରେ ପ୍ରାଣ ହରାଉଥିବା ଅନେକ ନଜିର ରହିଛି। ଯାଜପୁର ଜିଲାର କଳିଙ୍ଗନଗର ଏବଂ ସୁକିନ୍ଦା ଖଣି ଅଞ୍ଚଳକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଗତ ୧୦ ବର୍ଷରେ ଏଠାରେ ପ୍ରାୟ ୫୦୦ ଲୋକ କିଡ୍‌ନୀ ରୋଗରେ ପ୍ରାଣ ହରାଇଥିବାବେଳେ ଏବେ ବି ୧ ହଜାରରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଭୂତଳ ଜଳରେ ଆଇରନ୍ ସହ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥ ରହିଥିବା ପ୍ରମାଣିତ ☞ପୃଷ୍ଠା-୨




# ଅଗ୍ନିବୀରଙ୍କ ପାଇଁ ପ୍ରତିରକ୍ଷା, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ୧୦% ସଂରକ୍ଷଣ

## ବୟସସୀମାରେ ୩ ବର୍ଷ କୋହଳ

ନୂଆଦିଲ୍ଲୀ,୧୮।୬

ସୈନ୍ୟବାହିନୀରେ ଠିକା ନିଯୁକ୍ତି ଲାଗି କେନ୍ଦ୍ର ସରକାର ଆଣିଥିବା 'ଅଗ୍ନିପଥ' ଯୋଜନାକୁ ସାରା ଦେଶରେ ୪ ଦିନ ହେଲା ବିରୋଧ ଜାରି ରହିଛି। ଉକ୍ତ ଯୋଜନା ପ୍ରତ୍ୟାହାର କରିନେବା ଦାବିରେ ବିଭିନ୍ନ ରାଜ୍ୟରେ ବିକ୍ଷୋଭକାରୀମାନେ ସଡ଼କ ଓ ରେଳପଥ ଅବରୋଧ କରିବା ସହ ଭଙ୍ଗାରୁଜା ଓ ପୋଡ଼ାଜଳା ଚଳାଇଛନ୍ତି। ୪ ବର୍ଷ ଠିକା ନିଯୁକ୍ତି ପରେ ଅଗ୍ନିବୀରମାନେ କରିବେ କ'ଣ ଏହାକୁ ନେଇ ଦେଖାଦେଇଥିବା ଦ୍ୱନ୍ଦ୍ୱକୁ ପ୍ରଶମିତ କରିବା ଲାଗି ସ୍ୱରାଷ୍ଟ୍ର ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ସୁରକ୍ଷା ବଳ ନିଯୁକ୍ତିରେ ଅଗ୍ନିବୀରଙ୍କ ନିମନ୍ତେ ୧୦ ପ୍ରତିଶତ ଲେଖାଏ ସ୍ଥାନ ସଂରକ୍ଷଣ ରଖିବାକୁ ଘୋଷଣା କରିଛନ୍ତି। କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ଏବଂ ଆସାମ ରାଇଫଲ୍ସରେ ଅଗ୍ନିବୀରଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ରହିବ ବୋଲି ଶନିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଏହା ବ୍ୟତୀତ ସିଏପିଏଫ୍ ଏବଂ ଆସାମ ରାଇଫଲ୍ସ ନିଯୁକ୍ତିରେ ଅଗ୍ନିବୀରଙ୍କ ପାଇଁ ସର୍ବୋଚ୍ଚ ବୟସସୀମାରେ ୩ ବର୍ଷ କୋହଳ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଥିବା ଶାହା କହିଛନ୍ତି।

ଅଗ୍ନିପଥ ବିରୋଧୀ ଆନ୍ଦୋଳନକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର ତିନି ବାହିନୀର ମୁଖ୍ୟଙ୍କ ସହ ବୈଠକ କରିଥିଲେ। ବୈଠକର ନିଷ୍କର୍ଷ ସମ୍ପର୍କରେ ସରକାରୀ ଭାବେ କିଛି କୁହାଯାଇ ନ ଥିଲେ ହେଁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ନିଯୁକ୍ତିକୁ ନେଇ କ୍ରୋଧ

# ବାସ୍ତବ ହେବ ଡିଜିଟାଲ ଟ୍ୱିନ୍

ନୂଆଦିଲ୍ଲୀ,୧୮।୬

ଅତ୍ୟାଧୁନିକ ଟେକ୍ନୋଲୋଜିର ଦୁନିଆରେ ଆମର ପ୍ରାୟ ପ୍ରତ୍ୟେକ ମୁହୂର୍ତ୍ତ ଡିଜିଟାଲ ରୂପରେ ଅନ୍‌ଲାଇନରେ ଉପଲବ୍ଧ। ଘର, ଗାଡ଼ି, ପୋଷା ପ୍ରାଣୀ, ନିଜ ପ୍ରିୟ ସାମଗ୍ରୀ ଏପରି କି ଆମେ ନିଜେ ମଧ୍ୟ ସୋସିଆଲ ମିଡିଆରେ ରହିଛୁ। ଆଗକୁ ଭର୍ଚୁଆଲ ଦୁନିଆ ମେଟାଭର୍ସ ଦ୍ୱାରା ଆମର ଏକ ଅବତାର ଅନ୍‌ଲାଇନ ଭ୍ରମଣ କରିବାକୁ ଯାଉଛି। ଏହା ଉପରେ ଚର୍ଚ୍ଚା ଥମି ନ ଥିବାବେଳେ ଏବେ ଆଉ ଏକ ରୋମାଞ୍ଚକର ଟେକ୍ନୋଲୋଜି ଉପରେ ସମସ୍ତଙ୍କ ଧ୍ୟାନ ଅଟକିଛି। ଏହି ଦଶନ୍ଧିର ଶେଷଆଡ଼କୁ



ମଣିଷର ଏକ ଡିଜିଟାଲ ଯାଆଁଳା ବା ଜଣକ ଅବିକଳ ପ୍ରତିରୂପ ଜନ୍ମ ନେବାକୁ ଯାଉଛି। ଏହା କୌଣସି ସାଧାରଣ ମଣିଷ ଭଳି ବାହାରେ ରହିପାରିବ ନାହିଁ। ଡିଜିଟାଲ ଟ୍ୱିନ୍ କେବଳ ଡିଜିଟାଲ ଜୀବନ ବଞ୍ଚିପାରିବ ଏବଂ ତାହା ସମ୍ପୃକ୍ତ ବ୍ୟକ୍ତିଙ୍କ ଜୀବନୀ ଉପରେ ପୂର୍ବାନୁମାନ କରିପାରିବ ବୋଲି କୁହାଯାଉଛି।

ନିଜଙ୍କ ଭଳି ଆଉ କେହି ଅବିକଳ ଦେଖାଯାଉଥିବା ଅନେକେ ଶୁଣିଥିବେ। ଯାଆଁଳା ଶିଶୁ ମଧ୍ୟ ଏକାପରି ଦେଖାଯାଇଥାନ୍ତି। କିନ୍ତୁ ଏବେ ଡିଜିଟାଲ ରୂପରେ ମଣିଷଙ୍କ ଯାଆଁଳା ମଡେଲ ପ୍ରସ୍ତୁତ କରିବା ନିମନ୍ତେ ଟେକ୍-ରିସର୍ଚ୍ଚରମାନେ ଆଗେଇଛନ୍ତି। ପୂର୍ବରୁ ଏହା କେବଳ ଏକ ୩ଡି କମ୍ପ୍ୟୁଟର ମଡେଲ ଥିଲା। କିନ୍ତୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସହ ଇଣ୍ଟରନେଟର ବ୍ୟବହାର ଦ୍ୱାରା ଉକ୍ତ ଟ୍ୱିନ୍‌କୁ ଜଣଙ୍କ ସହ ସେନ୍ସର ମାଧ୍ୟମରେ ଯୋଡ଼ା ଯାଇପାରିବ। ☞ପୃଷ୍ଠା-୨





## ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୨

ସକାଳ ୦୬.୦୦ ଘଟିକା ପରଠାରୁ । ୨୧ ଜୁନ୍ । ମୈସୁରୁ ପ୍ୟାଲେସ୍, ମୈସୁରୁ

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ
ମୈସୁରୁ ପ୍ୟାଲେସ୍‌ଠାରେ ସାମୂହିକ ଯୋଗ ପ୍ରଦର୍ଶନ
ସମସ୍ତ ଦୂରଦର୍ଶନ ଚ୍ୟାନେଲରେ ଲାଇଭ୍ ଦେଖନ୍ତୁ

- **ଗାର୍ଡିଆନ୍ ରିଙ୍ଗ୍: ପୂର୍ବରୁ ପଶ୍ଚିମ ଯାଏଁ, ୧୬ଟି ଟାଇମ୍ ଜୋନ୍**‌ରେ **ସୂର୍ଯ୍ୟର ଗତି** ସହିତ **୭୫ଟି ଦେଶରେ** ଯୋଗ ଉତ୍ସବର ଆୟୋଜନ, ୨୧ ଜୁନ୍ ବଡ଼ି ଭୋର୍ ୩ଟାରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ ଡିଡି ଇଣ୍ଡିଆରେ LIVE ପ୍ରସାରଣ
- **ଆଜାଦୀ କା ଅମୃତ ମହୋତ୍ସବ**ର ଏକ ଅଂଶବିଶେଷ ଭାବେ ୭୫ଟି ବିଶିଷ୍ଟ ସ୍ଥଳରେ ସମାରୋହର ଆୟୋଜନ
- **୨୧-୨୨ ଜୁନ୍ ଦିନ ଦଶହରା ଗ୍ରାଉଣ୍ଡ, ମୈସୁରୁଠାରେ ପ୍ରଦର୍ଶନୀ**
  - ଅତ୍ୟାଧୁନିକ ଇଣ୍ଟରାକ୍ଟିଭ୍ ଟେକ୍ନୋଲୋଜି ମାଧ୍ୟମରେ ଯୋଗର ଉପଯୋଗିତାକୁ ଦର୍ଶାଉଥିବା **ଡିଜିଟାଲ ପ୍ରଦର୍ଶନୀ**
  - ଯୋଗ ଏବଂ ଅନ୍ୟ ଆୟୁଷ ଶୃଙ୍ଖଳା ତଥା ଯୋଗ ଷ୍ଟାର୍ଟଅପ୍‌ର ଭବ୍ୟତାକୁ ଦର୍ଶାଉଥିବା **ଷ୍ଟାଟିକ୍ ପ୍ରଦର୍ଶନୀ**
- **ବୈଶ୍ୱିକ ସଙ୍ଗଠନଗୁଡ଼ିକର** ସକ୍ରିୟ ଭାଗୀଦାରି ନିରନ୍ତର ବୃଦ୍ଧି ପାଉଛି
- ଦୂରଦୂରାନ୍ତ ଅଞ୍ଚଳରୁ ଲକ୍ଷାଧିକ ଜନସାଧାରଣଙ୍କ ଅଂଶଗ୍ରହଣ: କମନ୍ ସର୍ଭିସ୍ ସେଣ୍ଟର **(ସିଏସ୍‌ସି)** ଏବଂ **ଗୋଷ୍ଠୀ ରେଡିଓ ଷ୍ଟେଶନ** ଗ୍ରାମୀଣ ସମୁଦାୟକୁ ସାମିଲ କରିବା ପାଇଁ କାର୍ଯ୍ୟ କରୁଛନ୍ତି
- ସାମୂହିକ ଉତ୍ସବରେ ଭାଗନେବା ପାଇଁ ଏହି ଲିଙ୍କ୍‌ରେ **ପଞ୍ଜୀକରଣ କରନ୍ତୁ** http://yogaregistration.nic.in/idy2022/

DAVP 17201/13/0006/2223

**ଯୋଗ ମାଧ୍ୟମରେ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ**
ପାଇଁ ବିଶ୍ୱବ୍ୟାପୀ ଅଭିଯାନର ଅଂଶବିଶେଷ ହୁଅନ୍ତୁ

Gain health benefits from these apps
Available at:

ଅନ୍ତର୍ଜାତୀୟ ଯୋଗ ଦିବସ ଏବଂ ସାଧାରଣ ଯୋଗ ପ୍ରୋଟୋକଲ୍ (ସିଓ୍ୱାଇପି) ସମ୍ପର୍କରେ ଅଧିକ ଜାଣିବା ପାଇଁ ଦୟାକରି https://yoga.ayush.gov.in ପରିଦର୍ଶନ କରନ୍ତୁ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୩୮,୬୦,୬୪୩ | ୬୩,୩୯,୮୨୦ | ୫୧,୮୯,୫୦,୮୯୦ |
| ଭାରତ | ୪,୩୨,୮୩,୭୯୩ | ୫,୨୪,୮୪୦ | ୪,୨୬,୯୦,୮୪୫ |
| ଓଡ଼ିଶା | ୧୨,୮୮,୮୦୦ | ୯୧୨୬(+୫୩) | ୧୨,୭୯,୪୧୯ |

ଶନିବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ବାତ୍ୟା ନିରୋଧୀ ଭିତ୍ତିଭୂମି ପ୍ରସ୍ତାବ

# ବିନା ଟଙ୍କାରେ ଗାଇଡ୍‌ଲାଇନ୍

**ଭୁବନେଶ୍ୱର, ୧୮।୬(ବ୍ୟୁରୋ)**

ବିଭିନ୍ନ ସମୟରେ ଦେଖାଦେଉଥିବା ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଗୋଟିଏ ପରେ ଗୋଟିଏ ବାତ୍ୟା ଉପକୂଳ ଅଞ୍ଚଳକୁ ଛାରଖାର କରିଦେଉଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟକୁ ୭ଟି ଭୟଙ୍କର ବାତ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ଏଥିରେ ପ୍ରାୟ ୩୫ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। କୃଷିକ୍ଷେତ୍ର ସମେତ ଘରଦ୍ୱାର, ରାସ୍ତାଘାଟ, ବିଦ୍ୟୁତ୍ ଭିତ୍ତିଭୂମି ନଷ୍ଟ ହୋଇଯାଉଛି। ଏହାକୁ ଭରଣା କରିବାକୁ ଦୀର୍ଘ ସମୟ ଲାଗିଯାଉଛି। ବାରମ୍ବାର ବାତ୍ୟା ଯୋଗୁ ଉପକୂଳବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମି ଗମ୍ଭୀର ଭାବେ ପ୍ରଭାବିତ ହେଉଛି। ଦୀର୍ଘ ସମୟ ଧରି ବାତ୍ୟା ପ୍ରଭାବିତଙ୍କୁ ବିଜୁଳି କଷ୍ଟରେ ରହିବାକୁ ପଡୁଛି। ଏହାକୁ ଦେଖି ରାଜ୍ୟ ସରକାର ବାତ୍ୟା ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ସହାୟତା ଲୋଡ଼ିଛନ୍ତି। ତେବେ ବିଡ଼ମ୍ବନା ଯେ ୨ ବର୍ଷ ପୂର୍ବରୁ ରାଜ୍ୟ ସରକାର କେନ୍ଦ୍ରକୁ ଦେଇଥିବା ଏହି ପ୍ରସ୍ତାବ କେବଳ ଗାଇଡ୍‌ଲାଇନରେ ସୀମିତ ରହିଛି। ଏଥିପାଇଁ କେନ୍ଦ୍ରରୁ ସହାୟତା ମିଳୁନାହିଁ କିମ୍ବା ବିଦ୍ୟୁତ୍ ଭିତ୍ତିଭୂମି କାର୍ଯ୍ୟ ଆଗେଇ ପାରୁନାହିଁ।

ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି)ଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ମୁତାବକ କେନ୍ଦ୍ର ସରକାରଙ୍କୁ ଇତିମଧ୍ୟରେ ୪ ଥର ପ୍ରସ୍ତାବ ଦିଆଯାଇଥିଲେ ସୁଦ୍ଧା ଏ ଦିଗରେ କୌଣସି ଅଗ୍ରଗତି ହୋଇ ନାହିଁ କିମ୍ବା କେନ୍ଦ୍ର ନିକଟରୁ ସବୁଜ ସଙ୍କେତ ମିଳିନାହିଁ। କେନ୍ଦ୍ର ସରକାର ନିକଟରେ ଏ ନେଇ କେବଳ ଏକ ଗାଇଡ୍‌ଲାଇନ ପଠାଇଛନ୍ତି। ବାରମ୍ବାର ବାତ୍ୟା ଯୋଗୁ ବିଦ୍ୟୁତ୍ ଭିତ୍ତିଭୂମି ନଷ୍ଟ ହେଉଥିବାରୁ ରାଜ୍ୟ ସରକାର ୨୦୨୦ ଜୁନ୍ ୨୨ରେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବାତ୍ୟା ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ କରିବାକୁ କେନ୍ଦ୍ର ସରକାରଙ୍କୁ ୧୧,୧୧୪ କୋଟି ଟଙ୍କାର ପ୍ରସ୍ତାବ ଦେଇଥିଲେ। କେନ୍ଦ୍ର ଏଥିପାଇଁ ଟଙ୍କାଟିଏ ଦେଇ ନ ଥିବାବେଳେ ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଏ ଦିଗରେ କୌଣସି କାମ ଆରମ୍ଭ କରିନାହାନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁ ଉପକୂଳବର୍ତ୍ତୀ ଜିଲାବାସୀଙ୍କୁ ପ୍ରତ୍ୟେକ ବର୍ଷ ବିଦ୍ୟୁତ୍ କଷ୍ଟ ଭୋଗିବାକୁ ପଡୁଛି। ଥରେ ବାତ୍ୟା ହେଲେ ବିଦ୍ୟୁତ୍ ସଂଯୋଗ କରିବାକୁ ମାସ ମାସ ସମୟ ଲାଗିଯାଉଛି। କେବଳ ସମୟ ଲାଗୁ ନାହିଁ, ବରଂ ରାଜକୋଷରୁ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇ ସେହି ପୁରୁଣା ଢାଞ୍ଚାରେ କାମଚଳା ବିଦ୍ୟୁତ୍ ସଂଯୋଗ ଦିଆଯାଉଛି। ପରବର୍ତ୍ତୀ ବାତ୍ୟାରେ ପୁଣି ଉପକୂଳବାସୀଙ୍କୁ ସମଦଶା ଭୋଗିବାକୁ ପଡୁଛି।

## ୭ ବାତ୍ୟାରେ ବରବାଦ ହେଲାଣି ୩୫ ହଜାର କୋଟି



୧୯୯୯ରୁ ୨୦୨୧ ମଧ୍ୟରେ ରାଜ୍ୟକୁ ୭ଟି ବାତ୍ୟା ମାଡ଼ ହେଲାଣି। ୧୯୯୯ ମହାବାତ୍ୟା ପରେ ୨୦୧୩ ଅକ୍ଟୋବର୧୨ରେ ଫାଇଲିନ ବାତ୍ୟାକୁ ଦକ୍ଷିଣ ଓଡ଼ିଶା ସମ୍ମୁଖୀନ ହୋଇଥିଲା। ଏଥିରେ ୧୩ ଜିଲାର ୮ ନିୟୁତ ଲୋକ ପ୍ରଭାବିତ ହୋଇଥିଲେ। ୨୩୦୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ସେହିପରି ୨୦୧୪ ଅକ୍ଟୋବର ୧୩ରେ ବାତ୍ୟା ହୁଡ୍‌ହୁଡ୍ ଦକ୍ଷିଣ ଓଡ଼ିଶାକୁ ଧକ୍କା ଦେଇଥିଲା। ଏଥିଯୋଗୁ ପ୍ରାୟ ୧ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ୨୦୧୮ ଅକ୍ଟୋବରରେ ବାତ୍ୟା ତିତ୍‌ଲି ପୁଣି ଦକ୍ଷିଣ ଉପକୂଳ ଓଡ଼ିଶାକୁ ଛାରଖାର କରି ଦେଇଥିଲା। ଏଥିରେ ଗଞ୍ଜାମ, ଗଜପତି ସମେତ ୧୭ ଜିଲା ୧୨୮ ବ୍ଲକର ୮,୧୨୫ ଗ୍ରାମର ୬୦.୧୧ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ଏହାର କ୍ଷୟକ୍ଷତି ୨,୭୬୫ କୋଟି ଟଙ୍କା ଆକଳନ କରାଯାଇଥିଲା। ଏହି ବାତ୍ୟା ବିଭୀଷିକାକୁ ବର୍ଷେ ପୂରଣ ହୋଇ ନ ଥିବା ବେଳେ ବାତ୍ୟା ଫନୀ ୨୦୧୯ ମେ' ୩ରେ ୧୪ ଜିଲାରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ଏହା ପୁରୀ ଓ ଭୁବନେଶ୍ୱରକୁ ଛାରଖାର କରିଦେଇଥିଲା। ପ୍ରାୟ ୧୨ ହଜାର କୋଟି ଟଙ୍କା କ୍ଷୟକ୍ଷତି ହୋଇଥିଲା। ୬୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ବିଦ୍ୟୁତ୍, ପାନୀୟ ଜଳ, ଘରଦ୍ୱାର ଓ ସବୁଜ ବଳୟ ଧ୍ୱଂସ ହୋଇଥିଲା। ଫନୀ ଯୋଗୁ ୩୪ କି.ମି. ୩୩ କେଭି, ୪୫୩କି.ମି. ୧୧ କେଭି ଲାଇନ, ୬୮୦ କି.ମି. ଏଲ୍‌ଟି ଲାଇନ ଏବଂ ୨୪୩୧୯ଟି ଟ୍ରାନ୍ସଫର୍ମର ନଷ୍ଟ ହୋଇଥିଲା।

ଫନୀକୁ ବର୍ଷେ ପୂରିବା ପରେ ୨୦୨୦ ମେ' ୨୦ ତାରିଖରେ ସାମୁଦ୍ରିକ ଝଡ଼ 'ଅମ୍ଫାନ' ଯୋଗୁ ରାଜ୍ୟର ଉପକୂଳବର୍ତ୍ତୀ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ଭୟଙ୍କର କ୍ଷୟକ୍ଷତି ହୋଇଥିଲା। ଏହି ସବୁ ଜିଲାର ୯୨ଟି ବ୍ଲକ, ୧୫୫୮ଟି ପଞ୍ଚାୟତର ୯୮୩୩ ଗ୍ରାମ ଏବଂ ୨୨ଟି ପୌରାଞ୍ଚଳର ୨୭୨ଟି ୱାର୍ଡର ୪୪,୪୪,୮୯୬ ଲୋକ ପ୍ରଭାବିତ ହୋଇଥିଲେ। ଏଥିଯୋଗୁ ପ୍ରାୟ ୫ ହଜାର କୋଟି ଟଙ୍କାର କ୍ଷତି ହୋଇଥିଲା। ଏହା ପରେ 'ୟାସ୍' ଓ ଗୁଲାବ ଭଳି ବାତ୍ୟା ମଧ୍ୟ ବିଦ୍ୟୁତ୍ ଭିତ୍ତିଭୂମିକୁ କ୍ଷତି ପହଞ୍ଚାଇଛି।

# ୮୨୨ ମିଟର ଉଚ୍ଚରେ କୁମ୍ଭୀର

**ବାରିପଦା ଅଫିସ, ୧୮।୬:** ମୟୂରଭଞ୍ଜ ଜିଲା ଶିମିଳିପାଳ ଜୈବମଣ୍ଡଳ ଉପର-ବାରାହାକାମୁଡ଼ା ରେଞ୍ଜଠାରେ ସ୍ୱତନ୍ତ୍ର ପ୍ରଜାତିର କୁମ୍ଭୀର ରହୁଥିବା ଜଣାପଡ଼ିଛି। ଏଭଳି ସୂଚନା ଅଭୟାରଣ୍ୟ ପାଇଁ ଶୁଭଙ୍କର ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଟି. ଅଶୋକ କୁମାର ପ୍ରକାଶ କରିଛନ୍ତି। ଏହି ସ୍ଥାନଟି ସମୁଦ୍ରପତ୍ତନ ଠାରୁ ପାଖାପାଖି ୮୨୨ମିଟର ଉଚ୍ଚରେ ଅବସ୍ଥିତ। ଆଜି ପର୍ଯ୍ୟନ୍ତ ଭାରତର କୌଣସି ଏତେ ଉଚ୍ଚ ସ୍ଥାନରେ କୁମ୍ଭୀର ଦେଖାଯାଇ ନ ଥିବାବେଳେ ଏହା ପ୍ରଥମ ବୋଲି ସେ କହିଛନ୍ତି। କିଛିଦିନ ପୂର୍ବରୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କର୍ମଚାରୀମାନେ ପାଟ୍ରୋଲିଂ କରୁଥିବାବେଳେ ଏହି ମଗର ପ୍ରଜାତିର କୁମ୍ଭୀରକୁ ଦେଖିବାକୁ ପାଇଥିଲେ। ୨୦୦୦ ମସିହାରେ ଶିମିଳିପାଳ ଜୈବମଣ୍ଡଳରୁ ବାହାରିଥିବା ବିଭିନ୍ନ ନଦୀ ଓ ନାଳଗୁଡ଼ିକରେ ଯଶିପୁର କୁମ୍ଭୀର ପ୍ରଜନନ କେନ୍ଦ୍ରରୁ କିଛି କୁମ୍ଭୀର ଶାବକଙ୍କୁ ନେଇ ଛଡ଼ାଯାଇଥିଲା। ସମୟକ୍ରମେ ଏହି କୁମ୍ଭୀରଙ୍କ ବଂଶ ବିସ୍ତାର ହେବା ସହ ଉତ୍ତମ ଜଳବାୟୁ ଓ ପରିବେଶରେ ସେମାନେ ବଞ୍ଚିପାରିଛନ୍ତି। ସର୍ବୋଚ୍ଚ ସ୍ଥାନରେ କୁମ୍ଭୀର ବାସ କରିବା ଦେଶରେ ଏହା ଏକ ରେକର୍ଡ ବୋଲି କୁହାଯାଉଛି।






# ରାଜ୍ୟପାଳଙ୍କୁ ଓପିଏସ୍‌ସିର ବାର୍ଷିକ ରିପୋର୍ଟ

## କ୍ୟାଲେଣ୍ଡର ପ୍ରକାଶ, ଚଳିତବର୍ଷ ୫ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି

**ଭୁବନେଶ୍ୱର, ୧୮।୬(ବ୍ୟୁରୋ)**

ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତି ଶନିବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସାକ୍ଷାତ୍ କରି ୨୦୨୧-୨୨ର ବାର୍ଷିକ ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିସହ ସେ ଓପିଏସ୍‌ସିର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି। ୨୦୨୧-୨୨ରେ ଆୟୋଗ ପ୍ରଥମ କରି ଏକ ନିଯୁକ୍ତି କ୍ୟାଲେଣ୍ଡର ପ୍ରକାଶ କରିଥିଲେ। କୋଭିଡ୍ ଭଳି ବିଭିନ୍ନ ବାଧାବିଘ୍ନକୁ ଅତିକ୍ରମ କରି ଆୟୋଗ ନିଜ ଘୋଷିତ ଲକ୍ଷ୍ୟ ପୂରଣରେ ସମର୍ଥ ହୋଇପାରିଥିଲେ। ଏହି ସମୟରେ ଗ୍ରୁପ୍-'ଏ' ଓ 'ବି' ରେ ୨,୨୭୭ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ସୁପାରିସ କରିବା ସହ ୨୨ଟି ସରକାରୀ ବିଭାଗରେ ୧,୫୩୬ ପଦୋନ୍ନତିକୁ ଆୟୋଗ ସ୍ୱୀକୃତି ଦେଇଛନ୍ତି। ସେହିଭଳି ଉକ୍ତ ବର୍ଷରେ ୨୨୪ଟି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଫଇସଲା କରାଯାଇଛି। ଆୟୋଗ ଏହି ସଫଳତାରେ ଉତ୍ସାହିତ ହୋଇ ୨୦୨୨-୨୩ ପାଇଁ ୨୬ଟି ସରକାରୀ ବିଭାଗରେ ୫ ହଜାରରୁ ଊର୍ଦ୍ଧ୍ୱ ସରକାରୀ ଚାକିରି ପାଇଁ ନିଯୁକ୍ତି କ୍ୟାଲେଣ୍ଡର ପ୍ରକାଶ କରିଥିବା ଅଧ୍ୟକ୍ଷ ମହାନ୍ତି ରାଜ୍ୟପାଳଙ୍କୁ ଜଣାଇଛନ୍ତି।



ଓପିଏସ୍‌ସି ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ବାର୍ଷିକ ରିପୋର୍ଟ ପ୍ରଦାନ କରୁଛନ୍ତି।

ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଶୀଘ୍ର ଫଳ ପ୍ରକାଶନ ଉପରେ ଆୟୋଗ ଗୁରୁତ୍ୱ ଦେଉଥିବା ପ୍ରକାଶ କରି ଅଧ୍ୟକ୍ଷ ମହାନ୍ତି କହିଥିଲେ, ଅନ୍‌ଲାଇନ ପୋର୍ଟାଲ ଓ ସମନ୍ୱିତ ନିଯୁକ୍ତି ପରିଚାଳନା ପଦ୍ଧତିର ଉନ୍ନତୀକରଣ କରି ଏହାକୁ ବ୍ୟବହାରକାରୀଙ୍କ ନିମନ୍ତେ ସହଜ ଓ ସରଳ କରିବା ପାଇଁ ପ୍ରୟାସ କରାଯାଉଛି। ଚୟନ ପ୍ରକ୍ରିୟାରେ କମ୍ପ୍ୟୁଟରଭିତ୍ତିକ ପରୀକ୍ଷା ପଦ୍ଧତିକୁ ଗୁରୁତ୍ୱ ଦେଇ ମୂଲ୍ୟାୟନରେ ପ୍ରାର୍ଥୀଙ୍କ ପରିଚୟକୁ ଗୋପନ ରଖିବା ନିମନ୍ତେ ଉଦ୍ୟମକୁ ଆହୁରି ଫଳପ୍ରସୂ କରାଯାଉଛି। ଚଳିତ ବର୍ଷ ପରୀକ୍ଷା ଫଳାଫଳ ଶୀଘ୍ର ପ୍ରକାଶନ ଲକ୍ଷ୍ୟରେ 'ଅନ୍‌ସ୍କ୍ରିନ' ମୂଲ୍ୟାୟନ ପଦ୍ଧତିର ପ୍ରଚଳନ କରାଯାଉଛି। ଏଥିସହ ଆୟୋଗ ସର୍ବାଧିକ ନିଯୁକ୍ତି ସୁପାରିସ କରିବେ ବୋଲି ସେ ପ୍ରକାଶ କରିଥିଲେ। ରାଜ୍ୟପାଳ ଆୟୋଗଙ୍କ ସଂସ୍କାରମୂଳକ ଓ ପ୍ରଗତିଶୀଳ କାର୍ଯ୍ୟର ପ୍ରଶଂସା କରିବା ସହ ଏହାକୁ ଆହୁରି ବ୍ୟାପକ ଓ ଅନ୍ତର୍ଭୁକ୍ତି କରିବାକୁ ପରାମର୍ଶ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ

- ୨୦ରେ ରୋମ୍, ଦୁବାଇ ଯାତ୍ରା
- ଡବ୍ଲ୍ୟୁଏଫ୍‌ପି, ଇନ୍‌ଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ଯୋଗଦେବେ
- ଭାଟିକାନ ସିଟିରେ ପୋପ୍‌ଙ୍କୁ ଭେଟିବେ

**ଭୁବନେଶ୍ୱର, ୧୮।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ ଦିନିଆ ବିଦେଶ ଗସ୍ତରେ ଯିବେ। ଏଥିପାଇଁ ସେ ଶନିବାର ମଧ୍ୟାହ୍ନ ୧ଟା ୩୦ ମିନିଟ୍‌ରେ ଭୁବନେଶ୍ୱରରୁ ନୂଆଦିଲ୍ଲୀ ଅଭିମୁଖେ ଗସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ରୋମ୍ ଓ ଦୁବାଇ ଗସ୍ତ କରିବେ। ପ୍ରତିନିଧି ଦଳରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି.କେ. ପାଣ୍ଡିଆନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଭି.ଭି. ଯାଦବ, ଶିଳ୍ପ ସଚିବ ହେମନ୍ତ ଶର୍ମା ଏବଂ ନୂଆଦିଲ୍ଲୀସ୍ଥିତ ଆବାସିକ କମିଶନର ରବିକାନ୍ତ ଓ ଅନ୍ୟ କେତେଜଣ ଅଧିକାରୀ ରୋମ୍ ଗସ୍ତରେ ଯିବେ। ମୁଖ୍ୟମନ୍ତ୍ରୀ ରୋମ୍‌ସ୍ଥିତ ଜାତିସଂଘ ଖାଦ୍ୟ କାର୍ଯ୍ୟକ୍ରମ(ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ)ରେ ଖାଦ୍ୟ ସୁରକ୍ଷା ଓ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ସଫଳତା କାହାଣୀ ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିସହିତ ମୁଖ୍ୟମନ୍ତ୍ରୀ ଜାତିସଂଘ ଖାଦ୍ୟ କାର୍ଯ୍ୟକ୍ରମ(ଡବ୍ଲ୍ୟୁଏଫ୍‌ପି)ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡେଭିଡ୍ ବେସଲେ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ସାକ୍ଷାତ୍ କରିବେ। ରାଜ୍ୟରେ ଦୀର୍ଘମିଆଦୀ ଖାଦ୍ୟ ସୁରକ୍ଷା ଓ ଡବ୍ଲ୍ୟୁଏଫ୍‌ପି ସହ ଓଡ଼ିଶାର ଭାଗୀଦାରି ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିବେ। ରୋମ୍‌ରେ ରହଣି କାଳରେ ମୁଖ୍ୟମନ୍ତ୍ରୀ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ସର୍ବୋଚ୍ଚ ଧର୍ମଗୁରୁ ପୋପ୍ ଫ୍ରାନ୍‌ସିସ୍‌ଙ୍କୁ ଭାଟିକାନ ସିଟିରେ ସାକ୍ଷାତ୍ କରିବେ। ସେଠାରେ ସେ ୟୁରୋପର ବିଭିନ୍ନ ଭାଗରେ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ପ୍ରସାର କରୁଥିବା ପ୍ରବାସୀ ଓଡ଼ିଆଙ୍କ ସହ ସାକ୍ଷାତ୍ କରିବା କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨୬ ତାରିଖ ଅପରାହ୍ନ ୩ଟା ୨୫ରେ ମୁଖ୍ୟମନ୍ତ୍ରୀ ଓ ପ୍ରତିନିଧି ଦଳ ରୋମ୍‌ରୁ ଦୁବାଇ ଅଭିମୁଖେ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଦୁବାଇରେ ୨୯ ତାରିଖରେ ଭାରତ ସରକାର ଓ ଫିକ୍କି ଦ୍ୱାରା ଆୟୋଜିତ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ରେ ଯୋଗଦେବେ। ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ସେଠାରେ ମୁଖ୍ୟମନ୍ତ୍ରୀ ବଡ଼ ବଡ଼ ପୁଞ୍ଜିପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିବେ। ଇନ୍‌ଭେଷ୍ଟର୍ସ ମିଟ୍‌ରେ ଓଡ଼ିଶାରୁ ଯାଇଥିବା ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଲୋଚନା ବେଳେ ଉପସ୍ଥିତ ରହିବେ। ବିଦେଶ ଗସ୍ତ କାର୍ଯ୍ୟକ୍ରମ ଶେଷକରି ମୁଖ୍ୟମନ୍ତ୍ରୀ ୩୦ ତାରିଖରେ ନୂଆଦିଲ୍ଲୀ ଫେରିଆସିବେ। ନୂଆଦିଲ୍ଲୀରୁ ମୁଖ୍ୟମନ୍ତ୍ରୀ ରାତି ୯ଟା ୩୦ ମିନିଟ୍‌ରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବେ। ରାତି ୧୧ଟା ୩୦ ମିନିଟ୍‌ରେ ସେ ଭୁବନେଶ୍ୱରରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି।






# ଭିଜିଲାନ୍ସ ଜାଲରେ ଜଳେଶ୍ୱର ବିଡିଓ

## ଜଟଣୀ ତହସିଲଦାର ଭାବେ ବଦଳି ହୋଇଥିଲେ

**ଜଳେଶ୍ୱର/ଡେରାବିଶ, ୧୮।୬(ଡି.ଏନ.ଏ/ସ୍ୱ.ପ୍ର.)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଜିଲା ଜଳେଶ୍ୱର ବିଡିଓ ଅଶ୍ୱିନୀ କୁମାର ଦାସ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ତାଙ୍କ ଅଫିସ, କଟକ, କେନ୍ଦ୍ରପଡ଼ା ସମେତ ୬ଟି ସ୍ଥାନରେ ଭିଜିଲାନ୍ସ ଅଧିକାରୀମାନେ ଏକକାଳୀନ ଚଢ଼ାଉ ଜାରି ରଖିଛନ୍ତି। ଚଢ଼ାଉ ବେଳେ ବହୁ କୋଟି ଟଙ୍କାର ସମ୍ପତ୍ତି ଠାବ ହୋଇଛି। ଗତ ୧୭ ତାରିଖରେ ବିଡିଓ ଦାସଙ୍କର ଖୋର୍ଦ୍ଧା ଜିଲା ଜଟଣୀ ତହସିଲ କାର୍ଯ୍ୟାଳୟକୁ ତହସିଲଦାର ଭାବେ ବଦଳି ହୋଇଥିଲା। ସେଠାରେ ସେ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ଭିଜିଲାନ୍ସ ବିଭାଗ ତାଙ୍କ ଆୟ ବହିର୍ଭୂତ ସମ୍ପତ୍ତିର ଖୁଲାସା କରିଛି।


ବିଡିଓ ଅଶ୍ୱିନୀ କୁମାର ଦାସ

ଶନିବାର ଭୋର ୪ଟା ସମୟରେ କଟକ ଭିଜିଲାନ୍ସ ଡିଭିଜନର ଅନୁଗୋଳସ୍ଥିତ ଡିଏସ୍‌ପି ଶମ୍ଭୁନାଥ ବାରିକଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ବିଡିଓ ଦାସଙ୍କ ଜଳେଶ୍ୱରସ୍ଥିତ ସରକାରୀ ବାସଭବନରେ ଚଢ଼ାଉ କରିଥିଲେ। ଦୀର୍ଘ ୮ ଘଣ୍ଟା ଧରି ସେମାନେ ସରକାରୀ ବାସଭବନ ଓ ପରେ ବ୍ଲକ କାର୍ଯ୍ୟାଳୟରେ ଛାନଭିନ୍ କରିଥିଲେ। ସେଠାରୁ ବହୁ ଦରକାରୀ କାଗଜପତ୍ର, ଦାମୀ ଗାଡ଼ି ଓ ଅଳଙ୍କାର ଇତ୍ୟାଦି ଜବତ ହୋଇଥିବା ଭିଜିଲାନ୍ସ ଡିଏସ୍‌ପି ସୂଚନା ଦେଇଛନ୍ତି। ୫ମାସ ପୂର୍ବେ କେନ୍ଦ୍ରାପଡ଼ାରୁ ବଦଳି ହୋଇ ଜଳେଶ୍ୱର ବ୍ଲକରେ ସେ ବିଡିଓ ଭାବେ ଯୋଗ ଦେଇଥିଲେ। ଜଳେଶ୍ୱର ସମେତ କଟକ ଜିଲା ବୟାଳିଶ ମୌଜା ଅନ୍ତର୍ଗତ ଝିଙ୍କିରିଆଠାରେ ଥିବା ୨ମହଲା ବିଶିଷ୍ଟ ବାସଭବନ ଏବଂ କଳାପଡ଼ା ଗାଁର ୩ ମହଲା ବିଶିଷ୍ଟ କୋଠା, ତାଙ୍କ ସ୍ତ୍ରୀ ଜ୍ୟୋତିର୍ମୟୀ ସାହୁଙ୍କ କଟକ ଖପୁରିଆସ୍ଥିତ ସରକାରୀ ପ୍ରେସ୍ ନିକଟ ଗୃହ ଏବଂ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ କାଉପଡ଼ା ପଞ୍ଚାୟତ ବାରବାଟିଆସ୍ଥିତ ଘର,ଆଳିର ଭୁଇଁପୁରଠାରେ ଥିବା ଜଣେ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରାଯାଇଛି। ତାଙ୍କ ନାମରେ ଥିବା ମୋଟ ୨୪ ପ୍ଲଟ, କଟକ ସହରରେ ଥିବା ଅଢ଼େଇ କୋଟି ଟଙ୍କା ମୂଲ୍ୟର ୨ଟି ପକ୍କାଗୃହ, ୪୧ଲକ୍ଷ ଟଙ୍କାର ୪ଟି ଗାଡ଼ି, ୩ଟି ୨ଚକିଆ ଯାନ ଓ ମୂଲ୍ୟବାନ ଅଳଙ୍କାର ସହ ଠାକୁର ଘରୁ ଏକ ସୁନା ମୁକୁଟ ଜବତ ହୋଇଥିବା ସୂଚନା ମିଳିଛି।







> ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। —ଶ୍ରୀମା

# ନିଯୁକ୍ତିକୁ ନେଇ କ୍ରୋଧ



ଆକାର ପଟେଲ

ଅଗ୍ନିବୀର ଘଟଣାରେ, ସରକାର ପୁଣି ପ୍ରଥମେ ତାଙ୍କ ପଟରୁ କାର୍ଯ୍ୟ କରିଛନ୍ତି ଓ ପରେ ନୀରବରେ ତା'ର ସମ୍ଭାବ୍ୟ ପରିଣାମ ସମ୍ପର୍କରେ ଚିନ୍ତା କରୁଛନ୍ତି। ହଠାତ୍ ଏବକାର ସେନା ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବଦଳାଇବାର ମାନେ କ'ଣ ଥିଲା। ଏହା କିପରି ହେବା ଉଚିତ ସେ ସମ୍ପର୍କରେ କିଛି ଚିନ୍ତା କିମ୍ବା ପ୍ରସ୍ତୁତି ନ କରି ହଠାତ୍ ଯୋଜନାର ପରିବର୍ତ୍ତନ କରାଯାଇ ପ୍ରଥମେ ୨୧ ବର୍ଷ ବୟସରୁ ଊର୍ଦ୍ଧ୍ୱଙ୍କୁ ଚଳିତ ବର୍ଷ ଚାକିରି ଲାଗି ଆବେଦନ କରିବାକୁ ଅନୁମତି ଦେବା ଏବଂ ପରେ ବେରୋଜଗାର ଅଗ୍ନିବୀରଙ୍କ ପାଇଁ ଏକ ସଂରକ୍ଷଣ ଯୋଜନା ଘୋଷଣା କରାଯାଇଛି। ଏଥିରୁ ଜଣାପଡୁଛି ଯେ, ଯେଉଁମାନେ ଏହି ଯୋଜନା ସମ୍ପର୍କରେ ଚିନ୍ତା କରୁଥିଲେ ସେମାନେ ଠିକ୍ ଭାବେ ଚିନ୍ତା କରିନାହାନ୍ତି। ଘୋଷଣାକୁ ନେଇ ପ୍ରାୟ ଏଭଳି ହିଂସା ଘଟିବ ବୋଲି ପୂର୍ବରୁ ଆକଳନ କରାଯାଉଥିଲା। ଚଳିତ ବର୍ଷ ପ୍ରାରମ୍ଭରୁ ଯେଉଁ ସବୁ ଅଞ୍ଚଳରେ ରେଲୱେ ନିଯୁକ୍ତି ପ୍ରକ୍ରିୟାରେ ତ୍ରୁଟି କରାଯାଇଥିଲା ଓ ସେଠାରେ ସମାନ ପ୍ରକାର ଘଟଣା ଘଟିଥିଲା। ସଶସ୍ତ୍ର ସେନାରେ ନିଯୁକ୍ତି ପାଇଁ ପରୀକ୍ଷା ଦେବା ଲାଗି ଯେଉଁମାନେ ଟ୍ରେନିଂ ନେଉଛନ୍ତି ଏବଂ ମହାମାରୀ କାରଣରୁ ଦୁଇବର୍ଷ ହେଲା ଅପେକ୍ଷା କରିଛନ୍ତି (ଯୋଗ୍ୟତା ପାଇଁ ସେମାନଙ୍କ ବୟସ ଅଧିକ ହୋଇଯିବାର ଆଶଙ୍କା ରହିଛି), ଏବେ ସେମାନଙ୍କୁ କୁହାଗଲା ଯେ, ଯେଉଁ ଯୋଜନାରେ ଭର୍ତ୍ତି ହେବା ଲାଗି ସେମାନେ ପ୍ରଶିକ୍ଷଣ ନେଇଛନ୍ତି ତାହା ଏହିଠାରେ ହିଁ ଶେଷ ହୋଇଗଲା। ସେମାନେ ଠିକାରେ ନିଯୁକ୍ତି ପାଇବେ ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ୪ ବର୍ଷ ପରେ ଘରକୁ ଫେରାଇ ଦିଆଯିବ। ସେମାନେ ଯାହା ପାଇଁ ପ୍ରଶିକ୍ଷଣ ନେଉଥିଲେ ଏ ସେହି ସେନା ହୋଇ ରହିନାହିଁ।

ଏବେ ପ୍ରକାଶ ପାଇଥିବା ହିଂସା ପାଇଁ ସରକାର ବିରୋଧୀ ଦଳକୁ ଦାୟୀ କରୁଛନ୍ତି। କିନ୍ତୁ ଏଭଳି ଅଭିଯୋଗର କୌଣସି ଗୁରୁତ୍ୱ ନାହିଁ। ଏହି ଯୋଜନାକୁ ପ୍ରଧାନମନ୍ତ୍ରୀ ଘୋଷଣା କିମ୍ବା ଆରମ୍ଭ କରି ନ ଥିବାରୁ ଏହାକୁ ଭିତ୍ତିକରି ଏକ ସମସ୍ୟା ଉପୁଜିବାର ଥିଲା ବୋଲି ସରକାର ଜାଣିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଓ ସେନା ମୁଖ୍ୟମାନଙ୍କୁ ଏହି ଯୋଜନା ସମ୍ପର୍କରେ ଘୋଷଣା କରିବାକୁ ପଠାଗଲା। ନରେନ୍ଦ୍ର ମୋଦିଙ୍କ ବିଶ୍ୱସ୍ତମାନେ କହିବେ ଯେ ଏଥିରେ କିଛି ଭୁଲ୍ ନାହିଁ। ଅବଶ୍ୟ ଯେଉଁ ବାଟରେ ଏହାକୁ ଘୋଷଣା କରାଯିବାର ଥିଲା ସେଭଳି କରାଯାଇଛି। ହିଁ, ଏଭଳି କୁହାଯାଇପାରେ, କିନ୍ତୁ ୨୦୧୪ରୁ ଯେଉଁଭଳି ବିଭିନ୍ନ ପ୍ରସଙ୍ଗ ଘଟିଚାଲିଛି ତାହା ବାସ୍ତବ ବାଟ ନୁହେଁ। ସେନାର ୨୨୫ ବର୍ଷ ପୁରୁଣା ନିଯୁକ୍ତି ପରମ୍ପରାକୁ ନଷ୍ଟ କରି ରାତାରାତି ଆଉ ଏକ ଯୋଜନା ଲାଗୁ କରିବା ଭଳି ମାଷ୍ଟରଷ୍ଟ୍ରୋକ୍ କେବଳ ମୋଦି ସରକାର ହିଁ ଘୋଷଣା କରିଥାଆନ୍ତି। ଏହା ମଧ୍ୟରେ କୃଷି ଆଇନ, ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ), ବିମୁଦ୍ରୀକରଣ ଏବଂ ଲକ୍‌ଡାଉନ ଘୋଷଣା ଅନ୍ତର୍ଭୁକ୍ତ। ଏଗୁଡ଼ିକୁ ସରକାର ପ୍ରଥମେ ଘୋଷଣା କରିବା ପରେ ଏହା ସମ୍ପର୍କରେ ଚିନ୍ତା କରିଛନ୍ତି, ଯାହା ଏବେ ଅଗ୍ନିବୀର କ୍ଷେତ୍ରରେ କରୁଛନ୍ତି। କୃଷି ଆଇନ ଓ ସିଏଏକୁ ପ୍ରବଳ ବିରୋଧ ହେବାରୁ ଯେପରି ସେଗୁଡ଼ିକୁ ପ୍ରତ୍ୟାହାର କିମ୍ବା ସ୍ଥଗିତ ରଖାଯାଇଛି ଅଗ୍ନିବୀର ଯୋଜନାର ଶେଷ ପରିଣାମ ସେଭଳି ହେବ ତ। ମୋ ମତରେ, ଅଗ୍ନିବୀର ଯୋଜନାରେ ସେଭଳି ହିଁ ଘଟିବ ଓ ଏଥିପାଇଁ ଶାନ୍ତିପୂର୍ଣ୍ଣ ଦୀର୍ଘମିଆଦୀ ଆନ୍ଦୋଳନ ଆବଶ୍ୟକ। ଏବେ ନିଜ କ୍ରୋଧ ପ୍ରଦର୍ଶନ କରୁଥିବା ଯୁବକମାନେ ଧୀରେ ଧୀରେ ଦୁର୍ବଳ ହୋଇଯିବେ ଓ ଘରକୁ ଫେରିଯିବେ। ପୂର୍ବରୁ ଚାକିରିକୁ ନେଇ ଆମେ ଏଭଳି ଅନେକ ହିଂସା ଦେଖିଛୁ। ୨୦୧୫ର ହିଂସାତ୍ମକ ପଟିଦାର ଆନ୍ଦୋଳନ ଏହାର ଏକ ଦୃଷ୍ଟାନ୍ତ। ମାତ୍ର କିଛିଦିନ ମଧ୍ୟରେ ଏହା ଗଣ ଆନ୍ଦୋଳନ ପାଲଟିଥିଲେ ବି ଧୀରେ ଧୀରେ ଦୁର୍ବଳ ହୋଇଗଲା। ସିଏଏ ଏବଂ କୃଷି ଆଇନଗୁଡ଼ିକ କ୍ଷେତ୍ରରେ କେବଳ ଶାନ୍ତିପୂର୍ଣ୍ଣ ତଥା ଦୀର୍ଘମିଆଦୀ ସକ୍ରିୟ ଆନ୍ଦୋଳନ ତଥା କାର୍ଯ୍ୟକଳାପଗୁଡ଼ିକୁ ସଫଳତା ମିଳିଛି। ଏଣୁ ଅଗ୍ନିବୀର ଯୋଜନାକୁ ନେଇ ଯୁବକମାନେ ଯେଭଳି ହିଂସା ପ୍ରଦର୍ଶନ କରୁଛନ୍ତି ସେଥିରୁ ନିବୃତ୍ତ ରହି ଏଭଳି ଶାନ୍ତପୂର୍ଣ୍ଣ ଓ ଦୀର୍ଘମିଆଦୀ ଆନ୍ଦୋଳନକୁ ଗ୍ରହଣ କରିବା ଦରକାର। କିନ୍ତୁ ସେମାନଙ୍କର ସଂଗଠିତ ନେତୃତ୍ୱ ଥିଲା ଭଳି ମନେହେଉନାହିଁ। କଥାହେଉଛି, ବେକାରି ଏବଂ ବେରୋଜଗାରୀ ସମସ୍ୟାରେ ଲୋକଙ୍କୁ କ୍ରିୟାଶୀଳ କରିବା ସହଜ ନୁହେଁ। ଯଦିବି ସେମାନେ ଏକାଠି ହୁଅନ୍ତି,ଯାହା ଚଳିତ ବର୍ଷ ଦୁଇଥର କରିଛନ୍ତି, ସଂଗଠିତ ଭାବେ ଏକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରି ସାହସ ଓ ପ୍ରତିବଦ୍ଧତା ପ୍ରକାଶ କରିବା ବଦଳରେ ନିରାଶ ହୋଇଛନ୍ତି। ଏହି କାରଣରୁ, ମୁଁ ଭାବୁଛି, ଉକ୍ତ ଅଧ୍ୟାୟ ଖୁବ୍ ଶୀଘ୍ର ଆମ ଦୃଷ୍ଟି ଆଢୁଆଳକୁ ଚାଲିଯିବ ଏବଂ ସରକାର ଅଗ୍ନିବୀର ଯୋଜନାକୁ ଆଗକୁ ବଢାଇବା ଲାଗି ସକ୍ଷମ ହେବେ।

ମନେରଖିବାକୁ ହେବ ଯେ, ବେରୋଜଗାରକୁ ନେଇ ଆଖିଦୃଶିଆ ଆନ୍ଦୋଳନ ହେଉନାହିଁ। ଏହି ସମସ୍ୟା ଗମ୍ଭୀର ହେଉଛି ଓ ଏହା ସହଜରେ ଦୂର ହେବନାହିଁ। ଚଳିତ ମାସରେ ସରକାରଙ୍କ ପିରିଓଡିକ୍ ଲେବର ଫୋର୍ସ ସର୍ଭେର ତଥ୍ୟରୁ ଜଣାପଡ଼ିଛି ଯେ, ଭାରତ ଚାକିରି ବଢ଼ାଇବା ବଦଳରେ ସେଥିରୁ ପଛକୁ ହଟିଛନ୍ତି। ଇତିହାସରେ ପ୍ରଥମ ଥର ପାଇଁ ଦେଖାଯାଇଛି ଯେ, ଲୋକମାନେ ମାନୁଫାକ୍‌ଚରିଂ ଏବଂ ସର୍ଭିସ ଛାଡ଼ି କୃଷି କ୍ଷେତ୍ରରେ ପ୍ରବେଶ କରିଛନ୍ତି। ଅର୍ଥନୀତିଜ୍ଞ ବିଶ୍ୱାସ କରୁଛନ୍ତି ଯେ, ଅନ୍ୟ କ୍ଷେତ୍ରରେ ବେରୋଜଗାର କାରଣରୁ ଏଭଳି ବୃଦ୍ଧି ହୋଇଛି। ଅର୍ଥାତ୍, ଯେଉଁମାନେ ସହରରେ ଚାକିରି ଛାଡ଼ି ଗାଁକୁ ଫେରି ଆସିଛନ୍ତି ସେମାନେ କୃଷିକାର୍ଯ୍ୟ କରୁଥିବା ଦାବି କରୁଛନ୍ତି। କାରଣ କହିବାକୁ ଲାଜ କରୁଛନ୍ତି ଯେ, ସେମାନେ କିଛି କାମ କରୁନାହାନ୍ତି। ଏସବୁକୁ ଦେଖିଲେ, ସରକାରୀ ଏବଂ ସେଣ୍ଟର୍ ଫର୍ ମନିଟରିଂ ଇକୋନୋମି (ସିଏମ୍‌ଆଇଇ)ର ତଥ୍ୟ ମଧ୍ୟରେ କିଛି ପ୍ରଭେଦ ନାହିଁ। ସିଏମ୍‌ଆଇଇ ତଥ୍ୟ କହେ, ୧୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ଯେଉଁମାନେ କାମ କରୁଛନ୍ତି କିମ୍ବା ଚାକିରି ଖୋଜୁଛନ୍ତି, ସେମାନଙ୍କ ସଂଖ୍ୟା ପାଖାପାଖି ୪୦ କୋଟି। ଆମ ଭାଗୀଦାରି ହାର ଦକ୍ଷିଣ ଏସିଆ ଏପରି କି ବିଶ୍ୱରେ ସବୁଠୁ କମ୍। ନୂତନ ଭାରତରେ ଚାକିରି ନାହିଁ। ଏବେ ସେନାରେ ଭର୍ତ୍ତି ବା ନିଯୁକ୍ତିକୁ ନେଇ ଦେଖାଦେଇଥିବା କ୍ରୋଧ ବେରୋଜଗାର ଭଳି ଏକ ବୃହତ୍ ସମସ୍ୟାର ପ୍ରତୀକାତ୍ମକ।

Email:aakar.patel@gmail.com

# ପରାଜିତ ମୃତ୍ୟୁର ଆନନ୍ଦ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ମୃତ୍ୟୁ ତ ଚିରକାଳ ବିଜୟୀ। ମୃତ୍ୟୁ ଉପରେ ବିଜୟ ଲାଭ କରିବାର ଦୃଷ୍ଟାନ୍ତ କେବଳ ବିରଳ ନୁହେଁ, ଅସମ୍ଭବ ମଧ୍ୟ। ମୃତ୍ୟୁ ଆସେ ସମ୍ପୂର୍ଣ୍ଣ ଅଯାଚିତ, ଅପ୍ରତ୍ୟାଶିତ ଭାବେ। ସେ କଅଁଳ କଳିକାଟିଏ ହେଉ କି ପରିଣତ ବୟସ୍କ ବୃଦ୍ଧ, ରୋଗୀ ହେଉ କି ନୀରୋଗ ବା ଧନୀ ହେଉ କି କାଙ୍ଗାଳ, ମରଣ କାହାକୁ ବି ଛାଡ଼େନା। ଭଥରେ କାଳ ପୂରିଗଲେ ପ୍ରାଣୀର ଯାତ୍ରା ସରିଯାଏ, ମୃତ୍ୟୁର ହାତଧରି ସେ ଫେରିଯାଏ ପରଲୋକକୁ। ପଛରେ ପଡ଼ିରହେ ତା' ମଧୁର ସ୍ମୃତି ଦେହରେ ମୁଣ୍ଡ କୋଡ଼ି କାନ୍ଦୁଥିବା ତା' ପ୍ରିୟଜନମାନଙ୍କ କାରୁଣ୍ୟର କୋଳାହଳ।

ଦିନ କେଇଟା ପୂର୍ବରୁ ମୃତ୍ୟୁର ଆଉ ଏକ ବିଜୟ ଯାତ୍ରା ସଂଘଟିତ ହେବାକୁ ସ୍ଥିତି ସବୁଦୃଷ୍ଟିରୁ ଅନୁକୂଳ ଥିଲେ ହେଁ ସେ କିନ୍ତୁ ଫେରିଗଲା ଖାଲି ହାତରେ, ପରାଜିତ ହୋଇ; ଅଶୀଫୁଟ ଗଭୀର ମୃତ୍ୟୁ ଗହ୍ୱର ମଧ୍ୟରେ ଦୀର୍ଘ ଶହେ ଛଅ ଘଣ୍ଟା ଧରି ପଡ଼ି ରହିଥିବା ଦଶବର୍ଷର ରାହୁଲକୁ ସାଙ୍ଗରେ ନେଇ ନ ପାରି। ଏହି ବିରଳ ଚମତ୍କାରିତାକୁ କୌଣସି ଜ୍ଞାନ ବିଜ୍ଞାନର ବିଶ୍ଳେଷଣ ଦ୍ୱାରା ବ୍ୟାଖ୍ୟା କରିବା ଆଦୌ ସହଜ ନୁହେଁ। ଛତିଶଗଡ଼ର ଜାଞ୍ଜଗିର ଚାମ୍ପା ଜିଲା ଅନ୍ତର୍ଗତ ପିହିରିଡ୍ ଗାଁରେ ଘଟିଥିବା ଏହି ଅଘଟଣକୁ ଅବିରାମ ଭାବେ ଦେଶର ପ୍ରାୟ ପ୍ରତିଟି ପ୍ରମୁଖ ଚାନେଲ 'ଅପରେଶନର ଜିନ୍ଦେଗୀ' ନାମରେ ପ୍ରଚାର କରୁଥିଲେ। ଶହେଛଅ ଘଣ୍ଟା ବ୍ୟାପୀ ଚାଲିଥିବା ଏହି ଅପରେଶନର ପ୍ରତ୍ୟେକ ମୁହୂର୍ତ୍ତକୁ ବାନ୍ଧି ରଖିଥିଲେ ନିଜ କ୍ୟାମେରାରେ ଓ ପହଞ୍ଚାଇ ଦେଉଥିଲେ ଦଶବର୍ଷର ମାନସିକ ଅନଗ୍ରସର ବାଳକ ରାହୁଲର ଜୀବନରକ୍ଷା ପାଇଁ ଈଶ୍ୱରଙ୍କୁ ଆକୁଳ ଭାବରେ ପ୍ରାର୍ଥନା କରୁଥିବା ପ୍ରତିଟି ଦରଦୀ ଭାରତୀୟଙ୍କ ନିକଟରେ।

ଶୁକ୍ରବାର ଦିନ ତିନିଟା ବେଳେ ଅଶୀଫୁଟ ଗଭୀରର ଏକ ପରିତ୍ୟକ୍ତ ବୋରୱେଲ ଗାତ ଭିତରକୁ ଖସି ପଡ଼ିଥିଲା ମାନସିକ ଦିବ୍ୟାଙ୍ଗ ଦଶବର୍ଷର ବାଳକ ରାହୁଲ। ଏହାର ପ୍ରାୟ ଦୁଇଘଣ୍ଟା ପରେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଜିଲାପାଳ ଜିତେନ୍ଦ୍ର ଶୁକ୍ଲାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିଲା 'ରାହୁଲ ଉଦ୍ଧାର' ପ୍ରକ୍ରିୟା। ନିୟୋଜିତ ଥିଲେ ଉଭୟ କେନ୍ଦ୍ର ତଥା ରାଜ୍ୟ ଦୁର୍ଗତ ଉଦ୍ଧାର ବଳ ସହ ସେନା ବାହିନୀର ପାଞ୍ଚଶହ ସରିକି ପ୍ରଶିକ୍ଷିତ କର୍ମଚାରୀବୃନ୍ଦ। ଶୁକ୍ରବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଏହି ସମ୍ମିଳିତ ଉଦ୍ୟମ ଓ କଠିନ ପରିଶ୍ରମର ଅଶୀଘଣ୍ଟା ପରେ ସୋମବାର ରାତି ବାରଟା ବେଳକୁ ଉଦ୍ଧାରକାରୀ ଦଳ ଏକ ସମାନ୍ତରାଳ ଟନେଲ ଖନନ କରି ରାହୁଲଠାରୁ ଅଳ୍ପ କେଇଫୁଟ ଦୂରରେ ପହଞ୍ଚି ପାରିଥିବା ଥିଲା ରାହୁଲର ଜୀବନରକ୍ଷା ପାଇଁ ଅଦୃଶ୍ୟ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିବା ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ଏକ ଆଶ୍ୱସ୍ତିକର ଖବର। ଅଥଚ ଦୁର୍ଭାଗ୍ୟର କଥା, ରାତି ଯେତେ ବଢ଼ି ବଢ଼ି ଚାଲିଥାଏ, କମିବା ପରିବର୍ତ୍ତେ ସେତେ ବଢ଼ି ବଢ଼ି ଚାଲିଥାଏ ରାହୁଲ ଓ ତା'ର ଉଦ୍ଧାରକାରୀଙ୍କ ମଧ୍ୟରେ ଦୂରତା। କଠିନ ପ୍ରସ୍ତରଖଣ୍ଡ ଭେଦ କରି ଆଠଇଞ୍ଚ ଗୋଲେଇର ଗାତ ମଧ୍ୟରେ ଭୂତଳ ଜଳ ଭିତରେ ଜାକିଜୁକି ବସିଥିବା ସେଇ ପିଲାଟିକୁ ଉଦ୍ଧାର କରିବା ଆଉ କେଇ ମିନିଟ୍‌ର କଥା ନ ହୋଇ ଢେର ପ୍ରଲମ୍ବିତ ହୋଇଥିଲା ପରବର୍ତ୍ତୀ ନିଶାର୍ଦ୍ଧ ପର୍ଯ୍ୟନ୍ତ। ଗୋଟିଏ ପଟେ ଟନେଲ ଭିତରର ଚାଳିଶ ଡିଗ୍ରୀ ସେଲ୍‌ସିୟସରୁ ଊର୍ଦ୍ଧ୍ୱ ତାପମାତ୍ରା ଭିତରେ ସିଝି ସିଝି ରାହୁଲର ଉଦ୍ଧାର ପାଇଁ ଉଦ୍ୟମରତ ଏନ୍‌ଡିଆର୍‌ଏଫ୍ କର୍ମୀଙ୍କ ପ୍ରାଣମୟ ପ୍ରଚେଷ୍ଟା ଓ ଅନ୍ୟପଟେ ଗୋଟିଏ ଦଉଡ଼ିରେ ଦୁଇଟି କଦଳୀ ବାନ୍ଧି ଗାତ ଭିତରକୁ ପଠାଉଥିବା ଯବାନଙ୍କ କରୁଣା ଓ କାରୁଣ୍ୟର କଣ୍ଠସ୍ୱର– 'ରାହୁଲ ବେଟା! କେଲା ଖା'ଲୋ' ମଧ୍ୟରେ ପ୍ରତିଧ୍ୱନିତ ହେଉଥିଲା ମାନବୀୟ ସଂସ୍କୃତିର ଏକ ଅପୂର୍ବ ଉପସର୍ଗ, ଯାହା ସୂଚାଇ ଦେଉଥିଲା ଦୁର୍ଗତର ସେବା ପାଇଁ କେତେ ସମର୍ପିତ ଆମ ସେନାବାହିନୀ ଓ ସୁରକ୍ଷା ବଳ।



ତାକୁ ଦେଖି ନ ଥିବା କି ଜାଣି ନ ଥିବା, ଅଥଚ ତା'ର ଉଦ୍ଧାର ଖବର ଶୁଣିବା ପାଇଁ ରାତିଅନିଦ୍ରା ହୋଇ ଟିଭି ପାଖରେ ବସିଥିବା ଦେଶର ଲକ୍ଷ ଲକ୍ଷ ଲୋକଙ୍କ ପ୍ରାର୍ଥନା ଈଶ୍ୱର ଶୁଣିଲେ। 'ଅପରେଶନ ଜିନ୍ଦେଗୀ' ମଧ୍ୟରେ ପ୍ରତିଧ୍ୱନିତ ହେଉଥିବା ଜୀବନର ସାମୂହିକ ଜୟଗାନ ନିଷ୍ଫଳ ଗଲାନାହିଁ। ଦୀର୍ଘ ପାଞ୍ଚଦିନ ଓ ଚାରିରାତି ଅନ୍ଧାରି ଗହ୍ୱର ଭିତରେ ଅବରୁଦ୍ଧ ରହିଥିବା ଓ ନିଜର ଦୁର୍ଦ୍ଦଶା ପାଇଁ ସେତକ ଯଥେଷ୍ଟ ନ ହେଲା ଭଳି ସେଇ ଗର୍ତ୍ତ ମଧ୍ୟରେ ପୂର୍ବରୁ ଥିବା ଏକ ବିଷଧର ଚନ୍ଦନବୋଡ଼ା ସାପ ସହ ବିବଶ ସୈଖ୍ୟ ସ୍ଥାପନ କରିଥିବା ସେଇ ଦିବ୍ୟାଙ୍ଗ ପିଲାଟିକୁ ମୃତ୍ୟୁର ଶକ୍ତ ପଞ୍ଝା ମଧ୍ୟରୁ ଭିଡ଼ି ଆଣିଲେ ଆମ ଆତ୍ମଶକ୍ତିମାନ୍ ଉଦ୍ଧାରକାରୀ ଦଳ।

ରାହୁଲ ଉଦ୍ଧାର ପାଇଲା ପରେ ଖୁସିରେ କାନ୍ଦି ପକାଇଥିଲେ ଉଦ୍ଧାରକାରୀ ଦଳର ନେତୃତ୍ୱ ନେଇଥିବା ଏନ୍‌ଡିଆର୍‌ଏଫ୍‌ର ଓଡ଼ିଆ ଇନ୍ସପେକ୍ଟର ମହାବୀର ମହାନ୍ତି। କହିଥିଲେ, ''ମୋ ସମଗ୍ର ଚାକିରିକାଳ ମଧ୍ୟରେ ବହୁ ଆପତକାଳକୁ ସାମ୍ନା କରିଛି। ମାତ୍ର କେଉଁଠି ବି ଏତେ କଷ୍ଟ ହୋଇ ନ ଥିଲା କି ଏତେ ଆନନ୍ଦ ବି ମିଳି ନ ଥିଲା।'' ରାତି ଉଜାଗର ରହି 'ରାହୁଲ ଉଦ୍ଧାର' ପ୍ରକ୍ରିୟାର ପ୍ରତ୍ୟକ୍ଷ ଖବର ରଖୁଥିବା ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଆବେଗସିକ୍ତ ଆନନ୍ଦ ପ୍ରକଟିତ ହୋଇଥିଲା ତାଙ୍କ କାବ୍ୟିକ ଟୁଇଟ୍‌ରେ। ସେ ଲେଖିଥିଲେ, ''ଆହ୍ୱାନ ବଡ଼ ଥିଲା, କିନ୍ତୁ ଆମ ଉଦ୍ଧାରକାରୀ ଟିମ୍‌ଙ୍କ ମନୋବଳ କିଛି ଛୋଟ ନ ଥିଲା। ରାହୁଲ ଓ ଆମ ମଧ୍ୟରେ ଥିବା ପଥର କାନ୍ଥ ବେଶ୍ କଠିନ ଥିଲା, ମାତ୍ର ଆମ ଲକ୍ଷ୍ୟ ବି କିଛି କମ୍ ମଜବୁତ ନ ଥିଲା।'' ତେବେ ଏ ସବୁ ପ୍ରତିକ୍ରିୟା ମଧ୍ୟରେ ଚାମ୍ପା ଜିଲାର ଯଶସ୍ୱୀ ଜିଲାପାଳ ଜିତେନ୍ଦ୍ର ଶୁକ୍ଲା ଓ ରାହୁଲର ପିତା ରାମ କୁମାର ସାହୁଙ୍କ ପ୍ରତିବେଦନ ଥିଲା ବେଶ୍ ମାର୍ମିକ, ବିଶେଷତଃ ଆମ ଓଡ଼ିଆଙ୍କ ପାଇଁ ଅତୀବ ଆନନ୍ଦଦାୟକ ଓ ପ୍ରେରଣାଦାୟୀ।

ଜିଲାପାଳ କହୁଥିଲେ, ''ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ଓ ଅତ୍ୟନ୍ତ କଷ୍ଟ ସ୍ୱୀକାର କରି ସଫଳତା ଆଣିଥିବା ସମସ୍ତେ ତ ଧନ୍ୟବାଦର ପାତ୍ର। ତେବେ ଓଡ଼ିଶାର ମୁଣ୍ଡଳୀରୁ ଆସିଥିବା ଏନ୍‌ଡିଆର୍‌ଏଫ୍ ଟିମ୍ ସେମାନଙ୍କ କାର୍ଯ୍ୟ ସଂସ୍କୃତି ପାଇଁ ସ୍ୱତନ୍ତ୍ର ପ୍ରଶଂସାର ଯୋଗ୍ୟ।'' ନିଜ ମାନସିକ ଅନଗ୍ରସର ପୁଅକୁ ଅବିଶ୍ୱସନୀୟ ଭାବେ ଫେରିପାଇଥିବା ମା'ବାପାଙ୍କ ମନୋଭାବକୁ କୌଣସି ଶବ୍ଦରେ ପ୍ରକାଶ କରାଯାଇପାରେନା। ତେବେ କେମିତି କେଜାଣି ବେଶ୍ ପ୍ରଗ୍‌ଲଭ ହୋଇ ଯାଇଥିଲେ ରାମ କୁମାର ଓଡ଼ିଶାର ଲୋକ ଓ ଓଡ଼ିଶାର ଇଷ୍ଟଦେବ ଜଗନ୍ନାଥଙ୍କୁ ନିଜ କୃତଜ୍ଞତା ପ୍ରକଟ କରୁଥିଲା ବେଳେ। କହୁଥିଲେ, ''କେଇବର୍ଷ ତଳେ ପୁରୀ ଯାଇଥିଲା ବେଳେ ସମୁଦ୍ରକୂଳରେ ହଜି ଯାଇଥିଲା ରାହୁଲ। ସେତେବେଳେ ଜଗନ୍ନାଥ ସ୍ୱାମୀ ଦୁଇଜଣ ସ୍ଥାନୀୟ ଲୋକଙ୍କୁ ଲଗାଇ ତାକୁ ଖୋଜି ଆଣି ଆମକୁ ଦେଇଥିଲେ। ଆଜି ପୁଅ ଆମର ସବୁଦିନ ପାଇଁ ହଜି ଯାଉଥିଲା ବେଳେ ସେ କଟକ ମୁଣ୍ଡଳୀରୁ ଉଦ୍ଧାରକାରୀଙ୍କୁ ପଠାଇ ତାଙ୍କ ସ୍ନାନ ପୂର୍ଣ୍ଣିମାରେ ତାକୁ ଖୋଜି ଆଣି ଆମକୁ ଫେରାଇ ଦେଇଛନ୍ତି। ଭଗବାନ୍ ଜଗନ୍ନାଥଙ୍କ କରୁଣାର ପଟାନ୍ତର ନାହିଁ। ରାହୁଲ ସୁସ୍ଥ ହୋଇ ହସ୍ପିଟାଲରୁ ଫେରିଲେ ତାକୁ ନେଇ ପୁରୀ ଯିବି ଓ ଜଗନ୍ନାଥଙ୍କୁ ମୋ କୃତଜ୍ଞତା ଜଣାଇବି।''

ଆଃ, କେଡ଼େ ମିଠାଲାଗୁଛି ଶୁଣିବାକୁ ଏମିତି ଦୁଇପଦ କଥା! ପ୍ରକୃତରେ, ବେଳେବେଳେ ଏମିତି କିଛି ମୁହୂର୍ତ୍ତ ଆସେ, ଯେତେବେଳେ ଓଡ଼ିଶାରେ ଜନ୍ମ ନେଇଥିବାରୁ ମନରେ ଗର୍ବ ଆସେ, ହୃଦୟ ପୂରି ଉଠେ ଏକ ମୁଗ୍ଧ ଅନୁଭବରେ; ତାହା ଜଗନ୍ନାଥଙ୍କୁ ନେଇ ହେଉ କି ମହାବୀର ମହାନ୍ତିଙ୍କ ନେତୃତ୍ୱରେ ମୁଣ୍ଡଳିରୁ ଯାଇ ରାହୁଲକୁ ମରଣମୁହଁରୁ ଛଡ଼ାଇ ଆଣିଥିବା ଓଡ଼ିଶାର ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ନେଇ ହେଉ।

ମୋ: ୮୮୯୫୬୭୨୪୧୦୫

# ଗଣମାଧ୍ୟମ ନିୟାମକର ଅଧ୍ୟକ୍ଷ

ବ୍ୟକ୍ତିତ୍ୱ



ରଞ୍ଜନା ପ୍ରକାଶ ଦେଶାଇ

ଆଜିର ସମୟରେ ଗଣମାଧ୍ୟମର ସଂଜ୍ଞା ବ୍ୟାପକ ହୋଇଛି। ଛାପା (ପ୍ରିଣ୍ଟ୍), ବୈଦ୍ୟୁତିକ (ଇଲେକ୍‌ଟ୍ରୋନିକ୍) ମାଧ୍ୟମଠାରୁ ସୋସିଆଲ ମିଡିଆ ଓ ସର୍ବୋପରେ କହିଲେ ଡିଜିଟାଲ ଗଣମାଧ୍ୟମ ଦୁନିଆକୁ ଆବୋରି ବସିଛି। ଡିଜିଟାଲ ଯୁଗରେ ଜଗତ ଏବେ ପାଲଟିଯାଇଛି ବିଶ୍ୱଗ୍ରାମ। ତେଣୁ ପ୍ରତି ମୁହୂର୍ତ୍ତରେ ମଣିଷ ଗଣମାଧ୍ୟମ ଉପରେ ନିର୍ଭର କରୁଛି। ଅନ୍ୟପକ୍ଷରେ ସୋସିଆଲ ମିଡିଆର ବ୍ୟାପକ ପ୍ରଭାବ ସମାଜରେ ଭଲ ଫଳ ଆଣିଦେଉଥିବା ବେଳେ ଭେଲ ପରିଣତି ମଧ୍ୟ ସୃଷ୍ଟି କରୁଛି। ତେଣୁ ଏସବୁକୁ ନିୟନ୍ତ୍ରଣ କରିବା ସକାଶେ ଏକ ଶକ୍ତ ଜଗୁଆଳି ସଂସ୍ଥା ରହିବା ଆବଶ୍ୟକ ବୋଲି ବିତର୍କ ହେଉଛି। ଭାରତ ପରିପ୍ରେକ୍ଷୀରେ ଦେଖିଲେ ବିଶେଷକରି ପ୍ରିଣ୍ଟ୍ ଓ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମ ବା ଏହାର ଯେଉଁ ସାମ୍ବାଦିକ ନୈତିକ ମୂଲ୍ୟବୋଧ ହରାଇ ବସୁଛନ୍ତି ସେମାନଙ୍କୁ ବାଟକୁ ଆଣିବାକୁ ହେଉ କିମ୍ବା ଦଣ୍ଡିତ କରିବା ଲାଗି ଏକ ବୈଧାନିକ ସଂସ୍ଥା କାର୍ଯ୍ୟ କରୁଛି, ଯାହାର ନାମ ରହିଛି ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ପିସିଆଇ)। ଯେହେତୁ ଏହି ସଂସ୍ଥା ଅଧୀନରେ ଡିଜିଟାଲ ମିଡିଆକୁ ବିଧିବଦ୍ଧ ଭାବେ ସ୍ୱୀକୃତି ଦିଆଯାଇ ନାହିଁ, ସେହେତୁ ନିକଟ ଅତୀତରେ ପାର୍ଲାମେଣ୍ଟାରି ଷ୍ଟାଣ୍ଡିଂ କମିଟି ଅନ୍ କମ୍ୟୁନିକେଶନ୍ସ ଆଣ୍ଡ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି ପିସିଆଇକୁ ପୁନର୍ଗଠନ କରାଯାଇ ମିଡିଆ କାଉନ୍‌ସିଲ କରାଯିବା ସଂକ୍ରାନ୍ତରେ ପ୍ରସ୍ତାବ ଦେଇଥିଲା। ତେବେ ଗଣମାଧ୍ୟମ ସହିତ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି ପିସିଆଇର ଢାଞ୍ଚା ବିଷୟରେ ଜାଣିବା ନିତାନ୍ତ ଦରକାର। ୧୭ ଜୁନ୍ ୨୦୨୨ରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ରଞ୍ଜନା ପ୍ରକାଶ ଦେଶାଇଙ୍କୁ ଏହାର ଅଧ୍ୟକ୍ଷ କରାଯାଇଛି। ପେଡ୍ ନ୍ୟୁଜ୍ ବା ଖବର ପ୍ରକାଶ ଲାଗି ଅର୍ଥ ବା ଅନ୍ୟାନ୍ୟ ସୁବିଧା ଗ୍ରହଣ କରାଯାଉଥିବା ସଂକ୍ରାନ୍ତୀୟ ଅଭିଯୋଗ ଏବେ ଶୀର୍ଷରେ ପହଞ୍ଚିଥିବାରୁ ପିସିଆଇ ପାଇଁ ଏହା ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ରଞ୍ଜନା ଓ ତାଙ୍କ ଟିମ୍ ଗଣମାଧ୍ୟମର ଏହି ସ୍ୱୟଂ ନିୟାମକ ସଂସ୍ଥାକୁ ଆଗକୁ ଉତ୍ତମ ରୂପେ ପରିଚାଳନା କରିବେ ବୋଲି ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ପିସିଆଇର ଅଧ୍ୟକ୍ଷ ସାଧାରଣତଃ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ହୋଇଥାଆନ୍ତି। ଏଥିସହିତ ଏହାର ଅନ୍ୟ ୨୮ ଜଣ ସଦସ୍ୟଙ୍କ ମଧ୍ୟରୁ ୨୦ ଜଣ ଗଣମାଧ୍ୟମରୁ ରହିଥିବା ବେଳେ ଲୋକ ସଭା ଓ ରାଜ୍ୟ ସଭାରୁ ୫ ଜଣ ଏବଂ ଅନ୍ୟ ୩ ଜଣ ସଂସ୍କୃତି, ସାହିତ୍ୟ ଓ ଆଇନକୁ ପ୍ରତିନିଧିତ୍ୱ କରିବା ସକାଶେ ସାହିତ୍ୟ ଏକାଡେମୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆରୁ ଆସିବାର ବ୍ୟବସ୍ଥା ରହିଛି। ରଞ୍ଜନା ପିସିଆଇର ପ୍ରଥମ ମହିଳା ଅଧ୍ୟକ୍ଷ ହେବାର ଗୌରବ ଅର୍ଜନ କରିଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ରଞ୍ଜନା ୩୦ ଅକ୍ଟୋବର ୧୯୪୯ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଏସ୍. ଜି. ସାମନ୍ତ ଥିଲେ କ୍ରିମିନାଲ ଲୟର। ରଞ୍ଜନା ବମ୍ବେର ଏଲ୍‌ଫିନ୍‌ଷ୍ଟୋନ୍ କଲେଜରୁ ୧୯୭୦ରେ କଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୧୯୭୩ରେ ସେ ବମ୍ବେର ଗଭର୍ନମେଣ୍ଟ ଲ' କଲେଜରୁ ଆଇନରେ ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ସେହି ବର୍ଷ ଜୁଲାଇ ୩୦ରେ ସେ ଓକିଲ ଭାବେ ନାମ ପଞ୍ଜୀକରଣ କରିଥିଲେ। ପିତାଙ୍କ ନିକଟରୁ ଆଇନ ବ୍ୟବସାୟ ବିଷୟରେ ପ୍ରାରମ୍ଭିକ ଅଭିଜ୍ଞତା ଅର୍ଜନ କରିବା ପରେ ଚାମ୍ବର୍ସ ଅଫ୍ ଏସ୍ . ସି. ପ୍ରତାପରୁ ଆଇନ ବିଦ୍ୟାଭ୍ୟାସ କରିଥିଲେ। ୧୯୭୯ରେ ରଞ୍ଜନା ବମ୍ବେ ହାଇକୋର୍ଟରେ ସହକାରୀ ସରକାରୀ ଓକିଲ ଭାବେ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ମାମଲା ଲଢ଼ିବା ଆରମ୍ଭ କରିଥିଲେ। ପରେ ମହାରାଷ୍ଟ୍ର ସରକାରଙ୍କ ତରଫରୁ ଅତିରିକ୍ତ ସରକାରୀ ଓକିଲ, ସ୍ୱତନ୍ତ୍ର ସରକାରୀ ଓକିଲ ଓ ସରକାରୀ ଓକିଲ ଭଳି ପଦବୀ ଧାରଣ କରି ଗୁରୁତ୍ୱପୂର୍ଣ୍ଣ ମାମଲା ପରିଚାଳନା କରିବାର ଦକ୍ଷତା ଅର୍ଜନ କରିଥିଲେ। ଆଇନ କ୍ଷେତ୍ରରେ ଦକ୍ଷତା ତାଙ୍କୁ ୧୫ ଏପ୍ରିଲ ୧୯୯୬ରେ ବମ୍ବେ ହାଇକୋର୍ଟରେ ଅତିରିକ୍ତ ବିଚାରପତି ଆସନରେ ବସାଇଥିଲା। ଏହାର ଦୁଇ ବର୍ଷ ପରେ ସେ ସ୍ଥାୟୀ ଜଜ୍ ହୋଇଥିଲେ। ବମ୍ବେ ହାଇକୋର୍ଟରେ ସେ ୨୦୧୧ ଯାଏ କାର୍ଯ୍ୟ କରିଥିଲେ। ୧୩ ସେପ୍ଟେମ୍ବର ୨୦୧୧ରେ ସେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ହୋଇ ୨୦୧୪ରେ ଅବସର ନେଇଥିଲେ।

ରଞ୍ଜନା ସୁପ୍ରିମକୋର୍ଟର ପଞ୍ଚମ ମହିଳା ବିଚାରପତି ଭାବେ ବିଭିନ୍ନ ମାମଲାରେ ସୁନାମ ଅର୍ଜନ କରିଛନ୍ତି। ଏଥିସହିତ ୨୦୧୪ରୁ ୨୦୧୯ ଯାଏ ନୂଆଦିଲ୍ଲୀର ଆପିଲେଟ୍ ଟ୍ରିବ୍ୟୁନାଲ ଫର୍ ଇଲେକ୍‌ଟ୍ରିସିଟିର ଅଧ୍ୟକ୍ଷ ଥିଲେ। ୨୦୧୮ରୁ ୨୦୧୯ ଯାଏ ଆଡଭାନ୍ସ ରୁଲିଂ ଅଥରିଟି (ଇନ୍‌କମ୍ ଟାକ୍ସ)ର ଅଧ୍ୟକ୍ଷ ମଧ୍ୟ ସେ ହୋଇଥିଲେ। ସେହିପରି ଦୁର୍ନୀତି ନିବାରଣ ସଂସ୍ଥା ଲୋକପାଳ ଲାଗି ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ବାଛିବା ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗଠନ କରାଯାଇଥିବା ୮ ଜଣିଆ ସର୍ଚ୍ଚ କମିଟିର ଅଧ୍ୟକ୍ଷ ଭାବେ ରଞ୍ଜନାଙ୍କୁ ମଧ୍ୟ ନିଯୁକ୍ତ କରାଯାଇଥିଲା। ଉକ୍ତ କମିଟି ୨୮ ଫେବୃୟାରୀ ୨୦୨୦ରେ ଚୟନ କମିଟିକୁ ତା'ର ସୁପାରିସ ଜଣାଇ ଦେଇଥିଲା। ଆଇନ ବିଷୟରେ ଗଭୀର ପ୍ରବେଶ ଥିବାରୁ ୧୩ ମାର୍ଚ୍ଚ ୨୦୨୦ରେ ତାଙ୍କୁ ପୁନଃ ସୀମା ନିର୍ଦ୍ଧାରଣ ଆୟୋଗର ମୁଖ୍ୟ ଭାବେ ନିଯୁକ୍ତ କରାଯାଇଥିଲା। ୨୮ ମେ' ୨୦୨୨ରେ ଉତ୍ତରାଖଣ୍ଡ ୟୁନିଫର୍ମ ସିଭିଲ୍ କୋଡ୍ କମିଟିର ମୁଖ୍ୟ ଭାବେ ମଧ୍ୟ ରଞ୍ଜନାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଜୁରିସ୍‌ପ୍ରୁଡେନ୍ସ ବା ବିଧିଶାସ୍ତ୍ର ଉପରେ ତାଙ୍କ ବେଶ୍ ଦକ୍ଷତା ଥିବାରୁ ସେ ବିଭିନ୍ନ ପୀଠରେ ଦିଆଯାଇଥିବା ଯୁଗାନ୍ତକାରୀ ରାୟର ଅଂଶ ପାଲଟିପାରିଛନ୍ତି। ସେଥିମଧ୍ୟରୁ ହଜ୍ ଯାତ୍ରୀଙ୍କ ପାଇଁ ୨୦୨୨ ସୁଦ୍ଧା ସବ୍‌ସିଡ୍ ବନ୍ଦ ଲାଗି ସରକାରଙ୍କୁ ନିର୍ଦ୍ଦେଶ ଏବଂ ନିର୍ବାଚନରେ ନୋଟା (ନନ୍ ଅଫ୍ ଦି ଏବଭ) ପ୍ରଚଳନ ଉଲ୍ଲେଖଯୋଗ୍ୟ ଥିଲା। ଏବେ ରଞ୍ଜନା ପିସିଆଇର ଅଧ୍ୟକ୍ଷ ହୋଇଥିବାରୁ ତାଙ୍କ ନେତୃତ୍ୱ ସାମ୍ବାଦିକୀୟ କାର୍ଯ୍ୟଧାରା ନୀତିରେ ନୂଆ କୋଡ୍ ଯୋଡ଼ି ଗଣମାଧ୍ୟମକୁ ନୂତନ ଦିଶା ଦେଇପାରେ ବୋଲି ଆଶା ରହୁଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଚରଖା ଓ ହସ୍ତତନ୍ତର ଆଦର କମି ଆସୁଥିବାବେଳେ ଏହାର ଉପଯୋଗିତାକୁ ପୁନଃ ପ୍ରତିପାଦିତ କରିଛନ୍ତି ପୁଣେର ନନ୍ଦନ ଭଟ୍ଟ। ସେ ସିଙ୍ଗଲ୍ ୟୁଜ୍‌ଡ ପ୍ଲାଷ୍ଟିକ ଭଳି ପଲିଥିନ୍ ବ୍ୟାଗ, ଅଡିଓ ଓ ଭିଡିଓ କ୍ୟାସେଟ ଟେପ୍‌କୁ ଚରଖା ଏବଂ ହସ୍ତତନ୍ତ ମାଧ୍ୟମରେ କପଡ଼ାର ରୂପ ଦେଉଛନ୍ତି। ସେଥିରୁ ସେ ହ୍ୟାଣ୍ଡ ବ୍ୟାଗ, ହୋମ୍ ଡେକୋର୍ ସାମଗ୍ରୀ ଏବଂ ଅଫିସ ଷ୍ଟେସନାରି ଉତ୍ପାଦ ସବୁ ତିଆରି କରୁଛନ୍ତି। ଏହା ଦ୍ୱାରା ପଲିଥିନ ଯୋଗୁ ହେଉଥିବା ପରିବେଶ ପ୍ରଦୂଷଣ ହ୍ରାସ କରାଯାଇପାରୁଛି। ନନ୍ଦନ ଏହି କାର୍ଯ୍ୟ 'ଇକୋକରି' ସଂସ୍ଥା ଦ୍ୱାରା କରାଯାଉଛି। ଇକୋକରି ଅର୍ଥ ପରିବେଶ ଉପଯୋଗୀ କାରିଗରି। ଏଥିରେ ସେ ସ୍ଥାନୀୟ ଅଞ୍ଚଳର ୨୫ ଜଣ କାରିଗରଙ୍କୁ ନିଯୁକ୍ତି ଦେଇଛନ୍ତି। ଏଥିରୁ ସେ ମାସକୁ ୮ ଲକ୍ଷ ଟଙ୍କା ପାଉଛନ୍ତି ଓ ଏଯାବତ ୨୦ ମିଲିୟନ ବା ୨ କୋଟି ପ୍ଲାଷ୍ଟିକ ବ୍ୟାଗକୁ କପଡ଼ା ତିଆରିରେ ବ୍ୟବହାର କରିସାରିଲେଣି। ସବୁ କାର୍ଯ୍ୟ ପାରମ୍ପରିକ ପଦ୍ଧତିରେ କରାଯାଉଛି। ପ୍ଲାଷ୍ଟିକ୍ ସଂଗ୍ରହ କରିବା, ଜୀବାଣୁମୁକ୍ତ କରି ଶୁଖାଇବା ପରେ ତାହାକୁ କାଟି ପତଳା କରି ଚରଖାରେ ସୂତାଭଳି କରାଯାଉଛି ଓ ପରେ ହସ୍ତତନ୍ତରେ ବୁଣି କପଡ଼ା ରୂପ ଦିଆଯାଉଛି ଏବଂ ଏଥିରୁ ପ୍ରସ୍ତୁତ ସାମଗ୍ରୀଗୁଡ଼ିକର ମୂଲ୍ୟ ୩୦୦ ଟଙ୍କାରୁ ୩,୦୦୦ ଟଙ୍କା ରଖାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଜୁନ୍ ୧୯୯୭

- କାମ୍ବୋଡିଆର ଖମେରରୁଜ ବିଦ୍ରୋହୀ ଗୋଷ୍ଠୀର ନେତା ପୋଲପଟଙ୍କ ଆତ୍ମସମର୍ପଣ।
- ତାଲିବାନ ବିରୋଧୀ ନେତା ଅହମ୍ମଦ ଶାହ ମାସୁଦଙ୍କ ସମର୍ଥକ ସେନା ଉତ୍ତରାଞ୍ଚଳର କୁଣ୍ଡୁଜ ସହରକୁ ଦଖଲ କରିନେଇଛନ୍ତି।
- କେନ୍ଦ୍ର ସରକାର ପକ୍ଷରୁ ବହୁଚର୍ଚ୍ଚିତ ସ୍ୱେଚ୍ଛାକୃତ ଆୟ ଘୋଷଣା ଯୋଜନା ଲାଗୁ।
- କୁଚବିହାର ଜିଲାର ମେଖଲୀଗଞ୍ଜଠାରେ ଥିବା ତୀସ୍ତା ନଦୀରେ ୪୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଦେଶୀ ଡଙ୍ଗା ବୁଡ଼ିଯିବାରୁ ୧୨ ମୃତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | | 3 |
| 9 | | | | | | | | |
| | | | | 2 | 4 | 7 | | |
| | | | 8 | | 2 | | | |
| | | | 6 | | | 8 | | 4 |
| | 6 | | | | 3 | 5 | | |
| | 4 | 9 | 5 | 1 | 8 | | | 6 |
| | | 5 | | | 9 | | 2 | |
| 7 | | | | 3 | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 1 | 7 | 3 | 4 | 6 | 2 | 5 |
| 6 | 2 | 7 | 9 | 5 | 8 | 3 | 1 | 4 |
| 4 | 3 | 5 | 2 | 6 | 1 | 8 | 7 | 9 |
| 1 | 7 | 8 | 6 | 2 | 5 | 4 | 9 | 3 |
| 9 | 6 | 2 | 4 | 7 | 3 | 5 | 8 | 1 |
| 5 | 4 | 3 | 1 | 8 | 9 | 2 | 6 | 7 |
| 3 | 1 | 9 | 8 | 4 | 2 | 7 | 5 | 6 |
| 2 | 5 | 6 | 3 | 9 | 7 | 1 | 4 | 8 |
| 7 | 8 | 4 | 5 | 1 | 6 | 9 | 3 | 2 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଆତ୍ମଚିନ୍ତନର ଆବଶ୍ୟକତା ରହିଛି

ମହାଶୟ,

ମଣିଷ ଜୀବନ ଅନ୍ୟର ଉପକାର ଲାଗି ଅଭିପ୍ରେତ। ମାତ୍ର ବର୍ତ୍ତମାନ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଆବିଳତା, ଜଟିଳତା, କପଟତା, ସଂକୀର୍ଣ୍ଣତା ଓ ପରଶ୍ରୀକାତରତା ମଣିଷକୁ କବଳିତ କରି ନେଉଥିବା ହେତୁ ମଣିଷ କେବଳ ନିଜ ସ୍ୱାର୍ଥରେ ବୁଡ଼ିରହୁଛି। ଅନ୍ୟର ଗୋଡ଼ ଟାଣିବା, ଚରିତ୍ର ସଂହାର କରିବା ପ୍ରଭୃତି କାର୍ଯ୍ୟ ସମାଜରେ ବହୁଳ ଭାବରେ ପରିଲକ୍ଷିତ ହେଉଛି। ଅନ୍ୟ ବିରୋଧରେ ଚକ୍ରାନ୍ତକରି ନିଜେ ଫାଇଦା ନେବା ଆଦୌ ଗ୍ରହଣୀୟ ନୁହେଁ। ଏହାଦ୍ୱାରା ମଣିଷପଣିଆର ହାନି ଘଟିଥାଏ। ଅନ୍ୟର ଉପକାର ଏକ ମହାନ୍ କାର୍ଯ୍ୟ। ମାତ୍ର ମତଲବୀ ମଣିଷ ଏଥିପାଇଁ ଆଗ୍ରହୀ ନୁହନ୍ତି। ତେଣୁ ମନୋଭାବରେ ପରିବର୍ତ୍ତନ ଲୋଡ଼ା। ଅନ୍ୟକୁ ନିଜର ବୋଲି ଭାବିଲେ ହିଁ ତା'ର ଅପକାର କରିବାକୁ ମନ ହେବ ନାହିଁ। ତ୍ୟାଗ ମନୋଭାବ ଉତ୍ପନ୍ନ ହେଲେ ହିଁ ଏହା ସମ୍ଭବପର ହୋଇପାରିବ। ମଣିଷର ଆଚରଣ ଓ ଉଚ୍ଚାରଣରେ ଶୁଦ୍ଧତା ନ ଆସିବା ହେତୁ ମନରେ ଓଲଟା ଚିନ୍ତା ଉଙ୍କିମାରିବା ଦେଖିବାକୁ ମିଳୁଛି। ନିଜ ଦୋଷତ୍ରୁଟି ସୁଧାରିବା ପାଇଁ ଆତ୍ମଚିନ୍ତନର ଆବଶ୍ୟକତା ରହିଛି। ଏହାଦ୍ୱାରା ମଣିଷ ଜୀବନ ସାର୍ଥକତା ଲାଭ କରିପାରିବ।

– ସୁଧାଂଶୁ ମହାପାତ୍ର, ନୀଳାଦ୍ରିବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

## ଚିରନ୍ତନୀ

ଚାହିଁ ରହେ ଚିର ତୁମରି ଗତିର
ଗୀତି–ପଥ ଅନୁସରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା–ଗୋରି!
(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିରୋଧୀ ମେଣ୍ଟର ପ୍ରାର୍ଥୀ ହେବାକୁ ମନାକଲେ ଫାରୁକ୍

## ରାଷ୍ଟ୍ରପତି ନିର୍ବାଚନ

ଶ୍ରୀନଗର,୧୮।୬(ପି.ଟି.)

ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ଦଳଗୁଡ଼ିକ ମିଳିତ ପ୍ରାର୍ଥୀ ଦେବା ଲାଗି ଉଦ୍ୟମ ଚଳାଇଛନ୍ତି। ପୂର୍ବରୁ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ରାଷ୍ଟ୍ରପତି ପ୍ରାର୍ଥୀ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ପାୱାରଙ୍କ ପରେ ସମ୍ଭାବ୍ୟ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ୍ ଅବଦୁଲାଙ୍କ ନାଁ ଚର୍ଚ୍ଚା ହେଉଥିଲା। ତେବେ ୮୪ ବର୍ଷୀୟ ଅବଦୁଲା ରାଷ୍ଟ୍ରପତି ନିର୍ବାଚନ


ଫାରୁକ୍ ଅବଦୁଲା

ଲଢ଼ିବେ ନାହିଁ ବୋଲି ଶନିବାର କହିଛନ୍ତି। ରାଷ୍ଟ୍ରପତି ନିର୍ବାଚନ ଲାଗି ରଣନୀତି ପ୍ରସ୍ତୁତି ନିମନ୍ତେ ଆଗାମୀ ୨୦ ଓ ୨୧ରେ ବିରୋଧୀ ଦଳଗୁଡ଼ିକର ବୈଠକ ବସିବାକୁ ଥିବାବେଳେ ଏହା ପୂର୍ବରୁ ଅବଦୁଲା ନିଜ ନିଷ୍ପତ୍ତି ସ୍ପଷ୍ଟ କରିଦେଇଛନ୍ତି। ତେବେ ବିରୋଧୀ ଦଳଗୁଡ଼ିକ ତାଙ୍କ ନାମ ପ୍ରସ୍ତାବ ରଖିଥିବାରୁ ସେ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୧୫ ତାରିଖରେ ଅନୁଷ୍ଠିତ ମିଳିତ ବିରୋଧୀ ଦଳ ବୈଠକରେ ଫାରୁକଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରିବା ଲାଗି ପ୍ରସ୍ତାବ ଦେଇଥିଲେ ଓ ଅନ୍ୟ ନେତାମାନେ ସମର୍ଥନ ଜଣାଇଥିଲେ। ସେ ଇତିମଧ୍ୟରେ ବିଭିନ୍ନ ନେତାଙ୍କଠାରୁ ଏନେଇ ଫୋନ୍ କଲ୍ ପାଇଛନ୍ତି। ସେ ତାଙ୍କ ଦଳର ବରିଷ୍ଠ ସହକର୍ମୀ ଓ ପରିବାର ସଦସ୍ୟଙ୍କ ସହ ମଧ୍ୟ ରାଷ୍ଟ୍ରପତି ପ୍ରାର୍ଥୀ ହେବା ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିଥିଲେ ବୋଲି ଫାରୁକ କହିଛନ୍ତି। ବର୍ତ୍ତମାନ ଜମ୍ମୁ-କଶ୍ମୀର ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଥିବାବେଳେ ଏଭଳି ଅନିଶ୍ଚିତ ସମୟକୁ ଅତିକ୍ରମ କରିବାରେ ତାଙ୍କର ଉଦ୍ୟମ ଆବଶ୍ୟକ ବୋଲି ଏନ୍‌ସି ନେତା ବିଶ୍ୱାସ କରୁଥିବା କହିଛନ୍ତି। ଜୁଲାଇ ୧୮ରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଜୁନ୍ ୧୫ରୁ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୧୫ ତାରିଖରେ ୧୭ ବିରୋଧୀ ଦଳର ନେତା ଏକାଠି ହୋଇ ମିଳିତ ପ୍ରାର୍ଥୀ ଦେବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। ଶରଦ ପାୱାର ପ୍ରାର୍ଥୀ ହେବାକୁ ମନା କରିବା ପରେ ଫାରୁକ୍ ଏବଂ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଗୋପାଳକୃଷ୍ଣ ଗାନ୍ଧୀଙ୍କ ନାଁ ପ୍ରସ୍ତାବ ଦିଆଯାଇଥିଲା।



ଉତ୍ତରପ୍ରଦେଶର ଆଜମଗଡ଼ ଲୋକ ସଭା ଉପନିର୍ବାଚନ ପାଇଁ ସମାଜବାଦୀ ପାର୍ଟି ନେତା ଆଜମ ଖାଁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି।

# ରାଜ୍ୟ, କେନ୍ଦ୍ର ସରକାର ସବୁକ୍ଷେତ୍ରରେ ବିଫଳ: କଂଗ୍ରେସ



ବୀରମହାରାଜପୁରରେ ଅନୁଷ୍ଠିତ ନବସଂକଳ୍ପ ଶିବିରରେ ମଞ୍ଚାସୀନ କଂଗ୍ରେସ ନେତୃବର୍ଗ।

ଅମରପାଲି, ୧୮।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା କଂଗ୍ରେସ ତରଫରୁ ନବସଂକଳ୍ପ ଶିବିରର ଜିଲାସ୍ତରୀୟ କର୍ମଶାଳା ଶନିବାର ବୀରମହାରାଜପୁର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ କଂଗ୍ରେସ କମିଟି ସଭାପତି ବସନ୍ତ ମହାକୁଡ଼ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ଜିଲାର କଂଗ୍ରେସ କର୍ମୀ ଓ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସବୁକ୍ଷେତ୍ରରେ ବିଫଳତା ଯୋଗୁ ସାଧାରଣ ଲୋକେ ହଇରାଣ ହେଉଥିବା ମତପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ଏକଚାଟିଆ ଶାସନ, ଆଇନଶୃଙ୍ଖଳା ବିଫଳତା ଏବଂ କେନ୍ଦ୍ର ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି, ଦରଦାମ ବୃଦ୍ଧି ଆଦିକୁ ନିନ୍ଦା କରାଯାଇଥିଲା। ଏଥିପାଇଁ କଂଗ୍ରେସ ଦଳ ନବସଂକଳ୍ପ ସମାବେଶ କରି ଉଭୟ ଭାଜପା ଓ ବିଜେଡି ସରକାର ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ଉପସ୍ଥିତ ନେତୃବର୍ଗ କହିଥିଲେ।

ଏହି ନବସଂକଳ୍ପ ଶିବିରରେ ଜିଲା କଂଗ୍ରେସ ସଭାପତି ଗୌରୀଶ୍ୟାମ ପଣ୍ଡା, ଉପସଭାପତି ବାଳକୃଷ୍ଣ ଦଣ୍ଡସେନା ଓ ରାଜଗୋପାଳ ପାଣିଗ୍ରାହୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଦମୟନ୍ତୀ ବାଘ, ପୂର୍ବତନ ବିଧାୟକ ବିନୋଦ ପାତ୍ର, ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ଜିତେନ୍ଦ୍ର ପଟ୍ଟନାୟକ, ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ବୀରମହାରାଜପୁର ବ୍ଲକ ଯୁବ କଂଗ୍ରେସ ସଭାପତି ବିଦ୍ୟାଧର ଖୁର୍ଦ୍ଦିଆ, ଜିଲା କୃଷକ ମୋର୍ଚ୍ଚା ସଭାପତି ନରେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବୀରମହାରାଜପୁର ବ୍ଲକ ଜୋନ-୧ରୁ ଦଳୀୟ ଟିକେଟରେ ବିଜୟୀ ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଜି ପ୍ରଥମ ପର୍ଯ୍ୟାୟ ସମବାୟ ସମିତି ନିର୍ବାଚନ

ଭୁବନେଶ୍ୱର,୧୮।୬(ବ୍ୟୁରୋ)




ପ୍ରାଥମିକ ସମବାୟ ସମିତି(ପ୍ୟାକ୍ସ)ର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ରବିବାର ଅନୁଷ୍ଠିତ ହେବ। ମୋଟ ୩,୨୫୨ ପ୍ରାଥମିକ ସମବାୟ ସମିତିରୁ ୨,୫୨୧ ସମିତିରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ସଦସ୍ୟ, ସଦସ୍ୟା ନିର୍ବାଚିତ ହୋଇଛନ୍ତି। ବାକି ୭୩୧ ପ୍ରାଥମିକ ସମବାୟ ସମିତିରେ ନିର୍ବାଚନ ହେବ। ୭୩୧ ସମବାୟ ସମିତିରୁ ୨୪୪ଟି ବୁଥ୍ ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ଏହି ବୁଥ୍‌ଗୁଡ଼ିକରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ପାଇଁ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ସହ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ସିସିଟିଭି ଲଗାଯାଇଛି। ଜିଲାପାଳ ଏବଂ ଏସ୍‌ପି ଆଇନଶୃଙ୍ଖଳା ପରିସ୍ଥିତି ତଦାରଖ କରିବେ। ଶାନ୍ତିଶୃଙ୍ଖଳାରେ ନିର୍ବାଚନ କରିବାକୁ ପଦକ୍ଷେପ ନିଆଯାଇଛି। ନିର୍ବାଚନ ପରିଚାଳନା ପାଇଁ ୧୯ ଜଣ ଉପନିବନ୍ଧକ, ୫୮ ଜଣ ସହକାରୀ ନିବନ୍ଧକ ନିୟୋଜିତ ହୋଇଛନ୍ତି। ଭୋଟ ଗ୍ରହଣ ସକାଳ ୭ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ଯାଏ ଚାଲିବ। ମୋଟ ୪ ଲକ୍ଷ ୫୩ ହଜାର ୬୧୦ ଭୋଟର ମତଦାନ କରିବେ। ଭୋଟ ଗ୍ରହଣ ପରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ। ସେହିପରି ଆସନ୍ତା ୨୬ ତାରିଖରେ ପ୍ରଥମ ପର୍ଯ୍ୟାୟର ଦ୍ୱିତୀୟ ଦିନର ଭୋଟ ଗ୍ରହଣ ହେବ।

# ରାଷ୍ଟ୍ରପତି ନିର୍ବାଚନ ଭାଜପା ଗଠନ କଲା ୧୪ ଜଣିଆ କମିଟି

ନୂଆଦିଲ୍ଲୀ,୧୮।୬

ଆସନ୍ତା ଜୁଲାଇ ୧୮ ତାରିଖରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନକୁ ନେଇ ରାଜନୈତିକ ଦଳ ମଧ୍ୟରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି କ୍ରମରେ ଭାଜପା ୧୪ ସଦସ୍ୟଙ୍କୁ ନେଇ ଏକ ପରିଚାଳନା କମିଟି(ମ୍ୟାନେଜମେଣ୍ଟ କମିଟି) ଗଠନ କରିଛି। କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ଏହାର ସଂଯୋଜକ କରାଯାଇଛି। ଭାଜପା ସାଧାରଣ ସମ୍ପାଦକ ବିନୋଦ ତାୱଡେ ଏବଂ ସିଟି ରବିଙ୍କୁ କମିଟିର ସହସଂଯୋଜକ ଭାବେ ନିଯୁକ୍ତ କରାଯାଇଛି। ଭାଜପା ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ସାଧାରଣ ସମ୍ପାଦକ ତରୁଣ ଚୁଘ୍ ମଧ୍ୟ କମିଟିର ସଦସ୍ୟ ରହିବେ। କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ, ଅଶ୍ୱିନୀ ବୈଷ୍ଣବ, ସର୍ବାନନ୍ଦ ସୋନୋୱାଲ୍, ଅର୍ଜୁନ ମେଘୱାଲ୍, ଭାରତୀ ପାୱାରଙ୍କୁ କମିଟିରେ ସାମିଲ କରାଯାଇଛି। ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଭାଜପା ଜାତୀୟ ଉପାଧ୍ୟକ୍ଷ ଡିକେ ଅରୁଣା, ଜାତୀୟ ସମ୍ପାଦକ ଋତୁରାଜ ସିହ୍ନା, ମହିଳା ମୋର୍ଚ୍ଚା ଜାତୀୟ ଅଧ୍ୟକ୍ଷା ବନଥୀ ଶ୍ରୀନିବାସନ୍, ଜାତୀୟ ମୁଖପାତ୍ର ସମ୍ବିତ ପାତ୍ର ଏବଂ ଆସାମ ରାଜ୍ୟ ଉପସଭାପତି ରାଜଦୀପ୍ ରାୟ ସାମିଲ ଅଛନ୍ତି।

ଅନ୍ୟପକ୍ଷରେ ଶରଦ ପାୱାରଙ୍କ ଅଧ୍ୟକ୍ଷତାରେ ଜୁନ୍ ୨୧ରେ ବିରୋଧୀ ଦଳଙ୍କ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଜୁଲାଇ ୧୮ ତାରିଖରେ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ହେବାକୁ ଯାଉଛି। ଶାସକ ଏନ୍‌ଡିଏ କିମ୍ବା ବିରୋଧୀ ଦଳ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ଜଣେ ସର୍ବସମ୍ମତ ରାଷ୍ଟ୍ରପତି ପ୍ରାର୍ଥୀ ଦେବା ନେଇ ଭାଜପା ବରିଷ୍ଠ ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବିରୋଧୀ ନେତାଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ଭାଜପା ଦ୍ୱାରା ଗଠିତ ମ୍ୟାନେଜମେଣ୍ଟ କମିଟି ରାଷ୍ଟ୍ରପତି ନିର୍ବାଚନ ନେଇ ପାର୍ଟିର ସମସ୍ତ ରାଜ୍ୟ ୟୁନିଟ୍ ଏବଂ ସହଯୋଗୀ ଦଳଗୁଡ଼ିକ ସହ ସମନ୍ୱୟ ରକ୍ଷାକରିବ।

## କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

ଭୁବନେଶ୍ୱର,୧୮।୬(ବ୍ୟୁରୋ): ବରଗଡ଼ ଜିଲା ବରପାଲି ବ୍ଲକରେ ସନ୍ଧାନ ହୋଇଥିବା ୨ ହଜାର ବର୍ଷ ତଳ ପ୍ରାଚୀନ ସଭ୍ୟତାର ପୁନରୁଦ୍ଧାର ଏବଂ ସଂରକ୍ଷଣ ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ(ଏଏସ୍‌ଆଇ)କୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେବାକୁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଚିଠି ଲେଖିଛନ୍ତି। ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଏହି ପୁରାତନ ସଭ୍ୟତାର ଆବିଷ୍କାର କରିଛି। ମେ' ୩୧ ତାରିଖରେ ଏକ ବିଶେଷଜ୍ଞ ଦଳ ନେତୃତ୍ୱରେ ୬୦ ଜଣ ଛାତ୍ରୀଛାତ୍ର, ରିସର୍ଚ୍ଚ ସ୍କଲାର ଏବଂ ଇତିହାସ ବିଭାଗର ପ୍ରାଧ୍ୟାପକ ଉକ୍ତ ସ୍ଥାନରେ ଖନନ କାର୍ଯ୍ୟ ଆରମ୍ଭ କରିଥିଲେ। ୧୭ ହେକ୍ଟର ପରିମିତ ଜାଗାରେ ଅନେକ ମୂଲ୍ୟବାନ ମନୁଷ୍ୟକୃତ ସାମଗ୍ରୀ ଏବଂ ପୁରାତନ ସଭ୍ୟତାର ଅଂଶବିଶେଷ ମିଳିଛି। ଖନନ ସ୍ଥଳରୁ ମିଳିଥିବା ସାମଗ୍ରୀ ପ୍ରାୟ ୨ ହଜାର ବର୍ଷ ପୂର୍ବର ବୋଲି ଜଣାପଡ଼ିଛି। ମିଳିଥିବା ପ୍ରାଚୀନ ଅଶଂବିଶେଷରୁ ଜଣାପଡୁଛି ଉକ୍ତ ସ୍ଥାନଟି ପୂର୍ବ କାଳରେ ଏକ ପ୍ରତିଷ୍ଠିତ ବାଣିଜ୍ୟ କେନ୍ଦ୍ର ଥିଲା। ଆଗକୁ ଖନନ ଜାରି ରହିଲେ ଆହୁରି ଅନେକ ରହସ୍ୟ ଉନ୍ମୋଚିତ ହୋଇପାରିବ। ଏଭଳି ଏକ ବୃହତ୍ ପ୍ରାଚୀନ ସଭ୍ୟତାର ସନ୍ଧାନ ମିଳିବା ବିରଳ ଏବଂ ଅତ୍ୟନ୍ତ ସମ୍ବେଦନଶୀଳ। ଐତିହାସିକ ଗୁରୁତ୍ୱ ଏବଂ ସମ୍ଭାବ୍ୟ ରହସ୍ୟ ଉନ୍ମୋଚନ ହେବା ଦୃଷ୍ଟିରୁ ଏଏସ୍‌ଆଇକୁ ଏହି ପ୍ରତ୍ନତାତ୍ତ୍ୱିକ ସ୍ଥଳକୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ରେଡ୍ଡୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି।


**WORKS DEPARTMENT**
**OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE**

No. B-283 e-mail: seec_bls@rediffmail.com

**Government of Odisha "e" Procurement Notice**
Bid Identification No. CCEEC-05/2022-23

No. 2607 Dt.08.06.2022

| | | |
|---|---|---|
| Nature of Work | : | OAV Building Works |
| Number of Works | : | 06 (Six) No Buildings |
| Amount put to tender | : | Rs.148.91 lakh to Rs.312.49 lakh |
| Class of Contractor | : | "B" Class / "A" Class/ "Special" |
| Date & time of availability of bid document in the portal | : | Dt.20.06.2022 at 10.00 A.M. |
| Last date/time of receipt of bid in the portal | : | Dt.04.07.2022 upto 05.00 P.M. |
| Date of Opening of Bid | : | Dt.05.07.2022 at 11.00 A.M. |
| Name & address of the Office Inviting Bid | : | Chief Construction Engineer, Eastern Circle (R&B), Balasore |

The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in". All future corrigendum will be available on ONLINE mode only.

Sd./- R. Rout, Chief Construction Engineer
OIPR-34026/11/0007/2223 Eastern Circle (R&B), Balasore

**OFFICE OF THE DIVISIONAL FOREST OFFICER, KHARIAR DIVISION, KHARIAR**
At/P.O.-Khariar, Dist.- Nuapada, Odisha- 766107
E-mail ID- dfo.khariar@odisha.gov.in, Phone No.- 06671-224237

**SHORT TENDER CALL NOTICE**
Short Tender Call Notice No.191/DFOKHR/1F-Acct. Sec./ Date 16.06.2022

No.MM-58:- Sealed tenders are invited from individuals / organisation/firms etc. for supply of Urea, NPK, Insecticide & HDPE Fibre Net Gabion with numbering plate which are required for plantation program in Khariar Forest Division during 2022-23 under different schemes for use in different plantation site of Khariar Forest Division.

The tender document can be downloaded from concerned website www.nuapada.nic.in and shall be submitted and put into Tender Box kept in the office of the undersigned or by post. The tender paper should accompany all required documents, GSTIN No. & GST clearance certificate, manufacturing licence, marketing licence and it must be submitted / put into the tender box kept in the office of the udnersigned latest by 05.00 P.M. on 27.06.2022. A Demand Draft drawn in favour of Divisional Forest Officer, Khariar for Rs.1,180/- (Rupees one thousand one hundred eighty) only as non-refundable amount is to be attached with tender towards cost of tender paper or else the tenders shall be rejected.

| Sl. No. | Name of the component | Date & time |
|---|---|---|
| 01 | Sale of tender document | 17.06.2022 to 27.06.2022 upto 05.00 P.M. |
| 02 | Last date for submission of sealed tender document | 27.06.2022 by 05.00 P.M. |
| 03 | Date & time of opening of tender paper | 28.06.2022 at 11.00 A.M. |

Sd./- Divisional Forest Officer, Khariar Division
OIPR-08029/11/0002/2223

**OFFICE OF THE DIRECTOR OF HANDICRAFTS, ODISHA, BHUBANESWAR**
1st Floor, HoD Building, Unit - V, Bhubaneswar
No. PP-15 Telephone: 0674-2396745
E-mail ID: dhciori@gmail.com
Letter No. 2666 Dated: 17.06.2022

**Required Retired Persons for the following Posts**

1. 06 (Six) Numbers of OSD against vacant Assistant Section Officer Posts for Directorate of Handicrafts, Odisha. The remuneration shall be Rs.13000/- per month.
2. 29 (Twenty Nine) number of Consultant against vacant Junior Assistant posts to work under the Assistant Director (Handicrafts) (except in Khurda). The remuneration shall be Rs.12000/- per month.

For details please visit this Directorate website **https://crafts.odisha.gov.in**.

Sd./- Director
OIPR-31034/11/0010/2223

**Government of Odisha**
**Department of Panchayatiraj**
**Office of the Panchayat Samiti, Bhadrak**
**Invitation of Bids (IFB)**
**Bid Identification No. PSB-02/2022-23**

No.i-45:- Bid documents consisting of work, estimate amount for put to tender, cost of tender paper, EMD, time of completion, class of contractor, the set of terms & conditons of contract and other necessary documents can be seen from the Office of the Block Development Officer, Bhadrak.

| | | | |
|---|---|---|---|
| 1. | Name of the work | : | Building projects |
| 2. | No. of works | : | 1 No. of individual packages |
| 3. | Estimated cost for put to tender | : | 57.47 lakhs |
| 4. | Period of completion | : | 11 (Eleven) calendar months each |
| 5. | Date & time of availability of bid documents | : | From 16.06.2022, 10.00 A.M. to 30.06.2022, 5.00 P.M. |
| 6. | Date & time for receipt of bids in the mark tender box | : | From 16.06.2022, 10.00 A.M. to 30.06.2022 at 3.30 P.M. |
| 7. | Date of opening of bids | : | 02.07.2022, 3.30 P.M. |
| 8. | Class of contractor | : | 'C' above |
| 9. | Name of the officer inviting bids | : | Block Development Office, Bhadrak |

Further details can be seen from the Office of the Block Development Office, Bhadrak. Any addendum/ corrigendum / cancellation of tender can also be seen office of the undersigned. The details of notice available on www.bhadrak.nic.in.

Sd./- Block Development Officer, Bhadrak
OIPR-19211/11/0001/2223

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 10146/IND-II-PH-824 ତାରିଖ 10.06.2022
No. CAD-808

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଓଡ଼ିଶା ମିନେରାଲ୍‌ସ ଡେଭ୍‌ଲପମେଣ୍ଟ କମ୍ପାନୀ ଲିମିଟେଡ, ଓଡ଼ିଶାର କେନ୍ଦୁଝର ଜିଲ୍ଲା, ବଡ଼ବିଲ ତହସିଲ ଅନ୍ତର୍ଗତ ଉଲିଗୁରୁ ଗ୍ରାମରେ ୨୧.୫୨ ହେକ୍ଟର ପରିମିତ ଖଣି ଅଞ୍ଚଳରେ ସ୍ଥିତ ବାଗିଆବୁରୁ ଲୌହ ଖଣିରୁ ବାର୍ଷିକ ୩.୬ ଏଲଟିପିଏ ଉତ୍ପାଦନ କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ 'ସର୍ବସାଧାରଣ ଶୁଣାଣି' ତା୦୪।୦୫।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ବଡ଼ବିଲ ଗ୍ରାମରେ U.No.7, ଖାତା ନଂ. ୪୮୩, ପ୍ଲଟ୍ ନଂ. ୧୩୪୩/୧୭୭୨ଠାରେ ହେବାକୁ ଧାର୍ଯ୍ୟ ହୋଇଥିଲା । ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା: 'The New Indian Express' ଏବଂ 'ଧରିତ୍ରୀ'ରେ ତା୨୭।୦୩।୨୦୨୧ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା । କିନ୍ତୁ କୋଭିଡ୍ ସଂକ୍ରମଣ ବୃଦ୍ଧି ଯୋଗୁ ରାଜ୍ୟ ସରକାରଙ୍କ ଦ୍ୱାରା ଜନସମାଗମ ଉପରେ ଜାରି କରାଯାଇଥିବା ପ୍ରତିବନ୍ଧକ ଯୋଗୁ ତା୦୪।୦୫।୨୦୨୧ରିଖ ଦିନ ହେବାକୁ ଥିବା ସର୍ବସାଧାରଣ ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା । ଉକ୍ତ ସର୍ବସାଧାରଣ ଶୁଣାଣି ତା୨୧।୦୭।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ବଡ଼ବିଲ ଗ୍ରାମ (U.No.7, ଖାତା ନଂ. ୪୮୩, ପ୍ଲଟ୍ ନଂ. ୧୩୪୩/୧୭୭୨, କିସମ - ଘରବାରି-II, ୪୪୦ ଏକର) ଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୧।୦୭।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ **କେନ୍ଦୁଝର ଜିଲ୍ଲା, ବଡ଼ବିଲ ଗ୍ରାମ (U. No.7, ଖାତା ନଂ. ୪୮୩, ପ୍ଲଟ୍ ନଂ. ୧୩୪୩/୧୭୭୨, କିସମ- ଘରବାରି-II, ୪୪୦ ଏକର)**ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କେନ୍ଦୁଝର**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କେନ୍ଦୁଝର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କେନ୍ଦୁଝର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କେନ୍ଦୁଝର**।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **କେନ୍ଦୁଝର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0105/2223 ସ୍ୱା./-ସଦସ୍ୟ ସଚିବ

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୯ ଜୁନ୍, ୨୦୨୨



### ଅଜଣା ଗାଡ଼ି ଧକ୍କାରେ ବୃଦ୍ଧା ମୃତ

କୁତ୍ରା (ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ୧୦ନଂ. ରାଜ୍ୟ ରାଜପଥ ଗ୍ରାମଦେବତା ପୀଠ ସମ୍ମୁଖରେ ଶନିବାର ରାତି ୯ଟାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ବୃଦ୍ଧା ଜଣକ ଚାଲିଚାଲି ଯାଉଥିବା ବେଳେ ଏକ ଗାଡି ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ପଡିଥିଲେ। ପୋଲିସ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତା ବୃଦ୍ଧାଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।

## ସଂକ୍ଷେପରେ

### ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ରାଜଗାଙ୍ଗପୁର, (ଡିଏନଏ)୧୭।୬: ରାଜଗାଙ୍ଗପୁର ପୌରାଞ୍ଚଳର ୧୬ ନଂ. ୱାର୍ଡ ମଧୁସୂଦନ କଲୋନୀର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ଚନ୍ଦନ ସିଂ(୨୬)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ଶୁକ୍ରବାର ରାତିରେ କୌଣସି କଥାକୁ ନେଇ ଚନ୍ଦନଙ୍କ ପରିବାରରେ ପାଟିତୁଣ୍ଡ ହୋଇଥିଲା। ଖବର ପାଇ ରାଜଗାଙ୍ଗପୁର ପୋଲିସ ତାଙ୍କ ଘରକୁ ଯାଇ ସମସ୍ତଙ୍କୁ ବୁଝାଶୁଝା କରି ଫେରିଯାଇଥିଲା। ବିଳମ୍ବିତ ରାତିରେ ଚନ୍ଦନ ଘରୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଶନିବାର ସକାଳେ ତାଙ୍କ ମୃତଦେହ ଘରଠାରୁ ୧ କିମି ଦୂର ବାବାତଲାବ ନିକଟ ମୁଖ୍ୟରାସ୍ତା କଡ଼ରେ ଥିବା ଏକ ଗଛ ଡାଳରେ ଝୁଲୁଥିଲା ଏବଂ ବେକରେ ରଶି ଲାଗିଥିଲା। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ସୂଚନା ଦେଇଥିଲେ।

### ଜନ୍ମଦିନରେ ବହି ବାଣ୍ଟିଲେ ସରପଞ୍ଚ



କୁଟିଣ୍ଡା,୧୮।୬(ଡି.ଏନ.ଏ.): କୁଟିଣ୍ଡା ବ୍ଲକ ଅନ୍ତର୍ଗତ ବାଉରୀଗୋଡା ପଞ୍ଚାୟତର ସରପଞ୍ଚ ଗୋବର୍ଦ୍ଧନ ବାଘ ଶନିବାର ନିଜ ଜନ୍ମଦିନରେ ଅଙ୍ଗନୱାଡି ଶିଶୁଙ୍କୁ ମାଗଣାରେ ଛବିଳ ମଧୁ ବର୍ଣ୍ଣବୋଧ ବହି ବଣ୍ଟନ କରିଥିବା ଜଣାଯାଇଛି । ପଞ୍ଚାୟତର ୧୧ଗୋଟି ଅଙ୍ଗନୱାଡି କେନ୍ଦ୍ରର ମୋଟ ୧୩୦ଜଣ ଶିଶୁଙ୍କୁ ସେ ବହି ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇସିଡିଏସ ସୁପରଭାଇଜର ଜୟଶ୍ରୀ ଗଡତିଆ,ହାଇସ୍କୁଲ ଶିକ୍ଷକ ଘନଶ୍ୟାମ ସାହୁ,ପୂର୍ବତନ ସରପଞ୍ଚ ବିନୋଦ ବାଘ ଏବଂ ସମସ୍ତ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ ।

### ସଡ଼କ ସୁରକ୍ଷା ସଚେତନତା ପାଇଁ ସାଇକେଲ ରାଲି

ରାଉରକେଲା ଅଫିସ,୧୮।୬: ସଡକ ସୁରକ୍ଷା ସଚେତନତା ପାଇଁ ପରିବହନ ବିଭାଗ ପକ୍ଷରୁ ଶନିବାର ରାଉରକେଲାରେ ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଛି। ଏହି ରାଲିରେ ଓଡିଆ ସିନେଷ୍ଟାର ସିଦ୍ଧାର୍ଥ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆମ ଜୀବନ ଆମ ହାତରେ। ତେଣୁ ଆମେ ସୁରକ୍ଷିତ ରହିଲେ ଆମ ପରିବାର ସୁରକ୍ଷିତ ରହିବ। ସେଥିପାଇଁ ପ୍ରତ୍ୟେକ ବ୍ୟକ୍ତି ସାଇକେଲ ଚାଳନା କରି ଦୁର୍ଘଟଣା ମୁକ୍ତ ହେବା ସହ ସଡକ ନିୟମ ମାନିବା ପାଇଁ ମୁଖ୍ୟ ଅତିଥି ମହାପାତ୍ର ସହରବାସୀଙ୍କୁ ଆହ୍ୱାନ ଦେଇଥିଲେ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ପୂର୍ବତନ ଅଧ୍ୟକ୍ଷ କୁନା ତ୍ରିପାଠୀ, ପଶ୍ଚିମାଞ୍ଚଳ ଡିଆଇଜି ଡ. ନିତିନ ଶେଖର, ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ଓ ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ରାଲି ଉଦିତନଗରର ସ୍ଥିତ ପାନପୋଷ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଆରଏମ୍‌ସି କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଥିରେ ସହରର ବହୁ ବୃଦ୍ଧଜୀବୀ, ସାମାଜିକ ସଙ୍ଗଠନ ଓ ବିଭିନ୍ନ କଲେଜ ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସହରକୁ ସ୍ୱଚ୍ଛ,ସବୁଜ କରିବା ପାଇଁ ବୃକ୍ଷଚାରା ପ୍ରଦାନ କରାଯାଇଥିଲା।

### 'ପ୍ରାତଃ ଯୋଗ ଶରୀର ପାଇଁ ଲାଭଦାୟକ'

ରାଉରକେଲା ଅଫିସ,୧୮।୬: ରାଉରକେଲା ସିଭିଲ ଟାଉନସିପ୍‌ରେ ଅନ୍ତର୍ଜାତୀୟ ଯୋଗ ଦିବସ କମିଟି ରାଉରକେଲା ପକ୍ଷରୁ ଉପଦେଷ୍ଟା ସୁନିଲ କୟାଲଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ କମଲ ଡାଲମିଆଁ, ଭଗବାନ ପତି, ପ୍ରସନ୍ନ କୁମାର ଦାସ, ପ୍ରଶାନ୍ତ କୁମାର ନାୟକ, ମଲ୍ଲାଇ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଜୁନ୍ ୨୧ରେ ଅନ୍ତର୍ଜାତୀୟ ଯୋଗ ଦିବସକୁ କିଭଳି ପାଳନ କରାଯାଇପାରିବ ସେ ନେଇ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସିଭିଲଟାଉନ୍‌ସିପ୍ ସ୍ଥିତ ମଡର୍ଣ୍ଣ ଇଂଲିଶ ସ୍କୁଲ ପଡିଆରେ ରବିବାର ସକାଳ ୬ଟାରେ ଯୋଗ ଶିବିରର ଆୟୋଜନ କରାଯିବ। ଯୋଗଗୁରୁ ସୁଶାନ୍ତ କୁମାର ଶତପଥୀ ଓ ତାଙ୍କ ଦଳ ଶିବିର ପରିଚାଳନା କରିବେ। ଏଥିରେ ଶତାଧିକ ସହରବାସୀ ଯୋଗ ଦେଇ ଶରୀର ପାଇଁ ଯୋଗର ଆବଶ୍ୟକତା ଉପରେ ତାଲିମ ନେବାକୁ କୟାଲ ନିବେଦନ କରିଥିଲେ। କଳିଙ୍ଗ ସ୍ପୋର୍ଟର୍ସ ଫେଡେରେଶନ ସଦସ୍ୟ ସଞ୍ଜୟ ବବୁତା, ବନମାଳି ଯାମକିଆର, ରୋହିତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟବସାୟୀଙ୍କଠୁ ଟଙ୍କା ଲୁଟ୍ ଘଟଣା: ୫ ଗିରଫ

ରାଉରକେଲା ଅଫିସ,୧୮।୬



ଗିରଫ ଅଭିଯୁକ୍ତଙ୍କୁ ପୋଲିସ ଖବରଦାତା ସମ୍ମିଳନୀରେ ହାଜର କରିଛି।

ରାଉରକେଲା ଉଦିତନଗର ଅଞ୍ଚଳର ଜଣେ ବ୍ୟବସାୟୀଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ କରି ଫେରାର ଥିବା ୫ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶୀତପଡା ବସ୍ତିର ଧୀରଜ ସିଂ(୧୯), ମନୀଷ କୁମାର ଯାଦବ(୨୦), ବିଶ୍ରା ଡାହାର ରୋଡ୍‌ର ନିଖିଲ ରାୟ(୨୧), ଉଦିତନଗରର ଅଜୟ ପଟ୍ଟନାୟକ(୨୧) ଓ ଉଦିତନଗର ଅଞ୍ଚଳର ନିଲ୍ ପଲ(୩୬)। ପୋଲିସ ସେମାନଙ୍କଠାରୁ ୫ଟି ସ୍ମାର୍ଟ ଫୋନ ସହ ୩ଲକ୍ଷ ୧୦ ହଜାର ଟଙ୍କା, ବାଇକ୍ (ନଂ.ଓଡ଼ି୧୪ୟୁ/୯୦୨୭) ଏବଂ (ନଂ.ଓଡ଼ି୧୪ପି/୭୨୩୭)କୁ ଜବତ କରିଛି। ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଅଜୟ, ନିଲ୍ ଓ ଧୀରଜଙ୍କ ନାମରେ ଚୋରି, ଲୁଟ୍, ମାରପିଟ ଭଳି ଏକାଧିକ ମାମଲା ବିଭିନ୍ନ ଥାନାରେ ରହିଥିବା ଥାନାଧିକାରୀ ସୁବ୍ରତ ମେହେରା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଉଦିତନଗର ଅଞ୍ଚଳର ଉକ୍ତ ବ୍ୟବସାୟୀ ଜଣକ ଗତ ୧୧ ତାରିଖ ଦିନ ସାଢ଼େ ୧୦ଟା ସମୟରେ ସିଭିଲଟାଉନସିପ୍ ସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ୪ଲକ୍ଷ ୭୭ ହଜାର ଟଙ୍କା ଜମା କରିବାକୁ ଯାଇଥିଲେ। ବ୍ୟବସାୟୀ ଜଣଙ୍କ ଅଗ୍ରସେନ ଭବନ ନିକଟରେ ପହଞ୍ଚିବା ବେଳେ କିଛି ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ଆସି ତାଙ୍କଠାରୁ ସମସ୍ତ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ। ବ୍ୟବସାୟୀ ଜଣଙ୍କ ରଘୁନାଥପାଲି ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୬୪।୨୨) ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

# ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ସଚେତନତା କାର୍ଯ୍ୟକ୍ରମ

ଲହୁଣୀପଡା,୧୮।୬(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ସଭାକକ୍ଷରେ ବର୍ଷାଋତୁରେ ସମ୍ଭାବ୍ୟ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ଶନିବାର ବ୍ଲକସ୍ତରୀୟ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବଣେଇ ଉପଜିଲାପାଳ ସୁରଞ୍ଜନ ସାହୁ, ତହସିଲଦାର ମୁରଲୀଧର ଉରମାଲ, ଏବିଡ଼ିଓ ଭବାନୀ ଶଙ୍କର ପାଢ଼ୀ, ମୁଖ୍ୟ ଅଗ୍ନିକ ଖଗେଶ୍ୱର ନାୟକ, ହାବିଲଦାର ବିପିନ ବିହାରୀ ସେଠି, ବାଙ୍କି ଡ଼େପୁଟି ରେଞ୍ଜର ଅସିତ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ବର୍ଷାଋତୁରେ ବନ୍ୟା ସମୟରେ ଜଳବନ୍ଦୀ ଲୋକଙ୍କୁ କିପରି ଉଦ୍ଧାର କରାଯାଇପାରିବ ଏବଂ ଝଡ଼ତୋଫାନ, ସାପକାମୁଡ଼ିଲେ ଆବଶ୍ୟକ ସ୍ଥଳେ ଲୋକମାନଙ୍କୁ କିପରି ସହାୟତା ଯୋଗାଇ ଦିଆଯାଇପାରିବ ଏବଂ ପରବର୍ତ୍ତୀ ସମୟରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବ ତାହା ଉପରେ ଆଲୋଚନା ହୋଇଥିଲା। ବନ୍ୟା ସମୟରେ ଜଳବନ୍ଦୀ ଲୋକମାନଙ୍କୁ ଉଚ୍ଚସ୍ଥାନକୁ ନେଇ ସୁରକ୍ଷିତ ରଖିବା ସହିତ ପରିସ୍ଥିତି ଅନୁଯାୟୀ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯିବା ଏବଂ ଏହି ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ସ୍ଥଳେ ପଞ୍ଚାୟତ ସ୍ତରରେ କମିଟି ଗଠନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲହୁଣୀପଡା ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିବା ବେଳେ କେତେକ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଶେଷରେ ଜିପିଓ ସାରିଆ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ମାର୍ଟ ସିଟି ପ୍ରକଳ୍ପ ସମୀକ୍ଷା କଲେ ଜୁଏଲ

ରାଉରକେଲା ଅଫିସ,୧୮।୬

ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଶନିବାର ରାଉରକେଲା ଗସ୍ତରେ ଆସି ସହରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାମର ସମୀକ୍ଷା କରିଥିଲେ। ସେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ, ହକି ଷ୍ଟାଡିୟମ ଓ ବିମାନବନ୍ଦର କାର୍ଯ୍ୟ ବୁଲି ଦେଖିବା ସହ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଦ୍ୱିତୀୟ ବ୍ରାହ୍ମଣୀସେତୁ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଏମ୍‌ପି ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ସେ ଛେଣ୍ଡ କଳିଙ୍ଗ ବିହାର ସ୍ଥିତ ବିପିୟୁଟି ପରିସରରେ ନିର୍ମାଣାଧୀନ ହକି ଷ୍ଟାଡିୟମ ପରିଦର୍ଶନ କରି ଉପସ୍ଥିତ ଅଧିକାରୀଙ୍କ ସହ କାର୍ଯ୍ୟର ଅଗ୍ରଗତି ଉପରେ ଆଲୋଚନା କରିଥିଲେ। ଏହା ଅକ୍ଟୋବର ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଯିବ ବୋଲି ଅଧିକାରୀମାନେ କହିଥିବା ଜଣାପଡିଛି। ସେହିପରି ରାଉରକେଲା ବିମାନବନ୍ଦର ଅଗ୍ରଗତି ଉପରେ ମଧ୍ୟ ଏମ୍‌ପି ସମୀକ୍ଷା କରିଥିଲେ। ଏହି ପ୍ରକଳ୍ପ ଗୁଡିକ ଶୀଘ୍ର ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେଲେ ଜନସାଧାରଣଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର ହୋଇପାରିବ ବୋଲି ଓରାମ ମତ ପ୍ରକାଶ କରିଥିଲେ। ପାନପୋଷ ସାଙ୍ଗଠନିକ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ନିହାର ରାୟ, ଗଙ୍ଗାଧର ଦାଶ, ଜଗବନ୍ଧୁ ବେହେରା, ବିଜୟ ଖାଲକୋ, ରାଇଶନ ତିର୍କୀ, ଶଶାଙ୍କ ଶେଖର ଜେନା, ପ୍ରବାଳ ରଞ୍ଜନ ବାରିକ, ଅଜୟ କଂସାରୀ, ରୋହିତ ତନ୍ତୀ, ଚେତନ ନାୟକ, ପ୍ରଶାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପେନସନ ବୃଦ୍ଧି ଦାବିରେ ସ୍ମାରକପତ୍ର




ସଂଘର କର୍ମକର୍ତ୍ତା ଚିଠି ପଠାଇ ଦାବି ଜଣାଉଛନ୍ତି।

ସୁନ୍ଦରଗଡ଼,୧୮।୬(ଡି.ଏନ.ଏ.)

ସମସ୍ତ ଇପିଏଫ ପେନସନର୍ସ ସଭ୍ୟଙ୍କୁ ଠିକ୍ ଭାବେ ପେନସନ ମିଳୁ ନ ଥିବା ଇପିଏଫ-୯୫ ପେନସନର୍ସ ଆସୋସିଏଶନ ସୁନ୍ଦରଗଡ଼ ଜିଲା ଶାଖା ପକ୍ଷରୁ ଅଭିଯୋଗ କରାଯାଇଛି। ଏହି କ୍ରମରେ ଶନିବାର ଜିଲା ସଭାପତି ଉମେଶ ବାବୁଙ୍କ ଅଧ୍ୟକ୍ଷତାରେ ଜିଲା ମୁଖ୍ୟ ପୋଷ୍ଟ ଅଫିସ ସମ୍ମୁଖରେ ଏହାର ସମାଧାନ ପାଇଁ ସେମାନେ ଦାବି ଜଣାଇଛନ୍ତି। ପେନସନ ବାବଦରେ ସର୍ବନିମ୍ନ ୯୫୦୦ ସହ ଆୟୁଷ୍ମାନ ଭାରତ ଯୋଜନାରେ ସମସ୍ତଙ୍କୁ ସାମିଲ କରିବା ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ପେନସନର୍ସ ଆସୋସିଏଶନ ପକ୍ଷରୁ ୩୨୦ଖଣ୍ଡ ପୋଷ୍ଟ କାର୍ଡ ପଠାଯାଇଛି। ସଂଘ ସାଧାରଣ ସମ୍ପାଦକ ପ୍ରସନ୍ନ ସାମନ୍ତରାୟ, ସଭ୍ୟ ସୁରେଶ ପୃଷ୍ଟି, ବିମଲ ବୋଷ, ବୀରେନ୍ଦ୍ର ପାଣିଗ୍ରାହୀ, ଅସୀମ ଦାସ, ରାଜକିଶୋର ଲାଲ, ଅଶୋକ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

### ବିଦ୍ୟାର୍ଥୀଙ୍କୁ ଆର୍ଥିକ ସହାୟତା

ରାଉରକେଲା ଅଫିସ,୧୮।୬

ରାଉରକେଲା ଇସ୍ପାତ କାରଖାନା ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ ଅଂଶ ସ୍ୱରୂପ ବୃତ୍ତିଗତ ଶିକ୍ଷାଲାଭ ପାଇଁ ସୁନ୍ଦରଗଡ ଜିଲା, ଆଦର୍ଶ ଇସ୍ପାତ ଗ୍ରାମ, ପୁନର୍ବସତି କଲୋନୀର ୨୮ ଜଣ ଅନୁସୂଚିତ ଜାତି, ଜନଜାତି ଓ ଗରିବ ଛାତ୍ରଛାତ୍ରୀମାନଙ୍କୁ ୮.୪ ଲକ୍ଷ ଟଙ୍କାର ବୃତ୍ତିଗତ ଛାତ୍ରବୃତ୍ତି ପ୍ରଦାନ କରିଛି। ଏଥିରେ ସହର ପ୍ରଶାସନ ଓ ସିଏସ୍ଆର ବିଭାଗର ସିଜିଏମ ଏ. କେ. ନାୟକ, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ଏ. କେ. ବେହୁରିଆ ଉପସ୍ଥିତ ଥିଲେ। ସିଏସ୍ଆର ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ ମୁନମୁନ ମିତ୍ରା, ଡିଜିଏମ୍ ଦୁଷ୍ମନ୍ତ ପ୍ରଧାନ ଓ ସିଏସ୍ଆର ବିଭାଗର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ୨୮ ଜଣ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

# ଜିଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ସୁନ୍ଦରଗଡ଼,୧୮।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କୁ ଶନିବାର ଜିଲା ପ୍ରେସ କ୍ଲବ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲା ପ୍ରେସ କ୍ଲବ ସଭାପତି ସୁନୀଲ ସିହ୍ନା, ସମ୍ପାଦକ ଦେବାଶିଷ କବିଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ବିଦାୟୀ ଜିଲାପାଳଙ୍କୁ ସାକ୍ଷାତ କରି ଏକ ମାନପତ୍ର ପ୍ରଦାନ କରିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସୁନ୍ଦରଗଡ ଜିଲାର ଅନେକ ବିକାଶମୂଳକ କାର୍ଯ୍ୟ ହୋଇଥିବାରୁ ପ୍ରେସ କ୍ଲବ ତରଫରୁ ଜିଲାପାଳଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି ସମୟରେ ବିଜୟ ବରୁଆ, ଉମ୍ବରୁଧର ନାୟକ, ରାଜେଶ ସାହୁ, ଦେବାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବିଦାୟୀ ଜିଲାପାଳଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

# ସାଂସ୍କୃତିକ ମହୋତ୍ସବ ସେଲ୍ ସୁରଭି ଉଦ୍‌ଯାପିତ

ରାଉରକେଲା ଅଫିସ,୧୮।୬




ଉଦ୍‌ଯାପନୀ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ରାଉରକେଲା ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟର ପରିସରରେ ସେଲ୍ ସ୍ଥାପନାର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ ହୋଇଛି। ଏହି ଅବସରରେ ଶନିବାର ଇସ୍ପାତ କାରଖାନାର ସାଂସ୍କୃତିକ ମହୋତ୍ସବ ସେଲ୍ ସୁରଭି ଉଦ୍‌ଯାପିତ ହୋଇଛି। ଏଥିରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି, ଫ୍ୟାକ୍ଟ୍ରି ବୟଲର ବିଭାଗର ଉପନିର୍ଦ୍ଦେଶକ ବିଭୁ ପ୍ରସାଦ, ଆରସିସିଏଫ ନିର୍ଦ୍ଦେଶକ ଡ. ଅରୁଣ କୁମାର ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. କୁଣ୍ଟୁ, ଏସ୍.ଆର ସୂର୍ଯ୍ୟବଂଶୀ, ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ, ଇନ୍ଦ୍ରାଣୀ କୁଣ୍ଡୁ, ହର୍ଷଲା ସୂର୍ଯ୍ୟବଂଶୀ, ପି. କେ. ସାହୁ, ହିରଣ୍ମୟୀ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଭିଲାଇ ଷ୍ଟିଲ ପ୍ଲାଣ୍ଟର ସଙ୍ଗୀତ ଦଳ ସଙ୍ଗୀତ ପରିବେଷଣ କରିଥିଲେ। ପରେ ନୃତ୍ୟ ନାଟକ 'ଉତ୍କଳ ଅମୃତ' ପରିବେଷିତ ହୋଇଥିଲା। ଏହାସହ ସମ୍ବଲପୁରୀ ଲୋକଗୀତ ଡାଲଖାଇ, ପାଇକ ନାଚ, ବାଘନାଚ, ଘୁମୁରା ଓ ପାଲା ପରିବେଷଣ ହୋଇଥିଲା। ଶେଷରେ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ କୃତି କଳାକାରମାନଙ୍କୁ ପୁରସ୍କୃତ କରିଥିଲେ। କାର୍ମିକ ବିଭାଗର ସିନିୟର ମ୍ୟାନେଜର ଜ୍ୟୋତି ସରେୟା ଓ ଏମ୍ଏସ୍ଏସ୍ ବିଭାଗର ମ୍ୟାନେଜର ରିକି ଅଗ୍ରୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

କୁତ୍ରା,୧୮।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ସଭାଗୃହରେ ଶନିବାର ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ରବିନ୍ଦ୍ର କୁମାର ସେଠୀ, ବ୍ଲକ ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା, ଏବିଡିଓ ପ୍ରଶାନ୍ତ କୁମାର ଜେନା, ଡବ୍ଲୁଇଓ ମଦନ ସିଂ, ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ। ବିପର୍ଯ୍ୟୟର ବିଭିନ୍ନ ଦିଗ ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ବିଷେଶ ଭାବେ ଭୂମିକମ୍ପ, ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଭଳି ପ୍ରାକୃତିକ ବିପର୍ଯ୍ୟୟରେ ଜନସାଧାରଣଙ୍କୁ ଉଦ୍ଧାର କରିବା ପାଇଁ ଆଲୋଚନା କରାଯାଇଥିଲା । ଏ ଦିଗରେ କୁତ୍ରା ବ୍ଲକର ସମସ୍ତ ସରକାରୀ ବିଭାଗକୁ ପ୍ରାକୃତିକ ବିପର୍ଯ୍ୟୟ ବେଳେ ନିରବଚ୍ଛିନ୍ନ ଭାବେ ସେବା ଯୋଗାଇ ଦେବା ପାଇଁ ପରାମର୍ଶ ଦିଆଯାଇଥିଲା। ଲକ୍ଷ୍ମୀପୋଷ, ସମଲେଇମୁଣ୍ଡା, ଦଳକି ଅଞ୍ଚଳରେ ବନ୍ୟା ଆଶଙ୍କା ଥିବାରୁ ଏହି ଅଞ୍ଚଳଗୁଡିକୁ ଗୁରୁତ୍ୱ ଦେବାକୁ ଆଲୋଚନା ହୋଇଥିଲା।

# ସାଲେଇଡିହିରେ ଆଦିବାସୀ ସମ୍ମିଳନୀ

ଲହୁଣୀପଡା,୧୮।୬(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ସାଲେଇଡିହିଠାରେ କେନ୍ଦ୍ରର ଭାଜପା ସରକାରର ୮ବର୍ଷ ପୂର୍ତ୍ତି ପାଳନ ଅବସରରେ ଏକ ଆଦିବାସୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସେବତୀ ନାଏକ, ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ, ଲୁଥାର ଓରାମ, ଉପସଭାପତି ବାସୁଦେବ ସାହୁ, ଯମୁନା ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଲହୁଣୀପଡା ମଣ୍ଡଳ (କ) ସଭାପତି ନମିତା ମାହାନ୍ତ ଏଥିରେ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ରର ମୋଦି ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ଏମ୍‌ପି ଓରାମ ବକ୍ତବ୍ୟ ପ୍ରଦାନ କରିଥିଲେ। ଦେବ ଚରଣ କିସାନ, ଅଜୟ କୁମାର ପଣ୍ଡା, ଡିଲେଶ୍ୱର ମାହାନ୍ତ, ଚମ୍ପାବତୀ ଓରାମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ଅଞ୍ଚଳର ବହୁ ଆଦିବାସୀ ଜନସାଧାରଣ ଉପସ୍ଥିତ ଥିଲେ ବୋଲି ଜଣାପଡିଛି।




ଆଦିବାସୀ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

# ଡାଲମିଆ ସିମେଣ୍ଟର ରଜ ମହୋତ୍ସବ

ସୁନ୍ଦରଗଡ/ରାଜଗାଙ୍ଗପୁର, ୧୮।୬(ଡି.ଏନ.ଏ.)



ରଜ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ଥିବା ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ତରଫରୁ ୩ ଦିନ ଧରି ରଜ ମହୋତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଏହି ଅବସରରେ ବିଭନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଓଡିଶାର ପରମ୍ପରା ସଂସ୍କୃତି ଅନୁଯାୟୀ ଝିଅ, ବୋହୁମାନଙ୍କ ମଧ୍ୟରେ ଖୋଟି, ହୁଳହୁଳି, ଶଙ୍ଖ ବଜାଇବା ପ୍ରତିଯୋଗିତା ସହ ଲୁଡୁ ଖେଳ, ଗୁଡ଼ି ଉଡାଇବା, ରଜପାନ ଓ ଦୋଳି ଖେଳ ହୋଇଥିଲା। ରଜପର୍ବର ଶେଷ ଦିନ ସ୍ଥାନୀୟ କମ୍ପାନୀ ଅଡ଼ିଟୋରିୟମରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅଶ୍ୱିନୀ ଡାଲମିଆଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ବରିଷ୍ଠ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଓ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ଜାତୀୟ ଉତ୍ପାଦନ ମୁଖ୍ୟ ଗଣେଶ ଜିରକୁଣ୍ଡୱାର, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ, ଡିସିବିଏଲ ଓ ରାଜଗାଙ୍ଗପୁର ୟୁନିଟ ମୁଖ୍ୟ ଚେତନ ଶ୍ରୀବାସ୍ତବ, ଡାଲମିଆ-ଓସିଏଲ ରିଫ୍ରାକ୍ଟୋରି ମୁଖ୍ୟ ବୀରେନ୍ଦ୍ର ପ୍ରସାଦ, ରିଫ୍ରାକ୍ଟୋରି ଉପ କାରଖାନା ମୁଖ୍ୟ ସେଲଭା ମୁଥୁକୁମାର ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଞ୍ଜୁଶ୍ରୀ ଡାଲମିଆ ରଜପର୍ବର ବିଶେଷତ୍ୱ ଉପରେ ଆଲୋଚନା କରିଥିଲେ। ସଞ୍ଜୁଶ୍ରୀ ଡାଲମିଆ, ରାଧାରାଣୀ ପଟ୍ଟନାୟକ, ଜସ୍ମିନ, ସ୍ମିତା ମିଶ୍ର, ସନ୍ଧ୍ୟା ପାଣିଗ୍ରାହୀ ଓ କଲୋନୀର ମହିଳାମାନଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥ ଗୀତିନାଟ୍ୟ ମଞ୍ଚସ୍ଥ କରାଯାଇଥିଲା। ସଙ୍ଗମ ମହିଳା ମଣ୍ଡଳ ସଭାନେତ୍ରୀ ପ୍ରୀତି ଜିରକୁଣ୍ଡୱାର, ସରୋଜ ଶ୍ରୀବାସ୍ତବ, ବର୍ଣ୍ଣାଳୀ ପ୍ରସାଦ ଓ ମହିଳା ମଣ୍ଡଳର ସଦସ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନେଇ କର୍ମଶାଳା

**ଜମନକିରା,୧୮।୬(ଡି.ଏନ.ଏ.):** ଜମନକିରା ବ୍ଲକ ସମ୍ମିଳନୀ କକ୍ଷରେ ଶନିବାର ପୂର୍ବାହ୍ନ ସାଢ଼େ ୧୧ ଟା ସମୟରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ଏକ କର୍ମଶାଳା ବିଡ଼ିଓ ଗୁନୁ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆସ୍ରିତା ଭୋଇ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ନିର୍ବାହୀ ସହକାରୀ ଯନ୍ତ୍ରୀ ଶାଲିନି ସିଂ, ସିଡିପିଓ ଜୟଶ୍ରୀ ପଟ୍ଟନାୟକ, ଉପାଧ୍ୟକ୍ଷ ରୋହିତ ଭୋଇ, ଏବିଡ଼ିଓ ରବୀନ୍ଦ୍ର ରଣା, ଆଇଆଇସି ପ୍ରେମଜିତ ଦାସ, ଫରେଷ୍ଟର ସୁନୀତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କିପରି କରାଯିବ ସେନେଇ ବିଭିନ୍ନ ବିଭାଗ ଅଧିକାରୀଙ୍କ ଦ୍ୱାରା ପ୍ରୋଜେକ୍ଟର ମାଧ୍ୟମରେ ବୁଝାଯାଇଥିଲା। ଏଥିରେ ବ୍ଲକରେ ଥିବା ୨୧ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ଅଗ୍ନିଶମ, ସ୍ୱାସ୍ଥ୍ୟ, ଶିକ୍ଷା, ବନ, ଆରକ୍ଷୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଯୋଗାଣ ଆଦି ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ଜିପିଓ ସତ୍ୟପ୍ରିୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଏସୟୁର ୨ଟି ଚୁକ୍ତିନାମା ସ୍ୱାକ୍ଷର

**ସମ୍ବଲପୁର,୧୮।୬(ବ୍ୟୁରୋ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏସୟୁ ୨ ଗୋଟି ଚୁକ୍ତିନାମା ସ୍ୱାକ୍ଷର କରିଛି । ପ୍ରଥମେ କ୍ଲିକର୍ସ ଟେଲେଣ୍ଟ କନେକ୍ଟ ପ୍ରାଇଭେଟ ଲିମିଟେଡ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା । କୁଳପତି ପ୍ରଫେସର ସଞ୍ଜିବ ମିତ୍ତଲ ଓ ଅନୁଷ୍ଠାନ ନିର୍ଦ୍ଦେଶକ ଆଶୁ ଟି ଉପସ୍ଥିତ ରହିଥିଲେ । ଏଥିରେ ରିଜ୍ୟୁମ ମେକିଙ୍ଗ, ଗ୍ରୁପ ଆଲୋଚନା, ମୁହାଁମୁହିଁ ସାକ୍ଷାତକାର, ଯୋଗଯୋଗ ଦକ୍ଷତା ଓ ବ୍ୟବସାୟ ଉପରେ ପାଠ୍ୟକ୍ରମ ରହିଛି। ଏସୟୁ ପ୍ଲେସମେଣ୍ଟ ଅଧିକାରୀ ଚିନ୍ମୟ କୁମାର ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ଗାୟତ୍ରୀ କଲେଜ ଅଫ ଫିଜିଓଥିରାପି ସହ ମଧ୍ୟ ଏମଓୟୁ ସ୍ୱାକ୍ଷର ହୋଇଥିଲା । ପ୍ରଫେସର ମିତ୍ତଲ ଓ କଲେଜ ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ପୁରୋହିତ ସ୍ୱାକ୍ଷରିତ ପତ୍ର ଆଦାନ ପ୍ରଦାନ କରିଥିଲେ । ଏସୟୁ ପ୍ଲେସମେଣ୍ଟ ଅଧିକାରୀ ପୁରୋହିତଙ୍କ ସମେତ କଲେଜର ନିହାର ମହାନ୍ତି. ଡ. ପ୍ରିୟଙ୍କା ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବ୍ଲକସ୍ତରୀୟ ଟେବୁଲ ଟପ ଶିବିର

**କୁଚିଣ୍ଡା,୧୮।୬(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ଶନିବାର ବାତ୍ୟା ଓ ବନ୍ୟା ପରିଚାଳନା ପାଇଁ ଏକ ବ୍ଲକସ୍ତରୀୟ ଟେବୁଲ ଟପ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ନିରଞ୍ଜନ ସାଙ୍କ ସଭାପତିତ୍ୱରେ ହୋଇଥିବା ଶିବିରରେ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ ,କୁଚିଣ୍ଡା ଉପ ଜିଲାପାଳ ଆଦିତ୍ୟ ଗୋଏଲ ଯୋଗଦେଇ ବାତ୍ୟା ଓ ବନ୍ୟା ମୁକାବିଲା ସହ ଏହାର ପରିଚାଳନା ଉପରେ ଆଲୋଚନା କରିଥିଲେ । ଅତିରିକ୍ତ ବିଡିଓ ସହଦେବ ନନ୍ଦ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ । ଶିବିରରେ ଅଗ୍ନିଶମ, ସ୍ୱାସ୍ଥ୍ୟ, କୃଷି, ବିଦ୍ୟୁତ,ପ୍ରାଣୀଧନ ବିଭାଗର ଅଧିକାରୀମାନେ ଆଗାମୀ ବର୍ଷା ଋତୁରେ ବାତ୍ୟା ଏବଂ ବନ୍ୟାର କିପରି ଭାବରେ ସଠିକ ପରିଚାଳନା କରିବେ ସେନେଇ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା ।ଏଥିରେ ସିଡିପିଓ କନକଲତା ନାୟକ, ସହକାରୀ ଯନ୍ତ୍ରୀ ଶ୍ୟାମସୁନ୍ଦର ମାଝୀ, ମିଶନ ଶକ୍ତି ବିପିଏମ ଟିପେନସନ ବେହେରା, ସମସ୍ତ ଯନ୍ତ୍ରୀ,ସମସ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ ।

# ୩ ଗ୍ରାମବାସୀ ଜିଲାପାଳ, ଏସ୍‌ପିଙ୍କ ଦ୍ୱାରସ୍ଥ

**ଦେବଗଡ଼,୧୮।୬(ଡି.ଏନ.ଏ.)**


ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସିଥିବା ଗ୍ରାମବାସୀ ।

ବେଆଇନ ମଦ କାରବାର ରୋକିବା ନିମନ୍ତେ ରିଆମାଳ ବ୍ଲକ କଣ୍ଟାବାହାଲ ଗ୍ରାମ ପଞ୍ଚାୟତ ସାତକିଆରି ଓ ଶୁଣ୍ଡିନାଳୀ ଏବଂ ବାରକୋଟ ବ୍ଲକ ଅନ୍ତର୍ଗତ ବଳମ ଗ୍ରାମବାସୀ ବୈଠକ କରି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଛନ୍ତି। ଏଥି ସହ ବେଆଇନ ତଥା କୁଚିଆ ମଦ କାରବାର ରୋକିବା ପାଇଁ ଦେବଗଡ ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ ଏବଂ ଜିଲା ଅବକାରୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବଳମ ଗ୍ରାମର ବହୁ ପୁରୁଷ ଏବଂ ମହିଳା ଜିଲାପଳ ଏବଂ ଜିଲା ଅବକରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସି ବେଆଇନ ତଥା କୁଚିଆ ମଦ ରୋକିବା ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଯଦି ସେମାନଙ୍କ ଦାବିକୁ ଅଣଦେଖା କରାଯାଏ ତେବେ ବିଶୃଙ୍ଖଳା ସୃଷ୍ଟି ହେବ ବୋଲି ଲିଖିତ ଚେତାବନୀ ଦେଇଥିବା ଜଣାପଡିଛି। ଯଦି କୌଣସି ବ୍ୟକ୍ତି ସରକାରୀ ସ୍ୱିକୃତୀ ପ୍ରାପ୍ତ ମଦଭାଟିକୁ ଯାଇ ମଦ୍ୟପାନ କରେ ତେବେ ସେଥିରେ ସେମାନଙ୍କ କୌଣସି ଆପତ୍ତି ନାହିଁ ବୋଲି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରିଛି। ଅନୁରୂପ ଭାବେ ସାତକିଆରି ଓ ଶୁଣ୍ଡିନାଳୀ ଗ୍ରାମବାସୀ ଦେବଗଡ ଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସି କୁଚିଆ ମଦ ବନ୍ଦ ପାଇଁ ସେମାନେ ନେଇଥିବା ସର୍ବସମ୍ମତି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେବା ସହ ବେଆଇନ ମଦ ବନ୍ଦ କରିବାରେ ସହଯୋଗ କରିବାକୁ ସ୍ମାରକପତ୍ର ଜରିଆରେ ନିବେଦନ କରିଛନ୍ତି। ସୂଚନା ଯୋଗ୍ୟ ଯେ, ପୋଲିସ ଓ ଅବକାରୀ ବିଭାଗ ନିଷ୍କ୍ରିୟତା ଏବଂ ପରୋକ୍ଷ ସମର୍ଥନ ଯୋଗୁ ସମ୍ପ୍ରତି ଦେବଗଡ ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ସେହିପରି ସରକାରୀ ସ୍ୱିକୃତୀ ପ୍ରାପ୍ତ ଦେଶୀ ମଦଭାଟିଗୁଡିକ ବେଆଇନ ଭାବେ କୁଚିଆ ମଦ ବେପାରୀଙ୍କୁ ବିକ୍ରି ପାଇଁ ମଦ ଯୋଗାଇ ଦେଉଥିବାରୁ ବିଭିନ୍ନ ସ୍ଥାନରେ ବିଶୃଙ୍ଖଳା ଏବଂ ଗଣ୍ଡଗୋଳ ଘଟିବାରେ ଲାଗିଛି। ଏ ନେଇ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଲୋକେ ବାଧ୍ୟ ହୋଇ ଆଇନକୁ ହାତକୁ ନେଉଥିବା ଦେଖିବାକୁ ମିଳୁଛି। ଏହି କ୍ରମରେ ପ୍ରାୟ ଏକ ମାସ ପୂର୍ବେ ବିନ୍ଦପୁର ଗ୍ରାମର ଶତାଧିକ ମହିଳା ମିଳିତ ଭାବେ ତିଲେଇବଣି ବ୍ଲକ ସଦର ମହକୁମାରେ ଥିବା ତିଲେଇବଣି-ବିନ୍ଦପୁର ମଦଭାଟିକୁ ଭାଙ୍ଗାରୁଜା କରିଥିଲେ।

**କୁଚିଆ ମଦ ବନ୍ଦ ପାଇଁ ବୈଠକରେ ନିଷ୍ପତ୍ତି**

## ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

**ଝାରସୁଗୁଡା ଅଫିସ,୧୮।୬**

**ପ୍ରସନ୍ନ ପଣ୍ଡାଙ୍କ ସ୍ମୃତିରେ ଡାକଟିକଟ ପ୍ରଚଳନ ଦାବି**

ବ୍ରଜରାଜନଗର ପୂର୍ବତନ ବିଧାୟକ ଜନନେତା ସ୍ୱର୍ଗତ ପ୍ରସନ୍ନ ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ନାମରେ ଡାକଟିକେଟ ପ୍ରଚଳନ କରିବା ପାଇଁ ବହୁଦିନରୁ ଦାବି ହୋଇଆସୁଛି । ଏନେଇ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ। ଏ ସମ୍ପର୍କରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ବୈଷ୍ଣବଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି । ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ସ୍ୱର୍ଗତ ପଣ୍ଡା ଜଣେ ନେତା ନ ଥିଲେ ସେ ଥିଲେ ଜନନେତା । ସେ ତାଙ୍କ ଜୀବନକାଳ ମଧ୍ୟରେ ଲୋକଙ୍କ ସହିତ ରହି ଲୋକଙ୍କ ପାଇଁ କାମ କରୁଥିଲେ। ଲୋକଙ୍କ ଭଲ ପାଇବା ଯୋଗୁ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରୁ ସେ ୬ଥର ବିଧାୟକ ଭାବେ ନିର୍ବାଚିତ ହୋଇ ବିଧାନସଭାକୁ ଯାଇ ଲୋକଙ୍କ ସ୍ୱରକୁ ଉଠାଉଥିଲେ। ଗତ ୧୯୨୨ମସିହା ଜୁନ୍ ୧୬ତାରିଖରେ ଅବିଭକ୍ତ ସମ୍ବଲପୁର ଜିଲାର ପୁରୁଣା ଅଡାପଡା ଗ୍ରାମର ଏକ ଗୌନ୍ତିଆ ପରିବାରରେ ସେ ଜନ୍ମ ଗ୍ରହଣ କରିଥିଲେ । ଉଚ୍ଚଶିକ୍ଷା ଅଧ୍ୟୟନ ପରେ ସେ ଜନସାଧାରଣଙ୍କ ସେବା କରିବା ପାଇଁ ଆଗ୍ରହ ପ୍ରକାଶ କରି ରାଜନୀତିକୁ ଓହ୍ଲାଇଥିଲେ । ଜନପ୍ରତିନିଧି ଭାବେ ସେ ଲୋକଙ୍କ ସେବା କରିବା ପାଇଁ ସୁଯୋଗ ପାଇଥିଲେ । ସେ କୃଷକ ଆନ୍ଦୋଳନ,ବିସ୍ଥାପନ ଆନ୍ଦୋଳନ ଆଦି ଅନେକ ଆନ୍ଦୋଳନରେ ସାମିଲ ହୋଇ ଲୋକଙ୍କ ପାଇଁ ଲଢେଇ କରୁଥିଲେ । ଏସବୁ ଦୃଷ୍ଟିରୁ ଏହି ମହାନ ଜନନେତାଙ୍କ ସ୍ମୃତି ରକ୍ଷା ପାଇଁ ଏକ ଡାକଟିକେଟ୍ ପ୍ରଚଳନ କରିବା ପାଇଁ ସେ କେନ୍ଦ୍ରମନ୍ତ୍ରୀ ବୈଷ୍ଣବଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି ।

# ଟାଟା ପାୱାର ମାଗୁଛି ଅତିରିକ୍ତ ସିକ୍ୟୁରିଟି ଜମା

**ସମ୍ବଲପୁର,୧୮।୬(ବ୍ୟୁରୋ)**

- ଜିଲାପାଳଙ୍କ ନିକଟରେ ଓକିଲ ସଂଘର ଅଭିଯୋଗ
- ନିୟମ ସଙ୍ଗତ, ପ୍ରତିବର୍ଷ ସମୀକ୍ଷା ହେବ: କର୍ତ୍ତୃପକ୍ଷ

ପଶ୍ଚିମ ଓଡିଶାରେ ଟାଟା ପାୱାର ବିଦ୍ୟୁତ ବିତରଣ ଦାୟିତ୍ୱ ହାତକୁ ନେବା ପରେ ବିଭିନ୍ନ ସମସ୍ୟା ଦେଖାଦେଇଛି । ଏହାକୁ ନେଇ ଜନ ଆନ୍ଦୋଳନ ହେବା ସହ ଅନେକ ଥର ଅଫିସ ଘେରାଉ କରାଯାଇଛି । ଏବେ ପୁଣି ଆଉ ଏକ ଘଟଣାକୁ ନେଇ ବିବାଦ ଦେଖାଦେଇଛି। ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅତିରିକ୍ତ ସିକ୍ୟୁରିଟି ଜମା ମଗାଯାଉଛି । ଏହାକୁ ନେଇ ଜିଲା ଓକିଲ ସଂଘ ପକ୍ଷରୁ ସଂଘ ସଭାପତି ସୁରେଶ୍ୱର ମିଶ୍ର ଶନିବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ଟାଟାପାୱାର ପୂର୍ବରୁ ଗ୍ରାହକମାନଙ୍କୁ ଶୋଷଣ କରି ଆସୁଛି। ଏବେ ନୂଆ ପ୍ରକ୍ରିୟା ଆରମ୍ଭ କରିଛି । ଅତିରିକ୍ତ ସିକ୍ୟୁରିଟି ଜମା ନାମରେ ଟଙ୍କା ଆଦାୟ କରାଯିବ । ଏହା ଓଇଆରସି ଧାରା ୫୩ କୁ ପାଳନ କରୁନାହିଁ । ଟାଟା ପାୱାର କେବଳ ରାଜସ୍ୱ ବୃଦ୍ଧି କରିବା ପାଇଁ ଏଭଳି କରୁଛି । ତେଣୁ ଏ ନେଇ ଜୁଲମ ବନ୍ଦ କରାଯାଉ ନ ହେଲେ ଆଗାମୀ ଦିନରେ ଓକିଲ ସଂଘ ଆନ୍ଦୋଳନ କରିବ। ସଂଘ ପକ୍ଷରୁ ଦର୍ଶାଯାଇଛି , ଟାଟା ପାୱାର ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ଯୋଗାଇ ଦେବାରେ ବିଫଳ ହେଉଛି । ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଛି । ମରାମତି ନାମରେ ଘଣ୍ଟା ଘଣ୍ଟା ଧରି ବିଜୁଳି କାଟ କରାଯାଉଛି । ଏହାକୁ ରୋକିବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସଭାପତି ମିଶ୍ର ଦାବି କରିଥିଲେ। ଏ ସମ୍ପର୍କରେ ଟାଟା ପାୱାର କର୍ତ୍ତୃପକ୍ଷ କହିଛନ୍ତି ଯେ, ଅତିରିକ୍ତ ସିକ୍ୟୁରିଟି ଜମା ନେବା ଓଇଆରସି ନିୟମରେ ରହିଛି । ପ୍ରତିବର୍ଷ ଉପଭୋକ୍ତାମାନଙ୍କ ବିଦ୍ୟୁତ୍ ବ୍ୟବହାର ଉପରେ ସମୀକ୍ଷା କରି ଲୋଡ ବୃଦ୍ଧି କରାଯାଏ ଓ ଏହାସହ ଲୋଡ ଅନୁସାରେ ସିକ୍ୟୁରିଟି ଜମା ମଧ୍ୟ ରଖାଯାଏ। ଜମା ଟଙ୍କାର ନିୟମ ଅନୁସାରେ ୪ ପ୍ରତିଶତ ସୁଧ ମଧ୍ୟ ଦିଆଯାଏ। ଏବେ ଉପଭୋକ୍ତାମାନେ କମ୍ପାନୀକୁ ନ ଜଣାଇ ଘରେ କିମ୍ବା ଅଫିସଗୁଡିକରେ ବିଦ୍ୟୁତ୍ ସାମଗ୍ରୀ ବୃଦ୍ଧି କରି ଦେଉଛନ୍ତି । ତେଣୁ ବିଦ୍ୟୁତ୍ ଯୋଗାଇବାରେ ବାଧା ସୃଷ୍ଟି ହେଉଛି। ସଠିକ ସୂଚନା ଦେଲେ କମ୍ପାନୀକୁ ବହୁତ ସୁବଧା ହୋଇଯିବ । ଆବଶ୍ୟକ ପଡିଲେ ଅଧିକ କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମର ଯୋଗାଇ ଦେଇ ବିଦ୍ୟୁତ ସେବା ଦିଆଯିବ। ସଠିକ ଲୋଡ ସୂଚନା ନ ମିଳିବାରୁ ଅନ୍ୟମାନଙ୍କୁ ସମସ୍ୟା ହେଉଛି ବୋଲି ସେ କହିଥିଲେ ।

# ଟେବଲ ଟପ ଅଭ୍ୟାସ-୨୦୨୨ କାର୍ଯ୍ୟକ୍ରମ


ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଟେବଲ ଟପ ଅଭ୍ୟାସ ଆୟୋଜନରେ ଉପସ୍ଥିତ ଅଧିକାରୀ ବୃନ୍ଦ।

**ଦେବଗଡ଼,୧୮।୬(ଡି.ଏନ.ଏ.)**

ଓଡିଶା ରାଜ୍ୟ ପ୍ରାକୃତିକ ପରିଚାଳନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଜିଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଟେବଲ ଟପ ଅଭ୍ୟାସ ଆୟୋଜନ କରଯାଇଛି। ଜିଲାସ୍ତରୀୟ ଟେବଲ ଟପ ଅଭ୍ୟାସ ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗଙ୍କ ଦ୍ୱାରା ପରିଚାଳନା କରଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, କମଣ୍ଡେଣ୍ଟ ଓଡ୍ରାଫ, ବାମପରଦା, ଜିଲା ଜରୁରୀକାଳିନ ଅଧିକାରୀ, ଜିଲା ପ୍ରକଳ୍ପ ଅଧିକାରୀ ଏବଂ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ସେଚ୍ଛାସେବୀ ଅନୁଷ୍ଠାନ, ସଂଯୋଜକ ଜିଲା ରେଡକ୍ରସ ଆଦି ଉପସ୍ଥିତ ଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମନ୍ଧୀୟ ସୂଚନା ଏବଂ ପରିଚାଳନା ଉପରେ ଜିଲା ଜରୁରୀକାଳୀନ ଅଧିକାରୀ ସୁଶାନ୍ତ ନାୟକ ତାଙ୍କର ବକ୍ତବ୍ୟ ରଖିଥିଲେ। ସେହିପରି ଟେବଲ ଟପ ଅଭ୍ୟାସ ଉପରେ ବିଷାଦ ଭାବେ କମଣ୍ଡେଣ୍ଟ ଓଡ୍ରାଫ, ବାମପରଦା ଆଲୋଚନା କରିଥିଲେ। ସମସ୍ତ ଜିଲାସ୍ତରୀୟ ବିଭାଗ ଅଧିକାରୀମାନେ ନିଜର ଟେବଲ ଟପ ଅଭ୍ୟାସ ରିପୋର୍ଟ ଦାଖଲ କରିଥିଲେ। ଅତିରିକ୍ତ ଜିଲାପାଳ ଟେବଲ ଟପ ଅଭ୍ୟାସ ଉପରେ ନିଜର ମନ୍ତବ୍ୟ ରଖିବା ସହ ଏହାର ଲକ୍ଷ ଏବଂ ଉଦ୍ଦେଶ୍ୟ ଉପରେ ଧାରଣା ପ୍ରଦାନ କରିଥିଲେ। ରାଜ୍ୟସ୍ତରରୁ ପର୍ଯ୍ୟବେକ୍ଷକ ଭାବେ ଅରବିନ୍ଦ ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମ ଗୁଡିକରେ ଅଂସ ଗ୍ରହଣ କରିଥିଲେ। ଶେଷରେ ଉପଜିଲାପାଳ ଭୋଇ ଧନ୍ୟବାଦ ଅର୍ପଣ କରିବା ସହ ସମସ୍ତ ଜିଲାସ୍ତରୀୟ ବିଭାଗ ଅଧିକାରୀଙ୍କୁ ସମ୍ମନ୍ୱୟ ବଜାୟ ରଖିବା ଏବଂ ବିପର୍ଯ୍ୟୟ ସୂଚାରୁ ରୂପେ ପରିଚାଳନା କରିବା ନିମନ୍ତେ ଅନୁରୋଧ କରିଥିଲେ।

## କନ୍ୟା ଭ୍ରୁଣ ହତ୍ୟା ସମ୍ପର୍କରେ ସୂଚନା ଦେଲେ ଦିଆଯିବ ପୁରସ୍କାର

**ଝାରସୁଗୁଡ଼ା ଅଫିସ,୧୮।୬**

ଜିଲାରେ କନ୍ୟା ଭ୍ରୁଣ ହତ୍ୟାକୁ ନିଷେଧ କରିବା ସହ ଲିଙ୍ଗ ନିରୂପଣ ଆଇନକୁ କଡ଼ାକଡ଼ି ଭାବରେ ପାଳନ ପାଇଁ ଜିଲାପାଳ ସରୋଜ କୁମାର ସାମଲ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁସାରେ ଜିଲାର କୌଣସି ଅଲଟ୍ରା ସାଉଣ୍ଡ କ୍ଲିନିକରେ ଲିଙ୍ଗ ନିରୂପଣ ହେଉଥିଲେ ସେ ସମ୍ପର୍କିତ ସୂଚନା ଲିଖିତ ଭାବରେ ଜଣାଇବାକୁ ଶନିବାର ଅନୁଷ୍ଠିତ ଜିଲା ଉପଦେଷ୍ଟା ମଣ୍ଡଳୀ ବୈଠକରେ ଜିଲାପାଳ ନିବେଦନ କରିଥିଲେ । ଏଥିପାଇଁ ସର୍ବପ୍ରଥମେ ସୂଚନା ପ୍ରଦାନକାରୀଙ୍କୁ ପୁରସ୍କାର ରାଶି ବାବଦକୁ ୨୫ହଜାର ଟଙ୍କା ପ୍ରଦାନ ପାଇଁ ଝାରସୁଗୁଡ଼ା ଜିଲା ସ୍ତରରେ ବ୍ୟବସ୍ଥା କରାଯାଇଛି । ସୂଚନା ପ୍ରଦାନକାରୀଙ୍କ ସୂଚନା ତର୍ଜମା କରାଯାଇ ଏହାର ସତ୍ୟତା ପ୍ରମାଣିତ ହେଲେ ଏହି ପୁରସ୍କାର ରାଶି ପ୍ରଦାନ କରାଯିବ । ସୂଚନା ଅଧିକାରୀଙ୍କ ନାମ ଓ ଠିକଣା ସମ୍ପୂର୍ଣ୍ଣ ଭାବରେ ଗୋପନୀୟ ରଖାଯିବ ବୋଲି ଜିଲାପାଳ ସାମଲ କହିଛନ୍ତି।

# ୫ ସୋଲାର ଜଳ ପ୍ରକଳ୍ପ ସ୍ଥାପନ


ସୋଲାର ଜଳପ୍ରକଳ୍ପ ନିକଟରେ ଉପସ୍ଥିତ ଗ୍ରାମବାସୀ ।

**କୁତ୍ରା,୧୮।୬(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅଧୀନ କଣ୍ଡେଇମୁଣ୍ଡା ପଞ୍ଚାୟତ ତେଲିଘଣାଠାରେ ଥିବା ଜେଏସ୍‌ଡବ୍ଲ୍ୟୁ ଶିବା ସିମେଣ୍ଟ କାରଖାନା ପକ୍ଷରୁ କନ୍ଦେଇମୁଣ୍ଡା ପଞ୍ଚାୟତର ଗୁଲେପଡା, ରଙ୍ଗିପଡା, ମଝାପଡା ଏବଂ ଖଡକୁରବାହାଲ ପଞ୍ଚାୟତର ବାଣ୍ଟୁପଡା ଓ କୁଲେନବାହାଲ ଗ୍ରାମରେ ୫ଟି ସୋଲାର ପାନୀୟ ଜଳପ୍ରକଳ୍ପ ସ୍ଥାପନ କରାଯାଇଛି। ଶିବା ସିମେଣ୍ଟ ୟୁନିଟ ମୁଖ୍ୟ ଅନୀଲ କୁମାର ମିଶ୍ରଙ୍କ ତତ୍ତ୍ୱାବଧାରେ କାରଖାନାର ପାରିପାର୍ଶ୍ୱିକ ବିକାଶ ବିଭାଗ ପକ୍ଷରୁ ଏହି ପ୍ରକଳ୍ପ କରାଯାଇଛି। ଏହାଦ୍ୱାରା ଗ୍ରାମବାସୀ ବର୍ଷସାରା ପର୍ଯ୍ୟାପ୍ତ ପାନୀୟ ଜଳ ପାଇପାରିବେ। ଶନିବାର ଏହି ପ୍ରକଳ୍ପ ଗୁଡିକର ଉଦଘାଟନୀ ସମାବେଶରେ ଶିବା ସିମେଣ୍ଟ ଅପରେଶନ୍ସ ବିଭାଗ ମୁଖ୍ୟ ଦେବର୍ତ ପଣ୍ଡିତ, ସିଏସ୍‌ଆର ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ରାଉତ, ସିଏସ୍‌ଆର ଅଧିକାରୀ ଲିମା ରୋଜ ଏକ୍କା, ୱାର୍ଡ ସଦସ୍ୟ ରଶ୍ମିତା ହେସ, ଦିନାନନ୍ଦ ଜୟପୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଜମି ଅଧିଗ୍ରହଣ କ୍ଷତିପୂରଣ ପ୍ରଦାନ ଦାବି

**ସମ୍ବଲପୁର,୧୮।୬(ବ୍ୟୁରୋ)**

ସଂପ୍ରତି ସମ୍ବଲପୁର ଦୁର୍ଗାପାଲି ରେଳ ଓଭର ବ୍ରିଜ ନିର୍ମାଣ ଚାଲିଛି । ବ୍ରିଜ ସକାଶେ ଜମି ଅଧିଗ୍ରହଣ ପରେ ମଧ୍ୟ କ୍ଷତିପୂରଣ ମିଳି ନ ଥିବା ଅଭିଯୋଗ ହୋଇଛି । ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟରେ ଦୁର୍ଗାପାଲି ଅଞ୍ଚଳର ବାଙ୍ଗରା ଖଡିଆ ଏହି ଅଭିଯୋଗ କରିଛନ୍ତି । ଅଭିଯୋଗ କ୍ରମେ ଦୁର୍ଗାପାଲି ରେଳ ଓଭର ବ୍ରିଜ ନିର୍ମାଣ ସମୟରେ ତାଙ୍କର ଥିବା ୧୬ ଡିସିମିଲ ଜମି ଉପରେ ବ୍ରିଜ ପାଇଁ ଏକ ପିଲାର୍ ସ୍ଥାପନା କରାଯାଇଛି। ଏଥିପାଇଁ ତାଙ୍କ ଜମିକୁ ଅଧିଗ୍ରହଣ କରାଯାଇଥିବା ବେଳେ ଜମି ଅଧିଗ୍ରହଣ ବାବଦରେ କ୍ଷତିପୂରଣ ତାଙ୍କୁ ମିଳିନାହିଁ । ଜମି ବାବଦରେ ଟଙ୍କା ଶୀଘ୍ର ପ୍ରଦାନ କରିବାକୁ ସେ ଦାବି କରିଥିଲେ। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଥିଲେ । ସେବା ସଂଗଠନର ସଭାପତି ଦିପକ ପାଣ୍ଡେ, ସଂପାଦିକା ସଲିଳା ପଣ୍ଡା, ସଭ୍ୟ ନାରାୟଣ ଦେବ, ଜାନକୀ ମେହେର, ପୁତୁଲି ବେହେରା, ପ୍ରେମରାଜ ମେହେର, ରାଜକୁମାର ସେଟ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ

**ଝାରସୁଗୁଡା ଜିଲା ପରିଷଦ ପ୍ରଥମ ବୈଠକ**

**ଝାରସୁଗୁଡା ଅଫିସ,୧୮।୬**



ଝାରସୁଗୁଡା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶନିବାର ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜଙ୍କ ଅଧ୍ୟକ୍ଷତାରେ ପ୍ରଥମ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ଜିଲାପାଳ ସରୋଜ କୁମାର ସାମଲ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଡିଏଫ୍‌ଓ ଲଳିତ ପାତ୍ର, ସିଡିଏମ୍‌ଓ ଡ.ତୋଳାମଣି ପଟେଲ, ଜିଲା ପରିଷଦ ସଭ୍ୟ ସନତ ସିଂହଙ୍କ ସମେତ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ଯୋଜନାରେ ଚଳିତ ଜୁନ ମାସ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟର ସଫଳତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏମ୍‌ଜିଏନ୍‌ଆରଇଜିଏସ୍, ଜୀବିକା ମିଶନ, କୃଷି, ଉଦ୍ୟାନ କୃଷି, ଜଳ ବିଭାଜିକା ଓ ମୃର୍ତ୍ତିକା ସଂରକ୍ଷଣ, ଫସଲ ବୀମା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଦି ଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହିସବୁ ଯୋଜନା ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ସହ ଏହାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

# ଶାଶୁ ଘର ଯିବା ବଦଳରେ ଜେଲ ଗଲେ ଯୁବତୀ

**ସମ୍ବଲପୁର,୧୮।୬(ବ୍ୟୁରୋ)**

**ପ୍ରେମିକାଙ୍କ ଘର ବାରିପଟେ ପ୍ରେମିକ ମୃତଦେହ ଜବତ ଘଟଣା**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଖଇରମାଲ ଗ୍ରାମରେ ଗତ ୧୬ ତାରିଖ ଦିନ ପ୍ରେମିକ ଅଶୋକ ସାହୁଙ୍କ ମୃତଦେହ ପ୍ରେମିକା ସୀମା ପଧାନଙ୍କ ଘର ବାରିପଟୁ ଜବତ ହୋଇଥିଲା । ଏ ନେଇ ଯୁଯୁମୁରା ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିବା ପରେ ଶନିବାର ଘଟଣାର ପର୍ଦ୍ଦାଫାଶ କରିଛି । ପ୍ରେମରେ ବିଫଳ ହେବାରୁ ପ୍ରେମିକା ଘର ବାରିପଟେ କୀଟନାଶକ ଖାଇ ଅଶୋକ ଆତ୍ମହତ୍ୟା କରିଥିବା ପୋଲିସ କହିଛି । ତାଙ୍କ ମୃତ୍ୟୁ ପାଇଁ ସୀମା ଓ ତାଙ୍କ ପରିବାରକୁ ଦାୟୀ କରାଯାଇଛି । ତେଣୁ ସୀମାଙ୍କ ସହିତ ତାଙ୍କ ମାଆ ସୌରେନ୍ଦ୍ରୀ ଓ ଭାଇ ମନୋଜଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ନାମରେ ୩୦୪,୩୨୩ , ୩୪୧ ଭଳି ଦଫା ରହିଛି । ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଯୁଯୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ କହିଛନ୍ତି । ସେ ଆହୁରି କହିଥିଲେ ଯେ, ହତ୍ୟା ଅଭିଯୋଗ ନେଇ ତଦନ୍ତ କରାଯାଇଥିଲା। ହେଲେ ଅଶୋକଙ୍କ ମୃତଦେହରେ କୌଣସି ବଡ କ୍ଷତ ରହି ନ ଥିଲା । ଅନ୍ୟପଟେ ସାଇଣ୍ଟିଫିକ୍ ଟିମ ଦ୍ୱିତୀୟ ଦିନର ତଦନ୍ତ ପରେ ଏକ କୀଟନାଶକ ବୋତଲ ପ୍ରେମିକାଙ୍କ ଘର ବାରିପଟୁ ମିଳିଥିଲା । ପ୍ରଥମେ ପରିବାର ବର୍ଗ ଖାଦ୍ୟରେ ବିଷ ଦେଇ ମାରି ଦେଇଥିବା ସନ୍ଦେହ ହୋଇଥିଲା । ପରେ ବ୍ୟବଚ୍ଛେଦ ରିପୋର୍ଟ ଓ ଅନ୍ୟ ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ଏହା ଆତ୍ମହତ୍ୟା ବୋଲି ଜଣା ପଡିଥିଲା । ହେଲେ ଅଶୋକଙ୍କ ମୃତ୍ୟୁ ପାଇଁ ସୀମାଙ୍କ ପରିବାର ଦାୟୀ ଅଭିଯୋଗରେ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି କହିଥିଲେ । ସୂଚନାଯୋଗ୍ୟ, ସୀମାଙ୍କ ବିବାହ ଜୁନ ୧୯ ତାରିଖରେ ହେବାକୁ ସ୍ଥିର ହୋଇଥିଲା । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିଥିଲେ ପରିବାର ଲୋକେ। ସୀମା ରବିବାର ବିବାହ ବନ୍ଧନରେ ବାନ୍ଧି ହୋଇ ଶାଶୁ ଘରକୁ ଯାଇଥାନ୍ତେ । ହେଲେ ଶନିବାର ଶାଶୁ ଘର ଯିବା ବଦଳରେ ଜେଲ ହାଜତକୁ ଯାଇଛନ୍ତି । ଏହାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଲାଗି ରହିଛି । ଅନ୍ୟପଟେ ପୋଲିସ ଠିକ ଭାବେ ତଦନ୍ତ କରିନାହିଁ । ଯୋଜନବଦ୍ଧ ଭାବେ ହତ୍ୟା କରାଯାଇଥିବା ମୃତ ଅଶୋକଙ୍କ ପରିବାର ପକ୍ଷରୁ ଅଭିଯୋଗ ହେଉଛି । ପ୍ରକାଶଥାଉ କି, କୁଲସର ଗ୍ରାମର ଅଶୋକ ( ୩୨)ଙ୍କ ପ୍ରାୟ ୫ ବର୍ଷ ହେବ ସୀମାଙ୍କ ସହିତ ପ୍ରେମ ସମ୍ପର୍କ ରହିଥିଲା । କିଛି ଦିନ ପୂର୍ବରୁ ଯୁବତୀଙ୍କ ଅନ୍ୟତ୍ର ବିବାହ ସ୍ଥିର କରାଯାଇଥିଲ । ବୁଧବାର ଯୁବତୀ ଅଶୋକଙ୍କୁ ଫୋନ କରି ତାଙ୍କ ଘରକୁ ଡାକିଥିଲେ । ଏହି ସମୟରେ ଯୁବତୀ ଜଣକ ବିବାହ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରିବାକୁ ଅନୁରୋଧ କରିଥିଲେ । କିନ୍ତୁ ଅଶୋକ ଦୁହେଁ ଫେରାର ହୋଇଯିବା ପାଇଁ କୁଆଡେ କହିଥିଲେ। ହେଲେ ପରଦିନ ସକାଳେ ମୃତଦେହ ସୀମାଙ୍କ ଘରର ବାରିପଟୁ ମିଳିଥିଲା ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ଜିଲାସ୍ତରୀୟ ପ୍ରସ୍ତୁତି

**ଝାରସୁଗୁଡ଼ା ଅଫିସ,୧୮।୬**



ବୈଠକରେ ଉପସ୍ଥିତ ଥିବା ପ୍ରାଶାସନିକ ଅଧିକାରୀମାନେ ।

ବିଭିନ୍ନ ପ୍ରାକୃତିକ ତଥା ମନୁଷ୍ୟକୃତ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତି ସମ୍ପର୍କିତ ଜିଲାସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ ବୈଠକ ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ ) ପ୍ରବୀର କୁମାର ନାୟକ , ଅତିରିକ୍ତ ଜିଲାପାଳ ( ରାଜସ୍ୱ ) ଲଙ୍କେଶ୍ୱର ଅମାତ , ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ , ଓଡ୍ରାଫ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବନ୍ୟା, ବାତ୍ୟା , ଅଗ୍ନିକାଣ୍ଡ ଆଦି ବିଭିନ୍ନ ବିପର୍ଯ୍ୟୟ ସମୟରେ ଧନଜୀବନ ହାନିରୁ ନିଜକୁ କିପରି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ସମସ୍ତେ ସଚେତନ ହେବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ୱାଲ ପେଣ୍ଟିଂ , କର୍ମଶାଳା ଓ ଡ଼ାକବାଜି ଯନ୍ତ୍ର ସହାୟତାରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସକାଶେ ପୋଲିସ , ଅଗ୍ନିଶମ ବିଭାଗ , ଓଡ୍ରାଫ , ପଞ୍ଚାୟତିରାଜ ସଭ୍ୟ , ବିଭିନ୍ନ ସରକାରୀ ବିଭାଗ , ଏନସିସି , ଏନଏସଏସ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଉଦ୍ଧାର ଓ ରିଲିଫ ସାମଗ୍ରୀ ପରିବହନ ସକାଶେ ଯାନବାହନର ବ୍ୟବସ୍ଥା , ଚୁଡ଼ା ,ଚାଉଳ , ଗୁଡ଼ ସହ ମଣିଷ ଓ ଗୃହପାଳିତ ପଶୁଙ୍କ ପାଇଁ ଆବଶ୍ୟକ ଔଷଧ ମହଜୁଦ ରଖିବା ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ଅଧିକାରୀମାନଙ୍କୁ ଏ ଦିଗରେ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି । ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ଆଶ୍ରୟ ପ୍ରଦାନ ପାଇଁ ଚିହ୍ନଟ ସ୍କୁଲଗୁଡିକରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ , ପାନୀୟ ଜଳ ଓ ପାଇଖାନାର ବ୍ୟବସ୍ଥା ଗ୍ରହଣ ସ୍ୱରୂପ ଆଗୁଆ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଗର୍ଭବତୀ ମହିଳା , ଶିଶୁ ଓ ରୋଗୀମାନଙ୍କ ଯତ୍ନ ଓ ଚିକିତ୍ସା ସକାଶେ ଆବଶ୍ୟକ ବ୍ୟବସ୍ଥା , ଖରିଫ ଚାଷ ନଷ୍ଟ ହେଲେ ଅନ୍ୟ ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହନ ଦିଆଯିବା , ବିପର୍ଯ୍ୟୟ ପୂର୍ବରୁ ଟିକାକରଣ ଓ ବିପର୍ଯ୍ୟୟ ପରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ ପାଇଁ ମଧ୍ୟ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସମ୍ପୃକ୍ତ ବିଭାଗଗୁଡିକ ନିଜ ନିଜ କାର୍ଯ୍ୟାଳୟରେ ଚବିଶ ଘଣ୍ଟିଆ କଣ୍ଟ୍ରୋଲ ରୁମ ଚାଲୁ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଶେଷରେ ଅତିରିକ୍ତ ଜିଲାପାଳ (ରାଜସ୍ୱ ) ଲଙ୍କେଶ୍ୱର ଅମାତ ଧନ୍ୟବାଦ ଅର୍ପଣ କରିଥିଲେ ।

## ସପ୍ତାହରେ ସେନ୍‌ସେକ୍ସରେ ୨୯୪୩ ଅଙ୍କ ହ୍ରାସ

**ନୂଆଦିଲ୍ଲୀ:** ୧୭ ଜୁନ୍‌ରେ ଶେଷ ହୋଇଥିବା କାରବାର ସପ୍ତାହରେ ଭାରତୀୟ ପୁଞ୍ଜିବଜାରରେ ଆଖିଦୃଶିଆ ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ ଲଗାତର ୨ୟ ସପ୍ତାହ ପାଇଁ ଏହି ହ୍ରାସ ଚାଲୁ ରହିଛି। ବୈଶ୍ୱିକ ବଜାରରେ ମୁଦ୍ରାସ୍ଫୀତି ବୃଦ୍ଧିର ପ୍ରଭାବ ଭାରତୀୟ ପୁଞ୍ଜିବଜାରରେ ଦେଖିବାକୁ ମିଳିଛି। ଗତ ସପ୍ତାହ ଶେଷ ସୁଦ୍ଧା ସେନ୍‌ସେକ୍ସରେ ୨୯୪୩.୨୦ ଅଙ୍କ ଅର୍ଥାତ୍ ୫.୪୧% ହ୍ରାସ ସହିତ ୫୧,୩୬୦.୪୨ରେ ବନ୍ଦ ହୋଇଥିଲା। ସେହିପରି ନିଫ୍ଟିରେ ୯୦୮.୩ ଅଙ୍କ ଅର୍ଥାତ୍ ୫.୬% ହ୍ରାସ ସହିତ ୧୫,୨୯୩.୫ରେ ବନ୍ଦ ହୋଇଥିଲା। ଲାର୍ଜ କ୍ୟାପ୍ ଭଳି ମିଡ୍ ଏବଂ ସ୍ମଲ୍‌ରେ ମଧ ଚାପ ରହିଥିଲା।

## ସଂକ୍ଷେପରେ

### ଅଗଷ୍ଟ-ସେପ୍ଟେମ୍ବରରେ ଆରମ୍ଭ ହେବ ୫ଜି ସେବା

**ନୂଆଦିଲ୍ଲୀ,୧୮।୬:** ଚଳିତ ବର୍ଷ ଶେଷ ସୁଦ୍ଧା ଦେଶର ୨୦ରୁ ୨୫ଟି ସହରରେ ୫ଜି ସେବା ଆରମ୍ଭ କରାଯିବ ବୋଲି କେନ୍ଦ୍ର ଦୂରସଞ୍ଚାର (ଆଇଟି) ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ସୂଚନା ଦେଇଛନ୍ତି। ଦର କମ୍ ଥିବାରୁ ଭାରତରେ ଡାଟା ଦର ଅନ୍ୟ ଦେଶଗୁଡ଼ିକ ତୁଳନାରେ କମ୍ ରହିବ ବୋଲି ସେ କହିଛନ୍ତି। ୫ଜି ରୋଲ୍ ଆଉଟ୍ ଅଗଷ୍ଟ-ସେପ୍ଟେମ୍ବର ମାସରେ ଆରମ୍ଭ ହେବ। କେବଳ ୫ଜି ନୁହେଁ, ଦେଶରେ ୪ଜି ସେବାକୁ ମଧ ବିକଶିତ କରାଯାଉଛି। ଏହାଦ୍ୱାରା ଭାରତ ବିଶ୍ୱ ପାଇଁ ଡିଜିଟାଲ ନେଟ୍‌ୱାର୍କ କ୍ଷେତ୍ରରେ ଏକ ବିଶ୍ୱସନୀୟ ସ୍ରୋତ ଭାବେ ନିଜ ସ୍ଥିତି ମଜଭୁତ କରିପାରିବ ବୋଲି ବୈଷ୍ଣବ କହିଛନ୍ତି। ହ୍ୱାଟ୍ ଇଣ୍ଡିଆ ଥିଙ୍କ୍ ଟୁଡେ ଗ୍ଲୋବାଲ ସମିଟ୍‌ର ବୈଶ୍ୱିକ ସମ୍ମିଳନୀରେ ସେ କହିଛନ୍ତି, ବିଶ୍ୱର ଅନେକ ଦେଶ ଭାରତ ଦ୍ୱାରା ବିକଶିତ କରାଯାଉଥିବା ୪ଜି ଏବଂ ୫ଜିକୁ ପ୍ରାଥମିକତା ଦେବାକୁ ଚାହୁଁଛନ୍ତି।

### ନିବେଶ ଫେରାଇ ନେଉଛନ୍ତି ଏଫ୍‌ଆଇଆଇ

**ନୂଆଦିଲ୍ଲୀ, ୧୮।୬:** ଫରେନ୍ ଇନ୍‌ଷ୍ଟିଚ୍ୟୁସନାଲ୍ ଇନ୍‌ଭେଷ୍ଟର୍ସ (ଏଫ୍‌ଆଇଆଇ)ମାନେ ଚଳିତ ବର୍ଷ ଅର୍ଥାତ୍ ୨୦୨୨ କ୍ୟାଲେଣ୍ଡର୍ ଇୟରରେ ବର୍ତ୍ତମାନ ସୁଦ୍ଧା ଭାରତୀୟ ବଜାରରୁ ୨ଲକ୍ଷ କୋଟି ଟଙ୍କା ବାହାର କରି ନେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କ୍ୟାଲେଣ୍ଡର ବର୍ଷରେ ବିଦେଶୀ ନିବେଶକଙ୍କ ଟଙ୍କା ବାହାର କରିବା ହାରରେ ଏହା ସର୍ବାଧିକ। ପୁଞ୍ଜି ବଜାର ଏହି ଚାପକୁ ସାମ୍ନା କରି ପାରୁ ନଥିବାରୁ ସେନସେକ୍ସ ନିଜ ଶୀର୍ଷ ଇନ୍‌ଡେକ୍ସଠାରୁ ହ୍ରାସ ୧୦,୦୦୦ ଅଙ୍କ ତଳକୁ ଖସି ଆସିଲାଣି। ବିଦେଶୀ ନିବେଶକମାନେ ଗତ ୯ ମାସ ହେଲା ଲଗାତାର ଭାବରେ ଭାରତୀୟ ବଜାରରୁ ଟଙ୍କା ଉଠାଣ କରି ଚାଲିଛନ୍ତି। କେବଳ ମେ' ମାସରେ ଏଫ୍‌ଆଇଆଇ ୪୫,୨୭୬ କୋଟି ଟଙ୍କାର ଶେୟାର ବିକ୍ରି କରି ଦେଇଥିବା ବେଳେ ଜୁନ୍ ମାସରେ ୧୭ ତାରିଖ ସୁଦ୍ଧା ୨୮,୪୪୫ କୋଟି ଶେୟାର ବିକ୍ରି କରି ସାରିଛନ୍ତି।

# କୋଇଲା ଆମଦାନୀ ୬ ଗୁଣ ବୃଦ୍ଧି

■ରୁଷିଆ ସହ ଭାରତର କାରବାର ଜାରି
■୩୧ ଗୁଣା ଅଧିକ ମୂଲ୍ୟର ଅଶୋଧିତ ତୈଳ କ୍ରୟ

ନୂଆଦିଲ୍ଲୀ,୧୮।୬



ରୁଷିଆ ରାଜଧାନୀ ମସ୍କୋ ଉପରେ ଲାଗିଥିବା ବୈଶ୍ୱିକ କଟକଣା ସତ୍ତ୍ୱେ ଚଳିତ ସପ୍ତାହରେ ଭାରତର ରୁଷୀୟ କୋଇଲା ଆମଦାନୀରେ ବୃଦ୍ଧି ଘଟିଥିବା କିଛି ବ୍ୟବସାୟିକ ଉତ୍ସ ଏବଂ ରଏଟର୍ସ ତଥ୍ୟରୁ ଜଣାଯାଇଛି। କୋଇଲାର ବ୍ୟବସାୟିକ ମୂଲ୍ୟରେ ୩୦% ପର୍ଯ୍ୟନ୍ତ ହ୍ରାସ ଘଟିଥିବା କାରଣରୁ ଭାରତ ରୁଷିଆଠାରୁ କୋଇଲା କ୍ରୟ ପାଇଁ ଅଧିକ ଆଗ୍ରହୀ ଥିଲା। ୟୁକ୍ରେନ୍ ଉପରେ ଆକ୍ରମଣ ପରେ ରୁଷିଆ ଉପରେ ପାଶ୍ଚାତ୍ୟ ଦେଶଗୁଡ଼ିକ କଟକଣା ଲଗାଇଛନ୍ତି। ଏହାସତ୍ତ୍ୱେ ରୁଷିଆ ଅନ୍ୟାନ୍ୟ ୟୁରୋପୀୟ ଦେଶଗୁଡ଼ିକୁ ଚେତାବନୀ ଦେଇ କହିଥିଲା, ବିଭିନ୍ନ ରୁଷୀୟ ମାଲ୍‌କୁ ଅନ୍ୟ ବଜାରକୁ ରପ୍ତାନି କରାଯିବ। ଭାରତ ସରକାରଙ୍କ ଅନୁସାରେ ଯୁଦ୍ଧ ବନ୍ଦ ହେବା ପରେ ଅଚାନକ ଦରବୃଦ୍ଧି ଦ୍ୱାରା ଘରୋଇ ଉପଭୋକ୍ତା ଚାପରେ ରହିବେ। ତେଣୁ ବିବିଧ ଯୋଗାଣକୁ ଅଗ୍ରାଧିକାର ଦେବା ପାଇଁ ଭାରତ ରୁଷିଆଠାରୁ ଏକାଧିକ ପ୍ରକାର ସାମଗ୍ରୀ କ୍ରୟ କରିଥିଲା। ଆମେରିକା ସରକାରଙ୍କ କହିବା ମୁତାବକ, ରୁଷିଆଠାରୁ ଶକ୍ତି ଆମଦାନୀ ଉପରେ କୌଣସି ପ୍ରତିବନ୍ଧକ ନାହିଁ। ଏହା ସତ୍ତ୍ୱେ ୟୁରୋପୀୟ ଦେଶଗୁଡ଼ିକ ରୁଷିଆ ସହିତ ବାଣିଜ୍ୟିକ କାରବାର ରଖିବାକୁ ଚାହୁଁନାହାନ୍ତି। ରଏଟର୍ସ ପ୍ରକାଶିତ ତଥ୍ୟ ଅନୁସାରେ, ରୁଷିଆଠାରୁ ଭାରତର କୋଇଲା ଏବଂ ତତ୍‌ସମ୍ବନ୍ଧିତ ଉତ୍ପାଦର ଆମଦାନୀ ବୁଧବାର ଶେଷ ହୋଇଥିବା ୨୦ ଦିନ ମଧ୍ୟରେ ଦେଶର ପୂର୍ବ ବର୍ଷର ସମାନ ଅବଧି ଅପେକ୍ଷା ୬ଗୁଣା ବୃଦ୍ଧି ପାଇ ୩୩୧.୧୭ ମିଲିୟନ ଡଲାରରେ ପହଞ୍ଚିଛି। ଏହାଛଡ଼ା ଭାରତୀୟ ରିଫାଇନୋରଗୁଡ଼ିକ ରୁଷିଆଠାରୁ ରିହାତିରେ ମିଳୁଥିବା ଅଶୋଧିତ ତୈଳ ମଧ କ୍ରୟ କରିଛନ୍ତି। ଫଳରେ ବୁଧବାର ଶେଷ ହୋଇଥିବା ୨୦ ଦିନ ମଧ୍ୟରେ ରୁଷିଆ ସହ ଭାରତର ତୈଳ ବ୍ୟବସାୟ ମୂଲ୍ୟ ୩୧ ଗୁଣାରୁ ଅଧିକ ବୃଦ୍ଧି ପାଇ ୨.୨୨ ବିଲିୟନ ଡଲାରରେ ପହଞ୍ଚିଛି। ଭାରତ ବୁଧବାର ଶେଷ ହୋଇଥିବା ୩ ସପ୍ତାହ ମଧ୍ୟରେ ହାରାହାରି ୧୬.୫୫ ମିଲିୟନ ଡଲାରର ରୁଷୀୟ କୋଇଲା କ୍ରୟ କରିଛି। ଭଲ ରିହାତି ଥିବା କାରଣରୁ ରୁଷିଆ ସହ ଭାରତର କାରବାର ଜାରି ରହିବ ବୋଲି ରଏଟର୍ସ ତଥ୍ୟରୁ ଜଣାଯାଇଛି।

# ଷ୍ଟାର୍ କିରଣର ରଜ ସ୍ୱତନ୍ତ୍ର 'ବନସ୍ତେ ଡାକିଲା ଗଜ'

ଭୁବନେଶ୍ୱର,୧୮।୬

ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ 'ଷ୍ଟାର୍ କିରଣ' ପକ୍ଷରୁ ଓଡ଼ିଆ ଦର୍ଶକମାନଙ୍କ ପାଇଁ ଓଡ଼ିଶାର ଗଣପର୍ବ ରଜ ସଂକ୍ରାନ୍ତି ଉପଲକ୍ଷେ 'ବନସ୍ତେ ଡାକିଲା ଗଜ' ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷରେ ଗ୍ରାମ୍ୟ ପରିବେଶ ମଧ୍ୟରେ ରଜପର୍ବ ପାଳନ କରାଯାଇଥିଲା। ଉକ୍ତ ପର୍ବରେ ରାଜ୍ୟର ପ୍ରମୁଖ କଳାକାରମାନେ ଯୋଗଦେଇ ବାଗୁଡ଼ି, କିତ୍ କିତ୍, ଲୁଚକାଳି, ରୁମାଲ ଚୋରି ଆଦି ଖେଳରେ ଅଂଶ ଗ୍ରହଣ କରିଥିଲେ। ଏପରିକି ଷ୍ଟୁଡିଓରେ ତିଆରି ହୋଇଥିବା ଗ୍ରାମ୍ୟ ପରିବେଶରେ ଝିଅମାନେ ଦୋଳି ଖେଳି, ରଜଗୀତ ବୋଲିବା ସହ ରଜପାନ ଖାଇ କୁଙ୍କୁମ, ଅଳତା ଓ ନେଲ୍ ପଲିଶ୍ ଆଦିରେ ନିଜକୁ ସଜାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଆଙ୍କର ସେଲିବ୍ରିଟିମାନଙ୍କୁ ପାନ, ପୋଡ଼ପିଠା ଓ ମିଠା ଖୁଆଇ ସ୍ୱାଗତ କରିଛନ୍ତି। ସବୁଠୁ ବଡ଼ କଥା ହେଉଛି ସେଲିବ୍ରିଟିମାନେ ମଧ ନାଚ, ଗୀତ ସହ କାର୍, ଅଟୋ ଓ ଟ୍ରାକ୍ଟରରେ ଧୁମଧାମରେ ମଞ୍ଚ ଭିତରକୁ ପ୍ରବେଶ କରିଛନ୍ତି। ରଜ ପର୍ବରେ ସାମିଲ ସେଲିବ୍ରିଟିମାନଙ୍କୁ ନେଇ ୪ଟି ଗ୍ରୁପ୍ କରାଯାଇ ପ୍ରତି ଗ୍ରୁପ୍‌ରେ କ୍ୟାପ୍ଟେନ୍‌ଙ୍କ ମନୋନୀତ ଯୋଡ଼ିରେ ନୃତ୍ୟ ପରିବେଷଣ ହୋଇଥିଲା। ଏହା ସହ ପ୍ରତ୍ୟେକ ଗ୍ରୁପ୍‌କୁ କବାଡ଼ି ସହ ମ୍ୟୁଜିକ ଚେୟାର, ରୋଷେଇ କରିବା ଓ ମେକ୍‌ଅପର ପରି ତିନୋଟି ଗେମ୍‌ରେ ଭାଗନେବାକୁ ପଡ଼ିଛି। ସେଲିବ୍ରିଟି ଗାୟକ ଓ କମେଡିଆନ୍‌ମାନେ ମଧ ନିଜର ପ୍ରତିଭା ଦେଖାଇଛନ୍ତି। ଏହି ଅବସରରେ ପ୍ରକୃତି ମିଶ୍ର, ଲିପ୍‌ସା ମିଶ୍ର, ସମ୍ବିତ୍ ଆଚାର୍ଯ୍ୟ, ତାରିକ୍ ଅଜିଜ୍, ଭୂମିକା ଦାଶ, ଲିପ୍‌ସା ମହାପାତ୍ର, ଜ୍ୟୋତିରଞ୍ଜନ ନାୟକ, ସୁଦୀପ୍ତ ସୁନ୍ଦର ସ୍ୱାଇଁ, ସୁପ୍ରିୟା ନାୟକ, ଦେବାଶିଷ, ସତ୍ୟଜିତ୍ ପ୍ରଧାନ, ଜେମ୍‌ସ ସାର୍ପିଉଦ୍ଦିନ୍, ଶିବାନୀ ସଂଗୀତା, ଦୀପ୍ତିରେଖା ପାଢ଼ୀ, ସ୍ୱରାଜ ଏବଂ ବବି ମିଶ୍ରଙ୍କ ସମେତ ବରିଷ୍ଠ ଅଭିନେତ୍ରୀ ମହେଶ୍ୱତା ରାୟ ଓ ଅଭିନେତା କୁନା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୁଲଗ୍ନା ରାଉତରାୟ ଓ ଶୁଭମ ବେହେରା ଉପସ୍ଥାପନ କରିଥିଲେ। ୧୯ ଜୁନ୍ ସନ୍ଧ୍ୟା ୬ ଟା ୩୦ରେ କେବଳ ଷ୍ଟାର୍ କିରଣ ଚ୍ୟାନେଲରେ ଏହା ପ୍ରସାରଣ ହେବ।

# ଖିମ୍‌ଜୀରେ ଡିଭାଇନ ସଲିଟାୟାର ଗହଣା ପ୍ରଦର୍ଶନୀ

## 'ବାଏ ୧ ଗେଟ୍ ୨' ଅଫର ଘୋଷଣା

ଭୁବନେଶ୍ୱର,୧୮।୬

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସ ଓ ଡିଭାଇନ୍ ସଲିଟାୟାରର ସହଯୋଗିତାରେ ଆୟୋଜିତ ଡିଭାଇନ ସଲିଟାୟାର ଗହଣା ପ୍ରଦର୍ଶନୀ ସହ 'ବାଏ ୧ ଗେଟ୍ ୨'ର ଆକର୍ଷଣୀୟ ଅଫର ସମ୍ପର୍କରେ ମଧ ଘୋଷଣା କରାଯାଇଛି। ଏହି ସ୍ୱତନ୍ତ୍ର ଅଫର ସହ ଗ୍ରାହକମାନଙ୍କୁ ୧.୦ କ୍ୟାରେଟ୍ ଡିଭାଇନ ସଲିଟାୟାର ହୀରା କ୍ରୟରେ ସମାନ ରଙ୍ଗ, ଡିଜାଇନ ଏବଂ ସ୍ୱଚ୍ଛତା ଥିବା ୦.୧୮ କ୍ୟାରେଟ୍‌ର ହୀରା ସମ୍ପୂର୍ଣ୍ଣ ମାଗଣା ମିଳିବ। ସେହିଭଳି ଛୋଟ ଆକାର ହୀରା କ୍ରୟ ଉପରେ ୦.୧୮ କ୍ୟାରେଟ୍‌ର ସମାନ ଓଜନ ଥିବା ହୀରା ମଧ ପାଇପାରିବେ। ଏହି ପ୍ରଦର୍ଶନୀ ଏବଂ ଅଫର ଚଳିତ ବର୍ଷ ଜୁନ୍ ୨୬ ପର୍ଯ୍ୟନ୍ତ ବୈଧ ରହିବ। ଖିମ୍‌ଜୀର ଉଭୟ ଭୁବନେଶ୍ୱର ଓ କଟକ ଷ୍ଟୋରରେ ଏହା ଉପଲବ୍ଧ ରହିବ। ଏ ସମ୍ପର୍କରେ ଡିଭାଇନ ସଲିଟାୟାରର ନିର୍ମାତା ଓ ମ୍ୟାନେଜିଂ ଡାଇରେକ୍ଟର ଜିଗ୍ନେଶ୍ ମେହେତା କହିଛନ୍ତି, ଆମେ ଖିମ୍‌ଜୀ ଜୁଏଲର୍ସ ସହ ଯୋଡ଼ିହୋଇଥିବାରୁ ଗର୍ବିତ। ଯେହେତୁ ଆମେ ସମାନ ମୂଲ୍ୟବୋଧତା ଧାରଣ କରୁଛୁ ସେଥିପାଇଁ ଏହା ଆମ ସହଭାଗିତାକୁ ଆହୁରି ସଫଳ କରିଛି। ଆମେ ଆଶା କରୁଛୁ, ଖିମ୍‌ଜୀ ଜୁଏଲର୍ସ ଜରିଆରେ ଏହି ସୁଯୋଗକୁ ସର୍ବୋତ୍ତମ ଉପଯୋଗ କରିପାରିବୁ। ସେହିଭଳି ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଆମେ ବର୍ଷ ବର୍ଷ ଧରି ଆମର ପ୍ରିୟ ଗ୍ରାହକମାନଙ୍କ ସେବା କରି ଆସୁଛୁ ଏବଂ ସେମାନଙ୍କୁ ସନ୍ତୋଷ କରିବା ଆମର ପ୍ରଥମ କର୍ତ୍ତବ୍ୟ। ମୂଲ୍ୟ ଏବଂ ଗୁଣବତ୍ତାରେ ସଚ୍ଚୋଟତା ପାଇଁ ଆମେ ସବୁବେଳେ ଡିଭାଇନ ସଲିଟାୟାରର ପ୍ରଶଂସା କରିଆସିଛୁ ଓ ତାଙ୍କର ଅତି ଉତ୍କୃଷ୍ଟ ଅଳଙ୍କାର ଡିଜାଇନଗୁଡିକ ଆମ ଗ୍ରାହକମାନଙ୍କ ମଧ୍ୟରେ ଅତ୍ୟନ୍ତ ଆଦୃତ ହୋଇପାରିବ ବୋଲି ମିତେଶ ମତବ୍ୟକ୍ତ କରିଛନ୍ତି।

# ବ୍ୟାଙ୍କଗୁଡ଼ିକର କ୍ରେଡିଟ୍ ଗ୍ରୋଥ୍ ୧୩%

ନୂଆଦିଲ୍ଲୀ, ୧୮।୬

ଦେଶର ବିଭିନ୍ନ ବ୍ୟାଙ୍କଗୁଡ଼ିକର ଋଣ ବୃଦ୍ଧି (କ୍ରେଡିଟ୍ ଗ୍ରୋଥ୍) ଗତ ୩ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ତଥ୍ୟରୁ ଜଣାଯାଇଛି। ଚଳିତ ବର୍ଷ ଜୁନ୍ ୩ରେ ଶେଷ ହୋଇଥିବା ପକ୍ଷ (୧୫ ଦିନ)ରେ ବ୍ୟାଙ୍କଗୁଡ଼ିକର କ୍ରେଡିଟ୍ ଗ୍ରୋଥ୍ ପୂର୍ବ ବର୍ଷର ସମାନ ଅବଧି ଅପେକ୍ଷା ୧୩.୧% ବୃଦ୍ଧି ହୋଇଛି। ଏପରିକି ପୂର୍ବ ବର୍ଷ ବ୍ୟାଙ୍କଗୁଡ଼ିକର ଋଣ ବୃଦ୍ଧି ହାର ପ୍ରାୟ ୫.୭% ରହିଥିଲା। ବ୍ୟାଙ୍କଗୁଡ଼ିକ ମୁଖ୍ୟତଃ ଋଣ ପ୍ରଦାନରୁ ମିଳୁଥିବା ସୁଧ ଦ୍ୱାରା ପରିଚାଳିତ ହୋଇଥାନ୍ତି। ସେହିଭଳି ଏହି ସମୟ ମଧ୍ୟରେ ବ୍ୟାଙ୍କଗୁଡ଼ିକ ୧.୦୨ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି। ଫଳରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଦିଆଯାଇଥିବା ମୋଟ୍ ଋଣ ହାରରେ ବୃଦ୍ଧି ଘଟି ୧୨୧.୪୦ ଲକ୍ଷ କୋଟିରେ ପହଞ୍ଚିଛି।

# ୟୁବିଆଇର ଜମା ରାଶି ଉପରେ ସୁଧ ହାର ବୃଦ୍ଧି

ଭୁବନେଶ୍ୱର,୧୮।୬

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ମିଆଦୀ ଜମାର ସମସ୍ତ ପରିପକ୍ୱ ରାଶି ଉପରେ ସୁଧ ହାର ବୃଦ୍ଧି କରିଛି। ଏହି ସଂଶୋଧିତ ହାର ଡୋମେଷ୍ଟିକ୍ ଟର୍ମ ଡିପୋଜିଟ୍ସ, ନନ୍-ରେସିଡେଣ୍ଟ ଅର୍ଡିନାରି (ଏନ୍‌ଆର୍‌ଓ) ଏବଂ ନନ୍-ରେସିଡେଣ୍ଟ ଏକ୍ସଟରନାଲ (ଏନ୍‌ଆର୍‌ଇ) ମିଆଦୀ ଜମା ନିମନ୍ତେ ବିଭିନ୍ନ ଅବଧି ମଧ୍ୟରେ ପ୍ରଯୁଜ୍ୟ ହେବ। ସେହିଭଳି ଡୋମେଷ୍ଟିକ୍-ଏନ୍‌ଆର୍‌ଓ ମିଆଦୀ ଜମା (୨ କୋଟିରୁ କମ୍) ଉପରେ ସୁଧ ହାର ୪୬ରୁ ୯୦ ଦିନର ଅବଧି ପାଇଁ ୫୫ ବିପିଏସ୍‌କୁ ବୃଦ୍ଧି ପାଇ ୩.୫୦% ରୁ ୪.୦୫% କୁ ବଢ଼ିଛି। ଏକ ବର୍ଷରୁ ଅଧିକ ଏବଂ ୨ବର୍ଷ ଅବଧି ମଧ୍ୟରେ ୩୫ ବିପିଏସ୍‌କୁ ବୃଦ୍ଧି ପାଇ ୫.୧୦% ରୁ ୫.୪୫%କୁ ବୃଦ୍ଧି ପାଇଛି ଏବଂ ୧୮୧ ଦିନରୁ ୧ ବର୍ଷରୁ କମ୍ ଅବଧି ମଧ୍ୟରେ ୨୦ ବିପିଏସ୍‌କୁ ବୃଦ୍ଧି ପାଇ ୪.୪୦% ରୁ ୪.୬୦%କୁ ବୃଦ୍ଧି ପାଇଛି। ଏକ ବର୍ଷର ଅବଧି ନିମନ୍ତେ ୨ କୋଟି ଟଙ୍କାରୁ କମ୍ ଏନ୍‌ଆର୍‌ଇ-ଏନ୍‌ଆର୍‌ଓ ମିଆଦୀ ଜମାର ସୁଧ ହାର ୩୫ ବିପିଏସ୍‌କୁ ବୃଦ୍ଧି ପାଇ ୫.୦୦% ରୁ ୫.୩୫% କୁ ବୃଦ୍ଧି ପାଇଛି। ୨ କୋଟି ଟଙ୍କାରୁ କମ୍ ଡୋମେଷ୍ଟିକ- ଏନ୍‌ଆର୍‌ଇ-ଏନ୍‌ଆର୍‌ଓ ମିଆଦୀ ଜମାର ସୁଧ ହାର ୨୦ରୁ ୨୫ ବିପିଏସ୍‌କୁ ବୃଦ୍ଧି ପାଇଛି।

## ଫୁର୍‌ସତ୍

# ହେଲିକପ୍ଟର ପାଇଁ ୬.୬ କୋଟିର ଋଣ





ମୁମ୍ବାଇ

ଭାରତ ଏକ କୃଷି ପ୍ରଧାନ ଦେଶ। ଅଧିକାଂଶ ଲୋକ ଏଠାରେ କୃଷି ଉପରେ ନିର୍ଭର କରନ୍ତି। କିନ୍ତୁ ବର୍ତ୍ତମାନ ସମୟରେ କୃଷି ଉପରୁ ଲୋକେ ମୁହଁ ଏଡ଼ାଇବା ଆରମ୍ଭ କରିଛନ୍ତି। ଏହା ପଛର କାରଣ ହେଉଛି ଅର୍ଥାଭାବ ଏବଂ ଅନିୟମିତ ବର୍ଷା। ତେବେ ମହାରାଷ୍ଟ୍ର ଟାକଟୋଡ଼ା ଗ୍ରାମର ଯୁବଚାଷୀ କୈଳାସ ପଟାଙ୍ଗେ ଚାଷ ଛାଡ଼ି ଏବେ ବ୍ୟବସାୟ କରିବାକୁ ମନ ବଳାଇଛନ୍ତି। ତା' ପୁଣି କୌଣସି ଛୋଟିଆ ବ୍ୟବସାୟ ନୁହେଁ। କୈଳାସ ହେଲିକପ୍ଟର କିଣି ତାକୁ ଭଡ଼ା ଲାଗାଇବେ। ଏଥିପାଇଁ ସେ ବ୍ୟାଙ୍କରୁ ୬.୬ କୋଟି ଟଙ୍କାର ଋଣ ଆଣିବା ପାଇଁ ଆବେଦନ କରିଛନ୍ତି।

୨ ଏକର ଜମିର ମାଲିକ ହେଉଛନ୍ତି କୈଳାସ। ଅନିୟମିତ ବର୍ଷା ପାଇଁ ଫସଲ ସବୁ ନଷ୍ଟ ହେବାଯୋଗୁ ବିରାଟ କ୍ଷତି ସହିବାକୁ ପଡ଼ିଥିବା ସେ କହିଛନ୍ତି। ବର୍ତ୍ତମାନ ଚାଷରେ ଅଧିକ ଅର୍ଥ ବ୍ୟୟ କରିବାକୁ ପଡୁଥିବାବେଳେ ତା' ଅନୁସାରେ ଲାଭ ମିଳୁନାହିଁ ବରଂ ବ୍ୟୟର ଦ୍ୱିଗୁଣା କ୍ଷତି ସହିବାକୁ ପଡୁଥିବା ସେ କହିଛନ୍ତି। ସବୁ ପ୍ରକାର ବ୍ୟବସାୟରେ ପ୍ରତିଯୋଗିତା ଲାଗି ରହିଛି। ବିନା ପ୍ରତିଦ୍ୱନ୍ଦ୍ୱୀରେ ଲାଭବାନ ହେବାପାଇଁ ହେଲିକପ୍ଟର କିଣି ତାକୁ ଭଡ଼ା ଲଗାଇବା ବ୍ୟବସାୟକୁ କୈଳାସ ବାଛିଥିବା କହିଛନ୍ତି।

# ଗଭୀର ସମୁଦ୍ରରେ ପରିଣୀତି

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ଗଭୀର ସମୁଦ୍ରରେ ଥିବା ଦେଖିବାକୁ ମିଳିଛି। ଜଣେ ସ୍କୁବା ଡାଇଭିଙ୍ଗ୍ ଇନ୍‌ଷ୍ଟ୍ରକ୍ଟର ଭାବେ ସେ ବେଶ୍ ଜଣାଶୁଣା। ଜାରି ଭିଡିଓରେ ନାୟିକା ଜଣଙ୍କ ଗଭୀର ସାଗର ଭିତରୁ ବ୍ୟବହୃତ କପଡ଼ା, ମାସ୍କ, ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ୍ ଗୋଟାଉଥିବାର ଦେଖିବାକୁ ମିଳିଛି। ଭିଡିଓ ଦେଖି ପରିଣୀତିଙ୍କ ଫ୍ୟାନ୍ସ ତାଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି। ସମୁଦ୍ରକୁ ବର୍ଜ୍ୟବସ୍ତୁ ମୁକ୍ତ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଏକଜୁଟ ହେବା ପାଇଁ ସେ ନିଜ କ୍ୟାପ୍‌ସନ୍‌ରେ ଲେଖିଛନ୍ତି। ପ୍ରତିବର୍ଷ ୧୪ ମିଲିୟନ୍ ବର୍ଜ୍ୟବସ୍ତୁ ସମୁଦ୍ରରୁ ବାହାରୁଥିବାବେଳେ ଏଥିରେ ଅଧିକ ପରିମାଣର ପ୍ଲାଷ୍ଟିକ୍ ମହଜୁଦ ରହିଛି। ଏହାଦ୍ୱାରା ସମୁଦ୍ରରେ ରହୁଥିବା ଅସଂଖ୍ୟ ଜୀବଜନ୍ତୁଙ୍କ ଜୀବନ ପ୍ରଭାବିତ ହେବାର ଆଶଙ୍କା ରହିଛି। ଡାଇଭ୍ ଏଗେଷ୍ଟ ଡେବ୍ରିସ୍ ପ୍ରୋଗ୍ରାମ ଜରିଆରେ ୯୦ ହଜାର ପର୍ଯ୍ୟଟନ ସମୁଦ୍ରରୁ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ବର୍ଜ୍ୟବସ୍ତୁ ବାହାର କରିଛନ୍ତି। ପରିଣୀତି ଏବେ ନିଜର ଆଗାମୀ ପ୍ରୋଜେକ୍ଟରେ ବ୍ୟସ୍ତ। ଆସନ୍ତା ଦିନରେ ତାଙ୍କ ଅଭିନୀତ ଫିଲ୍ମ 'ଉଞ୍ଚାଇ' ରିଲିଜ୍ ହେବାକୁ ଥିବାବେଳେ ଏଥିରେ ଅନୁପମ ଖେର, ଅମିତାଭ ବଚ୍ଚନ ଏବଂ ବୋମନ ଇରାନୀ ପ୍ରମୁଖ କଳାକାର ଦେଖାଯିବେ। ଅନ୍ୟପଟେ ଗାୟକ ତଥା ଅଭିନେତା ହାର୍ଡି ସନ୍ଧୁଙ୍କ ସହ ଏକ ଆକ୍ସନ୍ ଥ୍ରିଲର ଫିଲ୍ମରେ ପରିଣୀତି ଦେଖାଯିବେ।

# ଓଲଟା ବୁଲୁଥିବା ଗୋଣ୍ଡୱାନା ଘଣ୍ଟା



**ରାୟପୁର:** ଛିତିଶଗଡ଼ ଆଦିବାସୀ ସମ୍ପ୍ରଦାୟ ଲୋକେ ଓଲଟା ଘଣ୍ଟା ବ୍ୟବହାର କରନ୍ତି। ସେମାନଙ୍କ ଘଣ୍ଟାରେ ୧୨ଟା ପରେ ଗୋଟେ ନୁହେଁ ବରଂ ୧୧ଟା ବାଜେ । ଏହି ଘଣ୍ଟାକୁ ଗୋଣ୍ଡୱାନା କ୍ଲକ୍ ବୋଲି କୁହାଯାଏ। ଗୋଣ୍ଡ ଆଦିବାସୀ ସମ୍ପ୍ରଦାୟ କୋର୍ବା ଜିଲାର ଆଦିବାସୀ ଶକ୍ତି ପୀଠ ସହ ସଂଲଗ୍ନ। ପୃଥିବୀ ଡାହାଣରୁ ବାମ ଓଲଟା ଭାବେ ଘୂରୁଥିବାବେଳେ ଚନ୍ଦ୍ର ମଧ ପୃଥିବୀ ଚାରିପାଖେ ଓଲଟା ଦିଗରେ ଗତି କରୁଛି। ସୌରଜଗତ ଏବଂ ପ୍ରକୃତିର ନିୟମ ଏବଂ ଗୁଣ ବିପରୀତଗାମୀ ହୋଇଥିବାବେଳେ ପ୍ରକୃତିର ନିୟମ ଅନୁଯାୟୀ ସେମାନଙ୍କ ଘଣ୍ଟା କଣ୍ଟା ବୁଲୁଥିବା ଗୋଣ୍ଡ ସମ୍ପ୍ରଦାୟର ବିଶ୍ୱାସ ରହିଛି।

ଖାଲି ଘଣ୍ଟାକଣ୍ଟା ନୁହେଁ ବିବାହ ସମୟରେ ବର, କନ୍ୟା ଅଗ୍ନିର ଚାରିପାଖେ ଓଲଟା ବୁଲୁଥିବାର ଦେଖିବାକୁ ମିଳିଛି। ଗୋଣ୍ଡ ସମ୍ପ୍ରଦାୟକୁ ଛାଡ଼ିଦେଲେ ସେଠାରେ ରହୁଥିବା ଅନ୍ୟ ୨୯ ପ୍ରକାର ଆଦିବାସୀ ସମ୍ପ୍ରଦାୟ ଉକ୍ତ ଗୋଣ୍ଡୱାନା ଘଣ୍ଟାକୁ ବ୍ୟବହାର କରିଥାନ୍ତି। ମହୁଲ ଏବଂ ଓସ୍ତ ଗଛକୁ ଏମାନେ ପୂଜା କରନ୍ତି। ଗୋଣ୍ଡ ସମ୍ପ୍ରଦାୟର ପ୍ରାୟ ୧୦ ହଜାର ପରିବାର ଛତିଶଗଡ଼ରେ ବାସ କରୁଥିବାବେଳେ ସେମାନେ ଏହି ଓଲଟା ବୁଲୁଥିବା ଘଣ୍ଟା ତଥା ଗୋଣ୍ଡୱାନା କ୍ଲକ୍‌କୁ ବ୍ୟବହାର କରନ୍ତି।

# କରାଚୀ ରେଷ୍ଟୁରାଣ୍ଟରେ ଗଙ୍ଗୁବାଈ



କରାଚୀ

ମେନ୍‌ସ ଡେ' ଅବସରରେ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ପାକିସ୍ତାନ କରାଚୀର ଏକ ଜଣାଶୁଣା ରେଷ୍ଟୁରାଣ୍ଟ ହିନ୍ଦୀ ଚଳଚ୍ଚିତ୍ର ଗଙ୍ଗୁବାଈର ଏକ ସିନ୍‌କୁ ବ୍ୟବହାର କରିଛି। ଏହି ସିନ୍‌ରେ ଆଲିଆ ଭଟ୍ଟ 'ଆଜା ନା ରାଜା' କହୁଥିବା ଦେଖିବାକୁ ମିଳିଛି। ମେନ୍‌ସ ଡେ' ଉପଲକ୍ଷେ ରେଷ୍ଟୁରାଣ୍ଟରେ ୨୫ ପ୍ରତିଶତ ରିହାତି ଦିଆଯାଉଥିବାବେଳେ ବିଶେଷ ଭାବେ ପୁରୁଷଙ୍କ ଉଦ୍ଦେଶ୍ୟରେ ଗଙ୍ଗୁବାଈର ଉକ୍ତ ସିନ୍ ବ୍ୟବହାର କରାଯାଇଥିଲା। ତେବେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ କରାଚୀର ଏହି ଜଣାଶୁଣା ରେଷ୍ଟୁରାଣ୍ଟ ମାଲିକଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ୟୁଜର୍ସମାନେ ଟ୍ରୋଲ୍ କରିବାପରେ ଏହାର ମାଲିକ ପରବର୍ତ୍ତୀ ସମୟରେ କ୍ଷମା ମାଗିଛନ୍ତି। ମୁମ୍ବାଇର ଗଙ୍ଗୁବାଈ ବେଶ୍ୟାଳୟରେ କାମ କରିବା ସହ ସାମାଜିକ କର୍ମୀ ମଧ ଥିଲେ। ମହିଳା ଓ ଶିଶୁମାନଙ୍କୁ ସେମାନଙ୍କ ଅଧିକାର ଦେବା ପାଇଁ ସେ ଅନେକ ଲଢ଼େଇ କରିଛନ୍ତି। ତେବେ ଗଙ୍ଗୁବାଈଙ୍କ ଜୀବନୀକୁ ନେଇ ସଞ୍ଜୟ ଲୀଲା ଭଂସାଲିଙ୍କ ନିର୍ଦ୍ଦେଶନାରେ ଗଙ୍ଗୁବାଈ ଫିଲ୍ମ ନିର୍ମାଣ ହୋଇଥିଲା। ଯେଉଁଥିରେ ଆଲିଆ ଭଟ୍ଟ ମୁଖ୍ୟ ଚରିତ୍ର ଗଙ୍ଗୁବାଈରେ ନଜରକୁ ଆସିଥିଲେ। ତେବେ ଫିଲ୍ମଟିକୁ ସିନେପ୍ରେମୀଙ୍କ ଖୁବ୍ ଭଲପାଇବା ମିଳିଛି।

# ମୁଁ ଯେବେ ବାପା ହେଲି







ଯାହାଙ୍କ ବିଷୟରେ ବଖାଣିବାକୁ ଶବ୍ଦ ହୁଏ ନିଅଣ୍ଟ। ଯିଏ ପିଲାଙ୍କୁ ଭଲ ମଣିଷ କରିବାକୁ କେବେ ଖୁବ୍ ରାଗୀ ତ ପୁଣି କେବେ ସ୍ନେହ, ଶ୍ରଦ୍ଧାର ଅସୀମ ଭଣ୍ଡାର । ଯାହାଙ୍କ ଶ୍ରମ, ନିଷ୍ଠା ଆଉ କର୍ତ୍ତବ୍ୟପରାୟଣତା ସନ୍ତାନକୁ ଚଖାଏ ସଫଳତାର ସ୍ୱାଦ, ସେ ହେଉଛନ୍ତି ବାପା। ତେବେ କୁହାଯାଏ, ଜଣେ ସନ୍ତାନ ବାପାଙ୍କ ଏହି ତ୍ୟାଗ ସେତେବେଳେ ବୁଝିପାରେ, ଯେତେବେଳେ ସେ ନିଜେ ବାପା ହୁଏ। ଆଜି ଫାଦର୍ସ ଡେ' ଅବସରରେ ଏଭଳି କିଛି ଅନୁଭୂତିକୁ ନେଇ ବିଶେଷ ଉପସ୍ଥାପନା...

## ପ୍ରଥମ ବାପା ହେବାର ଆନନ୍ଦ ଅନନ୍ୟ

ଡା. ରାଧାକାନ୍ତ ପାଣିଗ୍ରାହୀ (ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ, କଟକ)–

ପ୍ରଭୁ ମତେ ଜଣେ ଡାକ୍ତର ତଥା ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ କରି ଶହ ଶହ ଶିଶୁଙ୍କୁ ଏ ପୃଥିବୀକୁ ଆଣିବାର ସୌଭାଗ୍ୟ ଦେଇଛନ୍ତି । ସେତେବେଳେ ମୁଁ ଦେଖିଛି ମା'ମାନଙ୍କ ଓଠରେ ହସ। କିନ୍ତୁ ଶିଶୁ ଜନ୍ମ ପରେ ତା'ଠାରୁ ବଳି ଖୁସି ହୁଅନ୍ତି ବାପାମାନେ, ଯାହା ସେମାନେ ପ୍ରକାଶ କରିପାରନ୍ତିନି। ନିଜ କଥା କହିବି– ଯେଉଁଦିନ ପୁଅ ଆର୍ଯ୍ୟନ୍ ଜନ୍ମ ହେଲା, ସେଦିନର ଖୁସି ଭାଷାରେ ବର୍ଣ୍ଣନା କରିପାରିବି ନାହିଁ। ତା'ର ପ୍ରଥମ କୁଆଁ କୁଆଁ କାନ୍ଦ ମୋ ମନ ଓ ହୃଦୟକୁ ଏକ ଅନନ୍ୟ ଆନନ୍ଦରେ ଭରି ଦେଇଥିଲା । ଡେଲିଭରି ପରେ ତାକୁ ସାଷ୍ଟାମ କରାଇ ସାରା ଦେହ ଆଉଁସିଦେଲି ଓ ମନକୁ ମନ କହିଲି, ''ବାପାରେ! ତୁ ଏ ପୃଥିବୀକୁ ଆସିଲୁନି ତ, ଆମ ଜୀବନରେ ଏକ ଫୁଲ ହୋଇ ଫୁଟିଗଲୁ ଏବଂ ଆମ ଜୀବନରେ ଖୁସି ଭରିଦେଲୁ। ଏମିତି ତୋର ଜ୍ଞାନ ଓ ବୁଦ୍ଧିର ଜ୍ୟୋତିରେ ଚିରଦିନ ଆମକୁ ଆଲୋକିତ ଓ ସୁବାସିତ କରୁଥିବୁ ।'' ପୁଅକୁ ଦେଖି ମୋ ପିଲାଦିନ କଥା ମନେପଡ଼ିଗଲା। ମୋ ବାପା (ନାରାୟଣ ଚନ୍ଦ୍ର ପାଣିଗ୍ରାହୀ) ମୋତେ ଖୁବ୍ ଭଲ ପାଉଥିଲେ। ପିଲାଦିନୁ ମୋ ପାଠପଢ଼ାର ଖୁବ୍ ଯତ୍ନ ନେଉଥିଲେ। ମୁଁ ଗାଁ ସ୍କୁଲରେ ପଢ଼ିଲେ ବି ବାପା ମୋତେ ପ୍ରତିଦିନ ସାଇକେଲ୍‌ରେ ବସାଇ ସ୍କୁଲ ନେଉଥିଲେ। ବହିଖାତା, ପେନ୍, ପେନ୍‌ସିଲ୍‌ଠାରୁ ଆରମ୍ଭ କରି ସବୁ ଆବଶ୍ୟକତାକୁ ପୂରଣ କରୁଥିଲେ। ପ୍ରତିଦିନ ସନ୍ଧ୍ୟାରେ ସେ ମୋର ପାଠପଢ଼ା ଦେଖୁଥିଲେ। ସେଥିପାଇଁ ମୁଁ ଗାଁ ସ୍କୁଲରୁ ଆରମ୍ଭ କରି ହାଇସ୍କୁଲ୍ ଓ କଲେଜରେ ପ୍ରଥମ ଶ୍ରେଣୀରେ ପାସ୍ କଲି ଏବଂ ମେଡିକାଲ୍‌ରେ ମଧ୍ୟ ବେଷ୍ଟ ଗ୍ରାଜୁଏଟ୍ ହୋଇଥିଲି। ମୁଁ ମଧ୍ୟ ତାଙ୍କ ଭଳି ଆଦର୍ଶ ବାପା ହେବା ପାଇଁ ମନରେ ସ୍ଥିର କରି ଠାକୁରଙ୍କୁ ପ୍ରଣାମ କରି ସଙ୍ଗେ ସଙ୍ଗେ ମିଠା ଆଣି ସମସ୍ତଙ୍କୁ ବାଣ୍ଟିଥିଲି । ବାସ୍ତବରେ ସନ୍ତାନଟିଏ ଭୂମିଷ୍ଠ ହେଲେ ଯେଉଁ ବାପା ହେବାର ଗୌରବ ମିଳିଥାଏ ତାହା ଅପୂର୍ବ। ମୋ ପୁଅ 'ଆର୍ଯ୍ୟନ୍' ଓ 'ଶୌର୍ଯ୍ୟ'ର ହସ, ପ୍ରଥମ ପେଟେଇବା ବସିବା, ଧୀରେ ଧୀରେ ଚାଲିବା ତଥା ତା'ର ପ୍ରଥମ କଥା ଓ 'ବାପା' ବୋଲି ପ୍ରଥମ ଉଚ୍ଚାରଣ ମୋ ମନରେ ଅପୂର୍ବ ଆନନ୍ଦ ଆଣି ଦେଇଥିଲା ଏବଂ ସଙ୍ଗେ ସଙ୍ଗେ ଦାୟିତ୍ୱବୋଧର ଗୋଟିଏ ବଡ଼ ବୋଝ ମତେ ଦେଇଥିଲା । ତାକୁ ସ୍ନେହ ଆଦର ଦେଇ ବଢ଼ାଇବା, ଉପଯୁକ୍ତ ଶିକ୍ଷା ଦେବା ଏବଂ ସଂସ୍କାର ଦେବାର ବଡ଼ ଦାୟିତ୍ୱଟି ମୁଣ୍ଡ ଉପରକୁ ଚାଲି ଆସିଥିଲା ।

## ବାପା ହେବା ଖୁସିରେ ମୁଁ ଆତ୍ମହରା ହୋଇଉଠିଲି

ରଜନୀ ରଞ୍ଜନ (ସଂଳାପକାର)–

ମୋ ବାପା (ରବି ଦାସ) ଥିଲେ ସୌଖୀନ ରଙ୍ଗମଞ୍ଚରେ ଜଣେ ସଫଳ ଗୀତିକାର। ତାଙ୍କର ଲେଖା ଥିଲା ଆଜିକୁ ପଚାଶ ବର୍ଷ ତଳେ ''କୁହୁଡ଼ି ନଦୀର ମୀନମାନେ ଶୁଣ ଗଙ୍ଗା ବହୁଛି ଧୀରେ'' ଅବା ''ଜୀବନର ଏହି ମହାନାଟକରେ ହସି ହସି କିଏ ଜିଇବା ସୁଆଦ ଖୋଜୁଛି।'' ଆହା ଏମିତି ଗୀତଟିଏ ମୁଁ ଲେଖି ପାରିଲିକି, ତମକୁ ଅତିକ୍ରମ କରିପାରୁନାହିଁ ବୋଲି ତ ତମେ ମୋ ବାପା। ମୋ ବୋଉ ବି ଥିଲା ଲେଖିକା। ମୁଁ ବି ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଲେଖାଲେଖି ଆରମ୍ଭ କରିଦେଇଥିଲି। ମୋ ବାପା ବୋଉ ମୋ ସଫଳତା ପାଇଁ ଆଶାବାଦୀ ଥିଲେ । ଜଣେ ବାପା ହିସାବରେ ମୁଁ ବି ଚାହେଁ ମୋ ପିଲାମାନେ ମତେ ଅତିକ୍ରମ କରନ୍ତୁ । ଜଣେ ବାପା ହିସାବରେ ୟା'ଠାରୁ ବଡ଼ ସଫଳତା ଆଉ କ'ଣ ହେଇପାରେ! ଏକଥା ମୋର ସେହିଦିନ ହିଁ ମନକୁ ଆସିଥିଲା, ଯେଉଁଦିନ ପ୍ରଥମ କରି ମୋ ଝିଅର କୁଆଁ କୁଆଁ ରଡ଼ି ଶୁଣିଲି। ସେଦିନ ମୋ ଚାରିକଡ଼ର ପୃଥିବୀରେ ଅଜସ୍ର ପକ୍ଷୀଙ୍କର କାକଳି ଧ୍ୱନି ମତେ ଆକ୍ରାମାକ୍ରା କରିନେଲା। ପ୍ରଥମ କରି ବାପା ହେବା ଖୁସିରେ ମୁଁ ଆତ୍ମହରା ହୋଇଉଠିଲି। ଅବିକଳ ମୋ ଦିବଂଗତ ବୋଉର ମୁହଁ ନେଇ ଆସିଥିଲା ମୋ ଝିଅ। ମୋ ବାପା, ବୋଉର ସବୁ ଅପୂରଣୀୟ ଇଚ୍ଛାକୁ ମୋ ଝିଅ ପୂରଣ କରିପାରିବ ଏଇ ସ୍ୱପ୍ନରେ ମୁଁ ମସ୍‌ଗୁଲ୍ ହୋଇଉଠିଥିଲି। ସେଦିନଟି ମୋ ଜୀବନର ସବୁଠୁ ଖୁସିର ଦିନ ହୋଇ ରହିଥିବ।

## ବାପାଙ୍କ ଆକଟ ସୁଧାରେ ପିଲାଙ୍କ ଭବିଷ୍ୟତ

ତାରିଣୀ ପ୍ରସାଦ ସାହୁ (ସିଭିଲ୍ ଜଜ୍, ଚମ୍ପୁଆ)– ଜୀବନରେ ସଫଳତା ହାସଲ କରିବାରେ ବାପା (ବଟକୃଷ୍ଣ ସାହୁ)ଙ୍କର ଅବଦାନ ବହୁତ ରହିଛି। ଛୋଟବେଳେ ପଢ଼ା ବଦଳରେ ଖେଳକୁଦ ଆଉ ଦୁଷ୍ଟାମିରେ ଅଧିକ ମନ ରହୁଥିଲା। ତେଣୁ ଅନେକ ସମୟରେ ମୋତେ ବାପା ତାଗିଦା ଓ ଗାଳି କରୁଥିଲେ। ମନେପଡୁଛି ସେ ସମୟର କଥା। ଇଂଲିଶ୍ ଜ୍ଞାନ ବଢ଼ାଇବା ପାଇଁ ବାପା ଆମକୁ ଟ୍ରାନ୍ସଲେଶନ୍ କରାନ୍ତି। ଅଧିକାଂଶ ଓଡ଼ିଆ ଖବରକାଗଜରୁ ଟ୍ରାନ୍ସଲେଶନ୍ କରାନ୍ତି। ସେତେବେଳେ ଆମକୁ ଏସବୁ ଭାରି ବିରକ୍ତ ଲାଗୁଥିଲା। କେମିତି ପଢ଼ା ସରିଲେ ଖେଳିବୁ ସେଥିରେ ଧ୍ୟାନ ରହୁଥିଲା। କିନ୍ତୁ ଏବେ କର୍ମ କ୍ଷେତ୍ରରେ ସେଇସବୁ ଜିନିଷ ବହୁତ ଉପଯୋଗରେ ଆସୁଛି। ବାପାଙ୍କର ମୃଦୁ ଗାଳି ଓ ଆକଟ ଯେ କେତେ ଉପାଦେୟ ତାହା ଏବେ ନିଜେ କର୍ମକ୍ଷେତ୍ରରେ କାମ କଲାବେଳେ ଭାବୁଛି। ବାପା କରିଥିବା ଗାଳି ଅବା ତାଗିଦା ଯୋଗୁ ଜୀବନରେ ବହୁତ କିଛି ଶିଖି ହୋଇଛି। ଯଦିଓ ସେବେ ସେ ଜିନିଷର ମହତ୍ତ୍ୱ ବୁଝା ପଡୁ ନ ଥିଲା, କିନ୍ତୁ ଏବେ ତାର ଉପଯୋଗିତା ଉପଲବ୍ଧି କରିହେଉଛି। ବିଶେଷକରି ବାପା ହେଲା ପରେ ସେହିସବୁ ଚିନ୍ତାଧାରା ଓ ମାନସିକତା ଅଜାଣତରେ ନିଜ ଭିତରେ ବି ଆସିଗଲାଣି। ସତରେ ଏସବୁ ନିଜେ ଅନୁଭବ କରିବା ମଧ୍ୟ ଏକ ଭିନ୍ନ ଅନୁଭୂତି।

– ପୌର୍ଣ୍ଣମାସୀ





ରଜନୀ ରଞ୍ଜନ



ଡା. ରାଧାକାନ୍ତ ପାଣିଗ୍ରାହୀ



ତାରିଣୀ ପ୍ରସାଦ ସାହୁ

ୟୁଥ୍ ଆଲର୍ଟ

# ଯୋଗ ରଖେ ଫିଟ୍

ବର୍ତ୍ତମାନର ପରିବର୍ତ୍ତିତ ଲାଇଫ୍‌ଷ୍ଟାଇଲ୍ ବିଭିନ୍ନ ପ୍ରକାର ରୋଗର କାରଣ ସାଜୁଛି। ଯଦି ଆପଣ ବି ଏଭଳି କିଛି ସମସ୍ୟାକୁ ନେଇ ଚିନ୍ତିତ, ତେବେ ଏହାକୁ ଦୂର କରିବା ଲାଗି ପ୍ରତିଦିନ କିଛି ସମୟ ଯୋଗ କରିବା ଆପଣଙ୍କ ଲାଗି ହୋଇପାରେ ବେଶ୍ ଉପକାରୀ ...

➔ପାଠପଢ଼ା, ଜବ୍ ଆଦିକୁ ନେଇ ବର୍ତ୍ତମାନ ଅନେକ ଯୁବତୀଯୁବକ ମାନସିକ ଚାପରେ ରହୁଥିବା ଦେଖିବାକୁ ମିଳୁଛି। ଏମିତିରେ ମାନସିକ ଚାପ ଦୂର କରି ସ୍ମରଣଶକ୍ତି ଏବଂ ଏକାଗ୍ରତା ବୃଦ୍ଧି କରିବାରେ ଯୋଗ, ଧ୍ୟାନ ଓ ପ୍ରାଣାୟମ ଖୁବ୍ ଲାଭଦାୟକ ହୋଇଥାଏ। ଏହାଦ୍ୱାରା କାର୍ଯ୍ୟଦକ୍ଷତା ମଧ୍ୟ ବଢ଼ିଥାଏ। କେବଳ ଏତିକି ନୁହେଁ, ଏହା ଦ୍ୱାରା କ୍ଷରଣ ହେଉଥିବା ହର୍‌ମୋନ ଶରୀରକୁ ଉର୍ଜା ପ୍ରଦାନ କରିବା ସହ ଶରୀରକୁ ଫୁର୍ତ୍ତି ରଖିଥାଏ।

➔ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ କରାଇବାରେ ଯୋଗ ଏବଂ ପ୍ରାଣାୟମ ଖୁବ୍ ଭଲ। ଜନଶୂନ୍ୟ ସ୍ଥାନରେ ଖୋଲା ପବନରେ ଯୋଗ କଲେ ଅଧିକ ଅମ୍ଳଜାନ ଶରୀରକୁ ଯାଏ ଏବଂ ତାହା ରକ୍ତରେ ମିଶି ଶରୀରର ପ୍ରତିଟି ଅଂଶକୁ ପହଞ୍ଚି ରିଲାକ୍ସ କରିଥାଏ। ଫଳରେ ହୃତ୍‌ପିଣ୍ଡ, ଫୁସ୍‌ଫୁସ୍ ଏବଂ ମସ୍ତିଷ୍କ ସୁସ୍ଥ ରଖିଥାଏ। ଏହା ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରିବାରେ ସାହାଯ୍ୟ କରିଥାଏ।

➔ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ଦେଖିବାକୁ ମିଳୁଥିବା ମେଦବହୁଳତା ସମସ୍ୟା ଦୂର କରି ଓଜନ ନିୟନ୍ତ୍ରିତ ସ୍ତରରେ ରଖିବାରେ ଏହା ସାହାଯ୍ୟ କରିଥାଏ। କେବଳ ଏତିକି ନୁହେଁ, ବର୍ତ୍ତମାନ ମୋବାଇଲ୍ କମ୍ପ୍ୟୁଟର ଆଦି ବ୍ୟବହାର କରୁଥିବା ଅଧିକାଂଶ ଯୁବପିଢ଼ି ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ରହୁଥିବାରୁ ଅଣ୍ଟା, ବେକ, ପିଠି ଆଦି ସ୍ଥାନରେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ଏହାକୁ ମଧ୍ୟ ଦୂର କରିବାରେ ଯୋଗ ବେଶ୍ ଉପକାରୀ।

➔ଯେଉଁମାନଙ୍କଠାରେ ବ୍ଲଡ୍‌ପ୍ରେସର, ଡାଇବେଟିସ୍, ଡିପ୍ରେଶନ୍, ଶ୍ୱାସ ଭଳି ସମସ୍ୟା ରହିଛି, ସେମାନେ ଅନ୍ତତଃପକ୍ଷେ ଦିନକୁ ଥରେ ପ୍ରାଣାୟମ ଏବଂ କିଛି ସମୟ ଯୋଗ କରିବା ଦ୍ୱାରା ଏଭଳି ରୋଗଠୁ ଦୂରେଇ ରହିବାରେ ସହାୟକ ହେବ।

➔ଯୋଗ କରିବା ଦ୍ୱାରା ଶରୀରକୁ ଆବଶ୍ୟକ ମାତ୍ରାରେ ଅମ୍ଳଜାନ ମିଳୁଥିବାରୁ ପାଚନକ୍ରିୟା ଠିକ୍ ଭାବେ ହୋଇଥାଏ; ଯାହାକି ବଦହଜମି, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା ଦୂର କରିଥାଏ।

➔ଏହାଦ୍ୱାରା କେଶ ଝଡ଼ିବା କମ୍ ହୋଇ ଅଧିକ ଘନ ଓ ସୁନ୍ଦର ଲାଗିଥାଏ। କେବଳ ଏତିକି ନୁହେଁ, ତ୍ୱଚା ମଧ୍ୟ ଅଧିକ ସୁନ୍ଦର ଲାଗିଥାଏ।





## ଏ ସପ୍ତାହର ପ୍ରଶ୍ନ

୧– ୱାର୍ଲ୍ଡ ଡେ ଏଗେନ୍‌ଷ୍ଟ ଚାଇଲ୍ଡ ଲେବର ୨୦୨୨ର ଥିମ୍....... ?
୨– ପ୍ରତିଟି ସିଗାରେଟ୍ ଉପରେ ୱାର୍ନିଂ ପ୍ରିଣ୍ଟ କରାଇବାରେ ପୃଥିବୀର ପ୍ରଥମ ଦେଶ .......... ?
୩– .........ରାଜ୍ୟ ପକ୍ଷରୁ ସୁରକ୍ଷା ମିତ୍ର ପ୍ରୋଜେକ୍ଟ ଆରମ୍ଭ କରାଯାଇଛି ?
୪– ଆଲବର୍ଟ ହ୍ରଦ .................... ଦୁଇ ଦେଶର ସୀମାକୁ ଲାଗିଛି ?
୫– ଆମ ଦେଶର .......... ରାଜ୍ୟରେ ସର୍ବାଧିକ କୋଇଲା ଗଚ୍ଛିତ ହୋଇ ରହିଛି ?

## ଗତ ଥରର ଉତ୍ତର

୧ ଗୁଜରାଟ
୨ ଚେନ୍ନାଇ
୩ ସାମୁଦ୍ରିକ ଗେଣ୍ଡା
୪ ଡାଇଓପ୍ଟର
୫ ସାଜି ମାଥ୍ୟୁ

## ଉତ୍ତରଦାତା

– ସୁନୀଲ କୁମାର ବେହେରା, ତାଳଚେର –ଅଭିଜିତ୍ ସାହୁ, ମାଳପାଟଣା, କେନ୍ଦ୍ରାପଡା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସର୍ବାଧିକ କୋଇଲା ଉତ୍ପାଦନକାରୀ ଦେଶ



୧........ ଚାଇନା
୨........ ଭାରତ
୩........ ଆମେରିକା
୪........ ଅଷ୍ଟ୍ରେଲିଆ
୫........ ଇଣ୍ଡୋନେସିଆ
୬........ ରୁଷିଆ
୭........ ଦକ୍ଷିଣ ଆଫ୍ରିକା
୮........ ଜର୍ମାନୀ
୯........ ପୋଲାଣ୍ଡ
୧୦........ କାଜାଖସ୍ତାନ

ଯୁବ ପ୍ରତିଭା

# ନୃତ୍ୟଶିଳ୍ପୀରୁ ଡାକ୍ତର ହେବା ଲକ୍ଷ୍ୟ

ପିଲାଟି ଦିନରୁ ନୃତ୍ୟ ପ୍ରତି ଥିବା ରୁଚି ଆଜି ତାଙ୍କୁ ଦେଇଛି ରାଜ୍ୟରୁ ଆରମ୍ଭ କରି ଜାତୀୟ ସ୍ତରୀୟ ନୃତ୍ୟଶିଳ୍ପୀର ପରିଚୟ। ସେ ହେଉଛନ୍ତି ବ୍ରହ୍ମପୁର ସହରସ୍ଥ ଶରଧାବାଲି ଅଞ୍ଚଳର ମା' ସ୍ୱାଗତିକା ଦାସ ଏବଂ ବାପା ହିମାଂଶୁ ଶେଖର ମହାନ୍ତିଙ୍କ ଝିଅ ଦେବାଂଶୀ।

ଚାଲିବା ଆରମ୍ଭ କରିବା ଦିନଠୁ ଗୀତ ଶୁଣିବାମାତ୍ରେ ସେ ନାଚିବା ଆରମ୍ଭ କରି ଦେଉଥିଲେ। ଏହା ଦେଖି ମା' ନୃତ୍ୟ ଶିକ୍ଷା ପାଇଁ ପ୍ରୋତ୍ସାହନ ଦେଇଥିଲେ ଏବଂ ଗୁରୁ ଶିବରାମ ବାରିକଙ୍କଠାରୁ ଓଡ଼ିଶୀ ନୃତ୍ୟ ଶିକ୍ଷା ଆରମ୍ଭ କରାଇଥିଲେ। ୨୦୧୪ ମସିହାରେ ସୋନାଲୀ ମହାପାତ୍ରଙ୍କଠାରୁ ଓଡ଼ିଶୀ ନୃତ୍ୟ ଶିକ୍ଷା କରିଥିଲେ। ଏହାପରେ ସେ ଗୋଟେ ପରେ ଗୋଟେ ସଫଳତାର ପାହାଚ ଚଢ଼ି ଚାଲିଥିଲେ। ସେ ଚଳିତ ବର୍ଷ ମେ ୯ ତାରିଖରେ ମୁମ୍ବାଇ ଗ୍ଲୋବାଲ ଦ୍ୱାରା ପ୍ରେଜେଣ୍ଟ ମିସ୍ ହିନ୍ଦୁସ୍ତାନୀ ୨୦୨୨ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ଏଥିରେ ସେ ମିସ୍ ଟ୍ୟାଲେଣ୍ଟେଡ ଆୱାର୍ଡ ମଧ୍ୟ ପାଇଛନ୍ତି। ଏଥିପୂର୍ବରୁ ୨୦୧୮ରେ ବେଷ୍ଟ ଅଫ୍ ବ୍ରହ୍ମପୁର ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ। ୨୦୨୧ରେ ବ୍ରହ୍ମପୁରଠାରେ ମିସ୍ ଓଡ଼ିଶା ପ୍ରତିଯୋଗିତାରେ ବ୍ରହ୍ମପୁର ସ୍ପେକ୍ଟାକୁଲାର ଆଇ ଆୱାର୍ଡ ପାଇଥିଲେ। ଦେବାଂଶୀଙ୍କୁ ବାପା ଓ ପରିବାରର ସମସ୍ତ ସଦସ୍ୟଙ୍କ ସହଯାଗ ରହିଛି। ଏପରିକି ଦେବାଂଶୀ ଓଡ଼ିଶୀ ବିଶାରଦ କରିଥିବା ବେଳେ ହିନ୍ଦୁସ୍ତାନୀ ଭୋକାଲରେ ଡିପ୍ଲୋମା। କରିଛନ୍ତି। ଏଥିସହିତ ସେ ୨୦୧୬ରେ ବ୍ରହ୍ମପୁରରେ ଶିଶୁ କୃତି ଆୱାର୍ଡ, ୨୦୧୫ରେ ନବୀନ କଳାକାର ଓ ଘୁମୁସର ମହୋତ୍ସବ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ୨୦୧୭ରେ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ଓ ଚେନ୍ନାଇଠାରେ ଉତ୍କଳ ସମାଜ ସମାରୋହରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କଠାରୁ ବେଶ୍ ପ୍ରଶଂସିତ ହୋଇଛନ୍ତି। ୨୦୧୯ରେ ମୁମ୍ବାଇଠାରେ ନୃତ୍ୟ କଳା ଆୱାର୍ଡ, ଜିଲାସ୍ତରୀୟ ଯୁବ ମହୋତ୍ସବରେ ରନର୍ସ ଅପ୍ ହେବା ସହ ଗୋପାଳପୁର ବେଳାଭୂମି ମହୋତ୍ସବ, ଟାଟା ଷ୍ଟିଲ, କଳିଙ୍ଗ ହରବାଲ ମେଳା ଓ ଘୁମୁସର ମହୋତ୍ସବରେ ଭାଗ ନେଇ ସଫଳତା ହାସଲ କରିଛନ୍ତି। ବର୍ତ୍ତମାନ ଦେବାଂଶୀ ଡ୍ୟାନ୍ସ କ୍ୟୁପିଡ ନାମରେ ଏକ ୟୁଟ୍ୟୁବ ଚାନେଲ ଖୋଲିବା ସହ ନିଜ ଘରେ ଡ୍ୟାନ୍ସ ୱିଥ୍ ଦେବାଂଶୀ ନାମକ ଏକ ଇନ୍‌ଷ୍ଟିଚ୍ୟୁଟ ଆରମ୍ଭ କରିଛନ୍ତି। ସେ ନିଜ ସଫଳତାର ଶ୍ରେୟ ଗୁରୁ ଏବଂ ଅଭିଭାବକଙ୍କୁ ଦିଅନ୍ତି। ବର୍ତ୍ତମାନ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଯୁକ୍ତ ୨ ଦ୍ୱିତୀୟ ବର୍ଷରେ ପଢୁଥିବା ଦେବାଂଶୀ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ରୋଗୀସେବା ସାଙ୍ଗକୁ ମଡେଲିଂ ଓ ନୃତ୍ୟ ମଧ୍ୟ ଜାରି ରଖିବେ ବୋଲି ଆଶା ରଖିଛନ୍ତି।

–ସ୍ମୃତିରଞ୍ଜନ ମହାଲିକ୍



ଦେବାଂଶୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୧୯ ଜୁନ୍, ୨୦୨୨ Sambalpur, Sunday, June 19/2022

# ସିରିଜ୍ ଜିତିବା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

**ବେଙ୍ଗାଲୁରୁ,୧୮।୬**

ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ ଅନ୍ତିମ ତଥା ୫ମ ଟି୨୦ ମ୍ୟାଚ୍। ସିରିଜ୍ ଏବେ ୨-୨ରେ ବରାବର ଥିବାରୁ ଏହା ନିର୍ଣ୍ଣାୟକ ମ୍ୟାଚ୍ ହେବ। ସିରିଜ୍‌ର ପ୍ରଥମ ଦୁଇ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ଜିତିଥିବା ବେଳେ ଭାରତ ଅନ୍ତିମ ଦୁଇ ମ୍ୟାଚ୍‌କୁ ଜିତି ପ୍ରତ୍ୟାବର୍ତ୍ତନ କରିଛି। ଖେଳାଳିଙ୍କ ସାମୂହିକ ପ୍ରଦର୍ଶନ ଏବଂ ପେସରଙ୍କ ଯୋଗୁ ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ନିର୍ଣ୍ଣାୟକ ମ୍ୟାଚ୍‌ରେ ଫେଭରାଇଟ୍ ମନେହେଉଛି। ଓପନର ଇଶାନ କିଶନ ଏବେ ଭଲ ଫର୍ମରେ ଅଛନ୍ତି। ଲଗାତର ୪ ମ୍ୟାଚ୍‌ରେ ସେ ଭଲ ପ୍ରଦର୍ଶନ କରିଛନ୍ତି। ତାଙ୍କ ସହିତ ପାଳି ଆରମ୍ଭ କରୁଥିବା ଋତୁରାଜ ଗାଏକ୍ୱାଡ ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌ରେ ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ। କିନ୍ତୁ ତାଙ୍କ ପ୍ରଦର୍ଶନରେ ସ୍ଥିରତାର ଅଭାବ ରହିଛି। ଏବେ ଦଳ ପାଇଁ ସବୁଠୁ ବଡ଼ ଚିନ୍ତାର କାରଣ ହେଲେ ଶ୍ରେୟାସ ଆୟାର ଓ ଅଧିନାୟକ ରିଷଭ ପନ୍ତ। ଶ୍ରେୟାସଙ୍କୁ ପ୍ରାୟ ମ୍ୟାଚ୍‌ରେ ଭଲ ଆରମ୍ଭ ମିଳିଥିଲେ ମଧ୍ୟ ସ୍ପିନରଙ୍କ ବଲରେ ବଡ଼ ଶଟ୍ ମାରିବାକୁ ଯାଇ ଉଇକେଟ ଫୋପାଡ଼ି ଦେଉଛନ୍ତି। ଏଭଳି ବିଫଳତା ତାଙ୍କୁ ନିକଟ ଭବିଷ୍ୟତରେ ମହଙ୍ଗା ପଡ଼ିପାରେ। କାରଣ ଆସନ୍ତା ୨୬ ଓ ୨୮ରେ ମାଲାହିଡେଠାରେ ଆୟର୍ଲାଣ୍ଡ ବିପକ୍ଷରେ ହେବାକୁ ଥିବା ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ଶ୍ରେୟାସଙ୍କ ସ୍ଥାନରେ ସୂର୍ଯ୍ୟକୁମାର ଯାଦବ ଖେଳିବେ। ଅନ୍ୟପକ୍ଷରେ ଅଫ୍ ଷ୍ଟମ୍ପ ବାହାର ବଲ ପ୍ରତି ପନ୍ତଙ୍କ ଦୁର୍ବଳତା ପଦାକୁ ଆସୁଛି। ପ୍ରାୟ ମ୍ୟାଚ୍‌ରେ ସ୍ପିନରଙ୍କ ଅଫ୍ ଷ୍ଟମ୍ପ ବାହାର ବଲକୁ ଲେଗ୍ ସାଇଡ୍‌ରେ ମାରିବା ଉଦ୍ଦେଶ୍ୟରେ ଉଇକେଟ ଦାନ କରୁଛନ୍ତି। ପ୍ରଥମ ମ୍ୟାଚ୍ ଛାଡ଼ିଦେଲେ ସେ ବ୍ୟାଟିଂରେ ବିଫଳ ହୋଇଛନ୍ତି। ମଧ୍ୟକ୍ରମରେ ହାର୍ଦ୍ଦିକ ପାଣ୍ଡ୍ୟା ଦଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖେଳୁଛନ୍ତି। ୨୦୧୯ ଦିନିକିଆ ବିଶ୍ୱକପ୍ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଭେଟେରାନ ଉଇକେଟ୍‌କିପର ବ୍ୟାଟର ଦୀନେଶ କାର୍ତ୍ତିକଙ୍କଠାରୁ ଯାହା ଆଶା କରାଯାଉଥିଲା, ତାହା ସେ ସଫଳତାର ସହିତ ପ୍ରତିପାଦନ କରି ଦେଖାଇଛନ୍ତି। ଚତୁର୍ଥ ମ୍ୟାଚ୍‌ରେ ସେ ୨୭ ବଲରେ ୫୫ ରନ୍‌ର ବିସ୍ଫୋରକ ପାଳି ଖେଳିଥିଲେ। ଏହା ଥିଲା ତାଙ୍କ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଟି୨୦ ଅର୍ଦ୍ଧଶତକ। ନିର୍ଣ୍ଣାୟକ ମ୍ୟାଚ୍‌ରେ ମଧ୍ୟ ତାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି। ଏଭଳି ପ୍ରଦର୍ଶନ ଜାରି ରହିଲେ ଟି୨୦ ବିଶ୍ୱକପ୍‌ରେ ସେ ଉଇକେଟ୍ କିପିଂ ଦାୟିତ୍ୱ ମଧ୍ୟ ସମ୍ଭାଳି ପାରନ୍ତି। କାରଣ ଆଗକୁ ହେବାକୁଥିବା ଆୟର୍ଲାଣ୍ଡ ବିପକ୍ଷ ସିରିଜ୍‌ରେ ତାଙ୍କୁ ଏକମାତ୍ର ଉଇକେଟ୍‌କିପର ଭାବେ ଭାରତୀୟ ଦଳରେ ସ୍ଥାନ ମିଳିଛି। ଭୁବନେଶ୍ୱର କୁମାରଙ୍କ ନେତୃତ୍ୱାଧୀନ ବୋଲିଂ ବିଭାଗ ପ୍ରଥମ ମ୍ୟାଚ୍‌କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ମୁକାବିଲାରେ ଭଲ ପ୍ରଦର୍ଶନ ରହିଛି। ଭୁବନେଶ୍ୱରଙ୍କ ପୁରୁଣା ସୁଇଙ୍ଗ ଫେରିଥିବା ବେଳେ ହର୍ଷଲ ପଟେଲ ଓ ଆଭେଶ ଖାନ୍ ଡେଥ୍ ଓଭରରେ ପ୍ରତିପକ୍ଷ ଦଳର ବ୍ୟାଟରଙ୍କୁ ରନ୍ କରିବାକୁ ଦେଉନାହାନ୍ତି। ଲେଗ୍ ସ୍ପିନର ଯୁଜ୍‌ବେନ୍ଦ୍ର ଚହଲ ଏହି ସିରିଜ୍‌ରେ ତାଙ୍କ ଆଇପିଏଲ ପ୍ରଦର୍ଶନ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଅକ୍ଷର ପଟେଲ ସେତେଟା ସଫଳ ହୋଇନାହାନ୍ତି। ଏହାସତ୍ତ୍ୱେ ଦଳରେ କୌଣସି ଆହତ ସମସ୍ୟା ନ ହେଲେ ପେସ୍ ସେନ୍‌ସେସନ ଉମ୍ରାନ୍ ମଲିକ, ୟର୍କର ସ୍ପେଶାଲିଷ୍ଟ ଅର୍ଶଦୀପ ସିଂ ଓ ମଧ୍ୟକ୍ରମ ବ୍ୟାଟର ଦୀପକ ହୁଡାଙ୍କୁ ଦଳରେ ସ୍ଥାନ ମିଳିବାର ସମ୍ଭାବନା ନାହିଁ। ଅନ୍ୟପକ୍ଷରେ ଭ୍ରମଣକାରୀ ଦଳର ଅଧିନାୟକ ଟେମ୍ବା ବଭୁମା ଚତୁର୍ଥ ମ୍ୟାଚ୍‌ରେ ଆହତ ହୋଇ ପାଭିଲିଅନ ଚାଲିଯାଇଥିଲେ ଏବଂ ବ୍ୟାଟିଂ କରିବାକୁ ମଧ୍ୟ ଫେରି ନ ଥିଲେ। ଏଣୁ ପରିବର୍ତ୍ତନର ଆଶଙ୍କା ରହିଛି।

**ସମ୍ଭାବ୍ୟ ଭାରତୀୟ ଦଳ:** ଋତୁରାଜ ଗାଏକ୍ୱାଡ, ଇଶାନ କିଶନ, ଶ୍ରେୟାସ ଆୟାର, ରିଷଭ ପନ୍ତ (ଉଇକେଟ୍‌କିପର ଓ ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଦୀନେଶ କାର୍ତ୍ତିକ, ଅକ୍ଷର ପଟେଲ, ହର୍ଷଲ ପଟେଲ, ଭୁବନେଶ୍ୱର କୁମାର, ଆଭେଶ ଖାନ୍ ଓ ଯୁଜ୍‌ବେନ୍ଦ୍ର ଚହଲ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଟେମ୍ବା ବଭୁମା(ଅଧିନାୟକ)/ ରିଜା ହେଣ୍ଡ୍ରିକ୍ସ, କ୍ୱିଣ୍ଟନ ଡି'କକ୍ (ଉଇକେଟ୍‌କିପର), ହେନ୍‌ରିଚ କ୍ଲାସେନ, ରାସି ଭାନ ଡର ଡୁସେନ, ଡେଭିଡ ମିଲର, ଡ୍ୱେନ୍ ପ୍ରିଟୋରିଅସ୍, ଲୁଙ୍ଗି ଏନ୍‌ଗିଡି/କାଗିଶୋ ରବାଡା, ମାର୍କୋ ଜାନସେନ/ ୱେନ ପାର୍ନେଲ, ଅନ୍‌ରିଚ ନର୍ଜେ, ତାବ୍ରେଜ ଶାମସି, କେଶବ ମହାରାଜ।

# ଆର୍ଜେଣ୍ଟିନାକୁ ହରାଇଲା ଭାରତ




**ରୋଟରଡାମ୍, ୧୮।୬ (ପି.ଟି.)**

**ମହିଳା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍**

ଡବଲ ଲେଗ୍ ବିଶିଷ୍ଟ ମହିଳା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଏହାର ପ୍ରଥମ ମ୍ୟାଚରେ ଭାରତ ୨-୧ ଶୁଟ୍ ଆଉଟରେ ଅଲିମ୍ପିକ ରୌପ୍ୟ ବିଜେତା ଆର୍ଜେଣ୍ଟିନାକୁ ପରାସ୍ତ କରିଛି। ମ୍ୟାଚରେ ଗୁରଜିତ କୌର ଡବଲ ଗୋଲ ସ୍କୋର କରିଛନ୍ତି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୩-୩ରେ ଡ୍ର ରହିବାରୁ ଶୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ନିର୍ଦ୍ଧାରିତ ସମୟ ଖେଳରେ ଭାରତ ତରଫରୁ ଗୁରଜିତ (୩୭ତମ ଓ ୬୧ତମ ମିନିଟ) ଦୁଇଟି ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ। ଦଳ ପକ୍ଷରୁ ଅନ୍ୟ ଗୋଲଟି ଲାଲ୍‌ରେମସିଆମି (୪ର୍ଥ) ସ୍କୋର କରିଥିଲେ। ଆର୍ଜେଣ୍ଟିନା ତରଫରୁ ଅଗଷ୍ଟିନା ଗୋର୍ଜେଲାନି (୨୨ତମ, ୩୭ତମ ଓ ୪୫ତମ) ହ୍ୟାଟ୍ରିକ ଗୋଲ ସ୍କୋର କରିବାରୁ ମ୍ୟାଚ ଶୁଟ୍‌ଆଉଟକୁ ଯାଇଥିଲା। ଶୁଟ୍ ଆଉଟ୍‌ରେ ନେହା ଗୋଏଲ ଓ ସୋନିକା ଗୋଲ୍ ସ୍କୋର କରିଥିଲେ। ଗତଥରର ପ୍ରୋ-ଲିଗ୍ ଚାମ୍ପିୟନ ଆର୍ଜେଣ୍ଟିନା ପକ୍ଷରୁ ଭିକ୍ଟୋରିଆ ଗ୍ରାନାଟୋ ଏକମାତ୍ର ସ୍କୋରର ରହିଥିଲେ। ସୂଚନାଯୋଗ୍ୟ, ଟୋକିଓ ଅଲିମ୍ପିକ୍ସ ସେମିଫାଇନାଲରେ ଆର୍ଜେଣ୍ଟିନା ନିକଟରୁ ଭାରତ ୨-୧ ଗୋଲରେ ପରାସ୍ତ ହୋଇଥିଲା। ଶନିବାର ସଭିତା-ପୁନିଆଙ୍କ ନେତୃତ୍ୱାଧୀନ ଦଳ ଏହି ପରାଜୟର ପ୍ରତିଶୋଧ ନେଇପାରିଛି।

**ଏସିଆନ୍ ଟ୍ରାକ୍ ସାଇକ୍ଲିଂ**

# ପ୍ରଥମ ଦିନରେ ଭାରତକୁ ୧୦ ପଦକ

**ନୂଆଦିଲ୍ଲୀ,୧୮।୬**

ଆୟୋଜକ ଭାରତ ଏସିଆନ୍ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ଜବରଦସ୍ତ ଢଙ୍ଗରେ ତା'ର ଅଭିଯାନ ଆରମ୍ଭ କରିଛି। ପ୍ରତିଯୋଗିତାର ପ୍ରଥମ ଦିନରେ ଭାରତକୁ ୧୦ ପଦକ ମିଳିଛି। ୪୧ତମ ସିନିୟର, ୨୮ତମ ଜୁନିୟର ଏସିଆନ୍ ଟ୍ରାକ ଓ ୧୦ମ ପାରା ଟ୍ରାକ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ଶନିବାର ୧୨ଟି ଫାଇନାଲ ଅନୁଷ୍ଠିତ ହୋଇଥିଲା। ସିନିୟର ବର୍ଗରେ ଭାରତକୁ ୧ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ମିଳିଥିବା ବେଳେ ଜୁନିୟର ବର୍ଗରେ ଭାରତୀୟ ସାଇକ୍ଲିଷ୍ଟମାନେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ। ପାରା ଇଭେଣ୍ଟରେ ଭାରତକୁ ୧ ବ୍ରୋଞ୍ଜ ପଦକ ମିଳିଛି।

# ରଣଜୀ ଟ୍ରଫି ଫାଇନାଲରେ ମୁମ୍ବାଇ-ମଧ୍ୟପ୍ରଦେଶ



ଯଶସ୍ୱୀ ଜୟସ୍ୱାଲ

**ବେଙ୍ଗାଲୁରୁ,୧୮।୬**

ଚଳିତ ରଣଜୀ ଟ୍ରଫି ସିଜନର ଫାଇନାଲ ମୁକାବିଲା ଶନିବାର ସ୍ପଷ୍ଟ ହୋଇଯାଇଛି। ଫାଇନାଲରେ ୪୧ ଥର ଚାମ୍ପିୟନ ମୁମ୍ବାଇକୁ ଭେଟିବ ମଧ୍ୟପ୍ରଦେଶ। ଅଲୁରଠାରେ ସେମିଫାଇନାଲରେ ମଧ୍ୟପ୍ରଦେଶ ୧୭୪ ରନ୍‌ରେ ବେଙ୍ଗଲକୁ ହରାଇ ୨୩ ବର୍ଷ ପରେ ରଣଜୀ ଫାଇନାଲକୁ ଉନ୍ନୀତ ହୋଇଛି। ସେହିଭଳି ବେଙ୍ଗାଲୁରୁଠାରେ ଉତ୍ତରପ୍ରଦେଶ ବିପକ୍ଷରେ ଖେଳାଯାଇଥିବା ସେମିଫାଇନାଲକୁ ମୁମ୍ବାଇ ଇନିଂସ ଅଗ୍ରଣୀରେ ଜିତି ନେଇଛି।

ପ୍ରଥମ ଇନିଂସରେ ହିମାଂଶୁ ମନ୍ତ୍ରୀଙ୍କ ୧୬୫ ରନ୍‌ର ଇନିଂସ ବଳରେ ମଧ୍ୟପ୍ରଦେଶ ୩୪୧ ରନ୍ କରିଥିଲା। ମନୋଜ ତିୱାରୀ (୧୦୨) ଏବଂ ଶାହବାଜ ଅହମ୍ମଦ (୧୧୬)ଙ୍କ ଶତକ ସତ୍ତ୍ୱେ ୨୭୩ ରନ୍ କରିବାକୁ ସକ୍ଷମ ହୋଇଥିଲା ବେଙ୍ଗଲ। ୬୮ ରନ୍‌ର ଅଗ୍ରଣୀ ହାସଲ କରିଥିବା ମଧ୍ୟପ୍ରଦେଶର ଦ୍ୱିତୀୟ ଇନିଂସ ୨୮୧ ରନ୍‌ରେ ସୀମିତ ରହିଥିଲା। ପରେ କୁମାର କାର୍ତ୍ତିକେୟାଙ୍କ ୫ ଉଇକେଟ ସଫଳତା ଯୋଗୁ ୩୫୦ ଟାର୍ଗେଟ ପିଛା କରୁଥିବା ବେଙ୍ଗଲ ୧୭୫ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ସେହିଭଳି ବେଙ୍ଗାଲୁରୁଠାରେ ଅନୁଷ୍ଠିତ ଅନ୍ୟ ସେମିଫାଇନାଲରେ ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ଯଶସ୍ୱୀ ଜୟସ୍ୱାଲ (୧୦୦) ଓ ହାର୍ଦ୍ଦିକ ତାମୋର(୧୧୫)ଙ୍କ ଶତକ ବଳରେ ୩୯୩ ରନ୍ କରିଥିଲା। ଜବାବରେ ଉତ୍ତରପ୍ରଦେଶ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୮୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ୧୧୩ ରନ୍‌ରେ ଆଗୁଆ ଥିବା ମୁମ୍ବାଇ ମ୍ୟାଚ୍ ଶେଷ ହେବା ପର୍ଯ୍ୟନ୍ତ ବ୍ୟାଟିଂ ଜାରି ରଖି ପ୍ରତିପକ୍ଷ ଦଳକୁ ସୁଯୋଗ ଦେଇ ନ ଥିଲା। ଦ୍ୱିତୀୟ ଇନିଂସରେ ମମ୍ବାଇ ୪ ଉଇକେଟରେ ୫୩୩ ରନ୍ କରିବା ପରେ ଉଭୟ ଦଳର ଅଧିନାୟକ ହାତ ମିଳାଇ ମ୍ୟାଚ୍ ସମାପ୍ତି ଘୋଷଣା କରିଥିଲେ। ପ୍ରଥମ ଭଳି ଦ୍ୱିତୀୟ ପାଳିରେ ମଧ୍ୟ ଶତକ ହାସଲ କରିଥିବା ଜୟସ୍ୱାଲ (୧୮୧)ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

# ତ୍ରିରାଷ୍ଟ୍ରୀୟ ଖେଳିବ ଭାରତୀୟ ମହିଳା ଫୁଟ୍‌ବଲ ଦଳ

**ନୂଆଦିଲ୍ଲୀ, ୧୮।୬ (ପି.ଟି.)**

ଭାରତର ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଦଳ ଦକ୍ଷତା ବୃଦ୍ଧି ଟୁର୍‌ରେ ସୁଇଡେନ ଗସ୍ତ କରିବ। ସେଠାରେ ଡବ୍ଲ୍ୟୁ ୨୩ ବର୍ଷରୁ କମ୍ ତ୍ରିରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ। ସେମାନେ ଉଭୟ ସୁଇଡେନ ଓ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ) ସହ ଖେଳିବେ। ମ୍ୟାଚଗୁଡ଼ିକ ଜୁନ୍ ୨୨ରୁ ୨୮ ପର୍ଯ୍ୟନ୍ତ ହେବ। ଏହି ୨୩ଜଣିଆ ଭାରତୀୟ ଦଳ ଜୁନ୍ ୧୩ରୁ ପୁଣେରେ ଟ୍ରେନିଂ ନେଉଛନ୍ତି। ସୁରେନ ଚେତ୍ରି (୨୦ବର୍ଷରୁ କମ୍ ମହିଳା ଦଳ ଓ ଭାରତୀୟ ଆରୋଜ ମହିଳା ଦଳର ମୁଖ୍ୟ କୋଚ୍) ଜଣେ କାମଚଳା ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ତୁଲାଉଛନ୍ତି।







# କଷ୍ଟୋମାଇଜ କଲର ବଲ୍ ଟେନିସ ୨୩ରୁ



ଖବରଦାତା ସମ୍ମିଳନୀରେ କଷ୍ଟୋମାଇଜ କଲର ବଲ୍ ଟେନିସ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦିଆଯାଉଛି।

**ଭୁବନେଶ୍ୱର,୧୮।୬(ସ୍ପୋର୍ଟ୍ସ ବ୍ୟୁରୋ)**

ପ୍ରଥମ ଥର ପାଇଁ ଓଡ଼ିଶାରେ ଖେଳାଯିବ କଷ୍ଟୋମାଇଜ କଲର ବଲ ଟେନିସ ଟୁର୍ନାମେଣ୍ଟ। ଆସନ୍ତା ୨୩ରୁ ୨୬ ପର୍ଯ୍ୟନ୍ତ ଓଡ଼ିଶା ଟେନିସ ଆସୋସିଏଶନ(ଓଟିଏ) ବ୍ୟାନରରେ ଆଇ.ଆଇ.ଜି. ସ୍ପୋର୍ଟସ ଏକାଡେମୀ ପକ୍ଷରୁ କେଟି ଗ୍ଲୋବାଲ ସ୍କୁଲ କ୍ୟାମ୍ପସରେ ଖେଳା ହେବାକୁ ଯାଉଛି କଷ୍ଟୋମାଇଜ ଅଲ ଓଡିଶା ଜୁନିୟର ଚାମ୍ପିୟନଶିପ୍। ପ୍ରଥମ ଥର ପାଇଁ ଟେନିସ ଟୁର୍ନାମେଣ୍ଟ ଖେଳିବାକୁ ଥିବା ପିଲାଙ୍କ ପାଇଁ କଷ୍ଟୋମାଇଜ କରାଯାଇ ସେମାନଙ୍କ ଦକ୍ଷତା ଅନୁସାରେ ଲାଲ, କମଳା ଏବଂ ସବୁଜ ଡଟ ବଲରେ ପ୍ରତିଯୋଗିତା କରାଯାଉଛି। ରେଗୁଲାର ଟେନିସ ବଲ ତୁଳନାରେ ଲାଲ, କମଳା ଏବଂ ସବୁଜ ଡଟ ବଲରେ ଯଥାକ୍ରମେ ୨୫%, ୫୦% ଏବଂ ୭୫% ଅଧିକ ବାଉନ୍ସ ରହିଛି। ଏପରିକି ଟେନିସ କୋର୍ଟର ଆକାର ବଲ ସ୍ତର ଉପରେ ଆଧାର କରି କଷ୍ଟୋମାଇଜ କରାଯାଇଛି। ୧୦, ୧୨, ୧୪ ବର୍ଷରୁ କମ୍ କ୍ୟାଟେଗୋରୀରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ପୁଅ ଓ ଝିଅ ଏକତ୍ରିତ ଏବଂ ପରସ୍ପର ବିପକ୍ଷରେ ଖେଳି ପାରିବେ।

ଟୁର୍ନାମେଣ୍ଟର ଉଦ୍ଦେଶ୍ୟ ହେଉଛି ଟେନିସ ଖେଳାଳିଙ୍କୁ ତୃଣମୂଳ ସ୍ତରରୁ ଭିତ୍ତିଭୂମି ଯୋଗାଇବା ସହ ଓଡ଼ିଶାରେ ଟେନିସକୁ ଅଧିକରୁ ଅଧିକ ପ୍ରଚାର ପ୍ରସାର କରିବା ଏବଂ ନୂଆ ପ୍ରତିଭାଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା। ଏ ନେଇ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ କେଟି ଗ୍ଲୋବାଲ ସ୍କୁଲର ନିର୍ଦ୍ଦେଶକ ପୂର୍ଣ୍ଣଶିଷ ରଥ, କେଟି ଗ୍ଲୋବାଲ ସ୍କୁଲର ପ୍ରିନ୍ସିପାଲ ସବିତା ପଣ୍ଡା, ଭାଇସ-ପ୍ରିନ୍ସିପାଲ ଅନୁରାଧା ଘୋଷ, ଆଇଆଇଜି ସ୍ପୋର୍ଟସ ଏକାଡେମୀର ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ, ଓଟିଏ କାର୍ଯ୍ୟନିର୍ବାହୀ ସଦସ୍ୟ ଅସିତ ପ୍ରଧାନ, ଓଟିଏର ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ୟାପ୍ରି ଗ୍ଲୋବାଲ, କେଏଲ୍ଓ ସ୍ପୋର୍ଟ୍ସ ନୂଆ ଫ୍ରାଞ୍ଚାଇଜ୍

**ଭୁବନେଶ୍ୱର, ୧୮।୬(ସ୍ପୋର୍ଟ୍ସ ବ୍ୟୁରୋ)**

**ଅଲ୍ଟିମେଟ୍ ଖୋ ଖୋ**

ଅଲ୍ଟିମେଟ୍ ଖୋ ଖୋ (ୟୁକେକେ) ଶୁକ୍ରବାର ୨୦୨୨ରେ ଲିଗ୍‌ର ଉଦ୍‌ଘାଟନୀ ସଂସ୍କରଣରେ ରାଜସ୍ଥାନ ଓ ଚେନ୍ନାଇ ଟିମ୍‌ର ମାଲିକ ଭାବେ ଦୁଇଟି ନୂଆ ଫ୍ରାଞ୍ଚାଇଜ କ୍ୟାପ୍ରି ଗ୍ଲୋବାଲ ଓ କେଏଲ୍ଓ ସ୍ପୋର୍ଟ୍ସକୁ ସ୍ୱାଗତ କରିଛି। କେଏଲ୍ଓ ସ୍ପୋର୍ଟ୍ସ ମାଲିକାନାରେ ଥିବା ଟିମ୍ ଚେନ୍ନାଇ କ୍ୱିକ୍ ଗନ୍ସ ଭାବେ ପରିଚିତ ହେବ। କ୍ୟାପ୍ରି ଗ୍ଲୋବାଲର ରାଜସ୍ଥାନଭିତ୍ତିକ ଫ୍ରାଞ୍ଚାଇଜର ନାମ ଘୋଷଣା ହେବାକୁ ବାକି ରହିଛି। କେଏଲ୍ଓ ସ୍ପୋର୍ଟ୍ସ ଉତ୍ସାହୀ କ୍ରୀଡାପ୍ରେମୀ ସଞ୍ଜୟ ଜୁପୁଡି ଓ ଶ୍ରୀନାଥ ଚିତୁରିଙ୍କ ସହ-ମାଲିକାନାରେ ରହିଛି, ଯେଉଁମାନେ କି ଭାରତ ତଥା ବିଦେଶରେ ନିର୍ମାଣ, ଅଟୋମୋବାଇଲ ଓ ଆଇଟି କ୍ଷେତ୍ରରେ ସଫଳ ବ୍ୟବସାୟୀ ଅଟନ୍ତି। ଗୁଜରାଟ ଓ ତେଲଙ୍ଗାନା ଫ୍ରାଞ୍ଚାଇଜର ମାଲିକ ଭାବେ ଅଗ୍ରଣୀ ଶିଳ୍ପ ସଂସ୍ଥା ଆଦାନୀ ଗ୍ରୁପ୍ ଓ ଜିଏମ୍‌ଆର୍ ଗ୍ରୁପ୍ ସହ ସହଭାଗିତା ରହିଥିବା ସମ୍ପର୍କରେ ଅଲ୍ଟିମେଟ୍ ଖୋ ଖୋ ପୂର୍ବରୁ ଘୋଷଣା କରିଥିଲା। ଭାରତର ପ୍ରଥମ ଫ୍ରାଞ୍ଚାଇଜିଭିତ୍ତିକ ଖୋ ଖୋ ଲିଗ୍‌କୁ ଡାବର୍ ଗ୍ରୁପ୍‌ର ଅଧ୍ୟକ୍ଷ ଅମିତ୍ ବର୍ମନ୍, ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ମଧ୍ୟ ସହଭାଗିତାରେ ପ୍ରମୋଟ୍ ବା ପ୍ରସାର କରୁଛନ୍ତି। ଏ ସମ୍ପର୍କରେ ଅଲ୍ଟିମେଟ୍ ଖୋ ଖୋର ସିଇଓ ତେଞ୍ଜିଙ୍ଗ୍ ନିୟୋଗି କହିଛନ୍ତି, ଏହି ଲିଗ୍ ସହିତ ଆଧୁନିକ ଯୁଗର ଭାରତରେ ପେସାଦାର ଢାଞ୍ଚା ଆଣିବା ଆମର ଲକ୍ଷ୍ୟ। କେବଳ ଖୋ ଖୋକୁ ପରବର୍ତ୍ତୀ ସ୍ତରକୁ ନୁହେଁ ବରଂ ଖେଳର ପ୍ରଶଂସକଙ୍କ ସୃଷ୍ଟି କରିବା ଲାଗି ଉଦ୍ୟମ ଜାରି ରହିବ। କେଏଲ୍ଓ ସ୍ପୋର୍ଟ୍ସର ସହ-ମାଲିକ ଓ କ୍ୱେଂଟେଲିର ପ୍ରତିଷ୍ଠାତା ସଞ୍ଜୟ ଜୁପୁଡି କହିଛନ୍ତି, "ଆମର ଲକ୍ଷ୍ୟ ହେଉଛି ଖୋ ଖୋକୁ ଭାରତରେ ଏକ ମୁଖ୍ୟଧାରାର କ୍ରୀଡାରେ ପରିଣତ କରିବା। ଅଲ୍ଟିମେଟ୍ ଖୋ ଖୋ ସହ ନିଜର ସହଭାଗିତା ସମ୍ପର୍କରେ କ୍ୟାପ୍ରି ଗ୍ଲୋବାଲର ପରିଚାଳନା ନିର୍ଦ୍ଦେଶକ ରାଜେଶ ଶର୍ମା କହିଛନ୍ତି, ଆମେ ସମଗ୍ର ସ୍ପୋର୍ଟ୍ସ ଇକୋ-ସିଷ୍ଟମର ଏକ ଅଂଶ ହେବାକୁ ଚାହୁଁଛୁ, ଯାହା ଘରୋଇ କ୍ରୀଡାକୁ ପ୍ରୋତ୍ସାହିତ କରୁଥିବ ଏବଂ ଏକ ଅଗ୍ରଣୀ କ୍ରୀଡା ରାଷ୍ଟ୍ର ଭାବେ ଭାରତର ଯାତ୍ରାରେ ଏକ ସକ୍ଷମକାରୀର ଭୂମିକା ଗ୍ରହଣ କରୁଥିବ। ଖୋ ଖୋ ହେଉଛି ଆମ ଦେଶର ଅନ୍ୟତମ ପହଞ୍ଚଯୋଗ୍ୟ କ୍ରୀଡ଼ା। ଆମର ଲକ୍ଷ୍ୟ ହେଉଛି ତୃଣମୂଳ ସ୍ତରରେ ପ୍ରଶିକ୍ଷଣ ବ୍ୟବସ୍ଥା ପ୍ରଦାନ କରିବା।




ଦିଲ୍ଲୀସ୍ଥିତ ଆଇଜି ଷ୍ଟାଡିୟମରେ ସୁପର ଲିଗ୍ ଖୋଖୋରେ ଶନିବାର ରୋହିତ ଶର୍ମାଙ୍କ ସ୍କାଏ ଡାଇଭ୍ ପ୍ରଚେଷ୍ଟା।

# ଭାରତ ପ୍ରଥମେ ଆୟର୍ଲାଣ୍ଡକୁ ଭେଟିବ

**ୟୁନିଫାର ୨୩ ବର୍ଷରୁ କମ୍ ୫ ରାଷ୍ଟ୍ରୀୟ ମହିଳା ହକି**

**ଡବଲିନ୍, ୧୮।୬ (ପି.ଟି.)**

ଭାରତୀୟ ଜୁନିୟର ମହିଳା ହକି ଦଳ ୟୁନିଫାର୍ ୨୩ ବର୍ଷରୁ କମ୍ ୫ ରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାଗ ନେଇଛି। ଦଳ ରବିବାର ଏହାର ପ୍ରଥମ ମ୍ୟାଚ ଆୟର୍ଲାଣ୍ଡ ବିପକ୍ଷରେ ଖେଳିବ। ଏପ୍ରିଲରେ ଦକ୍ଷିଣ ଆଫ୍ରିକାରେ ଏଫ୍‌ଆଇଏଚ୍ ମହିଳା ଜୁନିୟର ବିଶ୍ୱକପ୍ ଖେଳିଥିବା ଭାରତୀୟ ଦଳ ଲିଗ୍ ପର୍ଯ୍ୟାୟ ପ୍ରତିଯୋଗିତାରେ ଆୟର୍ଲାଣ୍ଡ, ନେଦରଲାଣ୍ଡ୍ସ, ୟୁଏସ୍ ଓ ୟୁକ୍ରେନ୍ ବିପକ୍ଷରେ ଖେଳିବ। ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ ପରେ ଭାରତ ଜୁନ୍ ୨୦ରେ ନେଦରଲାଣ୍ଡ୍ସ ଏବଂ ପରେ ଜୁନ୍ ୨୨ରେ ୟୁକ୍ରେନକୁ ଏବଂ ଜୁନ୍ ୨୩ରେ ୟୁଏସ୍‌ଏକୁ ଭେଟିବ। ଭାରତୀୟ ଦଳର ଅଧିନାୟକ ବୈଷ୍ଣବୀ ବିଥାଲ ଫାଲ୍‌କେ କହିଛନ୍ତି ଆମେ ଟ୍ରେନିଂ ବେଳେ ଭଲ ଖେଳିଛୁ। ଆଗାମୀ ମ୍ୟାଚଗୁଡ଼ିକରେ ତାହା ପ୍ରତିଫଳିତ ହେବ ବୋଲି ଆମର ଆଶା ରହିଛି। ସିରିଜ ଲାଗି ବିୟୁଟି ଡୁଙ୍ଗ୍ ଡୁଙ୍ଗ୍‌ଙ୍କୁ ଫାଲ୍‌କେଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି। ରାଉଣ୍ଡ ରବିନ ପର୍ଯ୍ୟାୟ ଶେଷ ହେବା ପରେ ପଏଣ୍ଟ ଟେବଲର ଶ୍ରେଷ୍ଠ ଦୁଇ ଦଳ ଫାଇନାଲକୁ ଉନ୍ନୀତ ହେବେ। ୩ୟ ଓ ୪ର୍ଥ ସ୍ଥାନରେ ରହିଥିବା ଦଳ ବ୍ରୋଞ୍ଜ ପଦକ ପାଇଁ ଲଢେଇ କରିବେ। ଉଭୟ ଫାଇନାଲ ଓ ବ୍ରୋଞ୍ଜ ପଦକ ପ୍ଲେ-ଅଫ୍ ମ୍ୟାଚ ଜୁନ୍ ୨୬ରେ ଖେଳାଯିବ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତ୍ପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୯ ଜୁନ୍, ୨୦୨୨

## ଅମୃତ ସରୋବରର ମାଟି କାମ ଆରମ୍ଭ

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବନ୍ଧପଡାରେ ବ୍ଲକର ପ୍ରଥମ ଅମୃତ ସରୋବରରେ ଶୁକ୍ରବାର ମାଟି ଉନ୍ନତିକରଣ କାମ ଆରମ୍ଭ ହୋଇଛି। ବନ୍ଧପଡା କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ବାଗଙ୍କ ପରିଚାଳନାରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କେନ୍ଦ୍ର ସରକାର ଅମୃତ ସରୋବର ଯୋଜନାରେ ପ୍ରତି ଜିଲାରେ ୭୫ଟି ଲେଖାଏ ପୋଖରୀକୁ ଅନ୍ତର୍ଭୁକ୍ତ କରି ତାର ସାମଗ୍ରୀ ଉନ୍ନତି କରିବା ଲକ୍ଷ୍ୟ ରହିଛି।



## ସଂକ୍ଷେପରେ

### ଜିଆର୍‌ଏସ୍‌ଙ୍କୁ ମିଳିନି ୯ ମାସର ଦରମା

**ଲାଠୋର,୧୮।୬(ଡି.ଏନ.ଏ.):** ଗତ ୯ ମାସ ହେବ ଗ୍ରାମ ରୋଜଗାର ସେବକ(ଜିଆରଏସ୍)ଙ୍କୁ ଦରମା ପ୍ରଦାନ କରାଯାଇନାହିଁ। ଖୁବ୍‌ଶୀଘ୍ର ଦରମା ପ୍ରଦାନ କରା ନ ଗଲେ କଲମ ଛାଡ଼ ଆନ୍ଦୋଳନ କରାଯିବ ବୋଲି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ କାର୍ଯ୍ୟରତ ଜିଆରଏସମାନେ ସୂଚନା ଦେଇଛନ୍ତି। ମାସିକ ୮୮୮୦ ଟଙ୍କା ଦରମାରେ ସରକାର ପ୍ରତି ପଞ୍ଚାୟତରେ ଜଣେ ଲେଖାଏ ଜିଆରଏସ୍ ନିଯୁକ୍ତି ଦେଇଛନ୍ତି। ସେତିକ ଦରମାରେ ସେମାନେ କାମ କରିବେ ବୋଲି ପ୍ରତିବର୍ଷ ଡିସେମ୍ବରରେ ବ୍ଲକ ପ୍ରଶାସନ ସହ ଏଗ୍ରିମେଣ୍ଟ କରିଥାନ୍ତି। ସେହି ଅନୁସାରେ ଏଠାରେ କାର୍ଯ୍ୟରତ ଜିଆରଏସ୍‌ମାନେ ଗତ ଡିସେମ୍ବର ୨୦୨୧ରେ ଏଗ୍ରିମେଣ୍ଟ କରିଛନ୍ତି। ହେଲେ ସେମାନଙ୍କୁ ସେପ୍ଟେମ୍ବର ୨୦୨୧ଠାରୁ ମେ ୨୦୨୨ ପର୍ଯ୍ୟନ୍ତ ୯ ମାସ ହେଲା ଦରମା ପ୍ରଦାନ କରାଯାଇ ନାହିଁ। ବାରମ୍ବାର ବ୍ଲକ ପ୍ରଶାସନକୁ ଜଣାଇଲେ ହେଁ କୌଣସି ସୁଫଳ ମିଳୁନାହିଁ। ଫଳରେ ସେମାନେ ଦରମା ନପାଇ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି।

### ବିଦ୍ୟୁତ୍ ଖୁଣ୍ଟକୁ ଢଳି ରହିଛି ନିମ୍ବଗଛ


ବିଦ୍ୟୁତ୍ ଖୁଣ୍ଟକୁ ଢଳି ରହିଥିବା ନିମ୍ବଗଛ।

**ଲାଠୋର, ୧୮।୬(ଡି.ଏନ.ଏ.)** ବଲାଙ୍ଗୀର ଜିଲା ଲାଠୋର ରେଳ ଫାଟକ ନିକଟ ମୁଖ୍ୟ ରାସ୍ତାକଡରେ ବିପଦପୂର୍ଣ୍ଣ ଅବସ୍ଥାରେ ଏକ ବିରାଟ ନିମ୍ବଗଛ ରହିଛି। ଗଛଟି ପାଖରେ ଥିବା ରେଳ ବିଭାଗର ବିଦ୍ୟୁତ୍ ଖୁଣ୍ଟକୁ ଢଳି ରହିଛି। ଗଛ ଓଜନରେ ଖୁଣ୍ଟ ଦିନକୁ ଦିନ ବଙ୍କା ହେବାରେ ଲାଗିଛି। କେତେବେଳେ ଖୁଣ୍ଟ ଏବଂ ଗଛ ରାସ୍ତା ଉପରେ ପଡିବ କହି ହେଉନାହିଁ। ସ୍ଥାନୀୟ ଲୋକେ ଲାଠୋର ବନ ବିଭାଗକୁ ଘଟଣା ବିଷୟରେ ଅବଗତ କରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଲାଠୋର ରେଞ୍ଜର ପ୍ରଭାତୀ ସେଠଙ୍କୁ ପଚାରିବାରୁ ରେଳ ବିଭାଗ ସହଯୋଗରେ ଗଛ କାଟିବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

### ବସ୍‌ଷ୍ଟାଣ୍ଡ ଉପରେ ବିପଦସଙ୍କୁଳ ଗଛ

**ଦେଓଗାଁ,୧୮।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବସ୍‌ଷ୍ଟାଣ୍ଡ ୨୬ନଂ ଜାତୀୟ ରାଜପଥ ବନବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଶତାଧିକ ବର୍ଷର ପୁରାତନ ତେନ୍ତୁଳି ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଛି। କିଛିଦିନ ହେଲା ଏହି ଗଛମଝିରେ ଫାଟ ସୃଷ୍ଟି ହୋଇଥିବାରୁ ପାଖରେ ଥିବା ଦୋକାନୀ ତଥା ଜନସାଧାରଣଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏହି ଗଛକୁ ଲାଗି ଦେଓଗାଁ ପ୍ରାଥମିକ କୃଷି ସେବା ସମବାୟ ସମିତି, ପଞ୍ଚାୟତ ଅଫିସ, ଷ୍ଟେଟବ୍ୟାଙ୍କ ଓ ଦୋକାନ ରହିଥିବାରୁ ପ୍ରତ୍ୟହ ଗ୍ରାହକ ଓ ଚାଷୀଙ୍କ ଭିଡ ପରିଲକ୍ଷିତ ହୋଇଥାଏ। ବର୍ତ୍ତମାନ ବର୍ଷାଋତୁ ଆରମ୍ଭ ହୋଇଥିବାରୁ ଝଡ ତୋଫାନରେ କେଉଁ ସମୟରେ ବି ଉକ୍ତ ଗଛ ଭାଙ୍ଗି ପଡିବାର ଆଶଙ୍କା ରହିଛି। ଏଣୁ ତୁରନ୍ତ ଏହି ପୁରାତନ ଗଛକୁ କାଟିବା ପାଇଁ ସାଧାରଣରେ ଦାବି ହୋଇଛି।

### ଏଏପି ଜିଲା ଆବାହକଙ୍କ ପିତୃ ବିୟୋଗ

**ଦେଓଗାଁ,୧୮।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆମ ଆଦମୀ ପାର୍ଟି(ଏଏପି)। ଜିଲା ଆବାହକ ଆଶିଷ କୁମାର ପାଣ୍ଡେଙ୍କ ବାପା ଧନୁର୍ଯ୍ୟ ପାଣ୍ଡେଙ୍କ(୬୦) ନିଜ ବାସ ଭବନରେ ପରଲୋକ ହୋଇଛି। ସେ ଦେଓଗାଁ ବ୍ଲକ ଉପରଝର ତଥା ଆଖ ପାଖ ୬ଟି ପଞ୍ଚାୟତ ଯାଦବ ସମାଜର ପୂର୍ବତନ ସଭାପତି ଥିଲେ। ଏହାସହ ସେ ବିଭିନ୍ନ ସଂଗଠନ ସହ ସମ୍ପୃକ୍ତ ଥିଲେ। ଗାଁ ଯୋର ନିକଟ ଶ୍ମଶାନରେ ତାଙ୍କର ଶେଷକୃତ ସମ୍ପନ୍ନ କରାଯାଇଥିଲା। ଆଶିଷ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି।

# ଖତ ଖାଉଛି କୁକୁର ବନ୍ଧ୍ୟାକରଣ କେନ୍ଦ୍ର

**ଭବାନୀପାଟଣା,୧୮।୬(ସ୍ୱ.ପ୍ର.)**

ସରକାରଙ୍କ ଆନିମଲ ବର୍ଥ କଣ୍ଟ୍ରୋଲ ଯୋଜନାରେ କଳାହାଣ୍ଡି ଜିଲା ଭବାନୀପାଟଣା ପ୍ରାଣୀ ଚିକିତ୍ସାଳୟ ପରିସରରେ ଲକ୍ଷାଧିକ ଟଙ୍କାରେ ନିର୍ମିତ କୁକୁର ବନ୍ଧ୍ୟାକରଣ କେନ୍ଦ୍ର ଏବେ ଖତଖାଉଛି। କେନ୍ଦ୍ରରେ ତାଲା ବି ପଡିନାହିଁ। ବଡ଼ବଡ଼ ଗଛ ଚେର ଜମାଇଲାଣି। ସେଠାରେ ଅସାମାଜିକ ବ୍ୟକ୍ତି ଆଡ୍ଡା ଜମାଇଛନ୍ତି। ରାତିରେ ଅନୈତିକ କାର୍ଯ୍ୟ ମଧ୍ୟ ହେଉଥିବା ବେଳେ ଏସବୁ ଦେଖି ବି ବିଭାଗ ନିରବଦ୍ରଷ୍ଟା ସାଜିଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟାଳୟ ପରିସରରେ ଏଭଳି ଅବ୍ୟବସ୍ଥା ବର୍ଷବର୍ଷ ଧରି ଚାଲିଛି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ନିଦାବିଷ୍ଣୁ ପାଲଟିଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ୨୦୦୮ରୁ ରାଜ୍ୟରେ କାମ କରୁଛି ଆନିମଲ ବାର୍ଥ (ଏବିସି) କଣ୍ଟ୍ରୋଲ କାର୍ଯ୍ୟକ୍ରମ। ୨୦୧୩ରେ ଏହା ରାଜ୍ୟର ବିଭିନ୍ନ ପୌରପାଳିକା ଅଞ୍ଚଳରେ ଆରମ୍ଭ କରାଯାଇଥିଲା। କୁକୁର ସଂଖ୍ୟା ନିୟନ୍ତ୍ରଣ ଲାଗି କୁକୁର ବନ୍ଧ୍ୟାକରଣ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରାଣୀ ଚିକିତ୍ସା ବିଭାଗ ଓ


ଲକ୍ଷାଧିକ ଟଙ୍କାର ନିର୍ମିତ କୁକୁର ବନ୍ଧ୍ୟାକରଣ କେନ୍ଦ୍ର।

ପୌରପାଳିକା ମଧ୍ୟରେ ସମନ୍ୱୟ ରଖି କୁକୁର ବନ୍ଧ୍ୟାକରଣ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ହୋଇଥିଲା। ମାତ୍ର କଳାହାଣ୍ଡି ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଆରମ୍ଭରୁ ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ଆଣ୍ଠେଇଛି। ଏବିସି ଯୋଜନାରେ ଲକ୍ଷାଧିକ ଟଙ୍କାରେ କୁକୁର ବନ୍ଧ୍ୟାକରଣ କେନ୍ଦ୍ର ନିର୍ମାଣ କରାଗଲା। ଏକକାଳୀନ ୨୦ଟି କୁକୁରର ବନ୍ଧ୍ୟାକରଣ ପରେ ତାହାର ସୁରକ୍ଷା ଯୋଗାଇବା ପାଇଁ ୨୦ଟି ଚେମ୍ବର ରହିଛି। ହେଲେ ପାଞ୍ଚ ବର୍ଷରୁ ଅଧିକ ସମୟ ହେଲା ତାହା କାର୍ଯ୍ୟକ୍ଷମ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଏବିସି ଯୋଜନାରେ କୁକୁର ପିଛା ୫୦୦ ଟଙ୍କା ଲେଖାଏଁ ଖର୍ଚ୍ଚ ଦିଆଯାଇଥାଏ। ମାସକୁ ପ୍ରାୟ ଶହେଟି କୁକୁରର ଅସ୍ତ୍ରୋପଚାର କରିବା ଯୋଜନା ରହିଥିବା ବେଳେ କେବଳ କୁକୁର ପିଛା ମାସକୁ ୫୦ ହଜାର ଟଙ୍କା ଖର୍ଚ୍ଚ ନିର୍ଦ୍ଧାରଣା କରାଯାଇଥିବା ବେଳେ ଡାକ୍ତର, ସହାୟକ, ଫାର୍ମାସିଷ୍ଟ ଦରମା ସହ ଔଷଧ ଖର୍ଚ୍ଚ ରହିଛି। ହେଲେ ଜିଲାରେ କୁକୁରଙ୍କ ବନ୍ଧ୍ୟାକରଣ ନ

### ଜିଲାରେ ବଢୁଛି କୁକୁରଙ୍କ ସଂଖ୍ୟା

ହେବାରୁ କୁକୁରଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଜିଲା ମୁଖ୍ୟ ଡାକ୍ତରଖାନାକୁ ଦୈନିକ ଏକାଧିକ ଲୋକ କୁକୁର କାମୁଡାରେ ଆହତ ହୋଇ ଚିକିତ୍ସା ପାଇଁ ଆସୁଛନ୍ତି। କେଉଁଠି କୁକୁର କାମୁଡୁଛି ତ' ଆଉ କେଉଁଠି ଗାଡ଼ି ଆଗକୁ ପଶି ଆସିବାରୁ ଚାଳକ ତଳେ ପଡ଼ି ଆହତ ହେଉଛି। ରାସ୍ତା ମଝିରେ କୁକୁରଙ୍କ ଆକ୍ରମଣ ଯୋଗୁ ମଧ୍ୟ ଦୁର୍ଘଟଣା ଘଟୁଛି। କିନ୍ତୁ ଏବିସି ଯୋଜନା ଓ କୁକୁର ବନ୍ଧ୍ୟାକରଣ ଦିଗରେ ପ୍ରଶାସନ ଆଦୌ ଦୃଷ୍ଟି ଦେଉନାହାନ୍ତି। ସରକାର ସମସ୍ତ ସହଯୋଗ ଦେବା ପରେ ମଧ୍ୟ କେତେଜଣ ସରକାରୀ ବାବୁଙ୍କ ମନୋବୃତି ଅଭାବ ଯୋଗୁ ସରକାରୀ ଅନୁଷଙ୍ଗିକ ବ୍ୟବସ୍ଥା ଖତ ଖାଉଛି। ଏ ନେଇ ଭବାନୀପାଟଣା ପୌରାଧିକାରୀ ବଳୟ ଦେହୁରୀଙ୍କୁ ପଚାରିବାରୁ ଆନିମଲ ବର୍ଥ କଣ୍ଟ୍ରୋଲ ପାଇଁ ସିଡିଭିଓ ସହ କଥା ହେଇଛି ବୋଲି କହିଥିଲେ।

# ଭୀମପାହାଡ଼ରେ ଚାରାରୋପଣ, ମଞ୍ଜି ସିଞ୍ଚନ


ଚାରାରୋପଣ, ମଞ୍ଜି ସିଞ୍ଚନ କାର୍ଯ୍ୟକ୍ରମରେ ସାମିଲ ଅବସରପ୍ରାପ୍ତ ସୈନିକ ସଂଘ ସଦସ୍ୟ ଓ ଅନ୍ୟମାନେ।

**ଦେଓଗାଁ,୧୮।୬(ଡି.ଏନ.ଏ)**

### ସବୁଜବନାନୀ ପାଇଁ ହାତ ବଢାଇଲା ଅବସରପ୍ରାପ୍ତ ସୈନିକ ସଂଘ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳ ଭୀମପାହାଡରେ ଶନିବାର ଜିଲା ଅବସରପ୍ରାପ୍ତ ସୈନିକ ସଂଘ ତରଫରୁ ଚାରାରୋପଣ ଓ ମଞ୍ଜି ସିଞ୍ଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବୀରେନ୍ଦ୍ର କୁମାର ନାଗଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ରାମଦତ୍ତ ଭୋଇ, ସ୍ଥାନୀୟ ସରପଞ୍ଚ ଜାନକୀ ସାହୁ, ସମିତି ସଭ୍ୟ ଅଭିମନ୍ୟୁ ମାଝି, ନାଏବ ସରପଞ୍ଚ ଭଗବାନ ବରଗ୍ରି ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଜିଲା ଅବସରପ୍ରାପ୍ତ ସୈନିକ ସଂଘର ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ, ଉପସଭାପତି ସର୍ବେରାମ ପଟେଲ,କୋଷାଧ୍ୟକ୍ଷ ଘାସିରାମ ବେହେରା, ନୀଳାଞ୍ଚଳ ପଟେଲ, ସାନନ୍ଦ ଭୋଇ, ଶମ୍ଭୁପ୍ରସାଦ ବିଶ୍ୱାଳ, ମହେନ୍ଦ୍ର ପଣ୍ଡା, ଶଙ୍କର ଯୁଏଡ, ରାଜେନ୍ଦ୍ର ଶବର, ସୁଶୀଲ ପଟେଲ ପ୍ରମୁଖ ପୂର୍ବତନ ସୈନିକଙ୍କୁ ପୁଷ୍ପମାଲ୍ୟ ଓ ଉପଢ଼ୌକନ ଦେଇ ଭୀମପାହାଡ ଶିଖରକୁ ପାଛୋଟି ନିଆଯାଇଥିଲା। ସେଠାରେ ଦେଶର ଯବାନମାନଙ୍କ ଅନୁଭୂତି ଉପରେ ପ୍ରତାପ ରଥ ଆଲୋକପାତ କରିଥିଲେ। ଏ ଅବସରରେ ଭୀମପାହାଡ ପାଦଦେଶରେ ୨ଜଣ ବୀର ଯବାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସରପଞ୍ଚ ସାହୁ ସହମତି ପ୍ରଦାନ କରିଥିଲେ। ପରେ ପାହାଡରେ ଚାରାରୋପଣ କରାଯାଇଥିଲା। ଏହା ସହ ବର୍ଷାଋତୁର ଆଗମନ ହେଉଥିବାରୁ ପାହାଡର ଚାରିପଟରେ ବିଭିନ୍ନ ପ୍ରକାରର ଫୁଲ, ଫଳ ଗଛର ମଞ୍ଜି ବୁଣାଯାଇଥିଲା। ଏହାକୁ ଗୋବର୍ଦ୍ଧନ ସାହୁ, ଆନନ୍ଦିନୀ ସାହୁ, ଭୂମିସୁତା ମାଝି, ମିନତି ସାହୁ, ଉର୍ବୁଲି ଭୋଇ, ୱାର୍ଡସଭ୍ୟ କ୍ଷମାନିଧି ମାହାକୁର ଓ କର୍ମକର୍ତ୍ତା ବୃନ୍ଦ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ଟେବୁଲ ଟପ୍, ମକ୍‌ଡ୍ରିଲ୍ ଅଭ୍ୟାସ

**ଭବାନୀପାଟଣା,୧୮।୬(ସ୍ୱ.ପ୍ର.)**

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଟେବୁଲ ଟପ ଓ ମକ୍‌ଡ୍ରିଲ୍ ଅଭ୍ୟାସ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ୍ ଦାସ, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ରାଜ୍ୟ ପର୍ଯ୍ୟବେକ୍ଷକ ଡ ରାକେଶ ଠାକୁର, ସହକାରୀ ଜିଲାପାଳ (ଜରୁରୀ) ସୁଶ୍ରୀ ପ୍ରଧାନଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ନୋଡାଲ ଅଧିକାରୀ ଉପସ୍ଥିତ ଥିଲେ। ଜିଲାରେ ବାତ୍ୟା ଓ ବନ୍ୟା ଭଳି ପରିସ୍ଥିତି ଉପୁଜିଲେ ତାକୁ ଠିକ ଭାବେ ସାମ୍ନା ଓ ପଦକ୍ଷେପ କରିବା ପାଇଁ ବିପର୍ଯ୍ୟୟ ପରିଚାଳନା ବିଭାଗ ରାଜ୍ୟ ଜରୁରୀ ନିର୍ବାହ କେନ୍ଦ୍ରରୁ ଆସିଥିବା ଗାଇଡଲାଇନ ଅନୁଯାୟୀ ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ, ସତର୍କ ସୂଚନା ପ୍ରାପ୍ତି ଓ ପ୍ରେରଣ, ଅଗ୍ନିଶ୍ରମ ବିଭାଗ ସତର୍କତା, ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ, ପୋଲିସ ଭୂମିକା, ବନ୍ୟା ଆଶ୍ରୟ କେନ୍ଦ୍ର, ୨୪ ଘଣ୍ଟିଆ ନିୟନ୍ତ୍ରଣ କେନ୍ଦ୍ର, ଗର୍ଭବତୀ ମହିଳା, ଶିଶୁ, ଅକ୍ଷମ, ବୃଦ୍ଧ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ, ବନ୍ୟା ଆଶ୍ରୟ କେନ୍ଦ୍ରରେ ପାନୀୟ ଜଳ, ଖାଦ୍ୟ, ଔଷଧ, ଶିଶୁ ଖାଦ୍ୟ ମହଜୁଦ ଉପରେ ସବିଶେଷ ବିବରଣୀ ଜରୁରୀ


ଜିଲାସ୍ତରୀୟ ଟେବୁଲ ଟପ ଓ ମକ୍‌ଡ୍ରିଲ୍ ଅଭ୍ୟାସ।

### କଳାହାଣ୍ଡି ଜିଲା

- ବାତ୍ୟା, ବନ୍ୟା ସମ୍ଭାବ୍ୟ ପରିସ୍ଥିତିକୁ ସାମ୍ନା କରିବା

ଅଧିକାରୀ ସୁଶ୍ରୀ ପ୍ରଧାନ ସ୍ଲାଇଡ ମାଧ୍ୟମରେ ଦେଇଥିଲେ। ଜିଲାର ୧୩ଟି ବ୍ଲକର ବିଡିଓ ଏବଂ ତହସିଲଦାର, ୪ଟି ବହୁବିଧ ଆଶ୍ରୟ କେନ୍ଦ୍ରରେ ଏହି ଅଭ୍ୟାସ ପାଇଁ ସତର୍କ ଅଛନ୍ତି। ରବିବାର ମକ୍‌ଡ୍ରିଲ୍ ସୁଚାରୁ ରୂପେ ପାଳନ କରିବା ପାଇଁ ନିଜ କେନ୍ଦ୍ରରେ ଉପସ୍ଥିତ ରହିବେ। ୪ଟି ବୁଲେଟିନ ଯାହା ଏଲର୍ଟ, ୱାର୍ଣ୍ଣିଂ, ଲେଣ୍ଡଫଲ ଓ ଅନାଲିସିସ ପର୍ଯ୍ୟାୟକ୍ରମେ ସମୟ ବ୍ୟବଧାନରେ ନକଲ ସୂଚନା ମିଳିବ। ତଦନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଜିଲାସ୍ତରୀୟ, ବ୍ଲକସ୍ତରୀୟ ଓ କ୍ଷେତ୍ର ଅଧିକାରୀ ନେବେ। ଏହି ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଠାଯିବ। ଜିଲାରେ ୬୭ଟି ପଞ୍ଚାୟତର ୧୧୭ଟି ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହେଉଥିବା ଆଶଙ୍କା କରାଯାଏ। ଅଧିକାରୀମାନେ ବନ୍ୟା ପରବର୍ତ୍ତୀ ସମୟରେ ଶୀଘ୍ର ରିପୋର୍ଟ ପ୍ରଦାନ ଓ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ଶୀଘ୍ର କ୍ଷତିପୂରଣ ପାଇଁ ମଧ୍ୟ ଏହି ମକ୍‌ଡ୍ରିଲ୍ ଅଭ୍ୟାସରେ ପ୍ରଶିକ୍ଷଣ ନେବେ। ବୈଠକ ପରେ ସମସ୍ତ ୧୩ଜଣ ନୋଡାଲ ଅଧିକାରୀ ନିଜ ସଂଲଗ୍ନ ବ୍ଲକ କୁ ପରିଦର୍ଶନରେ ଗଲେ। ସଭାରେ ପିଏ ଆଇଟିଡିଏ ବିରଞ୍ଚି ନାରାୟଣ ଦରୱାନ, ଡିଡି ପ୍ଲାନିଂ ଶ୍ରୀକାନ୍ତ ଦଳେଇ, ଡିଏସଡବ୍ଲୁଓ ଜ୍ୟୋତିର୍ମୟ ପାତ୍ର, ଡିଡବ୍ଲୁଓ ଅରବିନ୍ଦ ରାୟ, ସିଡିଏଓ ପ୍ରତାପ ସାହୁ, ଡିଆପିଆରଓ ମନୋଜ କୁମାର ବେହେରାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବନୀକରଣକୁ ଜବରଦଖଲକାରୀଙ୍କ ବିରୋଧ

- ବାଗବାହାଲ ସଂରକ୍ଷିତ ଜଙ୍ଗଲ
- ଅନୁଧ୍ୟାନ କଲେ ଦୁଇ ଏସିଏଫ

**କଣ୍ଟାବାଞ୍ଜି, ୧୮।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଫରେଷ୍ଟ ଡିଭିଜନ ଅଧୀନ ବାଗବାହାଲ ସଂରକ୍ଷିତ ଜଙ୍ଗଲର ବାଗବେଲ ଓ ବଗବାହାଲ ଗାଁରେ ବନୀକରଣ ଉଦ୍ଦେଶ୍ୟରେ ଯାଇଥିବା ୨ ଏସିଏଫଙ୍କୁ ଶନିବାର ଜବରଦଖଲକାରୀ ବିରୋଧ କରିଥିଲେ। ସୂଚନା ଅନୁସାରେ ସଂରକ୍ଷିତ ଜଙ୍ଗଲକୁ ପଦା କରି ଚାଷଜମି ତିଆରି କରାଯାଇଛି। ଏପରିକି ବାଗବେଲ ଓ ବଗବାହାଲ ନାମକ ଦୁଇଟି ଅଣ ରାଜସ୍ୱ ଗାଁ ଗଢି ଉଠିଛି। ଚଳିତବର୍ଷ ମଧ୍ୟ ଉକ୍ତ ଜମିରେ ଚାଷ କରିବା ପାଇଁ ସଜବାଜ ଆରମ୍ଭ ହୋଇଛି। ସଂରକ୍ଷିତ ଜଙ୍ଗଲ ପଦା କରି ଚାଷବାସ ନ କରିବା ପାଇଁ ବନ ବିଭାଗ ତରଫରୁ ଅନେକ ଥର ସଚେତନ କରାଯାଇଥିଲା। ଚଳିତବର୍ଷ ବାଗବାହାଲ ଜଙ୍ଗଲରେ ବ୍ଲକ ବନୀକରଣ ଯୋଜନାରେ ସର୍ଭେ କରାଯିବା ପରେ ଅନୁଦାନ ଆସିଛି। ଏହି ଅନୁଦାନରେ ବନୀକରଣ କରିବା ନେଇ ଏସିଏଫ ଅଜିତ କୁମାର ବିଶି ଓ ବାବାଜି ଚରଣ ରାଉଳ ଯାଇଥିବା ବେଳେ ବାଗବେଲ ଓ ବାଗବାହାଲ ଗ୍ରାମର ଜବର ଦଖଲକାରୀମାନେ ବିରୋଧ କରିଥିଲେ। ଯଦି ବନୀକରଣ କରୁଛ ତେବେ ଜଙ୍ଗଲ ଜମି ଅଧିକାର ବଳରେ ସଂରକ୍ଷିତ ଜଙ୍ଗଲରେ ଗଢି ଉଠିଥିବା ଦୁଇ ଗାଁକୁ ଉଚ୍ଛେଦ କର ବୋଲି କହିଥିଲେ। ତେବେ ପରିବେଶ ସନ୍ତୁଳନ ପାଇଁ ଯେପରି ବନୀକରଣ କରାଯାଇ ପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି କହି ଦୁଇ ଏସିଏଫ କହିଥିଲେ।

# ଶିକ୍ଷକ ନିଯୁକ୍ତି ଦାବିରେ ଧାରଣା ଜାରି


୨ୟ ଦିନରେ ଛାତ୍ରୀଛାତ୍ର ତଥା ଅଭିଭାବକମାଙ୍କ ଆନ୍ଦୋଳନ ଜାରି ରହିଛି।

**ବେହେରା,୧୮।୬(ଡି.ଏନ.ଏ.)**

### ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ସାମିଲ

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାଗୁଡା ଗ୍ରାମର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଶୁକ୍ରବାର ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ଧାରଣା ଦେଇଥିଲେ। ଖବର ପାଇ ଧର୍ମଗଡ ବିଇଓ ନବକିଶୋର ସାହୁ ଓ ଏବିଇଓ ଅରୁପାନନ୍ଦ ଭୋଇ ଅନ୍ଦୋଳନସ୍ଥଳକୁ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଗ୍ରାମବାସୀ ନିଜ ଜିଦରେ ଅଡିରହିବା ଫଳରେ କୌଣସି ସମାଧାନ ହୋଇ ନ ଥିଲା। ଶନିବାର ଦ୍ୱିତୀୟ ଦିନରେ ଧାରଣା ଅବ୍ୟାହତ ଥିବା ବେଳେ ଦାବି ପୂରଣ ନ ହେବାଯାଏଁ ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବସିରହିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। କମିଟି ଅଭିଯୋଗ ଅନୁଯାୟୀ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀଯାଏ ରହିଛି। ଅଷ୍ଟମ ଶ୍ରେଣୀରେ ମୋଟ ୪୧୧ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ୨୪୮ ପିଲା ଅଛନ୍ତି। ପିଲାଙ୍କ ଅନୁପାତରେ ସ୍କୁଲରେ ମୋଟ ୧୪ଜଣ ଶିକ୍ଷକ ଆବଶ୍ୟକତା ଥିବା ବେଳେ ମାତ୍ର ୭ଜଣ ଅଛନ୍ତି। ଓପେପାରେ ଅପଲୋଡ୍ ହୋଇଥିବା ସ୍କୁଲ ପ୍ରୋଫାଇଲ ଅନୁଯାୟୀ ଏହି ବିଦ୍ୟାଳୟରେ ୧୦ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ବିଭିନ୍ନ ସମୟରେ ଡେପୁଟେଶନ ବାହାନାରେ ଅପସାରଣ କରାଯାଉଛି। ଗୋଟିଏପଟେ ଶିକ୍ଷକ ସମସ୍ୟା ଲାଗି ରହିଛି। ଅନ୍ୟପଟେ ଏଠାରୁ ଶିକ୍ଷକଙ୍କୁ ଅପସାରଣ କରିବା ଯୋଗୁ ପରିଚାଳନା କମିଟି, ଛାତ୍ରୀଛାତ୍ର ତଥା ଅଭିଭାବକମାନେ ଆନ୍ଦୋଳନ ପାଇଁ ବାଧ୍ୟ ହୋଇଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ମଶାଳା

**କୋକସରା,୧୮।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସଭାଗୃହରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଉପରେ ଏକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରାଙ୍କ ପରିଚାଳନାରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଜିଲା ଡିଏସଏସଓ ମଦନଜିତ ହୋତା, ଜିଲା ପରିଷଦ ଜୋନ ୨ ସଭ୍ୟ ତ୍ରିନାଥ ବାଗ, ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ଜିପିଇଓ ନାରାୟଣ ଭୋଇ, ଅଗ୍ନିଶମ ବିଭାଗ ଅଧିକାରୀ କୈଳାଶ ଚନ୍ଦ୍ର ପ୍ରଧାନ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼. ତତ୍ତ୍ୱଦର୍ଶୀ ଦାସ, ବିପିଏମ ମାନସ ନୟନ ସ୍ୱାଇଁଙ୍କ ସମେତ ବ୍ଲକ ନିର୍ବାଚିତ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। କର୍ମଶାଳାରେ ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ବାତ୍ୟା, ଭୂମିକମ୍ପ, ଅଗ୍ନିକାଣ୍ଡ, ଜଳ ପ୍ରଳୟ ସମୟରେ କିଭଳି ଧନ ଜୀବନ ସୁରକ୍ଷିତ ଭାବେ ରକ୍ଷା କରିବା ସେ ନେଇ ବିଭିନ୍ନ ବିଭାଗ ଅଧିକାରୀମାନେ ମତ ପ୍ରକାଶ କରିଥିଲେ।

# ଦିବ୍ୟାଙ୍ଗଙ୍କୁ ଘରଡିହ ପଟ୍ଟା ପ୍ରଦାନ ପାଇଁ ଦାବିପତ୍ର

**ଜୁନାଗଡ,୧୮।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ନକଟିଗୁଡା ପଞ୍ଚାୟତରେ ବସବାସ କରୁଥିବା ଦିବ୍ୟାଙ୍ଗମାନଙ୍କୁ ଘରଡିହ ପଟ୍ଟା ଓ ଆବାସ ଗୃହ ଯୋଗାଇବା ଦାବି ନେଇ ଶନିବାର ସ୍ଥାନୀୟ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେରଙ୍କ ନେତୃତ୍ୱରେ ନକଟିଗୁଡା ପଞ୍ଚାୟତର ୩୫ଜଣ ଦିବ୍ୟାଙ୍ଗ ସାମିଲ ହୋଇ ଏହି ଦାବିପତ୍ର ଦେଇଥିଲେ। ଅନ୍ୟପକ୍ଷରେ ଶୀଘ୍ର ଏହାର ଉପରେ ପଦକ୍ଷେପ ନିଆଯିବ ବୋଲି ଜୁନାଗଡ ତହସିଲଦାର ବେଦବ୍ୟାସ ଭୋଇ ପ୍ରକାଶ କରିଥିବା ଜଣାପଡିଛି।


ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର ତହସିଲାଦାରଙ୍କୁ ଦାବିପତ୍ର ଦେଉଛନ୍ତି।

# ସମସ୍ୟାରେ ସରକାରୀ ଆୟୁର୍ବେଦିକ ଡାକ୍ତରଖାନା

**ପଲମ,୧୮।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମୁସ୍କୁଟି ପଞ୍ଚାୟତସ୍ଥିତ ସରକାରୀ ଆୟୁର୍ବେଦିକ ଡାକ୍ତରଖାନା ସମସ୍ୟା ଘେରରେ ରହିଛି। ଏଠାରେ ଆଜି ପର୍ଯ୍ୟନ୍ତ ବିଜୁଳି ଓ ପାନୀୟ ଜଳ କୌଣସି ସୁବିଧା ନାହିଁ। ଫଳରେ ଏଠାକୁ ଆସୁଥିବା ରୋଗୀ ବହୁତ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ୧୯୮୫ରେ ଆୟୁର୍ବେଦିକ ଡାକ୍ତରଖାନା ଉଦ୍‌ଘାଟିତ ହୋଇ ୨୦୧୫/୧୬ରେ ଡାକ୍ତରଖାନାର ନୂତନ ଗୃହ ନିର୍ମାଣ ହୋଇଥିଲା। ଏଠାରେ ଡାକ୍ତର ନ ଥିବାରୁ ପିଟିଏସ ଦାୟିତ୍ୱରେ ଥିବା ଦଶରଥ ସାହୁ ସମ୍ପୂର୍ଣ୍ଣ ଦାୟିତ୍ୱ ଚଲାଉଥିଲେ। କିନ୍ତୁ ୨୦୧୭ରେ ଦଶରଥ ସାହୁଙ୍କ ପରଲୋକ ପରେ ତାଙ୍କ ପୁଅ ଯଦୁମଣି ସାହୁ ଡାକ୍ତରଖାନା ଦାୟିତ୍ୱ ନେଇଥିଲେ। ଯଦୁମଣି କୌଣସି ନିଯୁକ୍ତପତ୍ର ନ ପାଇ ମଧ୍ୟ ବାପାଙ୍କ ମୃତ୍ୟୁ ପରେ ସେ ରୋଗୀଙ୍କୁ



ମୁସ୍କୁଟିସ୍ଥିତ ସରକାରୀ ଆୟୁର୍ବେଦିକ ଡାକ୍ତରଖାନା।

ସେବା ଯୋଗାଉଥିଲେ। ୨୦୧୮ରେ ଡାକ୍ତରଖାନା ଗୃହ ନର୍ଲା ବିଧାୟକ ଭୁପିନ୍ଦର ସିଂ ଉଦ୍‌ଘାଟନ କରିଥିଲେ। ସେହି ସମୟରେ ଡାକ୍ତର ନିର୍ଝରିକା ବାରିକ ଏଠାରେ ଯୋଗଦାନ କରିଥିଲେ। ନୂତନ ଡାକ୍ତରଖାନା କାର୍ଯ୍ୟକ୍ଷମ ହେବା ୪ବର୍ଷ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ଏବଂ ପାନୀୟ ଜଳ ସୁବ୍ୟବସ୍ଥା ହୋଇପାରିନାହିଁ। ଏ ନେଇ ଡାକ୍ତର ନିର୍ଝରିକା ବାରିକଙ୍କୁ ପଚାରିବୁଝିବାରୁ ଏହି ୪ ବର୍ଷ ଭିତରେ ଅନେକ ଥର ଦାବି କରି ମଧ୍ୟ କୌଣସି ସମାଧାନ ହୋଇପାରି ନାହିଁ। ପିଟିଏସଙ୍କ ମଧ୍ୟ ନିଯୁକ୍ତି ହୋଇ ନ ଥିବାରୁ ଡାକ୍ତରଖାନା ଚତୁଃପାର୍ଶ୍ୱ ସଫାସୁତୁରା ହୋଇପାରୁ ନାହିଁ ବୋଲି ପ୍ରକାଶ କରିଥିଲେ। ଏ ସମ୍ପର୍କରେ କାଳାହାଣ୍ଡି ଜିଲାର ଭାରପ୍ରାପ୍ତ ଆୟୁର୍ବେଦିକ ମେଡିକାଲ ଅଫିସର ଡାକ୍ତର ବସନ୍ତ କୁମାର ଦାସଙ୍କ ମତାମତ ନେବାରୁ ବିଦ୍ୟୁତ୍ ବିଭାଗ ସହ ଆଲୋଚନା କରାଯାଇଛି। ବସୁଧା ଯୋଜନା ମାଧ୍ୟମରେ ଜଳ ଯୋଗାଣ କରାଯିବ ବୋଲି ପ୍ରକାଶ କରିଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଥା ନର୍ଲା ବିଧାୟକ ଭୁପିନ୍ଦର ସିଂ ଏହି ସମସ୍ୟା ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ବାଲି ଚୋରା ଚାଲାଣ, ୨ଟ୍ରାକ୍ଟର ଜବତ

ବାଉଁଶୁଣୀ,(ଡି.ଏନ.ଏ.): ବେଆଇନଭାବେ ବାଲି ଚୋରା ଚାଲାଣ କରୁଥିବା ୨ଟି ଟ୍ରାକ୍ଟରକୁ ବୌଦ୍ଧ ତହସିଲ ଜବତ କରିଛି। ଗୋଟିଏ ଟ୍ରାକ୍ଟର ମାଲିକ କାଗଜ ପତ୍ର ନ ଦେଖାଇ ପାରିବାରୁ ଅତିରିକ୍ତ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଅନ୍ୟ ଗାଡି ମାଲିକ ଆସି ନ ଥିବାରୁ ବାଉଁଶୁଣୀ ଥାନା ଜିମା ଦିଆଯାଇଥିବା ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ ସୁଜିତ କୁମାର ସାହୁ କହିଛନ୍ତି। ଅତିରିକ୍ତ ଜିଲାପାଳ ବବିତା ରାଣୀ ଦଳବେହେରାଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ତହସିଲଦାର ମହମ୍ମଦ ରୋଜା ରସୁଲ, ମନୋରଞ୍ଜନ ସୁନା, ବୌଦ୍ଧ ଏମଭିଆଇ, ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ ସୁଜିତ ସାହୁ ଶୁକ୍ରବାର ସନ୍ଧ୍ୟାରେ ସଦେଇପୁର ଛକ ଓ ବାଉଁଶୁଣୀ ଦମକଳ କେନ୍ଦ୍ର ସମ୍ମୁଖରୁ ଦୁଇ ଟ୍ରାକ୍ଟରକୁ ଜବତ କରିଥିଲେ।

# ସରିନି ଧାନବିକ୍ରି, ଦୋଛକିରେ ଚାଷୀ



ରେଶମ ମଣ୍ଡିରେ ତାରପୋଲିନ ଘୋଡ଼ାଇ ଧାନକୁ ଚାଷୀମାନେ ସୁରକ୍ଷିତ ରଖିଛନ୍ତି।

ବରଗଡ଼ ଅଫିସ୍,୧୮।୬

ବରଗଡ଼ ଜିଲାରେ ଖରିଫ ଚାଷକାର୍ଯ୍ୟ ଆରମ୍ଭ ହୋଇଯାଇଛି। ହେଲେ ଚାଷୀମାନେ ରବିଋତୁରେ ଅମଳ ଧାନ ଏଯାଏ ବିକ୍ରି କରି ପାରିନାହାନ୍ତି। ଚାଷୀଙ୍କ ବହୁ ପରିମାଣର ଧାନ ବିକ୍ରି ଅପେକ୍ଷାରେ ରହିଛି। ଧାନ ଉଠାଣରେ ଶିଥିଳତା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଏଥିରେ ଟୋକନ କଟକଣା ବାଧକ ସାଜିଥିବାବେଳେ ମିଲର୍ସମାନେ ମଣ୍ଡିକୁ ଆସୁ ନ ଥିବା ଏବଂ କେତେକ ମଣ୍ଡିରେ ମିଲର୍ସଙ୍କୁ ଟ୍ୟାଗ୍ ଅଭାବ ମଧ୍ୟ ଏହାର କାରଣ ପାଲଟିଛି। ସେହିପରି ଟୋକନରେ ତ୍ରୁଟି ଯୋଗୁ ଅନେକ ଚାଷୀ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପଟେ ଶନିବାର ହୋଇଥିବା ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ବର୍ଷା ପରେ ଗ୍ରୀଷ୍ମ ପ୍ରବାହରୁ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଥିବାବେଳେ ଚାଷୀମାନେ ମଧ୍ୟ ଜମି ହଳ କରିବା ସହିତ ଧାନ ବୁଣାବୁଣି ପାଇଁ ଅନୁକୂଳ ଥିବା କହୁଛନ୍ତି। କିନ୍ତୁ ଧାନ ବିକ୍ରି ସରି ନ ଥିବାରୁ ବର୍ଷା ଲାଗି ରହିଲେ ବିକ୍ରି ଅପେକ୍ଷାରେ ରହିଥିବା ଧାନ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି । ଏଭଳି ସ୍ଥିତିରେ ଚାଷୀ ଦୋ ଛକିରେ ରହିଛନ୍ତି। ଗୋଟିଏ ପଟେ ରବିଧାନ ବିକ୍ରି ଚିନ୍ତା ଘାରୁଥିବାବେଳେ ଅନ୍ୟପଟେ ଖରିଫ ଚାଷରେ ବିଳମ୍ବକୁ ନେଇ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନଙ୍କୁ ପଚାରିବାରୁ ଜିଲାରେ ୫୧ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯିବାର ଲକ୍ଷ୍ୟ ରହିଥିଲା ଏବଂ ଏପର୍ଯ୍ୟନ୍ତ ୯୫ ପ୍ରତିଶତ ଧାନ କିଣା ସରିଥିବା ସେ କହିଛନ୍ତି। ସେହିପରି ବର୍ଷାକୁ ଦୃଷ୍ଟିରେ ରଖି ଚାଷୀଙ୍କ ଧାନକୁ ସୁରକ୍ଷିତ ରଖିବାରେ ବିହିତ ପଦକ୍ଷେପ ନେବା ପାଇଁ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୋରେନ କହିଛନ୍ତି। କିନ୍ତୁ ଜିଲାର ବିଭିନ୍ନ ମଣ୍ଡିରେ ଭିତ୍ତିଭୂମି ଆଶାନୁରୂପ ନ ଥିବାରୁ ଚାଷୀମାନେ ନିଜ ଉଦ୍ୟମରେ ତାରପୋଲିନ ଘୋଡ଼ାଇ ଧାନକୁ ସୁରକ୍ଷିତ ରଖୁଥିବା ପରିଲକ୍ଷିତ ହୋଇଛି ।

### ବିଳମ୍ବିତ ହେଉଛି ଖରିଫ ଚାଷ



"ଧାନ ଚାଷ ଛଡ଼ା ଅନ୍ୟ କିଛି ଜୀବିକା ନାହିଁ। ଅମଳ ପରେ ଧାନକୁ ବିକ୍ରି ପାଇଁ ରେଶମ ମଣ୍ଡିକୁ ଆଣି ପକାଇଛି। କିନ୍ତୁ ଧାନ ଉଠାଯାଉନାହିଁ। ଧାନ ବିକ୍ରି ହେଉ ନ ଥିବାରୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଖରିଫ ଚାଷକାର୍ଯ୍ୟ ବିଳମ୍ବ ହୋଇଥିବାବେଳେ କେବେ ରବିଧାନ ବିକ୍ରି ହେବ, ସେହି ଚିନ୍ତା ଘାରିଛି ।

–ନାରାୟଣ ବଢ଼େଇ, ଚାଷୀ, ରେଶମ

### ସମୟ ଗଡ଼ି ଚାଲିଛି



"ମୋର, ବାପା ଏବଂ ବଡ଼ଭାଇଙ୍କ ସମୁଦାୟ ୩ଟି ଟୋକନରେ ୬୮୫ ପ୍ୟାକେଟ୍ ଧାନ ରେଶମ ମଣ୍ଡିକୁ ଆଣିଛି। ଦୀର୍ଘଦିନ ହେଲା ମଣ୍ଡିରେ ତାହା ପଡ଼ିରହିଛି। ବିଭାଗୀୟ କର୍ମଚାରୀମାନେ ଆଜି ଉଠିବ, କାଲି ଉଠିବ କହି କେବଳ ସମୟ ଗଡ଼ାଇ ଚାଲିଛନ୍ତି। ହେଲେ ଧାନ ଉଠୁନାହିଁ। ଅନ୍ୟପଟେ ଆଜି ସେହି ଧାନକୁ ଏଣ୍ଟ୍ରି କରାଯାଇଛି।

–ସୁଦାମ ପାତ୍ର, ଚାଷୀ, ରେଶମ

### ଆଶ୍ୱାସନାରେ ଧାନ ଉଠାଣ



"ରବିଧାନ ବିକ୍ରି କଲେ ସେଥିରୁ ମିଳୁଥିବା ଟଙ୍କା ଉପରେ ଆମର ଖରିଫ ଚାଷକାର୍ଯ୍ୟ ନିର୍ଭର କରିଥାଏ। କିନ୍ତୁ ଏପର୍ଯ୍ୟନ୍ତ ରବିଧାନ ବିକ୍ରି କରି ପାରିନାହୁଁ । ରେଶମ ମଣ୍ଡିରେ ତାହା ପଡ଼ି ରହିଛି। ମିଲର୍ସଙ୍କୁ କହିଲେ ଟ୍ୟାଗ୍ ନାହିଁ କହୁଛନ୍ତି। ସେହିପରି ମଣ୍ଡି କର୍ମଚାରୀଙ୍କୁ କହିଲେ ଧାନ ଉଠିବା ନେଇ କେବଳ ଆଶ୍ୱାସନା ଦେଉଛନ୍ତି। ଏଭଳି ଦୋ ଛକିରେ ରହିଛୁ।

–ସୁଶିଲ ସାହୁ, ଚାଷୀ, ରେଶମ

# ଟାର୍ଗେଟ୍ ନାହିଁ, ଚାଷୀଙ୍କୁ ବର୍ଷା ଭୟ

ସୋନପୁର,୧୮।୬(ନି.ପ୍ର.)

- ମଣ୍ଡିରେ ପଡି ରହିଛି ଧାନ
- ଏପଟେ ଫଲ୍ସ ଏଣ୍ଟ୍ରି ପାଇଁ ମସୁଧା



ସୁବର୍ଣ୍ଣପୁର ଜିଲାରେ ମେ ୧୬ ତାରିଖରୁ ରବିଧାନ କିଣା ଆରମ୍ଭ ହୋଇଛି। ଶନିବାର ସୁଦ୍ଧା ୨୮ ହଜାର ୯୪୨ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। କିନ୍ତୁ ଜିଲାର ବିଭିନ୍ନ ମଣ୍ଡିରେ ଏବେ ବି ହଜାର ହଜାର ବସ୍ତା ଧାନ ପଡିରହିଛି। ଏଭଳି ସ୍ଥିତିରେ ଶୁକ୍ରବାର ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଜଳସେଚିତ ଡୁଙ୍ଗୁରିପାଲି ଓ ବିନିକା ବ୍ଲକରେ ଦୁହାକୁ ଦୁହା ବର୍ଷା ଲାଗି ରହିଛି। ପୁଣି ଶନିବାର ଅପରାହ୍ନରୁ ଜିଲାର ସମସ୍ତ ୬ଟି ବ୍ଲକରେ ଘଡଘଡି ସହ ବର୍ଷା ହେଉଛି। ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ଏଥିଯୋଗୁଁ ଜିଲାବାସୀଙ୍କୁ ତାତିରୁ ଆଶ୍ୱସ୍ତି ମିଳିଥିଲେ ହେଁ ଚାଷୀଙ୍କ ଚିନ୍ତା ବଢି ଯାଇଛି। ବର୍ଷାରେ ଅମଳ ଧାନ ପ୍ରଭାବିତ ହୋଇଥିବା ସୂଚନା ମିଳିଛି। ଚାଷୀ ରାସ୍ତାରେ ଶୁଖାଇଥିବା ଧାନ ଓ ଖଳାରେ ରଖିଥିବା ଧାନ ବର୍ଷାରେ ଓଦା ହୋଇଛି। ମହିଳା ଏସଏଚଜି ଯେଉଁ ସ୍ଥାନରେ ଧାନ କିଣୁଛି ସେଠାରେ ଖୋଲା ଆକାଶ ତଳେ ଶତାଧିକ ବସ୍ତା ଧାନ ପଡିରହିଛି। ସେଗୁଡିକୁ ପଲିଥିନରେ ଢଙ୍କା ଯାଇଥିଲେ ମଧ ଝଡବର୍ଷାରେ ପାଣି ଭିତରେ ପ୍ରବେଶ କରିଛି। ତେବେ ଆରଏମ୍‌ସି ମାର୍କେଟ୍ ୟାର୍ଡ ଓ ଭିତ୍ତିଭୂମି ଥିବା ଅଧିକାଂଶ ପ୍ରାଥମିକ କୃଷି ସମବାୟ ସମିତି ଗୁଡିକରେ ଧାନ ଗୋଦାମ ଘରେ ସୁରକ୍ଷିତଭାବେ ରହିଛି। ଆଗକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ ଯୋଗୁଁ ଜିଲାରେ ପ୍ରବଳ ବର୍ଷିବ। ତେଣୁ ଭିତ୍ତିଭୂମି ଠିକ୍ ନ ଥିବା ଅସ୍ଥାୟୀ ମଣ୍ଡି ଗୁଡିକରୁ ଧାନ ଉଠାଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷେ ଟାର୍ଗେଟ୍ ପାଇଥିବା ମିଲର୍ସ ମାନେ ଟ୍ରକ୍ ପଠାଉ ନଥିବାରୁ ମଣ୍ଡିଗୁଡିକରେ ଧାନ ଉଠାଣ ପ୍ରକ୍ରିୟା ମନ୍ଥର ଗତିରେ ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ମଣ୍ଡିକୁ ଆସୁଥିବା ଧାନକୁ କେତେକ ଏସ୍‌ଏଚ୍‌ଜି ଓ ପାକ୍ସ ତତ୍କାଳ ଏଣ୍ଟ୍ରି କରୁ ନାହାନ୍ତି। କିନ୍ତୁ ବ୍ୟବସାୟୀଙ୍କଠାରୁ କିଣି ମିଲ୍‌ରେ ଆଗୁଆ ରଖାଯାଇଥିବା ଧାନକୁ ଆଗ କାଗଜପତ୍ରରେ ଏଣ୍ଟ୍ରି କରାଯାଇଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଧାନକିଣାରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଚାଷୀ ଅସୁଖୀ ଅଛନ୍ତି। ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଚାଷ କରି ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଥିବା ଚାଷୀଙ୍କୁ କମ୍ ପରିମାଣର ଧାନ ବିକ୍ରି ପାଇଁ ଟୋକନ ମିଳିଛି। ତଦନ୍ତ ପରେ ତ୍ରୁଟି ସଂଶୋଧନ ପାଇଁ ଚିଠି ଲେଖା ଯାଇଥିଲେ ମଧ ତାହା ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ତାହା ଗ୍ରହଣୀୟ ହେଉନି । ସୋନପୁର, ତରଭା, ଉଲୁଣ୍ଡା, ବୀରମହାରାଜପୁର ବ୍ଲକର ଚାଷୀଙ୍କ ଭଳି ହୀରାକୁଦ୍ କମାଣ୍ଡ ଅଞ୍ଚଳରେ ଥିବା ଡୁଙ୍ଗୁରିପାଲି ଓ ବିନିକା ବ୍ଲକ ଅଞ୍ଚଳର ଚାଷୀଙ୍କର ମଧ ସମାନ ଅବସ୍ଥା। ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଚାଷୀ ଯେମିତି କଟ୍‌ନି ଛଟ୍‌ନିର ଶିକାର ନ ହୋଇ ସୁରୁଖୁରୁରେ ଧାନ ବିକ୍ରି କରି ପାରିବେ ସେଥି ପ୍ରତି ପ୍ରଶାସନ ଯତ୍ନବାନ ହେବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ବାସ୍ତବ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଓଲଟା। ରବିଧାନ ବିକ୍ରି ପାଇଁ ୩୨ହଜାର ୮୭୧ଜଣ ଚାଷୀ ପଞ୍ଜିକୃତ ହୋଇଥିଲେ। ସେଥିମଧ୍ୟରୁ ୨୨ହଜାର ୯୭୪ ଚାଷୀ ନବୀକରଣ କରିଥିଲା ବେଳେ ୯ହଜାର ୯୯୭ ଚାଷୀ ନୂତନ ଭାବେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ସୁବର୍ଣ୍ଣପୁର ଓ ସମ୍ବଲପୁର ଜିଲାର ମିଲର୍ସଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇଛି। ୫୮ଟି ପ୍ୟାକ୍ସ ଓ ୩୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କ ଦ୍ୱାରା ଧାନ କ୍ରୟ ହେଉଛି। ଜିଲାର ଚାଷୀଙ୍କ ଠାରୁ ୨୨ଲକ୍ଷ ୮ହଜାର ୨୮୩କ୍ୱିଣ୍ଟାଲ ଧାନ କ୍ରୟ କରାଗଲାଣି। ତେବେ ପୂର୍ବ ବର୍ଷ ଭଳି ଜିଲାରେ ମିଲର୍ସଙ୍କ ମର୍ଜିରେ ଧାନ କିଣା ଚାଲିଛି। ଯେଉଁଠି ଚାଷୀ କଟ୍‌ନି ଛଟ୍‌ନିକୁ ବିରୋଧ କରୁଛନ୍ତି ସେହି ମଣ୍ଡିରୁ ଧାନ ଉଠୁନି। ଜିଲାର ଭୀମଟିକିରା ମଣ୍ଡିରେ ୭ରୁ ୮ ହଜାର କ୍ୱିଣ୍ଟାଲ ଧାନ ପଡିରହିଛି। ସେହିପରି ଦିଗଶିରା, ଚେରୁପାଲି, ବଡକର୍ଲେ, ରାମପୁର, ସହଲା, ମାୟାବାର୍ହା, ସାରସମାଲ, ମହଦା, କୁଇବାହାଲ, ଚରଦା, ଶଙ୍କରା, ସେଲେଡି ଓ ଯୁଲୁଣ୍ଡା ମଣ୍ଡିରୁ ଧାନ ଉଠି ପାରୁନି । ମୌସୁମୀ ବର୍ଷା ପୂର୍ବରୁ ଚାଷୀଙ୍କ ଧାନ କ୍ରୟ କରିବା ପାଇଁ ଚାଷୀ ସଂଗଠନ ଗୁଡିକ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ କୁହନ୍ତି, ଚାଷୀଙ୍କ ଧାନ ଶୀଘ୍ର ଉଠାଇବା ପାଇଁ ଉଦ୍ୟମ କରୁଛୁ। ମିଲର୍ସଙ୍କୁ ନୂତନ ଟାର୍ଗେଟ୍ ଦିଆଯାଇଛି। ଧାନ ସଂଗ୍ରହ ଏବେ ଆହୁରି ତ୍ୱରାନ୍ୱିତ ହେବ।

## ସୁରେନ୍ଦ୍ର ମେହେର ଜାତୀୟ ହସ୍ତତନ୍ତ ସଂସ୍ଥାନର ସଭ୍ୟ ମନୋନୀତ

ବରପାଲି,୧୮।୬(ଡି.ଏନ.ଏ.): ସମ୍ବଲପୁରୀ ବାନ୍ଧକଳାକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇ ସମ୍ବଲପୁର ବିଶ୍ୱ ବିଦ୍ୟାଳୟରୁ ସମ୍ମାନସୂଚକ ଡିଲିଟ୍ ଉପାଧି ପାଇଥିବା ବାନ୍ଧଶିଳ୍ପୀ ଡ଼ ସୁରେନ୍ଦ୍ର ମେହେର ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ହ୍ୟାଣ୍ଡଲୁମ୍ ସଂସ୍ଥାନର ପରିଚାଳନା କମିଟି ସଦସ୍ୟ ଭାବେ ମନୋନିତ ହୋଇଛନ୍ତି। ସାରା ଭାରତରେ ମୋଟ ୩୦ ଜଣ ସଦସ୍ୟଙ୍କୁ ନେଇ ଗଠିତ ଏହି ପରିଚାଳନା କମିଟିରେ ଡ଼ ମେହେର ଏକମାତ୍ର ଓଡ଼ିଆ ବାନ୍ଧଶିଳ୍ପୀ। ସେ ପୂର୍ବରୁ ବହୁବାର ଜାତୀୟ ସମ୍ମାନର ଅଧିକାରୀ ହୋଇଛନ୍ତି। ଡ଼ ମେହେର ହେଉଛନ୍ତି ବିଶିଷ୍ଟ ବାନ୍ଧଶିଳ୍ପୀ ପଦ୍ମଶ୍ରୀ କୁଞ୍ଜ ବିହାରୀ ମେହେରଙ୍କ ପୁଅ। ତାଙ୍କର ଏହି ନୂତନ ନିଯୁକ୍ତିକୁ ନେଇ ବୁଣାକାର ସଂଘ ଭୁଲିଆ ସମାଜ, ବରପାଲି ସାମ୍ବାଦିକ ସଂଘ ସଭାପତି ଚିତ୍ତ ରଞ୍ଜନ ସାହୁ, ନୂପୁର ଅନୁଷ୍ଠାନର ମୁଖ୍ୟ ପରମାନନ୍ଦ ସ୍ୱାଇଁ, ଗଙ୍ଗାଧର କଳା ପରିଷଦର କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବଜ୍ରପାତରେ ଯୁବକ ଆହତ

ଉଲୁଣ୍ଡା,୧୮।୬(ଡି.ଏନ.ଏ.): ଉଲୁଣ୍ଡା ବ୍ଲକ ଗୋଡଗାଁର ଜଣେ ଯୁବକ ଶନିବାର ବଜ୍ରପାତରେ ଆହତ ହୋଇଛନ୍ତି। ସେ ହେଲେ ବିଭୀଷଣ ମହାକୁର। ମଧ୍ୟାହ୍ନରେ ନିକଟସ୍ଥ ପୋଖରୀକୁ ଗାଧିବାକୁ ଯାଇଥିବାବେଳେ ବଜ୍ରପାତ ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଉଲୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ଟ୍ରାଫିକ୍, ଜବରଦଖଲ ସମସ୍ୟା ସମାଧାନ ଦାବି

ପଦ୍ମପୁର,୧୮।୬(ଡି.ଏନ.ଏ.): ବରଗଡ ଜିଲା ପଦ୍ମପୁର ସହରରେ ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟବସାୟ ଓ ଅନେକ ସରକାରୀ ବେସରକାରୀ ପ୍ରତିଷ୍ଠାନ ଥିବାରୁ ଗ୍ରାମାଞ୍ଚଳରୁ ପ୍ରତିଦିନ ଶହ ଶହ ଜନସାଧାରଣ ଆସୁଛନ୍ତି। ରାସ୍ତାରେ ଜବରଦଖଲ ଓ ଟ୍ରାଫିକ ସମସ୍ୟା ଯୋଗୁ ଧନ ଜୀବନ କ୍ଷତି ହେଉଛି। ଏହି ସମସ୍ୟାର ସମାଧାନ ହେଉ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ନାଗରିକ କମିଟି ସମ୍ପାଦକ ଅଜିତ ଶତପଥି ଶନିବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରି ଏହି ସମସ୍ୟାର ସମାଧାନ ଦାବି କରିଥିଲେ। ପଦ୍ମପୁର ଏନ୍‌ଏସି ଅଧିକାରୀଙ୍କ ସହ ଆଲୋଚନା ପରେ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଆରକ୍ଷୀ ଅଧୀକ୍ଷକ ସମସ୍ୟାର ସମାଧାନ ପାଇଁ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମକ୍‌ଡ୍ରିଲ୍ ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି

ବୌଦ୍ଧ,୧୮।୬ (ସ୍ୱ.ପ୍ର)

ବୌଦ୍ଧ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ମକଡ୍ରିଲ ପାଇଁ ଜିଲାସ୍ତରୀୟ ଟେବୁଲ ଟପ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଲାଇନ ଡିପାର୍ଟମେଣ୍ଟ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ କେତେ ସଚେତନ ଅଛନ୍ତି ଏବଂ କିଭଳି ଯୋଜନା ପ୍ରସ୍ତୁତ କରିଛନ୍ତି ତାହା ଉପରେ ବିବରଣୀ ପ୍ରଦାନ କରିଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ଅବନୀକାନ୍ତ ସାହୁ ସଭା ପରିଚାଳନା କରିଥିଲେ। ଜିଲାପାଳ ମିଶ୍ର ସମସ୍ତ ଅଧିକାରୀଙ୍କୁ ବନ୍ୟା ମୁକାବିଲା ପାଇଁ ନିଜ ବିଭାଗର କାର୍ଯ୍ୟକ୍ରମ ତଦାରଖ କରିବାକୁ କହିଥିଲେ। ଆଗାମୀ ଦିନରେ ଅଗ୍ନିଶମ ଓ ଓଡ୍ରାଫ ଟିମ ବିଭିନ୍ନ ଗ୍ରାମକୁ ଯାଇ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବ୍ୟବହୃତ ସମସ୍ତ ଉପକରଣ ସମ୍ପର୍କରେ ଗ୍ରାମବାସୀଙ୍କୁ ତାଲିମ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ରବିବାର ଜିଲାର ୪ଟି ବନ୍ୟା ଆଶ୍ରୟସ୍ଥଳ କୁଲତାଜୋର, ଘଣ୍ଟାପଡା, ବହିରା ଓ ଧର୍ମନଗରରେ ମକଡ୍ରିଲ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରବନ୍ଧକ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ମିଶ୍ର ଯୋଗଦେଇ ମୁଁ ନୁହେଁ ଆମେ ଭାବି ସମସ୍ତ ଅଧିକାରୀ ନିଜ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ଜରୁରୀ ଔଷଧ ମହଜୁଦ ରଖିବା, ପାନୀୟଜଳ, ପଲିଥିନ, ସାନିଟାଇଜର, ଶୁଖିଲା ଖାଦ୍ୟ, ଗୋଖାଦ୍ୟ,ଭେକ୍ସିନ ଓ ଆମ୍ବୁଲାନ୍ସ ପ୍ରସ୍ତୁତ ରଖିବାକୁ ସମ୍ପୃକ୍ତ ବିଭାଗଗୁଡିକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଉପଜିଲାପାଳ ସନତ କୁମାର ନାଏକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭୟ କୁମାର ଦାଶ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ରଥ, ଜିଲା ଯୋଗାଣ ଅଧିକାରୀ ବିଭୁପ୍ରସନ୍ନ ଆଚାର୍ଯ୍ୟ, ଅଗ୍ନିଶମ ଅଧିକାରୀ ଜିତେନ୍ଦ୍ର କୁମାର ଦାଶ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ନରେଶ ଆଚାର୍ଯ୍ୟ. ଏନଏସି ନିର୍ବାହୀ ଅଧିକାରୀ ଇଂ.ମନୋରନ ପଣ୍ଡା, ଜିଲା କୃଷି ଅଧିକାରୀ ନାରାୟଣ ମହାନନ୍ଦ, ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ମହାପାତ୍ର, ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ସମେତ ବିଭିନ୍ନ ସେବାସେବୀ ସଂଗଠନର ପ୍ରତିନିଧି ଉପସ୍ଥିତ ଥିଲେ। ଜିଲା ପ୍ରକଳ୍ପ ଅଧିକାରୀ ସଞ୍ଜୟ କୁମାର ଝା ଓ ଜରୁରୀକାଳୀନ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।




ବୈଠକରେ ଜିଲାପାଳ ଓ ଉପସ୍ଥିତ ଅନ୍ୟ ଅଧିକାରୀ।

# ପ୍ରଶାସନ–ଚାଷୀ ସଙ୍ଗଠନ ଆଲୋଚନା

ପଦ୍ମପୁର,୧୮।୬(ଡି.ଏନ.ଏ.)

ବରଗଡ଼ ଜିଲା ରାଜବୋଡାସମ୍ବର କୃଷକ ସଙ୍ଗଠନ ଆହୂତ ଆନ୍ଦୋଳନ ଯୋଗୁ ସରକାରୀ କାର୍ଯ୍ୟାଳୟ ବନ୍ଦ ପଡିଥିବା ବେଳେ ପ୍ୟାକ୍ସ ନିର୍ବାଚନ ପ୍ରଭାବିତ ହୋଇଛି। ସ୍ଥାନୀୟ ପ୍ରଶାସନ ଓ ଚାଷୀମାନଙ୍କ ମଧ୍ୟରେ ଆଲୋଚନା ବିଫଳ ହେବା ପରେ ଜିଲାସ୍ତରରେ ଏହାର ସମାଧାନ ପାଇଁ ପ୍ରୟାସ କରାଯାଇଛି। ଏହି କ୍ରମରେ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ, ଏସ୍‌ପି, ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଓ ସମ୍ପୃକ୍ତ ଅଞ୍ଚଳର ଥାନାଧିକାରୀଙ୍କ ଉପସ୍ଥିତିରେ ଚାଷୀମାନଙ୍କ ସହ ଆଲୋଚନା ହୋଇଥିଲା। ଚାଷୀନେତା ରମେଶ ମହାପାତ୍ର, ଅଶୋକ ସାହୁ, ଆଇନ ପରାମର୍ଶଦାତା ଅଜିତ ଶତପଥି, ସନ୍ତୋଷ ବେହେରା, ମୁରଲି ଭୋଇ, ଲିଙ୍ଗରାଜ ପ୍ରଧାନ, ଭଜନ ସଗର, କୈଳାସ ବାରିକ, କିଶୋର ଦେବତା, ଜୟକୃଷ୍ଣ ସାହୁ, ମନ ମାଝୀ, ଶେଷଦେବ ନାୟକ, ଅରକ୍ଷିତ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ୨୨ତାରିଖ ସୁଦ୍ଧା ଚାଷୀମାନେ ବୀମା ସଂକ୍ରାନ୍ତୀୟ କାଗଜପତ୍ର ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଦାଖଲ କରି ସିଏସ୍‌ସି ଜରିଆରେ ରିଜେକ୍ଟ, ରିଭୋର୍ଟ ସଂଶୋଧନ କରି ପଠାଇବେ। ତାକୁ ଆଧାର କରି ଜିଲା ପ୍ରଶାସନ ସମସ୍ତ ରିପୋର୍ଟକୁ ସରକାରଙ୍କ ପାଖରେ ଦାଖଲ କରିବ। ଜିଲା ପ୍ରଶାସନର ସହଯୋଗ ମନୋଭାବ ଯୋଗୁ ଚାଷୀମାନଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଛି। ତେବେ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ରାଜସ୍ୱ ଓ ତହସିଲ ଅଫିସ ଖୋଲିବାକୁ ସଙ୍ଗଠନ ବିଚାର କରିବ ବୋଲି ଚାଷୀମାନେ ମତ ରଖିଛନ୍ତି। ସୂଚନାଯୋଗ୍ୟ, ବୀମାରାଶି ଦାବିରେ ଚାଷୀମାନେ ପଦ୍ମପୁର ଉପ ଜିଲାପାଳ, ବ୍ଲକ, ପ୍ୟାକ୍ସ, କୃଷି ଓ ଅନ୍ୟ କାର୍ଯ୍ୟାଳୟକୁ ତାଲା ପକାଇ ବନ୍ଦ କରିଛନ୍ତି।

## ଚିକିତ୍ସା ପାଇଁ ଦୁର୍ଗାପୁର ଗଲେ ୫ ହୃଦ୍‌ରୋଗୀ ଶିଶୁ

ସୋନପୁର,୧୮।୬(ନି. ପ୍ର )

ସୁବର୍ଣ୍ଣପୁର ଜିଲାର ୫ଜଣ ଜନ୍ମଗତ ହୃଦରୋଗୀ ଶିଶୁଙ୍କୁ ଚିକିତ୍ସା ପାଇଁ ଦୁର୍ଗାପୁର ପଠାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱ ରଞ୍ଜନ ପତି, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ମଞ୍ଜୁରଣୀ ସିଂ, ଏନଏଚଏମ ଡିପିଏମ ବିଶ୍ୱମ୍ଭର ବେହେରାଙ୍କ ତତ୍ତ୍ୱାବଧାନରେ ସମ୍ବଲପୁର ରେଳ ଷ୍ଟେଶନରୁ ଉକ୍ତ ଶିଶୁମାନେ ଦୁର୍ଗାପୁର ଅଭିମୁଖେ ଯାଇଛନ୍ତି। ଅପରେଶନ ଓ ସଫଳ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଶନ ହସ୍ପିଟାଲ ଦୁର୍ଗାପୁରରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଆରବିଏସକେ କୋଅର୍ଡିନେଟର ବିଧୁଭୂଷଣ ପତି ଏଥିରେ ସହଯୋଗ କରିଛନ୍ତି।

## ସମ୍ଭାବ୍ୟ ବନ୍ୟା ମୁକାବିଲା ନିମନ୍ତେ ପ୍ରସ୍ତୁତ ରୁହ

ସୋନପୁର, ୧୮।୬(ନି. ପ୍ର )

ସୁବର୍ଣ୍ଣପୁର ଜିଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲାପାଳ ଅବୋଲୀ ସୁନିଲ ନରୱଣେଙ୍କ ଅଧକ୍ଷତାରେ ଟେବୁଲ ଟପ ଏକ୍ସରସାଇଜ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାକକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ପାଇଁ ବିଭାଗୀୟ ଅଧିକାରୀମାନେ ମତ ଉପସ୍ଥାପନା କରିଥିଲେ। ବିଭାଗମାନଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମ ଉପରେ ଆଲୋଚନା କରି ସମ୍ଭାବ୍ୟ ବନ୍ୟାର ସଠିକ ଓ ବ୍ୟବସ୍ଥିତ ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ଇନ୍ସପେକ୍ଟର ୟୁ.ସି.ପ୍ରସାଦ ବନ୍ୟାର ମୁକାବିଲା ନିମନ୍ତେ ଏନଡିଆରଏଫର ଭୂମିକା ଉପରେ ଆଲୋକପାତ କରିଥିଲେ। ରବିବାର ଜିଲାର ୬ଟି ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳୀରେ ମକ୍‌ଡ୍ରିଲ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶି ପୁନମ ମିଞ୍ଜ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢ଼ୀ, ପିଡି ଡିଆରଡିଏ ନିହାର ରଞ୍ଜନ କହଁର, ସୋନପୁର ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ ବିଭିନ୍ନ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଜରୁରୀ କାଳୀନ ଅଧିକାରୀ ପ୍ରୟାଶୀ ପ୍ରଧାନ, ଜରୁରୀ ଶାଖାର ପ୍ରକଳ୍ପ ଅଧିକାରୀ ବିଶ୍ୱନାଥ ନାୟକ ଉପସ୍ଥିତ ଥିଲେ।

# କାମ ଛାଡ଼ି ଠିକାସଂସ୍ଥା ପଳାଇଲା

ଅମରପାଲି,୧୮।୬(ଡି.ଏନ.ଏ.)

### ଘୁଙ୍ଗିଯୋର ପୋଲ ନିର୍ମାଣ

- ଜମି ଅଧିଗ୍ରହଣ ନ ହୋଇ ଆରମ୍ଭ ହୋଇଥିଲା କାମ
- ୨ଟି ପିଲର ପାଇଁ ଖୋଳା ହୋଇଛି ଗାତ
- ଯୋର ଶଯ୍ୟାରେ ଗଦା ହୋଇଛି ମାଟି
- ବର୍ଷା ହେଲେ ହେବ ବନ୍ୟା ପରିସ୍ଥିତି



ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଭୁତିଆପାଲି–ଲୁତୁରପଙ୍କ ମଝିରେ ଥିବା ଘୁଙ୍ଗିଯୋର ପୋଲ କାମ ଆରମ୍ଭ ହେବା ପୂର୍ବରୁ କାମ ଛାଡି ଠିକାସଂସ୍ଥା ପଳାଇଛି। ଫଳରେ ଚଳିତବର୍ଷ ପୁଣି ଉକ୍ତ ଯୋରରେ ବନ୍ୟା ପରିସ୍ଥିତି ଦେଖାଦେବା ସମ୍ଭାବନା ରହିଛି। ବୀରମହାରାଜପୁର–ଅମରପାଲି– ମୋଚିବାହାଲ ରାସ୍ତା ଉକ୍ତ ଅଞ୍ଚଳର ଏକ ପ୍ରମୁଖ ରାସ୍ତା। ଉକ୍ତ ରାସ୍ତା ଉପରେ ବୀରମହାରାଜପୁର ବ୍ଲକର ହିଲୁଙ୍ଗ, ମୁର୍ଷୁଣ୍ଡୀ, କେନଝିରିଆପାଲି, ବହଲପଦର, ଖଣ୍ଡହତା ଓ ଦୁର୍ଜନଟେଲା ପଞ୍ଚାୟତ ସମେତ ରେଢାଖୋଲ ବ୍ଲକର ରେଙ୍ଗାଲି, ବଡମାଲ,ଭାଲିଆକଟା, ଗରଗଡବାହାଲ, ମୋଚିବାହାଲ ଆଦି ପଞ୍ଚାୟତବାସୀ ନିର୍ଭର କରନ୍ତି। ଉକ୍ତ ଅଞ୍ଚଳର ଲୋକେ ତହସିଲ, ବ୍ଲକ କାର୍ଯ୍ୟାଳୟ, ଉପଜିଲାପାଳ କାର୍ଯ୍ୟାଳୟ, ଡାକ୍ତରଖାନା, ବ୍ୟାଙ୍କକୁ ଉକ୍ତ ରାସ୍ତାଦେଇ ଯିବା ଆସିବା କରନ୍ତି। ଦୀର୍ଘ ଦିନର ଦାବି ପରେ ବୀରମହାରାଜପୁରରୁ ଅମରପାଲି ଏବଂ ଅମରପାଲି ମୋଚିବାହାଲକୁ ଦୁଇଟି ପର୍ଯ୍ୟାୟରେ ରାସ୍ତା କାମ ସହିତ ପୋଲ କରିବା ପାଇଁ ପୂର୍ତ୍ତ ବିଭାଗ ତରଫରୁ ଅର୍ଥ ମଞ୍ଜୁର ହୋଇଥିଲା। ରାସ୍ତା କାମ ସମ୍ପୂର୍ଣ୍ଣ ହୋଇ ଥିଲେ ମଧ ମୁର୍ଷୁଣ୍ଡି ନିକଟସ୍ଥ ହରିହର ଯୋର ଓ ଘୁଙ୍ଗି ଯୋର ଉପରେ ପୋଲ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ବିଶେଷ କରି ବୀରମହାରାଜପୁର ମୁଖ୍ୟ ଛକଠାରୁ ସୁବର୍ଣ୍ଣପୁର ଜିଲା ସୀମା ଅମରପାଲି ପର୍ଯ୍ୟନ୍ତ ୨୩କିମି ୫୦୦ମି ଦୀର୍ଘ ରାସ୍ତାକୁ ପ୍ରାୟ ୨୬କୋଟି ୩୮ ଲକ୍ଷ ୭୧୦ଟଙ୍କା ଅଟକଳ ହୋଇଥିଲା। ଏହି ଟଙ୍କା ରେ ମୁର୍ଷୁଣ୍ଡୀସ୍ଥିତ ହରିହର ଯୋର ପୋଲ ଓ ଘୁଙ୍ଗିଯୋର ପୋଲ ନୂତନ ଭାବେ ହେବାର ଥିଲା। ଉକ୍ତ କାମ ୫ ଡିସେମ୍ବର ୨୦୨୦ ସୁଦ୍ଧା ସମ୍ପୂର୍ଣ୍ଣ ହେବା କଥା। ଏବେ ହରିହର ଯୋର ପୋଲ କାମ ନିର୍ମାଣ ଚାଲୁ ଥିବା ବେଳେ ଘୁଙ୍ଗି ଯୋର ପୋଲ କାମ ବନ୍ଦ ରହିଛି। ଘୁଙ୍ଗିଯୋର ଉପରେ ପୂର୍ବରୁ ଥିବା ପୋଲ ଅଧିକ ଉଚ୍ଚ ନ ଥିଲା। ଫଳରେ ସାମାନ୍ୟ ବର୍ଷା ହେଲେ ବନ୍ୟା ପରିସ୍ଥିତି ଦେଖାଯାଉ ଥିଲା। ତେଣୁ ଲୋକଙ୍କ ଯାତାୟତରେ ବ୍ୟାଘାତ ହେଉଥିଲା।

ବିଭାଗୀୟ ଯନ୍ତ୍ରୀଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ଘୁଙ୍ଗିଯୋର ପୋଲ ପାଇଁ ପ୍ରାୟ ୩କୋଟି ଟଙ୍କା ଅଟକଳ ହୋଇଛି। ଉକ୍ତ ପୋଲ ପାଇଁ ତିନୋଟି ପିଲର ହୋଇ ଛାତ ପଡିବାର ଅଛି। କାମ କରିବା ପାଇଁ ବ୍ରିଲିଆଣ୍ଟ ଇନଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ ନାମକ ଏକ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। କାମ କରିବା ପାଇଁ ଠିକାସଂସ୍ଥା ତରଫରୁ କ୍ୟାମ୍ପ କରାଯାଇଥିଲା। ମାତ୍ର ଏବେ ଠିକାସଂସ୍ଥା କ୍ୟାମ୍ପ ଭାଙ୍ଗି କାମ ବନ୍ଦ କରି ପଳାଇ ଯାଇଛି। ଏପରିକି ପିଲର ତିଆରି ପାଇଁ ଖୋଳା ଯାଇଥିବା ଗାତର ମାଟିକୁ ଯୋର ଶଯ୍ୟାରେ ପକାଇ ଦିଆଯାଇଛି। ଏବେ ସାମାନ୍ୟ ବର୍ଷା ହେଲେ ବର୍ଷା ଜଳ ସେଠାରେ ଜମି ରହିବ। ଗାଡିମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବା ସହିତ ଲୋକଙ୍କ ଯିବା ଆସିବାରେ ସମସ୍ୟା ଦେଖାଦେବ। ଏନେଇ ବିଭାଗୀୟ ଯନ୍ତ୍ରୀ କାର୍ତ୍ତିକ ଖର୍ସେଲଙ୍କୁ ପଚାରିବାରୁ ଯେଉଁ ସ୍ଥାନରେ ପୋଲ ହେଉଛି ତାହା ରୟତି ଜମି। ତେଣୁ କାମ ହେବାରେ ସମସ୍ୟା ହେଉଛି। ଜମି ମାଲିକଙ୍କ ସହିତ ଆଲୋଚନା ଚାଲିଛି। ଏହାର ସମାଧାନ ହେଲେ ମଧ ବର୍ଷା ଯୋଗୁଁ ବର୍ତ୍ତମାନ କାମ ହୋଇପାରିବ ନାହିଁ। ଯୋର ଉପରେ ପଡିଥିବା ମାଟିକୁ ବାହର କରି ବର୍ଷା ଜଳ ନିଷ୍କାସନ କରାଯିବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏପଟେ ଅଞ୍ଚଳବାସୀ ଚଳିତ ବର୍ଷ ମଧ ବନ୍ୟା ପରିସ୍ଥିତି ଯୋଗୁଁ ଯାତାୟତ ସମସ୍ୟା ଲାଗିରହିବା ବୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି।

## ବିପର୍ଯ୍ୟୟ ପରିଚାଳନାକୁ ଗୁରୁତ୍ୱ

**ବରଗଡ଼ ଅଫିସ୍:** ବରଗଡ଼ ଜିଲାପାଳଙ୍କ ଅଫିସ ପରିସରସ୍ଥ ସମ୍ମିଳନୀ କକ୍ଷରେ ଶନିବାର ଜିଲା ବିପର୍ଯ୍ୟୟ ପରିଚାଳନା ପାଇଁ ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବନ୍ୟା, ବାତ୍ୟା ଆଦି ବିପର୍ଯ୍ୟୟ ତଥା ଅପାତକାଳୀନ ପରିସ୍ଥିତିର ଉଚିତ ମୁକାବିଲା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ଜିଲାପାଳ ବାନାର୍ଜୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାର ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ଏଭଳି ବୈଠକ ହୋଇଥିଲା।

## ସଂକ୍ଷେପରେ

### କୋଶଲ ଆନ୍ଦୋଳନ ଜୋର୍‌ଦାର ପାଇଁ ସଜବାଜ

**ବରଗଡ଼ ଅଫିସ୍,୧୮।୬:** ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଶନିବାର କୋଶଲ ସମନ୍ୱୟ ସମିତିର ଆହ୍ୱାନକ୍ରମେ କୋଶଲ ବିଚାର ମନ୍ଥନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ପଶ୍ଚିମ ଓଡ଼ିଶାର କୋଶଲ ପ୍ରେମୀ ତଥା ବିଭିନ୍ନ ସଙ୍ଗଠନର ସଭ୍ୟମାନେ ଉପସ୍ଥିତ ଥିଲେ। ସମ୍ମିଳନୀରେ ଆସନ୍ତା ସେପ୍ଟେମ୍ବର ୭ତାରିଖରେ କୋଶଲ ମହାବନ୍ଦ ସହିତ ଆନ୍ଦୋଳନକୁ ତୀବ୍ର କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି କୋଶଲବାଦୀ ସଙ୍ଗଠନ ଗୁଡ଼ିକୁ ନେଇ କୋଶଲ କ୍ରିୟାନୁଷ୍ଠାନ କମିଟି ଗଠନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଆସନ୍ତା ଜୁଲାଇ ୫ତାରିଖରେ ବିଧାନସଭା ଘେରାଉ ପାଇଁ ନିଷ୍ପତ୍ତି ହୋଇଥିବାବେଳେ ଏହାକୁ ସମର୍ଥନ କରିବା ପାଇଁ ବିଭିନ୍ନ ସଂଗଠନ ସହମତି ପ୍ରକାଶ କରିଥିଲେ। ଏହାସହିତ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ କୋଶଲ ବିଚାର ମନ୍ଥନ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କୋଶଲବାଦୀ ନେତା ପ୍ରମୋଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ କେୱାଇସିସି, କୋଶଲ ସେନା, କୋଶଲ ମୁକ୍ତିମୋର୍ଚ୍ଚା, ପଶ୍ଚିମ ଓଡ଼ିଶା ଯୁବାମଞ୍ଚ, କୋଶଲ କ୍ରାନ୍ତି ଦଳ, କୃଷକ ସଂଘର୍ଷ ସମିତି ଆଦି ଅନୁଷ୍ଠାନର ପ୍ରତିନିଧିବୃନ୍ଦ ଯୋଗଦାନ କରିଥିଲେ। କୋଶଲବାଦୀ ସଙ୍ଗଠକ କେଦାର ମିଶ୍ର, ସୁରେନ୍ଦ୍ର ପଣ୍ଡା, ଲିପ୍‌ସିତ ମିଶ୍ର, ଅବନୀକାନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ପ୍ରାଚୀର ପତ୍ରିକା ସୃଜନୀ ଉନ୍ମୋଚିତ

**ବରଗଡ଼ ଅଫିସ୍,୧୮।୬:** ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ଶନିବାର ପ୍ରାଚୀର ପତ୍ରିକା 'ସୃଜନୀ' ଉନ୍ମୋଚିତ ହୋଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରିଥିଲେ । ଚତୁର୍ଥ ଶ୍ରେଣୀ ଛାତ୍ର ଗଗନ ମେହେର ଏବଂ ପଞ୍ଚମ ଶ୍ରେଣୀ ଛାତ୍ରୀ ସାଲିନୀ ସା 'ସୃଜନୀ' ପତ୍ରିକାର ଉନ୍ମୋଚନ କରିଥିଲେ। ଉକ୍ତ ପତ୍ରିକା ଛାତ୍ରୀଛାତ୍ରଙ୍କ ସୃଜନଶୀଳ ଶକ୍ତି ବୃଦ୍ଧିରେ ସହାୟକ ହେବ ବୋଲି ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାହୁ କହିଥିଲେ। ଶିକ୍ଷୟିତ୍ରୀ ଭାବନା ସାହୁ, ଜ୍ୟୋତ୍ସ୍ନା ତ୍ରିପାଠୀ, ସୁନିତା ମିଶ୍ର, ବବିତା ନାଏକ, ପ୍ରଭାତିମଣି ସାହୁ, ତପସ୍ୱିନୀ ତ୍ରିପାଠୀ, ସଂଜ୍ଞା ପ୍ରଧାନ, ସୁରେଖା ମୁଗ୍ରୀ ପ୍ରମୁଖ ଯୋଗଦେଇ ପ୍ରତି ମାସରେ କିଭଳି ଛାତ୍ରୀଛାତ୍ର ନିଜସ୍ୱ ଲେଖା ଓ ଚିତ୍ର ପ୍ରସ୍ତୁତ କରିବେ, ସେ ନେଇ ପରାମର୍ଶ ଦେଇଥିଲେ। ଶିକ୍ଷକ ଡାକ୍ତର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ଆର୍‌ଏମ୍‌ସି କର୍ମଚାରୀଙ୍କ ପରଲୋକ

**ଅତାବିରା,୧୮।୬(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି



(ଆରଏମସି)ରେ କାର୍ଯ୍ୟରତ କର୍ମଚାରୀ ବିଜୟାନନ୍ଦ ପଟ୍ଟନାୟକଙ୍କ ଗୁରୁବାର ପରଲୋକ ହୋଇଛି। ତାଙ୍କୁ ୫୮ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ହୋଇ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଗୁରୁବାର ତାଙ୍କର ପରଲୋକ ଘଟିଥିଲା। ସ୍ୱର୍ଗତ ପଟ୍ଟନାୟକଙ୍କ ପରଲୋକରେ ଅତାବିରା, ବରଗଡ଼ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି ।

# ଜିଲା ଯୋଗାଣ ଅଧିକାରୀଙ୍କୁ ଘେରିଲେ ଉତ୍ତ୍ୟକ୍ତ ଚାଷୀ

**ନୂଆପଡ଼ା ଅଫିସ,୧୮।୬**

ନୂଆପଡା ଜିଲାରେ ଚଳିତ ରବିଋତୁରେ ମଣ୍ଡି ଅବ୍ୟବସ୍ଥା ସୁଧିବାର ନାମ ନେଉନାହିଁ। ଜିଲାରେ ପ୍ରାକ୍ ମୌସୁମୀ ବର୍ଷା ଲାଗି ରହିଛି। ଏଭଳି ସମୟରେ ବିଭିନ୍ନ ମଣ୍ଡିରେ ଧାନ ଉଠାଣ ନ ହୋଇ ଖୋଲା ଆକାଶ ତଳେ ବର୍ଷାପାଣିରେ ଭିଜୁଛି। ଜିଲାରେ ୫୩୦ଜଣ ଚାଷୀଙ୍କ ୭୦ ହଜାରରୁ ଊର୍ଦ୍ଧ୍ୱ ବସ୍ତା ଧାନ ଖୋଲା ଆକାଶ ତଳେ ପଡି ରହିଛି। ବର୍ତ୍ତମାନ ଟାର୍ଗେଟ ନ ଥିବାରୁ ଧାନ ଉଠାଣ କରାଯାଉନାହିଁ। ଜିଲା ପ୍ରଶାସନ ଜୁନ ଶେଷ ସପ୍ତାହ ପର୍ଯ୍ୟନ୍ତ ଚାଲିବ କହି ଆସୁଥିଲେ ମଧ୍ୟ ଚଳିତ ଋତୁରେ ମିଲ ମାଲିମାନଙ୍କ ମନମୁଖି କାର୍ଯ୍ୟ ଓ ଜିଲା ଯୋଗାଣ ବିଭାଗ ନିରବତାରୁ ମଣ୍ଡିରେ ଚାଷୀ ଅସୁବିଧା ସମ୍ମୁଖିନ ହେଉଛନ୍ତି। ମଣ୍ଡିରୁ ଧାନ ଉଠାଣ ନ ହେବାରୁ ଧରମବନ୍ଧା





ଯୋଗାଣ ଅଧିକରୀଙ୍କୁ ତଳେ ବସାଇ ଆଲୋଚନା କରାଯାଉଛି।

ଓ ସାରାବଙ୍ଗ କୃଷି ସମବାୟ ସମିତି ଅଧୀନସ୍ଥ ଚାଷୀମାନେ ଉତ୍ତ୍ୟକ୍ତ ହୋଇ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟରେ ଧସେଇ ପସିଥିଲେ। ଜିଲା ଯୋଗାଣ ଅଧିକାରୀ ଉପସ୍ଥିତ ନ ଥିବାରୁ ଜିଲା ସଦଭାବନା ସଭା ଗୃହରେ ବିପର୍ଯ୍ୟୟ ପ୍ରଶମନ ବୈଠକ ଚାଲିଥିବ ବେଳେ ତା ସମ୍ମୁଖରେ ଚାଷୀ ଧାରଣାରେ ବସିଥିଲେ। ପରେ ପ୍ରସନ୍ନ କୁମାର ପାଢୀଙ୍କ ନେତୃତ୍ୱରେ ଚାଷୀମାନେ ବୈଠକ ମଧ୍ୟକୁ ପଶି ଜିଲା ଯୋଗାଣ ଅଧିକାରୀ ଜି.ପ୍ରଭାକର ପାତ୍ରୋଙ୍କୁ ବାହାରକୁ ଆଣି ତଳେ ବସାଇ ଚାଷୀ ସମସ୍ୟା ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ତେବେ

### ୭୦ ହଜାରରୁ ଊର୍ଦ୍ଧ୍ୱ ବସ୍ତା ଧାନ ଖୋଲା ଆକାଶ ତଳେ

ଜିଲା ଯୋଗାଣ ଅଧିକାରୀ ପାତ୍ରୋ ଚାଷୀାନଙ୍କ ଉଦବେଗକୁ ଦୃଷ୍ଟିରେ ରଖି ଶୀଘ୍ର ଧରମବନ୍ଧା ଓ ସାରବଙ୍ଗ ସମବାୟ ସମିତି ଅନ୍ତର୍ଗତ ୬ଟି ମଣ୍ଡି ପାଇଁ ସ୍ୱତନ୍ତ୍ର ଧାନ କିଣା ଲକ୍ଷ୍ୟ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ତାଙ୍କୁ ଧାରଣା ସ୍ଥଳରୁ ଛାଡିଥିଲେ। ରବିବାରଠାରୁ ମଣ୍ଡିରୁ ଧାନ ଉଠାଣ କରା ନ ଗଲେ ଯୋଗାଣ କର୍ଯ୍ୟାଳୟରେ ତାଲା ପକାଇ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ କାର୍ଯ୍ୟ କାରିଣି ସଦସ୍ୟ ପାଢୀ ସମେତ ଚତୁର୍ଭୂଜ ଶର୍ମା, ଭାନୁ ପ୍ରତାପ ସିଂ ମାଝି, ଦିଲୀପ ନିର୍ମଳକର, ଲାଲାରାମ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ରୋଗମୁକ୍ତ ଚାଷୀ, ବିଷମୁକ୍ତ ଚାଷକୁ ଗୁରୁତ୍ୱ



କୃଷି ପରାମର୍ଶ କେନ୍ଦ୍ରରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ କୃଷକ ସାଥୀମାନେ।

**ଦେଓଗାଁ,୧୮।୬(ଡି.ଏନ.ଏ.)**

### ବ୍ଲକସ୍ତରୀୟ କୃଷକ ସାଥୀ ବୈଠକ

ବଲାଙ୍ଗୀର ଜିଲା ଦେଓଗାଁ କୃଷି ପରାମର୍ଶ କେନ୍ଦ୍ରରେ ବ୍ଲକସ୍ତରୀୟ କୃଷକ ସାଥୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କୃଷି ଅଧିକାରୀ ପ୍ରଦୀପ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ଅନ୍ତର୍ଗତ ୨୬ ପଞ୍ଚାୟତର କୃଷକ ସାଥୀମାନେ ଯୋଗଦେଇଥିଲେ। ବୈଠକରେ ବର୍ତ୍ତମାନ ଖରିଫ ଧାନ ଚାଷର ପ୍ରାରମ୍ଭିକ ସ୍ଥିତିକୁ ନେଇ ଆଲୋଚନା ହୋଇଥିଲା। ଚାଷୀଙ୍କୁ କିପରି ଠିକ୍ ସମୟରେ ବୈଷୟିକ ପରାମର୍ଶ ଦିଆଯାଇ ଧାନଚାଷକୁ ତ୍ୱରାନ୍ୱିତ କରାଯାଇପାରିବ ତାହା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଏଫଇଏସ (ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି)ର ବ୍ଲକ ସଂଯୋଜକ କୃଷ୍ଣପ୍ରସାଦ ପାଣିଗ୍ରାହୀ ଯୋଗଦେଇ ବ୍ଲକରେ କୃଷକମାନେ କେମିତି ଜୈବିକ ପଦ୍ଧତିରେ ଚାଷ କରିବାପାଇଁ ଆଗ୍ରହୀ ହେବେ ଓ କମ୍ ଖର୍ଚ୍ଚରେ ବିନା ରାସାୟନିକ ସାର ଓ ଔଷଧ ପ୍ରୟୋଗ କରି ଚାଷ କରିବେ ସେ ଉପରେ ସୂଚନା ଦେଇଥିଲେ । ଏହି ଅବସରରେ ଗୁଡଭେଲା ବ୍ଲକର ଏଫଇଏସ ମାଷ୍ଟର ଟ୍ରେନର ଭାଗବତ ନାହାକ ଯୋଗଦେଇ ବିଷମୁକ୍ତ ଚାଷ ଓ ରୋଗମୁକ୍ତ ଚାଷୀ ଉପରେ ଆଲୋକପାତ କରିଥିଲେ। ବୈଠକରେ ୩୩ ଜଣ କୃଷକ ସାଥୀ ଓ ଗ୍ରାମ୍ୟ କୃଷିକର୍ମୀ ଉପସ୍ଥିତ ଥିଲେ।

# ଯୋଜନା ରୂପାୟନ ଉପରେ ଗୁରୁତ୍ୱ

**ବଲାଙ୍ଗୀର ଅଫିସ,୧୮।୬**

ବଲାଙ୍ଗୀର ଡ଼ିଆରଡ଼ିଏ ସମ୍ମିଳନୀ କକ୍ଷରେ ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁଙ୍କ ଅଧକ୍ଷତାରେ ଜିଲା ପରିଷଦ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର, ଜିଲା ପରିଷଦ ଉପାଧକ୍ଷା ମିଥିଲା ମାଝି, ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ତଥା ଟିଟିଲାଗଡ଼ ବିଧାୟିକାଙ୍କ ପ୍ରତିନିଧି ଲୋଟସ ଷଡ଼ଙ୍ଗୀ, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଅମିତ ସିଂ ନିନା, ବଲାଙ୍ଗୀର ବିଧାୟକଙ୍କ ପ୍ରତିନିଧି ସରୋଜ କୁମାର ରଥ, ଲୋଇସିଂହା ବିଧାୟକଙ୍କ ପ୍ରତିନିଧି ଦେବୀଲାଲ ମିଶ୍ର, ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରି, ଡ଼ିଆରଡ଼ିଏ ପିଡ଼ି ସୁଶାନ୍ତ କୁମାର ସିଂ, ବଲାଙ୍ଗୀର ଉପଜିଲାପାଳ ଲମ୍ବୋଦର ଧରୁଆଙ୍କ ସମେତ ଜିଲା ପରିଷଦ ସଭ୍ୟାସଭ୍ୟ ଅଫିସ ଅଧିକାରୀ ଉପସ୍ଥିତ ଥିଲେ । ଜିଲା ପରିଷଦ ଅଧକ୍ଷା ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଉତ୍ତମ ସମନ୍ୱୟ ମାଧମରେ ଯୋଜନା ଗୁଡ଼ିକ ସଫଳ ରୂପାୟନ ସମ୍ଭବ ହୋଇପାରିବ ବୋଲି କହିଥିଲେ।



ଜିଲା ପରିଷଦ ବୈଠକରେ ଉପସ୍ଥିତ ସଦସ୍ୟ।

### ବଲାଙ୍ଗୀର ଜିଲା ପରିଷଦ ବୈଠକ

ଉନ୍ନୟନମୂଳକ ଓ ଲୋକାଭିମୁଖୀ ଯୋଜନାଗୁଡ଼ିକର ସଫଳ କାର୍ଯ୍ୟକାରିତା ଦିଗରେ ସମସ୍ତେ ଯତ୍ନବାନ ହୁଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ବୈଠକରେ ଗତ ଡିସେମ୍ବର ୨୮ରେ ଅନୁଷ୍ଠିତ ଜିଲା ପରିଷଦ ବୈଠକରେ ଗୃହୀତ ହୋଇଥିବା ପ୍ରସ୍ତାବଗୁଡ଼ିକର ଦୃଢ଼ୀକରଣ କରାଯାଇଥିଲା। ବୈଠକରେ ରାଜ୍ୟ ପଞ୍ଚମ ଅର୍ଥ କମିଶନ ଅନୁଦାନ ୨୦୨୨-୨୦୨୩ ବର୍ଷ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇ ଏହାର ଅନୁମୋଦନ କରାଯାଇଥିଲା। ବୈଠକରେ ପ୍ରାଥମିକ ଶିକ୍ଷା, ଗଣଶିକ୍ଷା ଅଧିନସ୍ଥ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ବ୍ୟବସ୍ଥା ଭିତ୍ତିଭୂମି ତଥା ଛାତ୍ରାବାସ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲା ସମାଜ ମଙ୍ଗଳ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଦ୍ୟୁତ ବିଭ୍ରାଟ ଓ ବିଦ୍ୟୁତ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ବଲାଙ୍ଗୀର ଜିଲାର ସ୍ୱାସ୍ଥ୍ୟ, ଚାଷୀଙ୍କ ଫସଲ ବୀମାରାଶି, ସାର, ବିହନ ଯୋଗାଣ ବିଷୟରେ ଆଲୋଚନା ହୋଇଥିଲା। ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଯୋଗଦାନ କରିଥିଲେ।

## ଜିଲାସ୍ତରୀୟ ଟେବୁଲ ଟପ୍ କର୍ମଶାଳା

**ବଲାଙ୍ଗୀର ଅଫିସ, ୧୮।୬**

ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ସମ୍ଭାବ୍ୟ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲାସ୍ତରୀୟ ଟେବଲ ଟପ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ ଅଧ୍ୟକ୍ଷତା କରିଥିଲେ। ଜିଲାରେ ସମ୍ଭାବ୍ୟ ବନ୍ୟା ଓ ମରୁଡ଼ି ମୁକାବିଲା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ ସଜାଗ ରହି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ। କର୍ମଶାଳାରେ ପିଡି ସୁଶାନ୍ତ କୁମାର ସିଂ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ସୋଏ ଉପସ୍ଥିତ ଥିଲେ। ସମ୍ଭାବ୍ୟ ମରୁଡ଼ି ଓ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ରହି କିଭଳି ଭାବରେ କ୍ଷୟକ୍ଷତି କମାଇ ପାରିବେ ଏବଂ ଠିକ ସମୟରେ ଠିକ ପଦକ୍ଷେପ ଗ୍ରହଣ କରି ପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ରୀନା କୁମାରୀ ନାଏକ କର୍ମଶାଳାର ଆବଶ୍ୟକତା ଉପରେ କହିଥିଲେ।

## ମୁରସୁଣ୍ଡି ଗଣ୍ଡଗୋଳ ଘଟଣା: ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା

**ଲୋଇସିଂହା,୧୮।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ମୁରସୁଣ୍ଡି ଗାଁର କେତେକ ମହିଳା ଏସ୍‌ପି ନୀତିନ କୁଶଲକରଙ୍କଠାରେ ଶନିବାର ଫେରାଦ ହୋଇଛନ୍ତି। କେତେକ ଲୋକ ବିଭିନ୍ନ ସମୟରେ ମିଥ୍ୟା ଆରୋପ କରି ତାଙ୍କ ପରିବାରକୁ ହଇରାଣ କରୁଥିବା ସେ କହିଛନ୍ତି। ରୋଜାଲିନ ବିଶ୍ୱାଳ, ମନୀସା ବିଶ୍ୱାଳ, କନକ ବିଶ୍ୱାଳ ଓ ତନୁଜା ପଧାନଙ୍କ ଅଭିଯୋଗ ମୁତାବକ ଗ୍ରାମର ଭାବଗ୍ରାହୀ ପଧାନଙ୍କ ସହ ୨୦୧୧ ମସିହାରୁ ସେମାନଙ୍କ ପରିବାରର ଜମିକୁ ନେଇ ବିବାଦ ଲାଗି ରହିଛି। ଏଥିପାଇଁ ବାରମ୍ବାର ମିଥ୍ୟା ମାମଲ କରି ଆମ ପରିବାର ବର୍ଗକୁ ହଇରାଣ ହରକତ କରାଯାଉଛି। ନିରପକ୍ଷେ ତଦନ୍ତ କରି ନ୍ୟାୟ ପ୍ରଦାନ ପାଇଁ ଗୁହାରି କରିଛନ୍ତି। ନଚେତ ସପରିବାର ସାମୂହିକ ଆତ୍ମାହୂତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ୩୧ ୟୁନିଟ୍ ରକ୍ତ ସଂଗ୍ରହ





ଅତିଥି ଜଣେ ରକ୍ତଦାତାଙ୍କୁ ମାନପତ୍ର ପ୍ରାଦନ କରୁଛନ୍ତି।

**ଲୋଇସିଂହା,୧୮।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଓଡିଶା ମୋ ପରିବାର ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଲୋଇସିଂହା ନିର୍ବାଚନ ମଣ୍ଡଳୀ କୁଶମେଲ ଗ୍ରାମ ପଞ୍ଚାୟତ ବିଜୁ ଜନତା ଦଳ ତରଫରୁ ବିଶ୍ୱ ରକ୍ତଦାନ ଦିବସ ଉପଲକ୍ଷେ ସପ୍ତାହବ୍ୟାପୀ ଚାଲିଥିବା ରକ୍ତଦାନ ଶିବିରକୁ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଜିଲା ପରିଷଦ ସଭ୍ୟା ସଂଯୁକ୍ତା ବରିହା, ବିଜୁଜନତା ଦଳ ମହିଳା ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ ନାଗ, ସରପଞ୍ଚ କୌସ୍ତୁବ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ୩୧ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ। ସ୍ୱେଚ୍ଛାକୃତ ରକ୍ତଦାତାକୁ ମାନପତ୍ର ପ୍ରଦାନ କରାଯାଇଥିଲା। ମହାଦେବ ବିଶ୍ୱାଳଙ୍କ ସମେତ ବିଜୁଜନତା ଦଳର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ରକ୍ତାଦତାଙ୍କୁ ଉତ୍ସାହୀତ କରିଥିଲେ।

## ୪ ହାଇୱା, ୮ ଟ୍ରାକ୍ଟରରୁ ୧ ଲକ୍ଷ ୪୦ ହଜାର ଜରିମାନା

**କୋକସରା,୧୮।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଅତିରିକ୍ତ ତହସିଲଦାର ଅତର୍କିତ ଚଢ଼ାଉ କରି ୪ ହାଇୱା ଓ ୮ ଟ୍ରାକ୍ଟରରୁ କାଗଜପତ୍ର ଠିକ ନ ଥିବାରୁ ୧ ଲକ୍ଷ ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ଦେଇଛନ୍ତି। ଶନିବାର କୋକସରା ଅତିରିକ୍ତ ତହସିଲଦାର କମଳାସନ ରଥ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବିଭିନ୍ନ ସ୍ଥାନରେ ବାଲି, ମେଟାଲ, ଚିପ୍ସ ବୋଝେଇ ୪ ହାଇୱା ସମେତ ୮ ଟ୍ରାକ୍ଟରକୁ ଅଟକ ରଖି ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଗାଡି ରସିଦ ଠିକ ନ ଥିବାରୁ ୧ ଲକ୍ଷ ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅତିରିକ୍ତ ତହସିଲଦାରଙ୍କ ଅତର୍କିତ ଚଢ଼ାଉ ନେଇ ଗାଡି ମାଲିକଙ୍କ ମଧ୍ୟରେ ଛନକା ପଶିଯାଇଛି।

# ଗ୍ରୀଷ୍ମ ଅବକାଶରେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସ୍ଥାନ ପରିଦର୍ଶନ

**ନୂଆପଡ଼ା ଅଫିସ,୧୮।୬**

ନୂଆପଡା ସଦର ମହକୁମାସ୍ଥିତ ମହାମାୟା ପବ୍ଲିକ ସ୍କୁଲରେ ଗ୍ରୀଷ୍ମ ଅବକାସରେ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଶିକ୍ଷଣୀୟ ସ୍ଥାନ ପରିଦର୍ଶନ କରି ଶିକ୍ଷା ପ୍ରଦାନ କରାଯାଉଛି। ବିଦ୍ୟାଳୟ ଅଧ୍ୟକ୍ଷ ସାଲିନି ସାହୁଙ୍କ ନେତୃତ୍ୱରେ ବିଦ୍ୟାଳୟର ସର୍ନରିରୁ ୫ମ ଶ୍ରେଣୀର ୪୩ଜଣ ଛାତ୍ରୀଛାତ୍ରଙ୍କୁ ନୂଆପଡାସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପ ପରିଦର୍ଶନ କରାଯାଇଥିଲା। ସେଠାରେ ସିଆର୍‌ପିଏଫ୍ ବାଟାଲିୟନ ୨୧୬ଙ୍କ ବିଭିନ୍ନ କାର୍ଯ୍ୟ ଶୈଳି ଉପରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯାଇଥିଲ। ସିଆର୍‌ପିଏଫ୍ କ୍ୟାମ୍ପରେ ୨୧୬ ବାଟାଲିୟନ କମାଣ୍ଡେଣ୍ଟ ରାଜେଶ ବସ୍ତ ନିଜ ସଭାଗୃହରେ ଛାତ୍ରୀଛାତ୍ରମାନଙ୍କୁ ବସାଇ ସିଆର୍‌ପିଏଫ୍ କ'ଣ ସେହି ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଛାତ୍ରୀଛାତ୍ରମାନେ ସିଆର୍‌ପିଏଫ୍‌ଙ୍କ



୨୧୬ ବାଟାଲିୟନ କମାଣ୍ଡେଣ୍ଟଙ୍କ ସହିତ ଛାତ୍ରୀଛାତ୍ର।

କାର୍ଯ୍ୟକଳାପ କଣ ବୁଝି ପାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବଲାଲ ନାଏକ, ରିତା ପ୍ରଧାନ, ତୋସନ ଯାଦବ, ପ୍ରିତ କୌର, ସୁଜାତା ଦାସ, ପ୍ରିତିଲଗ୍ନା ନାଏକ, ବନ୍ଦିତା ସ୍ୱାଇଁ, ବର୍ଷା ସାହୁ, ସୁଚିତମିତା ମହାପାତ୍ର, ମଧୁସ୍ମିତା ଦାସ, ତରୁଲତା ନାଗ, ଅକ୍ଷୟ କୁମାର ଦାସ ଓ ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାମକୁ ମଦମୁକ୍ତ ପାଇଁ ଅଣ୍ଟା ଭିଡ଼ିଲେ ସ୍ୱୟଂ ସହାୟକ ଗୋଷ୍ଠୀ

**ଜୁନାଗଡ,୧୮।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଳିଆକୁଣ୍ଡଲ ପଞ୍ଚାୟତ ଭେଜିପଦର ଗ୍ରାମକୁ ମଦମୁକ୍ତ କରିବା ପାଇଁ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଅଣ୍ଟା ଭିଡିଛନ୍ତି। ଏ ନେଇ ଶନିବାର ସ୍ଥାନୀୟ ଲଙ୍କେଶ୍ୱରୀ ମନ୍ଦିର ପରିସରରେ ସେମାନେ ଏକ ବୈଠକ କରିଥିଲେ। ଏଥିରେ ଯଦି ଗ୍ରାମରେ କୌଣସି ବ୍ୟକ୍ତି ମଦ ବିକ୍ରି କରେ ତାହାହେଲେ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପରେ ଗ୍ରାମକୁ ମଦ ମୁକ୍ତ କରିବା ନେଇ ଏକ ସଚେତନତା ରାଲି କରାଯାଇଥିଲା। ଏଥିରେ ଗ୍ରାମର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସମେତ ସ୍ଥାନୀୟ ସରପଞ୍ଚ ପାର୍ବତୀ ବିଷି, ୱାର୍ଡ ସଦସ୍ୟ ଯୋଗେଶ ପୂଝାରୀ, ମେହେନ୍ଦି ନାଗ, ସାମାଜିକ କର୍ମୀ ନବୀନ ଟାକ୍ରି, ସଞ୍ଜୟ ବିଷି ପ୍ରମୁଖ ସାମିଲ ହୋଇଥିଲେ।



ଗ୍ରାମକୁ ମଦ ମୁକ୍ତ ପାଇଁ ସଚେତନତା ରାଲି।

# ବେଆଇନ ପଥର ଚାଲାଣ ବନ୍ଦ କର

**ଲୋଇସିଂହା,୧୮।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ ଠାକୁରପାଲି ବୁଢାବୁଢୀ ପାହାଡରୁ ବେଆଇନ ଭାବେ ପଥର ଉତ୍ତୋଳନ କରି ନିକଟସ୍ଥ ଏକ କ୍ରଶରକୁ ଚାଲାଣ କରାଯାଉଛି। ସରକାରୀ ରାଜସ୍ୱ ଫାଙ୍କି ପଥର ଚାଲାଣ କରୁଥିବା ବ୍ୟକ୍ତି ଜଣକ ଠାକୁରପାଲି ଗାଁରେ କେତେକ ବିକାଶମୂଳକ କାର୍ଯ୍ୟ କରିଦେବାକୁ କଥା ଦେଇଥିଲେ । ହେଲେ ଦୀର୍ଘ ବର୍ଷ ବିତି ଯାଇଥିଲେ ବି ସମ୍ପୃକ୍ତ ବ୍ୟକ୍ତି ପ୍ରତିଶ୍ରୁତି ଭୁଲି ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁ ଲୋକେ ଠକେଇର ଶିକାର ହୋଇଥିବାବେଳେ ସରକାରଙ୍କ ବିପୁଳ ରାଜସ୍ୱ କ୍ଷତି ହୋଇଥିବା କହିଛନ୍ତି।

ସରଗାଡ ପଞ୍ଚାୟତ ଠାକୁରପାଲି ଗାଁଠରୁ ୧ କିମି ଦୂରରେ ବୁଢାବୁଢୀ ପାହଡ ରହିଛି। ଏହି ପାହଡ ତହସିଲ ପକ୍ଷରୁ ଲିଜ୍ ପ୍ରଦାନ କରାଯାଇନାହିଁ। ହେଲେ ବଲଙ୍ଗୀରର ଜଣେ ଅଣ ଓଡିଆ ବ୍ୟବସାୟୀ ଦୀର୍ଘ ବର୍ଷ ହେଲା ବେଆଇନ



ବେଆଇନ ପଥର ଉତ୍ତୋଳନ କରାଯାଉଥିବା ବୁଢାବୁଢୀ ପାହାଡ।

ଭାବେ ଉକ୍ତ ପାହଡରୁ ପଥର ଉତ୍ତୋଳନ କରୁଛନ୍ତି। ବିସ୍ଫୋରଣ ଘଟାଇ ପଥର ଚାଲାଣ ହେଉଛି । ଦୀର୍ଘବର୍ଷ ହେଲା ବେଆଇନ ଭାବେ ଏହି କାମ ଚାଲିଛି । ଏହାକୁ ଗ୍ରାମବାସୀ ପ୍ରଥମେ ବିରୋଧ କରିବାରୁ ଠାକୁରପାଲି ଗିରିଗୋବର୍ଦ୍ଧନ ପୂଜାସ୍ଥଳରେ ଗୋଟିଏ ବୈଠକୀ ଗୃହ, ପ୍ରହରମଣ୍ଡପ ଏବଂ ଗାଁ ପୋଖରୀର ମହିଳା ଘାଟରେ ପାହାଚ ଆଦି କରିଦେବାକୁ କୁଆଡେ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମୁତାବକ ଗିରିଗୋବର୍ଦ୍ଧନ ପୂଜା ନିକଟରେ ବୈଠକୀ ଗୃହକାମ ଆରମ୍ଭ କରାଯାଇଥିଲା । ତାହ ଦୀର୍ଘ ବର୍ଷ ଧରି ଅଧାପନ୍ତରିଆ ଭାବେ ପଡି ରହିଛି। ଅପରପକ୍ଷରେ ଏହି ଅଧାପନ୍ତରିଆ କାମକୁ ପଞ୍ଚାୟତ କାମ ଦର୍ଶାଇ ଅନୁଦାନ ହଡପ ପାଇଁ ଉଦ୍ୟମ ଚାଲିଥିବା ଗ୍ରାମବାସୀ ଓଲଟି ଅଭିଯୋଗ କରିଛନ୍ତି। ଏ ଦିଗରେ ତହସିଲ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଇ ବେଆଇନ ପଥର ଚାଲାଣ ରୋକିବାକୁ ଗ୍ରାମବାସୀ ଦାବି କରିଛନ୍ତି।